# ଧରିତ୍ରୀ DHARITRI

ଢେଙ୍କାନାଳ, ରବିବାର, ମାର୍ଚ୍ଚ ୧୪/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Dhenkanal, Sunday, March 14/2021 | ★★★★★

୧୭ଶ ଭାଗ ୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**ନେଗେଟିଭ ଚରିତ୍ରରେ ୟାମି**

ବଲିଉଡ ଅଭିନେତ୍ରୀ ୟାମି ଗୌତମଙ୍କ ଆଗାମୀ ଫିଲ୍ମର ଶୁଟିଂ ଆରମ୍ଭ ହୋଇଛି। ଯେଉଁଥିରେ ସେ ପ୍ରଥମଥର ପାଇଁ ନେଗେଟିଭ୍ ଚରିତ୍ରରେ ନଜର ଆସିବେ। ୧୪

୦୮ **ପ୍ରାର୍ଥୀପତ୍ର ଦାଖଲ କଲେ ନରିନ୍ଦର ବାତ୍ରା**

ନରିନ୍ଦର ବାତ୍ରା ଅନ୍ତର୍ଜାତୀୟ ହକି ମହାସଂଘ ଏଫ୍‌ଆଇଏଚ୍‌ର ସଭାପତି ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।




# ପ୍ରଥମରୁ ଅଷ୍ଟମ ସମସ୍ତେ ପାସ୍

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ଆସନ୍ତା ଶିକ୍ଷାବର୍ଷ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବିଳମ୍ବ ହେବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବର୍ତ୍ତମାନ ସ୍କୁଲ ଖୋଲିବନି କି କ୍ଲାସ୍ ମଧ୍ୟ ହେବନାହିଁ। ଚଳିତ ଶିକ୍ଷାବର୍ଷ ପାଠପଢ଼ା ଏପ୍ରିଲ ପରିବର୍ତ୍ତେ କେବେ ହେବ ସେନେଇ ଜୁନ୍‌ରେ ନିଷ୍ପତ୍ତି ନିଆଯିବ। ତେଣୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ଛାତ୍ରୀଛାତ୍ରଙ୍କୁ ପାସ୍ କରିଦିଆଯିବ ବୋଲି ଶନିବାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।



ମନ୍ତ୍ରୀ ସମୀର ରଞ୍ଜନ ଦାଶ

ସମୀର କହିଛନ୍ତି, ଗତବର୍ଷ ଭଳି ଏଥର ମଧ୍ୟ ପରୀକ୍ଷା ନ କରି ଉପର କ୍ଲାସ୍‌କୁ ପିଲାଙ୍କୁ ପ୍ରମୋଶନ ଦିଆଯିବ। କରୋନା ସଂକ୍ରମଣ ଯୋଗୁ ଏବର୍ଷ ଗୋଟିଏ ହେଲେ କ୍ଲାସ୍ ହୋଇ ନ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇପାରେ। ସେ ଆହୁରି କହିଛନ୍ତି, କରୋନା ଯୋଗୁ ପୂରା ଶିକ୍ଷାବର୍ଷ ପ୍ରଭାବିତ ହୋଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଫ୍‌ଲାଇନ୍‌ରେ କୌଣସି ଶିକ୍ଷା ଗ୍ରହଣ କରିନାହାନ୍ତି। ତଥ୍ୟ ଅନୁଯାୟୀ, ବହୁତ କମ୍ ପିଲାଙ୍କୁ ଅନ୍‌ଲାଇନ୍ ଶିକ୍ଷା ଦେବାରେ ବିଭାଗ ସକ୍ଷମ ହୋଇଛି। ତେଣୁ ଅନ୍‌ଲାଇନ୍ ପାଠପଢ଼ା ସବୁଠି ଫଳପ୍ରଦ ହୋଇପାରିଲା ନାହିଁ। ସେଥିଲାଗି ପରୀକ୍ଷା କରିବା ଅସମ୍ଭବ। ଯେପରି ଗତବର୍ଷ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପରୀକ୍ଷା ନ କରି କ୍ଲାସ୍ ପ୍ରମୋଶନ ଦିଆଯାଇଥିଲା ଚଳିତ ଥର ମଧ୍ୟ ସେହି ଢାଞ୍ଚା ଆପଣାଯିବ। ଏନେଇ ଖୁବ୍‌ଶୀଘ୍ର ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡିଛି।

ଗତବର୍ଷ କରୋନା ପାଇଁ ମଧ୍ୟ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ହୋଇପାରି ନ ଥିଲା। ଅନ୍ୟପଟେ ଏବେ କିଛିଦିନ ହେବ ନବମ, ଦଶମ, ଏକାଦଶ ଓ ଦ୍ୱାଦଶ କ୍ଲାସ୍ ଚାଲିଛି। ପିଲାମାନେ

### ଏପ୍ରିଲରୁ ହେବନି ଶିକ୍ଷାବର୍ଷ

ଅଫ୍‌ଲାଇନ୍‌ରେ ପାଠ ପଢୁଛନ୍ତି। ତେଣୁ ଅଫ୍‌ଲାଇନ୍‌ରେ ପରୀକ୍ଷା ଦେବାରେ ସେମାନଙ୍କୁ କିଛି ଅସୁବିଧା ନାହିଁ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସିବିଏସ୍‌ଇ ଏପ୍ରିଲରୁ ନୂତନ ଶିକ୍ଷାବର୍ଷ ଆରମ୍ଭ କରିବାକୁ ଘୋଷଣା କରି ସାରିଥିବାବେଳେ ରାଜ୍ୟ ସରକାର ଏନେଇ କିଛି ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହାନ୍ତି। ଏପ୍ରିଲରେ ଗ୍ରୀଷ୍ମପ୍ରବାହ ଲାଗିରହିଥିବାରୁ ସ୍କୁଲ ଖୋଲାଯାଇପାରିବ ନାହିଁ। କେବେ ସ୍କୁଲ ଖୋଲିବ ସେନେଇ ଜୁନ୍‌ରେ ନିଷ୍ପତ୍ତି ହେବ। ଅନ୍ୟପକ୍ଷରେ ମାଟ୍ରିକ ପରୀକ୍ଷା ନେଇ ବିଭାଗ ପକ୍ଷରୁ ସବୁ ଡିଇଓ ଅଫିସ୍‌କୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ଥର ଲାଗି ନୂଆ ଢାଞ୍ଚାରେ ଦଶମ ମାଟ୍ରିକ ପରୀକ୍ଷା ହେବ। ☞ପୃଷ୍ଠା-୪

# ବିରୋଧୀଙ୍କୁ ଶାସକ ଦଳର ଟକ୍କର

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ରାଜ୍ୟରେ ମଣ୍ଡି ଅବ୍ୟବସ୍ଥା ଓ ଧାନ କିଣାକୁ ନେଇ ବିରୋଧୀ ଭାଜପା ଏବଂ କଂଗ୍ରେସ ବିଧାନସଭାରେ ସରକାରଙ୍କୁ ଜୋରଦାର ଆକ୍ରମଣ କରୁଛନ୍ତି। ଏପରି କି ଏହି ପ୍ରସଙ୍ଗରେ ଦେବଗଡ଼ର ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ ଶୁକ୍ରବାର ଗୃହରେ ସାନିଟାଇଜର ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବିରୋଧୀଙ୍କ ଏଭଳି ଆଚରଣରେ ଶାସକ ଦଳ କ୍ଷୁବ୍ଧ। ଶନିବାର ବିରୋଧୀଙ୍କୁ ଆଉ ମୌକା ନ ଦେଇ ବିଜେଡି ପାଲଟା ଆକ୍ରମଣ କରିଥିଲା। ବିଧାନସଭାରେ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିବାରୁ ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ ଗୃହରେ କ୍ଷମା ମାଗନ୍ତୁ ଦାବିରେ ବିଜେଡି ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଗୃହ କାର୍ଯ୍ୟ ଆରମ୍ଭରୁ ବିଧାନସଭା ରଣକ୍ଷେତ୍ର ପାଲଟିଯାଇଥିଲା। ଶାସକ ଓ ବିରୋଧୀଙ୍କ ହଟ୍ଟଗୋଳରେ ଗୃହ ପ୍ରକମ୍ପିତ ହୋଇଥିଲା। କିଛି ସମୟ ପାଇଁ ବିଧାନସଭାରେ ଉଭୟ ବିରୋଧୀ ଓ ଶାସକ ଦଳର ସଦସ୍ୟମାନେ ମୁହାଁମୁହିଁ ହୋଇଥିଲେ। ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ଦୁଇଟି ପର୍ଯ୍ୟାୟରେ

### ମଣ୍ଡି ଅବ୍ୟବସ୍ଥା, ଆତ୍ମହତ୍ୟା ଉଦ୍ୟମକୁ ନେଇ ବିଧାନସଭା ହୁଲସ୍ଥୂଲ



- ସୋମବାର ଯାଏ ଗୃହ ମୁଲତବୀ
- କ୍ଷମା ମାଗିବାର ପ୍ରଶ୍ନ ଉଠୁନାହିଁ: ଭାଜପା
- କ୍ଷମା ନ ମାଗିବା ଯାଏ ଗୃହ ଚଳାଇ ଦେବୁନାହିଁ: ଶାସକ

ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ତେବେ ଅପରାହ୍ନରେ ମଧ୍ୟ ସ୍ଥିତି ଶାନ୍ତ ହେବାରୁ ପୁଣି ବିରୋଧୀ ଓ ଶାସକ ଦଳ ସଦସ୍ୟଙ୍କ ହଟ୍ଟଗୋଳରେ ବିଧାନସଭା କମ୍ପିଥିଲା। ଫଳରେ ବାଚସ୍ପତି ଗୃହକୁ ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଛନ୍ତି।

ଶନିବାର ପୂର୍ବାହ୍ନ ୧୦ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଧାନ ମଣ୍ଡି ସମସ୍ୟାକୁ ନେଇ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଶାସକ ଦଳର ସଦସ୍ୟମାନେ ମଧ୍ୟ ନିଜ ସିଟ୍‌ରେ ଛିଡ଼ାହୋଇ ପାଟିତୁଣ୍ଡ କରିଥିଲେ। ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ ବିଧାନସଭାରେ ଆତ୍ମହତ୍ୟା ଉଦ୍ୟମ କରିଥିବାରୁ ସେ ତୁରନ୍ତ କ୍ଷମା ମାଗନ୍ତୁ ବୋଲି ଦାବି କରି ବିଜେଡି ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ଏପରି କି ଗୃହର ମଧ୍ୟଭାଗକୁ ଆସି କ୍ଷମା ମାଗିବା ଆମର ଦାବି ... ଆମର ଦାବି ସ୍ଲୋଗାନ ଦେଇ କମ୍ପାଇ ଦେଇଥିଲେ। ଗୃହର ସମସ୍ତ ସଦସ୍ୟ ହଟ୍ଟଗୋଳରେ ମାତିଥିବାରୁ ବାଚସ୍ପତି କାହାକୁ ଶାନ୍ତ କରିବେ କିଛି ବୁଝିପାରି ନ ଥିଲେ। କେବଳ ସଦସ୍ୟମାନଙ୍କୁ ଚାହିଁ ରହିଥିଲେ। ପରିସ୍ଥିତି ବିଗୁଡୁଥିବା ଦେଖି ବାଚସ୍ପତି ମାତ୍ର ୧ ମିନିଟ୍ ପରେ ୧୦ଟା ୩୧ରୁ ୧୧ଟା ୩୦ ମିନିଟ୍ ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଓ ଶାସକ ସଭ୍ୟମାନେ ନିଜ ନିଜ ଦାବିରେ ଗୃହର ମଧ୍ୟଭାଗକୁ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**କି ପରିବର୍ତ୍ତନ ଆଣିବେ**

**ଶିଶୁଭବନରେ ଅଗ୍ନିକାଣ୍ଡ** ୩







# ମାସ୍କ ନ ପିନ୍ଧିଲେ ବିମାନ ଯାତ୍ରା ମନା

**ମୁମ୍ବାଇ, ୧୩।୩**

ବିମାନରେ ଯାତ୍ରା କଲାବେଳେ ଯାତ୍ରୀମାନଙ୍କୁ ଉପଯୁକ୍ତ ଭାବେ ମାସ୍କ ପିନ୍ଧିବା ସହ ସବୁବେଳେ ସାମାଜିକ ଦୂରତ୍ୱ ନିୟମ ପାଳନ କରିବାକୁ ପଡ଼ିବ। ଠିକ୍ ଭାବେ ମାସ୍କ ନ ପିନ୍ଧିଲେ ବିମାନରୁ ଓହ୍ଲାଇ ଦିଆଯିବ। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। କୋଭିଡ୍-୧୯ ନିରାପତ୍ତା ନିୟମକୁ କଡ଼ାକଡ଼ି ପାଳନ କରିବାକୁ ହେବ। ବାରମ୍ବାର ସତର୍କ କରାଇବା ସତ୍ତ୍ୱେ ଯେଉଁ ଯାତ୍ରୀମାନେ ଠିକ୍ ଢଙ୍ଗରେ ମାସ୍କ ପିନ୍ଧୁନାହାନ୍ତି ସେମାନଙ୍କୁ ଫେରାଇ ଦିଆଯିବାକୁ ଡିଜିସିଏ ଶନିବାର କହିଛି। ଯେଉଁମାନେ ନିୟମ ଉଲ୍ଲଂଘନ କରିବେ ସେମାନଙ୍କୁ ବିଶୃଙ୍ଖଳ ଯାତ୍ରୀ ଭାବେ ଅଭିହିତ କରାଯିବା ସହ ଆବଶ୍ୟକ ପଡ଼ିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘରୋଇ ବିମାନ ସେବା ମହାମାରୀ ପୂର୍ବବର୍ତ୍ତୀ ସ୍ଥିତିକୁ ଫେରିଥିବାବେଳେ କେତେକ ରାଜ୍ୟରେ ସଂକ୍ରମଣ ବଢୁଥିବାରୁ ଡିଜିସିଏ ପକ୍ଷରୁ ଏଭଳି କଠୋର ନିର୍ଦ୍ଦେଶନାମା ଜାରି କରାଯାଇଛି। ଡିଜିସିଏ ସର୍କୁଲାର ଅନୁଯାୟୀ ଯାତ୍ରୀ ବିମାନ ଯାତ୍ରା ସମୟରେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ଯେପରି ପାଳନ କରିବେ ତାହା ଦେଖିବାକୁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। କେତେଜଣ ଯାତ୍ରୀ କୋଭିଡ୍-୧୯ ନିୟମ ମାନୁ ନ ଥିବା ଦୃଷ୍ଟିକୁ ଆସିବା ପରେ ଏଭଳି ସର୍କୁଲାର ଜାରି କରାଯାଇଛି।




## ବିସ୍ଫୋରଣରେ ୮ ନିହତ

ଆଫଗାନିସ୍ତାନର ହେରାତ୍ ପ୍ରଦେଶରେ ଶକ୍ତିଶାଳୀ ବିସ୍ଫୋରଣରେ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୪୭ ଜଣ ଆହତ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହୋଇଥିବା ଏହି ବିସ୍ଫୋରଣରେ ୧୪ଟି ଘର ଧ୍ୱଂସ ହୋଇଯାଇଛି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ବିସ୍ଫୋରଣ ପାଇଁ କୌଣସି ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିନାହାନ୍ତି।

### ସଂକ୍ଷେପରେ

## ଅଷ୍ଟ୍ରାଜେନିକା ଟିକା ପାର୍ଶ୍ୱ ପ୍ରତିକ୍ରିୟାର ସମୀକ୍ଷା ହେବ

**ନୂଆଦିଲ୍ଲୀ, ୧୩।୩:** ଅଷ୍ଟ୍ରାଜେନିକା ପ୍ରସ୍ତୁତ କୋଭିଡ୍ ଟିକା ନେବା ପରେ କେତେକ ୟୁରୋପୀୟ ଦେଶରେ ରକ୍ତ ଜମାଟ ବାନ୍ଧିବା ଭଳି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଉଥିବାରୁ ଆସନ୍ତା ସପ୍ତାହରେ ଏହାର ସମୀକ୍ଷା କରିବା ଲାଗି ଭାରତ ନିଷ୍ପତ୍ତି ନେଇଛି। ଡେନ୍ମାର୍କ, ନରୱେ, ଆଇସଲାଣ୍ଡ, ଥାଇଲାଣ୍ଡ ଆଦି ଅନେକ ଦେଶ ଅଷ୍ଟ୍ରାଜେନିକା ଟିକାଦାନ ବନ୍ଦ କରିଦେଇଛନ୍ତି। ସମୀକ୍ଷାରୁ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ଜଣାପଡ଼ିଲେ ଉକ୍ତ ଟିକାକୁ ବନ୍ଦ କରାଯିବ ବୋଲି କୋଭିଡ୍-୧୯ ଜାତୀୟ ଟାସ୍କଫୋର୍ସ ସଦସ୍ୟ ଏନ୍.କେ. ଆରୋରା କହିଛନ୍ତି। ତେବେ ଭାରତରେ ଟିକାର ପ୍ରତିକୂଳ ପ୍ରଭାବ ଅତି ନଗଣ୍ୟ ହୋଇଥିବାରୁ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

## ଶ୍ରୀଲଙ୍କାରେ ବୁର୍ଖା ନିଷିଦ୍ଧ ହେବ



**କଲମ୍ବୋ, ୧୩।୩:** ଶ୍ରୀଲଙ୍କା ସରକାର ବୁର୍ଖା ନିଷିଦ୍ଧ କରିବାକୁ ଯାଉଛନ୍ତି। ଏଥିସହିତ ସେଠାରେ ହଜାରେରୁ ଊର୍ଦ୍ଧ୍ୱ ଇସ୍‌ଲାମୀୟ ସ୍କୁଲ୍ ବନ୍ଦ କରିଦେବାକୁ ନିଷ୍ପତ୍ତି ନିଆଯାଇଥିବା ଶନିବାର ଜନସୁରକ୍ଷା ମନ୍ତ୍ରୀ ସରଥ ୱିରାସେକେରା କହିଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପ ସେଠାର ସଂଖ୍ୟାଲଘୁ ମୁସଲମାନଙ୍କ ଉପରେ ପ୍ରଭାବ ପକାଇବ। ଜାତୀୟ ସୁରକ୍ଷା କାରଣରୁ ମୁସଲମାନ ମହିଳାମାନେ ବୁର୍ଖା ପିନ୍ଧିପାରିବେ ନାହିଁ। ଏନେଇ ଜନସୁରକ୍ଷା ମନ୍ତ୍ରଣାଳୟ କ୍ୟାବିନେଟ ଅନୁମୋଦନ ଲାଗି ପ୍ରସ୍ତାବ ପଠାଇଛି। ମନ୍ତ୍ରୀ ୱିରାସେକେରା କହିଛନ୍ତି, ତାଙ୍କ ପିଲାବେଳେ ମୁସଲମାନ ମହିଳାମାନେ ବୁର୍ଖା ପିନ୍ଧୁ ନ ଥିଲେ। ବର୍ତ୍ତମାନର ବୁର୍ଖା ପ୍ରଥା ଧର୍ମୀୟ ଉଗ୍ରବାଦର ଚିହ୍ନ। ଏହାକୁ ନିଶ୍ଚିତ ବନ୍ଦ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଜୁନ୍ ୨୮ରୁ ଅମରନାଥ ଯାତ୍ରା

**ନୂଆଦିଲ୍ଲୀ, ୧୩।୩:** ବାର୍ଷିକ ଅମରନାଥ ଯାତ୍ରା ଜୁନ୍ ୨୮ରୁ ଆରମ୍ଭ ହେବ। ଏଥିପାଇଁ ଏପ୍ରିଲ ୧ରୁ ପଞ୍ଜୀକରଣ ହେବ। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ଅଧ୍ୟକ୍ଷତାରେ ଶ୍ରୀ ଅମରନାଥ ଶ୍ରାଇନ୍ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୩,୮୮୦ ମିଟର ଉଚ୍ଚ ଅମରନାଥ ଗୁମ୍ଫାରେ ୫୬ ଦିନ ଧରି ଚାଲିବାକୁ ଥିବା ଯାତ୍ରା ଅଗଷ୍ଟ ୨୨ ରକ୍ଷା ବନ୍ଧନ ଦିନ ଉଦ୍‌ଯାପିତ ହେବ। ଗତବର୍ଷ ମହାମାରୀ ପାଇଁ ଯାତ୍ରାକୁ କେବଳ ସାଧୁସନ୍ଥଙ୍କ ମଧ୍ୟରେ ସୀମିତ




ରଖାଯାଇଥିଲା। ୨୦୧୯ରେ ଆତଙ୍କବାଦୀ ଆକ୍ରମଣ ଭୟରେ ଯାତ୍ରାକୁ ଅଗଷ୍ଟ ୨ରେ ଅଧାରୁ ବନ୍ଦ କରିଦିଆଯାଇଥିଲା। ଏହାର ୩ ଦିନ ପରେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରାଯିବା ସହ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା।



## ଓପ୍ରାହଙ୍କ ଗେଷ୍ଟ ହେବେ ପ୍ରିୟଙ୍କା

ନିକଟରେ ବ୍ରିଟେନ ପ୍ରିନ୍ସ ହ୍ୟାରି ଓ ସ୍ତ୍ରୀ ମେଘାନ ମର୍କେଲଙ୍କ ସାକ୍ଷାତ୍‌କାର ନେଇ ଚର୍ଚ୍ଚାରେ ଥିବା ଆମେରିକାର ଜଣାଶୁଣା ଟେଲିଭିଜନ ଉପସ୍ଥାପକ ଓପ୍ରାହ ୱିନଫ୍ରି(୬୭)ଙ୍କ ପରବର୍ତ୍ତୀ ଗେଷ୍ଟ ହେବେ ବଲିଉଡ୍ ଷ୍ଟାର ପ୍ରିୟଙ୍କା ଚୋପ୍ରା। ଆତ୍ମଜୀବନୀ 'ଅନ୍‌ଫିନିଶ୍‌ଡ'ର ପ୍ରମୋଶନ ପାଇଁ ବ୍ୟସ୍ତ ଥିବା ପ୍ରିୟଙ୍କା ଏବେ 'ସୁପର ସୋଲ୍' ଶୋରେ ଓପ୍ରାହଙ୍କ ପ୍ରଶ୍ନର ଉତ୍ତର ରଖିବେ। ଏହି ସାକ୍ଷାତ୍‌କାରର ପ୍ରିମିୟର ଆସନ୍ତା ୨୦ ତାରିଖରେ ଡିସ୍‌କଭରି ପ୍ଲସ୍‌ରେ ଟେଲିକାଷ୍ଟ ହେବ। ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଥିବା ବ୍ୟକ୍ତିବିଶେଷଙ୍କ ସହ ଖୋଲା କଥା ହେବା ଏବଂ ସେମାନଙ୍କ ମୁହଁରୁ ଜୀବନର ମାନେ ଜାଣିବା ପାଇଁ ସେ ବେଶ୍ ଉତ୍ସୁକ ବୋଲି ଓପ୍ରାହ କହିଛନ୍ତି।

## ପ୍ରପୋଜ କରି ୟୁନିଭର୍ସିଟିରୁ ବିଦା



ପ୍ରେମ ନିବେଦନ କରିବାରୁ ପାକିସ୍ତାନସ୍ଥିତ ଲାହୋର ୟୁନିଭର୍ସିଟିର ଦୁଇ ଛାତ୍ରୀଛାତ୍ରଙ୍କୁ ବିଦା କରିଦିଆଯାଇଛି। ଜଣେ ଛାତ୍ରୀ ଆଣ୍ଠେଇ ପଡ଼ି ତାଙ୍କ ବନ୍ଧୁଙ୍କୁ ପ୍ରପୋଜ କରିଥିଲେ। ଏହା ପରେ ଛାତ୍ର ଜଣକ ସମସ୍ତଙ୍କୁ ସାମ୍ନାରେ ଛାତ୍ରୀଙ୍କୁ ଆଲିଙ୍ଗନ କରିଥିଲେ। ଏହା ପରେ ଅନୁଶାସନ କମିଟି ଉଭୟଙ୍କୁ ନୋଟିସ୍ ଜାରି କରିଥିଲା। କମିଟି ନିକଟରେ ହାଜର ନ ହେବା ଏବଂ ୟୁନିଭର୍ସିଟିର ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ଉଭୟଙ୍କୁ କଲେଜରୁ ବହିଷ୍କାର କରାଯାଇଛି। ଏଥିସହ ସମସ୍ତ କ୍ୟାମ୍ପସ୍‌ରେ ଉଭୟଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି।

# ନନ୍ଦିଗ୍ରାମରେ ରଣହୁଙ୍କାର

**ଭାଜପାକୁ ଭୋଟ ଦିଅ ନାହିଁ**

- ଟିକାଏତ୍‌ଙ୍କ ମହାପଞ୍ଚାୟତ
- ଚାଷୀ ଆନ୍ଦୋଳନକୁ ଜୋର୍‌ଦାର କରିବା ଲାଗି ପ୍ରସ୍ତୁତି

**କୋଲକାତା/ନୂଆଦିଲ୍ଲୀ, ୧୩।୩**

କେନ୍ଦ୍ର ସରକାରଙ୍କ କୃଷି ଆଇନ ବିରୋଧରେ ଶହେ ଦିନରୁ ଊର୍ଦ୍ଧ୍ୱ ହେଲା ଦିଲ୍ଲୀ ସୀମାରେ ଚାଷୀ ଆନ୍ଦୋଳନ ଜାରି ରହିଛି। ବିବାଦୀୟ ଆଇନ ପ୍ରତ୍ୟାହାର କରିନେବା ପାଇଁ କୃଷକ ସଂଗଠନଗୁଡ଼ିକ ଦାବି କରୁଥିବାବେଳେ ସରକାର ନିଜ ଜିଦ୍‌ରେ ଅଟଳ ରହିଥିବାରୁ ସମାଧାନର ପନ୍ଥା ବାହାରି ପାରୁନାହିଁ। ତେଣୁ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରିବା ଲାଗି କୃଷକ ନେତାମାନେ ନିଷ୍ପତ୍ତି ନେଇଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ନେଇ ଭାଜପା ଓ ତୃଣମୂଳ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ଚାଲିଥିବାବେଳେ କୃଷକ ନେତା ରାକେଶ ଟିକାଏତ୍ ନନ୍ଦିଗ୍ରାମ ଯାଇ ସେଠାରେ ମହାପଞ୍ଚାୟତ ଆୟୋଜନ କରିଛନ୍ତି। ଆଗାମୀ ନିର୍ବାଚନରେ ଭାଜପାକୁ ଭୋଟ ନ ଦେବା ପାଇଁ ଭାରତୀୟ କିଷାନ ୟୁନିୟନ ନେତା ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଯେଉଁ ପ୍ରାର୍ଥୀ ଭାଜପାକୁ ହରାଇପାରିବେ ତାଙ୍କୁ ଭୋଟ ଦେବା ନିମନ୍ତେ ସେ ନିବେଦନ କରିଛନ୍ତି। ସମାବେଶରେ ସାମାଜିକ କର୍ମୀ ମେଧା ପାଟେକରଙ୍କ ସମେତ ଅନ୍ୟ କୃଷକ ନେତାମାନେ ଉପସ୍ଥିତ ଥିଲେ।

ନନ୍ଦିଗ୍ରାମ ଆସନରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ବିପକ୍ଷରେ ଭାଜପାରୁ ଶୁଭେନ୍ଦୁ ଅଧିକାରୀ ଲଢୁଛନ୍ତି। ଟିକାଏତ୍ ନନ୍ଦିଗ୍ରାମ ସମାବେଶରେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିବା ସହ ଭାଜପାକୁ ଭୋଟ ନ ଦେବା ପାଇଁ ଚାଷୀମାନଙ୍କୁ ଅନୁରୋଧ କରିଥିଲେ। ନନ୍ଦିଗ୍ରାମ ଯିବା ପୂର୍ବରୁ ସେ କୋଲକାତାରେ ଟିଏମ୍‌ସି ନେତାମାନଙ୍କୁ ଭେଟିବା ସହ ଅନ୍ୟ ଏକ ସଭାରେ ଯୋଗଦେଇଥିଲେ। ପଶ୍ଚିମବଙ୍ଗ ଗସ୍ତ ଅବସରରେ ଟିକାଏତ୍ ରାଜ୍ୟର କୃଷକମାନଙ୍କ ସହ ଏମ୍‌ଏସ୍‌ପି ଏବଂ ତିନି ବିବାଦୀୟ କୃଷି ଆଇନ ସମ୍ପର୍କରେ ଆଲୋଚନା କରିବେ। ତିନିଦିନ ତଳେ ଟିଏମ୍‌ସି ଅଧ୍ୟକ୍ଷା ମମତା ନାମାଙ୍କନପତ୍ର ଦାଖଲ କରିବାକୁ ନନ୍ଦିଗ୍ରାମ ଯାଇଥିବାବେଳେ ସେଠାରେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଏଥିରେ ତାଙ୍କ ଗୋଡ଼, ହାତ ଓ କାନ୍ଧରେ ଆଘାତ ଲାଗିଥିଲା। ଆକ୍ରମଣ ପଛରେ ଗୈରିକ ଦଳର ଷଡ଼ଯନ୍ତ୍ର ଥିବା ଟିକାଏତ୍ ଅଭିଯୋଗ କରିଛନ୍ତି। କୋଲକାତା ସମାବେଶରେ ଉଦ୍‌ବୋଧନ ଦେଇ ଟିକାଏତ୍ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ରାଜନୈତିକ ଦଳ ନୁହେଁ, ବଡ଼ କମ୍ପାନୀ ସରକାରଙ୍କୁ ଚଳାଉଥିବା ସେ ଅଭିଯୋଗ କରିଥିଲେ। ପ୍ରତି ଜିଲାରେ ଚାଷୀ ଆନ୍ଦୋଳନ ହେବ ବୋଲି ସେ କହିଥିଲେ।



ରାକେଶ ଟିକାଏତ୍

୩ କୃଷି ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ କୃଷକମାନେ ଦିଲ୍ଲୀ ସୀମାରୁ ହଟିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ମାର୍ଚ୍ଚ ୨୩ ଶହୀଦ ଦିବସରେ ଛାତ୍ରୀଛାତ୍ରଙ୍କୁ ଦିଲ୍ଲୀ ସୀମାକୁ ଡାକିବା ଲାଗି ଚାଷୀମାନେ ଯୋଜନା କରୁଛନ୍ତି। ଏହା ବ୍ୟତୀତ ମାର୍ଚ୍ଚ ୨୬ରେ ଚାଷୀ ଆନ୍ଦୋଳନକୁ ୪ ମାସ ପୂରୁଥିବାରୁ ସେଦିନ ଭାରତ ବନ୍ଦ ପାଇଁ କୃଷକ ସଂଗଠନଗୁଡ଼ିକ ନିଷ୍ପତ୍ତି ନେଇଛନ୍ତି। ସେହିପରି ହୋଲି ଅବସରରେ ମାର୍ଚ୍ଚ ୨୮ରେ ଦୁଷ୍ଟ ଦହନ ସ୍ୱରୂପ ଚାଷୀମାନେ ୩ କୃଷି ଆଇନର ନକଲ ପୋଡ଼ିବେ। ରାକେଶ ଟିକାଏତ୍‌ଙ୍କ ସମେତ କୃଷକ ନେତାମାନେ ବିଭିନ୍ନ ରାଜ୍ୟରେ କିଷାନ ମହାପଞ୍ଚାୟତର ଆୟୋଜନ କରୁଛନ୍ତି। ଇତିମଧ୍ୟରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗରେ ୪୦ରୁ ଊର୍ଦ୍ଧ୍ୱ ମହାପଞ୍ଚାୟତର ଆୟୋଜନ କରାଗଲାଣି। ବିଭିନ୍ନ ଅଞ୍ଚଳର ଚାଷୀ ନେତାମାନଙ୍କୁ ମହାପଞ୍ଚାୟତରେ ଉଦ୍‌ବୋଧନ ଦେବା ଲାଗି ଆମନ୍ତ୍ରଣ କରାଯାଉଛି।

ଶହେ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଚାଷୀମାନେ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଥିବାବେଳେ ପ୍ରବଳ ଶୀତକୁ କୌଣସି ପ୍ରକାରେ ତମ୍ବୁ ଭିତରେ କଟାଇଦେଇଥିଲେ। ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମ ଆସୁଥିବାରୁ ଏଥିରୁ ବର୍ତ୍ତିବା ଲାଗି ସିଙ୍ଘୁ ସୀମାରେ ଚାଷୀମାନେ ଇଟା ସିମେଣ୍ଟରେ ଘର ତିଆରି ଆରମ୍ଭ କରିଛନ୍ତି। ଏହି ଘରେ ୧୫୦ ଚାଷୀ ରହିପାରିବେ। ତେଣୁ ଏତେଶୀଘ୍ର ଚାଷୀ ଆନ୍ଦୋଳନରୁ ହଟୁ ନ ଥିବା ସ୍ପଷ୍ଟ ହୋଇଯାଇଛି।




ଦରଦାମ୍ ବୃଦ୍ଧି ପ୍ରତିବାଦରେ ମହାରାଷ୍ଟ୍ରର ସୋଲାପୁରଠାରେ ଏନ୍‌ସିପି ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧରେ ଥାଳି ବଜାଇ ପ୍ରତିବାଦ କରାଯାଉଛି।

## ୭ ହିଜ୍‌ବୁଲ ଆତଙ୍କବାଦୀ ଗିରଫ

**ଗ୍ରେନେଡ୍ ଆକ୍ରମଣରେ ୨ ଏସ୍‌ପିଓ ଆହତ**

**ଜମ୍ମୁ/ଶ୍ରୀନଗର, ୧୩।୩**

ଦକ୍ଷିଣ କଶ୍ମୀରର ଶୋପିଆନ୍ ଜିଲାର ବିଭିନ୍ନ ଅଞ୍ଚଳରୁ ଜମ୍ମୁ-କଶ୍ମୀର ପୋଲିସ ହିଜବୁଲ୍ ମୁଜାହିଦ୍ଦିନ ଆତଙ୍କବାଦୀଙ୍କ ୭ ଜଣ ସହଯୋଗୀଙ୍କୁ ଶନିବାର ଗିରଫ କରିଛି। ନାକା ଚେକିଂ ବେଳେ ସେମାନଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଦୁଇଟି ହ୍ୟାଣ୍ଡ ଗ୍ରେନେଡ୍, ୩ ଏକେ ମାଗାଜିନ୍, ୧୦୫ ଗୁଳି ଜବତ ହୋଇଛି। ହିଜ୍‌ବୁଲ ମୁଜାହିଦ୍ଦିନର ସହଯୋଗୀ ବୋଲି ସେମାନେ ସ୍ୱୀକାର କରିଛନ୍ତି। ଶୋପିଆନ୍ ଥାନାରେ ସେମାନଙ୍କ ବିରୋଧରେ ଭାରତୀୟ ଅସ୍ତ୍ରଶସ୍ତ୍ର ଆଇନ ଏବଂ ୟୁଏଲ୍‌ଏ(ପି)ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ସୋପୋରେ ଜିଲାରେ ଆତଙ୍କବାଦୀଙ୍କ ଗ୍ରେନେଡ୍ ଆକ୍ରମଣରେ ୨ ଜଣ ସ୍ୱତନ୍ତ୍ର ପୋଲିସ ଅଫିସର (ଏସ୍‌ପିଓ) ଆହତ ହୋଇଛନ୍ତି। ସୋପୋରେ ବସ୍‌ଷ୍ଟାଣ୍ଡରେ ଥିବା ପୋଲିସ ପୋଷ୍ଟ ଉପରକୁ ଆତଙ୍କବାଦୀମାନେ ଗ୍ରେନେଡ୍ ଫିଙ୍ଗିଥିଲେ।

## ଶତାବ୍ଦୀ ଏକ୍ସପ୍ରେସ୍‌ରେ ନିଆଁ

**ନୂଆଦିଲ୍ଲୀ, ୧୩।୩**

ଦିଲ୍ଲୀରୁ ଡେରାଡୁନ୍ ଯାଉଥିବା ଶତାବ୍ଦୀ ଏକ୍ସପ୍ରେସ୍‌ର ଗୋଟିଏ ବଗିରେ ଶନିବାର ନିଆଁ ଲାଗିଯାଇଥିଲା। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। କାସ୍ରୋ ଷ୍ଟେଶନ ନିକଟରେ ବଗିରେ ନିଆଁ ଲାଗିଥିଲା ବୋଲି ଉତ୍ତରାଖଣ୍ଡ ପୋଲିସ ମୁଖ୍ୟ ଅଶୋକ କୁମାର କହିଛନ୍ତି। ନିଆଁ ଲାଗିଥିବା ସି୫ ବଗିରୁ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦିଆଯିବା ସହ ଏହାକୁ ଟ୍ରେନ୍‌ରୁ ଅଲଗା କରିଦିଆଯାଇଥିଲା। ଶର୍ଟ ସର୍କିଟ୍‌ରୁ ନିଆଁ ଲାଗିଥିବା ରେଲୱେ ଅଧିକାରୀ କହିଛନ୍ତି। ସି୫ କୋଚ୍‌ର ୩୫ଯାତ୍ରୀଙ୍କୁ ଅନ୍ୟ ବଗିରେ ଡେରାଡୁନ ନିଆଯାଇଥିଲା। କୌଣସି ଯାତ୍ରୀ କ୍ଷତିଗ୍ରସ୍ତ ହୋଇ ନଥିବାରୁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତିରଥ ସିଂ ରାୱତ ଭଗବାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ବାଂଲାଦେଶ ସୁବର୍ଣ୍ଣ ଜୟନ୍ତୀରେ ଯୋଗଦେବେ ମୋଦି

**ଢାକା, ୧୩।୩(ପି.ଟି.)**

ବାଂଲାଦେଶ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ନେପାଳ, ଶ୍ରୀଲଙ୍କା, ଭୁଟାନ ଓ ମାଳଦ୍ୱୀପର ରାଷ୍ଟ୍ର ତଥା ଶାସନ ମୁଖ୍ୟମାନେ ଅତିଥି ଭାବେ ଯୋଗଦେବେ। ୧୯୭୧ରେ ପାକିସ୍ତାନଠାରୁ ଅଲଗା ହୋଇ ବାଂଲାଦେଶ ସୃଷ୍ଟି ହୋଇଥିଲା। ଏହାର ୫୦ ବର୍ଷ ପୂର୍ତ୍ତି ଅବସରରେ ମାର୍ଚ୍ଚ ୧୭ରୁ ୨୭ ପର୍ଯ୍ୟନ୍ତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏଥିସହିତ ବଙ୍ଗବନ୍ଧୁ ଶେଖ୍ ମୁଜିବୁର ରହମାନଙ୍କ ଶତବାର୍ଷିକୀ ମଧ୍ୟ ପାଳିତ ହେବ। ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ ମହମ୍ମଦ ସୋଲିହ ମାର୍ଚ୍ଚ ୧୭ରେ ଢାକାରେ ପହଞ୍ଚିବାକୁ ଥିବାବେଳେ ୧୯ରେ ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେ, ୨୨ରେ ନେପାଳ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ, ୨୪ରେ ଭୁଟାନ ପ୍ରଧାନମନ୍ତ୍ରୀ ଲୋଟାୟ ଶେରିଙ୍ଗ ପହଞ୍ଚିବେ। ପ୍ରଧାନମନ୍ତ୍ରୀ ମୋଦି ୨୬ରୁ ଦୁଇଦିନିଆ ଗସ୍ତରେ ବାଂଲାଦେଶ ଯାଇ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବେ।




## ନିଯୁକ୍ତି, ଶସ୍ତା ଇନ୍ଧନ ପ୍ରତିଶ୍ରୁତି

**ଡିଏମ୍‌କେର ନିର୍ବାଚନୀ ଇସ୍ତାହାର**

**ଚେନ୍ନାଇ, ୧୩।୩**

ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଡିଏମ୍‌କେ ପକ୍ଷରୁ ଶନିବାର ଇସ୍ତାହାର ପ୍ରକାଶ ପାଇଛି। ଏଥିରେ ଛାତ୍ରୀଛାତ୍ରଙ୍କୁ ମାଗଣା କମ୍ପ୍ୟୁଟର ଟାବ୍‌ଲେଟ ସହ ଡାଟା କାର୍ଡ, ମହିଳାମାନଙ୍କୁ ମାଗଣା ପରିବହନ ସେବା, ତାମିଲ ମୂଳ ଅଧିବାସୀଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ୭୫ ପ୍ରତିଶତ ସଂରକ୍ଷଣ ସହ ପେଟ୍ରୋଲ, ଡିଜେଲ ମୂଲ୍ୟ ହ୍ରାସ ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଏଥିସହିତ ବୃହତ୍ ହିନ୍ଦୁ ମନ୍ଦିରକୁ ତୀର୍ଥ କରି ଯାଉଥିବା ଲକ୍ଷେ ଲୋକଙ୍କୁ ୨୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ଶନିବାର ଅପରାହ୍ନରେ ଉନ୍ମୋଚନ କରିଥିବା ଇସ୍ତାହାରରେ ୫୦୦ରୁ ଊର୍ଦ୍ଧ୍ୱ ନିର୍ବାଚନୀ ପ୍ରତିଶ୍ରୁତି ଦିଆଯାଇଛି। ଏନ୍‌ଇଇଟି ବିରୋଧରେ ବିକ୍ଷୋଭ ଚଳାଇଥିବା ଡିଏମ୍‌କେ କ୍ଷମତାକୁ ଆସିଲେ ବିଧାନସଭାର ପ୍ରଥମ ଅଧିବେଶନରେ ମେଡିକାଲ ପ୍ରବେଶିକା ପରୀକ୍ଷା ବିରୋଧରେ ଆଇନ ଆଣିବ ବୋଲି କହିଛି। ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ଡିଏମ୍‌କେ ୧୮୦ ଆସନରେ ଲଢ଼ିବାକୁ ଯାଉଛି। ସହଯୋଗୀ କଂଗ୍ରେସକୁ ୨୫ ଆସନ ଛଡ଼ାଯାଇଛି।



ଏମ୍.କେ. ଷ୍ଟାଲିନ୍

## ଫ୍ଲଏଡ୍‌ଙ୍କ ପରିବାରକୁ ୧୯୬.୨୬ କୋଟି

- ବୁଝାମଣା କଲା ମିନିଆପଲିସ୍
- ଆଣ୍ଠୁରେ ବେକ ଚାପି ହତ୍ୟା କରିଥିଲା ଆମେରିକା ପୋଲିସ
- ସମ୍ପୃକ୍ତ ଥିଲେ ୪ ଅଧିକାରୀ
- ବିଶ୍ୱକୁ ବ୍ୟାପିଥିଲା 'ବ୍ଲାକ୍ ଲାଇଭ୍‌ସ ମ୍ୟାଟର' ଆନ୍ଦୋଳନ

**ୱାଶିଂଟନ୍, ୧୩।୩**

ଆମେରିକା ପୋଲିସ ହେପାଜତରେ ମୃତ୍ୟୁ ଘଟିଥିବା ଅଶ୍ୱେତ ଜର୍ଜ ଫ୍ଲଏଡ୍‌ଙ୍କ ପରିବାର ସହ ବୁଝାମଣା ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଛି ମିନିଆପଲିସ୍ ସିଟି କାଉନ୍‌ସିଲ। ଏହି ଚୁକ୍ତି ଅନୁସାରେ ମିନିଆପଲିସ୍ ଫ୍ଲଏଡ୍‌ଙ୍କ ପରିବାରକୁ ୨୭ ମିଲିୟନ ଡଲାର (ପ୍ରାୟ ୧୯୬.୨୬ କୋଟି ଟଙ୍କା) ଦେବ ବୋଲି ତାଙ୍କ ଓକିଲ ବେନ କ୍ରମ୍ପ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ମିନିଆପଲିସ୍ ସିଟି କାଉନସିଲ ସର୍ବସମ୍ମତି କ୍ରମେ ଏହି ବୁଝାମଣା କରିଛି।

୨୦୨୦ ମେ ୨୫ରେ ଏକ ଦୋକାନରେ ନକଲି ବିଲ୍ ବ୍ୟବହାର ଅଭିଯୋଗରେ ଆମେରିକା ପୋଲିସ ଫ୍ଲଏଡ୍‌ଙ୍କୁ ଗିରଫ କରିଥିଲା। ପୋଲିସର ଜଣେ ପୂର୍ବତନ ଅଧିକାରୀ ଡେରେକ ଚାଉଭିନ୍ ଫ୍ଲଏଡ୍‌ଙ୍କ ବେକକୁ ପ୍ରାୟ ୯ ମିନିଟ୍ ଆଣ୍ଠୁରେ ଚାପି ଧରିଥିଲେ। ସାହାଯ୍ୟ ପାଇଁ ଚିତ୍କାର କରୁଥିଲେ ହେଁ ପୋଲିସ ତାଙ୍କ କଥା ଶୁଣି ନ ଥିଲା। ଏହାପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଫ୍ଲଏଡ୍ ଜଣେ ଅଶ୍ୱେତ ହୋଇଥିବାରୁ ପୋଲିସ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ଆଣି ମିନିଆପଲିସ୍ ସହ ସମଗ୍ର ଆମେରିକାରେ ବିକ୍ଷୋଭ ଆରମ୍ଭ ହୋଇଥିଲା। ଜାତିଗତ ଭେଦଭାବ ବିରୋଧରେ 'ବ୍ଲାକ୍ ଲାଇଭ୍‌ସ ମ୍ୟାଟର' ନାମରେ ଏହି ଆନ୍ଦୋଳନ ବିଶ୍ୱକୁ ବ୍ୟାପିଥିଲା। ୟୁରୋପ ସମେତ ବିଭିନ୍ନ ଦେଶରେ ବର୍ଣ୍ଣ ଭେଦଭାବର ଶିକାର ହେଉଥିବା ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ସେହି ବର୍ଷ ଜୁଲାଇରେ ଫ୍ଲଏଡଙ୍କ ପରିବାର ପକ୍ଷରୁ ସହର ପ୍ରଶାସନ ବିରୋଧରେ ନାଗରିକ ଅଧିକାର ଉଲ୍ଲଂଘନ ନେଇ ମାମଲା ରୁଜୁ ହୋଇଥିଲା। ଏଥିରେ ଚାଉଭିନ୍‌ଙ୍କ ସମେତ ୩ ପୋଲିସ ଅଧିକାରୀଙ୍କ ଉପରେ ହତ୍ୟା ଅଭିଯୋଗ ରହିଥିଲା।

ଚାଉଭିନ୍‌ଙ୍କ ବିରୋଧରେ ଏହି ମାମଲାର ଶୁଣାଣି ପାଇଁ ବିଚାର ବିଭାଗୀୟ କାର୍ଯ୍ୟ ଚାଲିଛି। ୧୨ ଜଣଙ୍କ ମଧ୍ୟରୁ ୬ ଜଣ ବିଚାରପତି ମାର୍ଚ୍ଚ ୨୯ରୁ ଏହାର ଶୁଣାଣି କରିବେ। ଚାଉଭିନ୍‌ଙ୍କ ନାଁରେ ସେକେଣ୍ଡ ଓ ଥାର୍ଡ ଡିଗ୍ରୀ ଚାର୍ଜ ଲାଗିଛି। ଯଦି ଏଥିରେ ସେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ଅତିବେଶିରେ ୬୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିପାରନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୯୮,୪୩,୩୩୩ | ୨୬,୫୫,୦୬୬ | ୯,୬୪,୨୬,୭୫୩ |
| ଭାରତ | ୧,୧୩,୫୮,୬୪୩ | ୧,୫୮,୭୪୨ | ୧,୦୯,୮୭,୮୫୨ |
| ଓଡ଼ିଶା | ୩,୩୮,୧୨୧ | ୧୯୧୮(+୫୩) | ୩,୩୫,୫୬୯ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# କଟକ ଶିଶୁଭବନରେ ଅଗ୍ନିକାଣ୍ଡ

**କଟକ ଅଫିସ, ୧୩।୩**



ଚିକିତ୍ସିତ ଶିଶୁଙ୍କୁ ଧରି ବାହାରକୁ ପଳାଇଆସିଥିବା ଆଟେଣ୍ଡାଣ୍ଟମାନେ।

କଟକ ଶିଶୁଭବନର ନ୍ୟୁ ମେଡିକାଲ ଏସ୍‌ଏନ୍‌ସିୟୁ ବିଲ୍ଡିଂରେ ଶନିବାର ଅପରାହ୍ଣ ସାଢେ ୫ଟାରେ ଅଗ୍ନିକାଣ୍ଡ ଘଟିଛି। ଶଟସର୍କିଟ ଯୋଗୁ ବିଦ୍ୟୁତ୍ ପ୍ୟାନେଲ ବୋର୍ଡରେ ଧୂଆଁ ବାହାରୁଥିବା ଦେଖି ରୋଗୀ ଓ ଆଟେଣ୍ଡାଣ୍ଟମାନେ ଭୟଭୀତ ହୋଇ ଏଣେତେଣେ ଦୌଡିଥିଲେ। ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସମସ୍ତ ରୋଗୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଏଥିରେ କାହାରି ବିଶେଷ କ୍ଷୟକ୍ଷତି ହୋଇ ନ ଥିବାବେଳେ ସାମୟିକ ଭାବେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ପ୍ୟାନେଲ ବୋର୍ଡ ନିକଟରେ ଥିବା ଏମ୍‌ସିପି ସୁଇଚ୍ ଅଫ୍ ହୋଇଯାଇଥିବାରୁ ନିଆଁ ବ୍ୟାପି ନ ଥିଲା। ଏ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ଅବନୀ ସ୍ୱାଇଁ କହିଛନ୍ତି, ଆମେ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ନିଆଁ ଲିଭିଯାଇଥିଲା। ସେଠାରେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜି ନାହିଁ। ଶଟସର୍କିଟ୍ ଘଟିଥିବା ବିଲ୍ଡିଂରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିଛି। ଖବର ପାଇ କଟକ ଡିସିପି ପ୍ରତୀକ୍ ସିଂ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।

୪ ବର୍ଷ ପୂର୍ବରୁ ଶିଶୁଭବନରେ ଅଗ୍ନିକାଣ୍ଡ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସେହିପରି କିଛିଦିନ ପୂର୍ବରୁ କଟକ ସଦ୍‌ଗୁରୁ ହସ୍ପିଟାଲ, ସନ୍ ହସ୍ପିଟାଲ ଓ ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡ ଘଟିଥିଲା। ମିଳିଥିବା ସୂଚନା ଅନୁଯାୟୀ, ଶିଶୁଭବନର ଏସ୍‌ଏନ୍‌ସିୟୁ ବିଲ୍ଡିଂକୁ ଛାଡିଦେଲେ ଏହାର ଅନ୍ୟ କୌଣସି ବିଲ୍ଡିଂରେ ଅଗ୍ନି ନିର୍ବାପକ

## ଫାୟାର କ୍ଲିୟରାନ୍ସ ନାହିଁ

ବ୍ୟବସ୍ଥା ନାହିଁ। ଏପରି କି ଶିଶୁଭବନର ଫାୟାର କ୍ଲିୟରାନ୍ସ ନାହିଁ। ତେବେ ଏତେସବୁ ଘଟଣା ଘଟିଥିଲେ ମଧ୍ୟ ରାଜ୍ୟ ସରକାର କାହିଁକି ଚେତୁନାହାନ୍ତି ତାହାକୁ ନେଇ ବୁଦ୍ଧିଜୀବୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ ଜ୍ଞାନେନ୍ଦ୍ର ବେହେରା କହିଛନ୍ତି, ଶଟସର୍କିଟ ପରେ ଏମ୍‌ସିପି ସୁଇଚ୍ ଅଫ୍ ହୋଇଯାଇଥିଲା। ପରେ ଜିଇଡି ବିଭାଗ ପକ୍ଷରୁ ତାହାକୁ ବଦଳାଇ ଦିଆଯାଇଛି। ଅଗ୍ନିକାଣ୍ଡ ଘଟିନାହିଁ। ଆମର ପ୍ରତ୍ୟେକ ୱାର୍ଡରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିଛି। ପ୍ରତ୍ୟେକ ନର୍ସ ଓ ଡାକ୍ତରଙ୍କୁ ଏହାର ବ୍ୟବହାର ପାଇଁ ଟ୍ରେନିଂ ଦିଆଯାଇଛି। ଶିଶୁଭବନରେ ଫାୟାର କ୍ଲିୟରାନ୍ସ ଅଛିକି ନାହିଁ ମୁଁ ଜାଣିନାହିଁ। ଆଗାମୀ ଦିନରେ ଏ ସମ୍ପର୍କିତ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ରାଜ୍ୟରେ ୬.୦୨ଲକ୍ଷ ମହିଳା ଏସ୍‌ଏଚ୍‌ଜି

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ରାଜ୍ୟରେ ମହିଳାମାନଙ୍କ ବିକାଶ ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରାଯାଉଛି। ମିଶନ ଶକ୍ତି ଜରିଆରେ ରାଜ୍ୟରେ ୬,୦୨,୦୧୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଗଠନ କରାଯାଇଛି। ଏହି ଗୋଷ୍ଠୀ ମାଧ୍ୟମରେ ୭୦ ଲକ୍ଷ ମହିଳା ସମ୍ପୃକ୍ତ ଅଛନ୍ତି। ମହିଳା ଏସ୍‌ଏଚ୍‌ଜିଗୁଡିକୁ ବିଭିନ୍ନ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ସିଡ୍ ମନି ନିମନ୍ତେ ଏସ୍‌ଏଚ୍‌ଜିକୁ ୧୫ ହଜାର ଲେଖାଏ ଏବଂ ଡିଜିଟାଲ ସଶକ୍ତୀକରଣ ନିମନ୍ତେ ୩ ହଜାର ଲେଖାଏ ପ୍ରଦାନ କରାଯାଇଛି। ୩୩୮ ବ୍ଲକସ୍ତରୀୟ ମହାସଂଘଗୁଡିକୁ ଆବର୍ତ୍ତକ ପାଣ୍ଠି ନିମନ୍ତେ ୨୫ ଲକ୍ଷ ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସାହୁ କହିଛନ୍ତି, ଏସ୍‌ଏଚ୍‌ଜିଗୁଡିକୁ ବ୍ୟାଙ୍କ ମାଧ୍ୟମରେ 'ମିଶନ ଶକ୍ତି ଋଣ' ପ୍ରଦାନ କରାଯାଉଛି। ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ନିୟମିତ ଋଣ କିସ୍ତି ପରିଶୋଧ କରୁଥିଲେ ସମସ୍ତ ସୁଧ ରାଶି ସରକାର ବହନ କରୁଛନ୍ତି। ୨୦୨୦-୨୧ରେ ୨,୨୪,୬୨୮ ଏସ୍‌ଏଚ୍‌ଜିକୁ ୩୭୮୯,୯୦,୦୦,୦୦୦ ବ୍ୟାଙ୍କ ଋଣ ପ୍ରଦାନ କରାଯାଇଛି। ଚଳିତ ବର୍ଷ ଏସ୍‌ଏଚ୍‌ଜିକୁ ୮୮.୦୫ କୋଟି ଟଙ୍କା ସୁଧ ଆକାରରେ ଫେରସ୍ତ ହୋଇଛି। ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଉଦ୍ୟାନ ନିର୍ଦ୍ଦେଶାଳୟ ମାଧ୍ୟମରେ ଛତୁ ଚାଷ, ପନିପରିବା ଚାଷ, ମତ୍ସ୍ୟ ନିର୍ଦ୍ଦେଶାଳୟ ତରଫରୁ ମତ୍ସ୍ୟ, ପ୍ରାଣୀ ସମ୍ପଦ ବିଭାଗରେ କୁକୁଡା ପାଳନ, ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ୧୨ଟି କୃଷି ବିଜ୍ଞାନ କେନ୍ଦ୍ର ଜରିଆରେ ୭ଟି କୃଷି ଭିତ୍ତିକ ଉଦ୍ୟୋଗ, ଶକ୍ତି ବିଭାଗ ମାଧ୍ୟମରେ ବିଦ୍ୟୁତ୍ ଶୁଳ୍କ ଆଦାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ମହିଳା ଏସ୍‌ଏଚ୍‌ଜି ଦ୍ୱାରା କରାଯାଉଥିବା ମନ୍ତ୍ରୀ ସାହୁ ଉଲ୍ଲେଖ କରିଛନ୍ତି।

# ଜେଲ ପରିଦର୍ଶନ କରି ରିପୋର୍ଟ ଦିଅ

## ଜିଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ, ୧୩।୩**

ଜିଲାପାଳମାନେ ସେମାନଙ୍କ ଜିଲା ଅଧୀନରେ ଥିବା ଜେଲ ଏବଂ ସବ୍‌ଜେଲକୁ ପରିଦର୍ଶନ କରିବେ। ପୂର୍ବରୁ କୌଣସି ସୂଚନା ନ ଦେଇ ଅଚାନକ ପରିଦର୍ଶନ କରିବା ସହ ଜେଲରେ ଥିବା ଅନ୍ତେବାସୀଙ୍କ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ। ଏହି କାର୍ଯ୍ୟ ଆସନ୍ତା ୧୫ରୁ ଆରମ୍ଭ ହୋଇ ଏପ୍ରିଲ୍ ୧୬ତାରିଖ ମଧ୍ୟରେ ଶେଷ କରିବେ। ଜେଲ ମଧ୍ୟରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା, ଭିତ୍ତିଭୂମି, ଖାଦ୍ୟ, ଆବାସ ଏବଂ ଚିତ୍ତବିନୋଦନ ସମ୍ପର୍କରେ ଅନୁଧ୍ୟାନ କରି ଏହାର ରିପୋର୍ଟ ହାଇକୋର୍ଟଙ୍କୁ ଅବଗତ କରିବେ। ସୁପ୍ରିମକୋର୍ଟଙ୍କ ଏ ସମ୍ପର୍କିତ ନିର୍ଦ୍ଦେଶାବଳୀକୁ କିଭଳି କଡ଼ାକଡ଼ି ପାଳନ କରାଯିବ ସେ ନେଇ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ରାଜ୍ୟର ସମସ୍ତ ଜିଲା ଜେଲ ଓ ସବ୍‌ଜେଲରେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ସିସିଟିଭି ଲଗାଇବା ପ୍ରସଙ୍ଗରେ ତ୍ୱରିତ ପଦକ୍ଷେପ ନେବାକୁ ସରକାର ଓ ଜେଲ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଛୋଟ ଅପରାଧରେ ଲିପ୍ତ ଥାଇ ଜାମିନ ପାଇଥିଲେ ମଧ୍ୟ ଅର୍ଥାଭାବରୁ ଜେଲରୁ ମୁକୁଳି ପାରୁ ନ ଥିବା ଅନ୍ତେବାସୀଙ୍କ ସମ୍ପର୍କରେ ମଧ୍ୟ ତଥ୍ୟ ପ୍ରଦାନ କରିବାକୁ ଉଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

# ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ୪ ଗିରଫ

**ପୁରୁଣାକଟକ, ୧୩।୩(ଡି.ଏନ୍.ଏ.)**


ବୌଦ୍ଧ ବନଖଣ୍ଡ ଅଧିକାରୀଙ୍କ ଖବରଦାତା ସମ୍ମିଳନୀ।

ବୌଦ୍ଧ ଜିଲା ପୁରୁଣାକଟକ ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇବା ଅଭିଯୋଗରେ ବନ ବିଭାଗ ପକ୍ଷରୁ ଶନିବାର ୪ ଜଣଙ୍କୁ ଗିରଫ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସକାଳେ ବିଭାଗୀୟ କର୍ମଚାରୀମାନେ ପୁରୁଣାକଟକ ରେଞ୍ଜର ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ ନମ୍ବର ୩୦ ମଧ୍ୟରେ ଛତରଙ୍ଗ ଗ୍ରାମପଞ୍ଚାୟତ ଧୁଙ୍ଗିଆମୁଣ୍ଡା ଗ୍ରାମର ଉମାକାନ୍ତ ମଲିକ (୪୦), ବନ୍ଧୁ ବେହେରା (୫୦), କୃଷ୍ଣଚନ୍ଦ୍ର ଦୀପ ( ୫୮) ଓ ପ୍ରଶାନ୍ତ ମଲିକ (୪୦) ବୁଲୁଥିବା ଦେଖିବାକୁ ପାଇଥିଲେ। ବନ କର୍ମଚାରୀମାନେ ସନ୍ଦେହରେ ସେମାନଙ୍କୁ ଯାଞ୍ଚ କରିଥିଲେ। ସେମାନଙ୍କଠାରୁ ୨ଟି ଟାଙ୍ଗିଆ ଓ ଗୋଟିଏ ଦିଆସିଲି ଜବତ ହୋଇଛି। ଜଙ୍ଗଲରେ ନିଆଁ ଲଗାଉଥିବା ଅଭିଯୋଗରେ ଏହି ୪ ଜଣଙ୍କୁ ଗିରଫ କରାଯାଇଥିବା ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ପୁରୁଣାକଟକ ରେଞ୍ଜ ଅଫିସଠାରେ ଆୟୋଜିତ ଏକ ଖବରଦତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ ପୁରୁଣାକଟକ ରେଞ୍ଜର ନୀହାର ରଞ୍ଜନ କହଁରଙ୍କୁ ପଚାରିବାରେ ରବିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପ୍ରକାଶ କରିଛନ୍ତି।




# ଆୟତ୍ତରେ ଜଙ୍ଗଲ ନିଆଁ

**ଭୁବନେଶ୍ୱର, (ବ୍ୟୁରୋ)/ ବାରିପଦା ଅଫିସ, ୧୩।୩**

## ଶିମିଳିପାଳ ଗସ୍ତ କଲା ଭାଜପାର ୧୫ ଜଣିଆ ଟିମ୍



ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଦୀର୍ଘଦିନ ହେଲା ଲାଗିଥିବା ନିଆଁକୁ ଏକପ୍ରକାର ଆୟତ୍ତକୁ ଅଣାଯାଇଛି। ୩ଦିନ ଧରି ଶିମିଳିପାଳରେ ବର୍ଷା ହୋଇଥିବା ବେଳେ ଶନିବାର ଧ ଉଦଳା ଓ କପ୍ତିପଦା ଅଞ୍ଚଳରେ ଝିପି ଝିପି ବର୍ଷା ହୋଇଛି। ଶନିବାର ଦକ୍ଷିଣରେ ଗୋଟିଏ ଓ ଉତ୍ତରରେ ତିନୋଟି ସ୍ଥାନରେ ନିଆଁ ଲାଗିଥିବା ଖବରପାଇ ବନ କର୍ମଚାରୀ, ଅଗ୍ନିଶମ ଓ ଓଡ୍ରାଫ ବାହିନୀ ସହ ସେଠାରେ ପହଞ୍ଚିଥିଲେ। ନିଆଁକୁ ଆୟତ୍ତ କରାଯାଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର ନିର୍ଦ୍ଦେଶକ ଏମ୍. ଜଗଜୟାନନ୍ଦ ସୂଚନା ଦେଇଛନ୍ତି।

ଶିମିଳିପାଳରେ ନିଆଁର କାରଣ ଓ କ୍ଷୟକ୍ଷତି ସମ୍ପର୍କରେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ ରାଜଜେମା ଅକ୍ଷିତା ମଞ୍ଜରୀ ଭଞ୍ଜଦେଓ ଶନିବାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଲୋକମାନଙ୍କୁ ନିଆଁ ଲିଭାଇବାକୁ ପରାମର୍ଶ ଦେଇଥିଲେ। ପୋଡ଼ାଡ଼ିହା, ଦେବକୁଣ୍ଡ, ଜାମୁଡ଼ିହା, ସାରବଶା, ପାଲମା ଆଦି ଅଞ୍ଚଳକୁ ଅବୈତନିକ ପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ଓ ବିଭୁଦତ୍ତ ଦାସ ପରିଦର୍ଶନ କରି ନିଆଁ ଆୟତ୍ତ ହୋଇଥିବା କହିଛନ୍ତି। ଏଥିପୂର୍ବରୁ କଂଗ୍ରେସର ଏକ ପ୍ରତିନିଧି ଦଳ ଅନୁଧ୍ୟାନ କରି ଫେରିଥିବା ବେଳେ ବିଜେଡି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମରେ ନେତା ଓ କର୍ମକର୍ତ୍ତାଗଣ ସାମିଲ ହୋଇଥିଲେ। ସେହିଭଳି ରାଜ୍ୟ ଅତିରିକ୍ତ ମୁଖ୍ୟ ସଚିବ ମୋନା ଶର୍ମା ଓ କେନ୍ଦ୍ରୀୟ ପ୍ରତିନିଧି ଦଳ ଶିମିଳିପାଳ ଅଭୟାରଣ୍ୟର ସ୍ଥିତି ସମୀକ୍ଷା କରି ଫେରିଛନ୍ତି।

ଅନ୍ୟପକ୍ଷରେ ଶିମିଳିପାଳ ସଂଲଗ୍ନ ବ୍ଲକ ଓ ତହସିଲର ବିଡିଓ, ତହସିଲଦାର, ନିର୍ବାଚିତ ପ୍ରତିନିଧି, ଗାଁ ମୁଖିଆ, ଏସ୍‌ଏଚ୍‌ଜିର ସଦସ୍ୟା, ବନସୁରକ୍ଷା ସମିତି ସଦସ୍ୟା ସଦସ୍ୟଙ୍କୁ ଜଙ୍ଗଲ ସୁରକ୍ଷାରେ ଯୋଗଦାନକୁ ସୁଦୃଢ଼ କରିବା ପାଇଁ ୫ ବନଖଣ୍ଡ ଅଧିକାରୀଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କପ୍ତିପଦା, ଉଦଳା, ଡୁକୁରା, ଖୁଣ୍ଟା, ରଙ୍ଗାମାଟିଆ, ବାଙ୍ଗିରିପୋଷୀ, ବିଶୋଇ, ଯଶିପୁର, କରଞ୍ଜିଆ ଓ ଠାକୁରମୁଣ୍ଡା ଅଞ୍ଚଳରେ ଏନେଇ ସଚେତନତା ସଭା ଓ ଶୋଭାଯାତ୍ରା କରାଯାଇ ଲୋକଙ୍କୁ ଜଙ୍ଗଲ ନିଆଁର ଭୟାବହତା ଓ ପ୍ରାକ୍ ପ୍ରତିକାର ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇଛି। ଶିମିଳିପାଳରେ ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ଥିବା କୁହାଯାଉଥିବା ବେଳେ ବର୍ତ୍ତମାନ ତୃଣଭୋଜୀ ବନ୍ୟପ୍ରାଣୀଙ୍କର ଖାଦ୍ୟ ଶୃଙ୍ଖଳ ବିଗିଡ଼ିଯାଇଛି ବୋଲି ପରିବେଶବିତ୍ ସଂଯୁକ୍ତା ବଶା କହିଛନ୍ତି। ଶିକାରୀମାନେ ଏହାର ସୁଯୋଗରେ ଗ୍ରାମାଭିମୁଖୀ ବନ୍ୟଜନ୍ତୁଙ୍କ ଶିକାର ପାଇଁ ଗୁପ୍ତ ଯୋଜନା କରୁଛନ୍ତି। ଏଥିପ୍ରତି ବିଭାଗ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସେ ଦାବି କରିଛନ୍ତି। ସେହିପରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନ ଦୁଇଟିବନଖଣ୍ଡକୁମିଶାଇ ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁର ଆଦି ୫ଟି ବନଖଣ୍ଡରେ ଖାଲି ପଡିଥିବା କର୍ମଚାରୀଙ୍କ ପଦବୀ ପୂରଣ ପାଇଁ ଓଡ଼ିଶା ବନ କର୍ମଚାରୀ ସଂଘର ସଭାପତି ଖଗେଶ୍ୱର ସେଠୀ ଦାବି କରିଛନ୍ତି।

ଅନ୍ୟପକ୍ଷେ ଶିମିଳିପାଳ ଅଭିମୁଖେ ଭାଜପାର ୧୫ ଜଣିଆ ଟିମ୍ ଶନିବାର ଶିମିଳିପାଳ ଅଭିମୁଖେ ଗସ୍ତ କରିଛନ୍ତି। ବିଧାୟକ ଜୟନାରାୟଣ ମିଶ୍ରଙ୍କ ନେତୃତ୍ୱରେ କ୍ଷେତ୍ର ପରିଦର୍ଶନରେ ଭାଜପା ଟିମ୍ ଯାଇଛନ୍ତି। ଏହି ଟିମ୍‌ରେ ୧୩ ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ସାମିଲ ଅଛନ୍ତି। ଏହି ଟିମ୍ ଶିମିଳିପାଳ ଅଗ୍ନିକାଣ୍ଡର କାରଣ ଓ ନିରାକରଣ ଅନୁଧ୍ୟାନ କରିବ।

## ସହାୟକ ହୋଇଛି ଉପଗ୍ରହ ତଥ୍ୟ

ବର୍ତ୍ତମାନ ରାଜ୍ୟରେ ଜଙ୍ଗଲ ଅଗ୍ନି ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ବନ୍ୟ ବିଭାଗ ତଥ୍ୟ ଅନୁଯାୟୀ, ହାଇଦ୍ରାବାଦସ୍ଥିତ ନ୍ୟାଶନାଲ ରିପୋଟ୍ ସେନ୍ସିଂ ସେଣ୍ଟର (ଏନ୍‌ଆର୍‌ଏସ୍‌ସି)ର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଶିମିଳିପାଳ ଜଙ୍ଗଲରେ ନିଆଁ ସମ୍ପୂର୍ଣ୍ଣ ହ୍ରାସ ପାଇଛି। ଡେରାଡୁନସ୍ଥିତ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଆଇ) ସୂଚନା ମୁତାବକ ଶୁକ୍ରବାର ରାଜ୍ୟର ୭୦୧ ଜଙ୍ଗଲ ଆଲର୍ଟ ସ୍ଥାନରେ ଥିଲା। ବର୍ତ୍ତମାନ ରାଜ୍ୟରେ ୩୪୧ ଜଙ୍ଗଲ ନିମନ୍ତେ ଅଗ୍ନି ସତର୍କ ସୂଚନା ଥିବାବେଳେ ଶିମିଳିପାଳରେ କେବଳ ୪ଟି ଫାୟାର ଆଲର୍ଟ ରହିଛି। ଜିଲାପାଳ, ଏସ୍‌ପି, ଉପଜିଲାପାଳ, ତହସିଲଦାର, ଜଙ୍ଗଲ ବିଭାଗ କ୍ଷେତ୍ର ଅଧିକାରୀ ୨୪ ଘଣ୍ଟିଆ ଅଗ୍ନିହ୍ରାସ ଏବଂ କ୍ଷୟକ୍ଷତି ଆକଳନ କରିବାରେ ସାହାଯ୍ୟ କରୁଛନ୍ତି। ରାତ୍ରି ଏବଂ ଅନ୍ୟ ସମସ୍ତ ପାଟ୍ରୋଲିଂକୁ ଦୃଢ଼ୀଭୂତ କରାଯାଇଛି। ଏହାକୁ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର ଓଡ଼ିଶା ଫରେଷ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଓଏଫ୍‌ଏମ୍‌ଏସ୍) ମାଧ୍ୟମରେ ୨୪ ଘଣ୍ଟିଆ ପର୍ଯ୍ୟବେକ୍ଷଣ କରାଯାଉଛି। ମୋଡିସ୍ ଆଣ୍ଡ ଏସ୍‌ଏନ୍‌ପିପି ଉପଗ୍ରହ ଭିତ୍ତିକ ଜଙ୍ଗଲ ଅଗ୍ନି ଆଲର୍ଟ ପଏଣ୍ଟ ତଥ୍ୟ ବ୍ୟବହାରକରି ଡେରାଡୁନ୍ ଏଫ୍‌ଏସ୍‌ଆଇରୁ ପ୍ରାପ୍ତ ବନାଗ୍ନି ସ୍ଥିତି ସଂକ୍ରାନ୍ତୀୟ ସମସ୍ତ ବିବରଣୀ ଏସ୍‌ଏମ୍‌ଏସ୍ ତଥା ହ୍ୱାଟ୍ସଆପ ମାଧ୍ୟମରେ କ୍ଷେତ୍ର କର୍ମଚାରୀଙ୍କ ପଞ୍ଜୀକୃତ ମୋବାଇଲକୁ ଏବଂ ଇମେଲ୍‌ରେ ବନଖଣ୍ଡ କାର୍ଯ୍ୟାଳୟକୁ ଅବିଳମ୍ବେ ପ୍ରେରଣ କରାଯାଉଛି। ବନ କର୍ମଚାରୀମାନେ ତୁରନ୍ତ ଏହି ପଏଣ୍ଟଗୁଡିକରେ ପହଞ୍ଚି ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଫ୍‌ଏସ୍‌ଆଇ ଆଲର୍ଟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପ୍ରାୟତଃ କୌଣସି ଅଗ୍ନି ପଏଣ୍ଟର କ୍ରମାଗତ ଅଗ୍ନି ନାହିଁ। ଅଗ୍ନିଶମ ଅଧିକାରୀଙ୍କ ସହିତ ୨୫ ସଦସ୍ୟ ବିଶିଷ୍ଟ ୮ଟି ଓଡିଆର୍‌ଏଏଫ୍ ଟିମ୍ ଜଙ୍ଗଲ କର୍ମଚାରୀଙ୍କ ସହିତ ବନାଗ୍ନିକୁ ଆୟତ୍ତ କରିବାରେ ସକ୍ରିୟ ଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ଜଙ୍ଗଲ ଅଗ୍ନି ପରିଚାଳନା ପାଇଁ ସରକାର ଏବଂ ଟାସ୍କଫୋର୍ସ ଦ୍ୱାରା କ୍ଷେତ୍ର ଅଧିକାରୀଙ୍କ ସହିତ ସମୀକ୍ଷା ଜାରି ରହିଥିବା ବିଭାଗୀୟ ସଚିବ ମୋନା ଶର୍ମା କହିଛନ୍ତି।



**ଆଜିର ମନ୍ତବ୍ୟ**
ରାଜ୍ୟ ସଭା ସଦସ୍ୟମାନେ ଭାରତର ଭାବମୂର୍ତ୍ତି ମଳିନ ହେବା ଭଳି କଥା କହିବା ବା କାମ କରିବା ଅନୁଚିତ।
-ଏମ୍. ଭେଙ୍କାୟା ନାଇଡୁ, ରାଜ୍ୟ ସଭା ଅଧ୍ୟକ୍ଷ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପ୍ରନୀଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଢ଼େଇ ଦିନକୁ ବଢ଼େଇ କରୁ
ଏତିକି ବୁଝିଲୁ ନାହିଁ
ସରୁ ମନ କରି ଠିକ୍ ବୁଝିଗଲେ
ସନ୍ଦେହ ରହିବ କାହିଁ?**

ସଂସାରକୁ ଅଳ୍ପ ଦିନ ପାଇଁ ଆସି ଅଯଥା ଗର୍ବ ଅହମିକା ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ମଣିଷର ଗର୍ବ ଓ ଅହଂକାର ହିଁ ତା'ର ପତନର କାରଣ ହୋଇଥାଏ। ତେଣୁ ଏହାକୁ ହୃଦୟଙ୍ଗମ କରି ଜୀବନ ବିତେଇବା ଶୋଭନୀୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ଗେହ୍ଲା ପୁଅ ମନ ମୋଟିଆ
ଅତି ଗେହ୍ଲା ଝିଅ ଦାଣ୍ଡରେ ଠିଆ।**

ପୁତ୍ର ସ୍ନେହରେ ଅନ୍ଧ ହୋଇ ପୁଅକୁ ମୁଣ୍ଡରେ ବସେଇଲେ ସେ ମନ ମୋଟିଆ ହୋଇଯାଇଥାଏ। ସେହିପରି ଝିଅକୁ ଅତ୍ୟଧିକ ସ୍ନେହ ଶ୍ରଦ୍ଧା କଲେ ସେ ଅବାଟକୁ ଚାଲିଯାଇଥାଏ। ତେଣୁ ପିଲାମାନଙ୍କୁ ମୁଣ୍ଡରେ ନ ବସେଇ ନିଜ ଆକଟରେ ରଖିବା ହିଁ ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ସବୁ ଛାତ୍ରୀନିବାସ ଲାଗି ୩ ହଜାର ମାଟ୍ରନ ପଦବୀ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ଲାଗି ରାଜ୍ୟ ସରକାରଙ୍କ ଏସ୍‌ସି ଆଣ୍ଡ ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ୩ ହଜାର ମାଟ୍ରନ ପଦବୀ ସୃଷ୍ଟି କରାଯାଇ ଛାତ୍ରୀନିବାସଗୁଡ଼ିକରେ ନିୟୋଜିତ ହୋଇଛନ୍ତି। ସ୍ୱାସ୍ଥ୍ୟ ସୁରକ୍ଷା ଲାଗି ୩୩୬ ଏଏନ୍‌ଏମ୍ ପଦବୀ ସୃଷ୍ଟି କରାଯାଇ ବିଭାଗୀୟ ବିଦ୍ୟାଳୟ ଓ ଛାତ୍ରୀନିବାସ ଗୁଡ଼ିକରେ ନିୟୋଜିତ କରାଯାଇଛି। ଏମାନେ ପ୍ରତ୍ୟେକ ମାସରେ ଛାତ୍ରୀମାନଙ୍କ ମାସିକ ଧର୍ମ ପରୀକ୍ଷା କରିବା ସଙ୍ଗେସଙ୍ଗେ ଗର୍ଭବତୀ ବାଳିକାଙ୍କ ସମ୍ବନ୍ଧରେ ଉପର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥାଆନ୍ତି ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସାହୁ କହିଛନ୍ତି, ସେଫ୍‌ଟି ଆଣ୍ଡ ସିକ୍ୟୁରିଟି, ସ୍କୁଲ ମ୍ୟାନେଜମେଣ୍ଟ ଆଣ୍ଡ ହଷ୍ଟେଲ ମନିଟରିଂ ନିର୍ଦ୍ଦେଶାବଳୀ ସୁଚାରୁରୂପେ କାର୍ଯ୍ୟ କରିବା ନିମନ୍ତେ ପ୍ରଧାନ ଶିକ୍ଷକ, ପ୍ରଧାନ ସେବକ ସହାୟକ ପରିଚାଳକ, ଜିଲା ସମ୍ପ୍ରସାରଣ ଅଧିକାରୀ, ଏଏନ୍‌ଏମ୍‌ଙ୍କୁ ତାଲିମ ପ୍ରଦାନ କରାଯାଇଛି। ଅଧିକାରୀମାନଙ୍କୁ ଜୀବନ କୌଶଳ ଶିକ୍ଷା ଦେବା ସହିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିବାର ସଚେତନତା ସୃଷ୍ଟି କରାଯାଉଛି। ସେଠାରେ ରହୁଥିବା ଛାତ୍ରୀଙ୍କ ଅସୁବିଧା ଏବଂ ଅଭିଯୋଗ ଶୁଣିବା ପାଇଁ ବିଭାଗ ତରଫରୁ ରାଜ୍ୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍କୁଲ ହଷ୍ଟେଲ ମନିଟରିଂ ୟୁନିଟ୍ ଏବଂ ଏକ କଣ୍ଟ୍ରୋଲ ରୁମ୍ ଗଠନ କରାଯାଇଛି। ଏହାଛଡା ଏକ ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ୧୮୦୦-୩୪୫-୩୦୪୦ ଜାରି କରାଯିବା ସଙ୍ଗେସଙ୍ଗେ ସ୍କୁଲ ଛାତ୍ରୀନିବାସଗୁଡ଼ିକରେ ୧୦୦୦ ହଟ୍‌ଲାଇନ ଟେଲିଫୋନ ସଂଯୋଗ କରାଯାଇଛି। ବିଭାଗୀୟ ଆବାସିକ ବିଦ୍ୟାଳୟ ପରିସରକୁ ତଦାରଖ କରିବା ଲାଗି ୧୧୨୦ ସିସିଟିଭି ବ୍ୟବସ୍ଥା ଲାଗି ପଦକ୍ଷେପ ନିଆଯାଇଛି। ଏହାସହ ରାଜ୍ୟ ସରକାର ଦୁଃସ୍ଥ ଅବହେଳିତ ମହିଳାମାନଙ୍କ ଦାଦନ ସମୟରେ ବଳାତ୍କାର କିମ୍ବା ଅବିବାହିତ ମାତୃତ୍ୱରେ ବିଭାଗ ପକ୍ଷରୁ ବିଭିନ୍ନ ସେବା ଓ ସୁବିଧା ଯୋଗାଇ ଦିଆଯାଉଛି। ହିଂସା ଦ୍ୱାରା ପ୍ରଭାବିତ ବାଳିକା ଏବଂ ମହିଳାମାନଙ୍କୁ ସମନ୍ୱିତ ସହାୟତା ପ୍ରଦାନ ସଙ୍ଗେସଙ୍ଗେ ସେମାନଙ୍କୁ ତତ୍‌କ୍ଷଣାତ୍ ଚିକିତ୍ସା, ନ୍ୟାୟିକ, ମନସ୍ତାତ୍ତ୍ୱିକ ସହାୟତା ତଥା ପରାମର୍ଶ ସେବା ପ୍ରଦାନ କରିବା ପାଇଁ ୱାନ୍ ଷ୍ଟେପ ସେଣ୍ଟର(ସଖୀ) ଜିଲାଗୁଡ଼ିକରେ କାମ କରୁଛି। ମହିଳାମାନଙ୍କ ସହାୟତା ନିମନ୍ତେ ୨୦୧୭ ମାର୍ଚ୍ଚରୁ ଏକ ନିଃଶୁଳ୍କ ଟେଲିଫୋନ, ମହିଳା ହେଲ୍ପଲାଇନ-୧୮୧ ଏବଂ ହ୍ୱାଟ୍ସଆପ୍ ନମ୍ବର ଆରମ୍ଭ ହୋଇଛି। ଅବହେଳିତ ମହିଳା ଯଥା ଘରୋଇ ହିଂସାର ଶିକାର ହୋଇଥିବା କିମ୍ବା ଚାଲାଣରୁ ଉଦ୍ଧାର ବାଳିକା/ ମହିଳାଙ୍କ ପାଇଁ ସୀମିତ ରହଣି ବ୍ୟବସ୍ଥା ସହିତ ସେମାନଙ୍କ ସୁରକ୍ଷା ସ୍ୱାବଲମ୍ବୀ ଓ ସ୍ୱରୋଜଗାର ଲାଗି ରାଜ୍ୟର ବିଭିନ୍ନ ଜିଲାରେ ୫୪ ସ୍ୱାଧାରଗୃହ କାର୍ଯ୍ୟ କରୁଛି। ମହିଳା ଚାଲାଣ ଓ ଯୌନ ଶୋଷଣକୁ ରୋକିବା ତଥା ଏହାର ଶିକାର ହୋଇଥିବା ମହିଳାମାନଙ୍କୁ ଉଦ୍ଧାର, ଥଇଥାନ ଓ ପୁନର୍ମିଳନ ତଥା ସେମାନଙ୍କ ସୁରକ୍ଷା ସ୍ୱାବଲମ୍ବୀ ଓ ସ୍ୱରୋଜଗାର ଉଦ୍ଦେଶ୍ୟରେ ବିଭିନ୍ନ ଜିଲାରେ ୧୧ ଉଜ୍ଜ୍ୱଳା ଗୃହ କାର୍ଯ୍ୟ କରୁଛି। ଏହି ଗୃହଗୁଡ଼ିକରେ ଅନ୍ତେବାସିନୀମାନଙ୍କ ଭରଣପୋଷଣ ଲାଗି ସରକାର ଆର୍ଥିକ ସହାୟତା ଯେପରି ଖାଦ୍ୟ, ପୋଷାକ, ଡାକ୍ତରୀ ଚିକିତ୍ସା, ବ୍ୟକ୍ତିଗତ ସ୍ୱଚ୍ଛତା ସମ୍ବନ୍ଧିତ ସାମଗ୍ରୀ ପକେଟ ଖର୍ଚ୍ଚ ସୁବିଧା ଯୋଗାଇ ଦେଉଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ବିରୋଧୀଙ୍କୁ ଶାସକ ...

ମାଡ଼ିଆସି ପାଟିତୁଣ୍ଡ କରିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ, ସୁବାସ ପାଣିଗ୍ରାହୀ ଯେ ପର୍ଯ୍ୟନ୍ତ କ୍ଷମା ମାଗିନାହାନ୍ତି ସେ ପର୍ଯ୍ୟନ୍ତ ବିଧାନସଭା ଚଳାଇ ଦେବୁନାହିଁ। ବାଚସ୍ପତି କେବଳ କହୁଥାଆନ୍ତି 'ଗୋ ଟୁ ୟୋର ସିଟ୍' । ହେଲେ କେହି ଶୁଣୁ ନ ଥାଆନ୍ତି। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ୧୧ଟା ୩୧ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନରେ ବିଧାନସଭା ସ୍ୱାଭାବିକ ହୋଇପାରି ନ ଥିଲା। ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ପୁଣି ହଙ୍ଗାମା କରିଥିଲେ। ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ଗୃହକୁ ସୋମବାର ଯାଏ ମୁଲତବୀ ଘୋଷଣା କରିଛନ୍ତି। ଶାସକ ଦଳର ୩ ଜଣ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ସୁଶାନ୍ତ ସିଂ, ନବ ଦାସ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ ବୋଲି କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ଅଭିଯୋଗ ଆଣିଛନ୍ତି । ମନ୍ତ୍ରୀମାନେ କ୍ଷମା ନ ମାଗିବା ଯାଏ ବିଧାନସଭା ଚାଲିପାରିବ ନାହିଁ ବୋଲି ସେ ଧମକ ଦେଇଛନ୍ତି। ତେବେ ବିଧାନସଭାରେ ଆତ୍ମହତ୍ୟା ଉଦ୍ୟମକୁ ସେ ନିନ୍ଦା କରିଛନ୍ତି। ଭାଜପା ସଭ୍ୟ ମୋହନ ମାଝି କହିଛନ୍ତି, କ୍ଷମା ମାଗିବାର ପ୍ରଶ୍ନ ଉଠୁନାହିଁ। ମଣ୍ଡିରୁ ଧାନ ନ ଉଠିବା ଯାଏ ଏଭଳି ଆଭିମୁଖ୍ୟ ଜାରିରହିବ। ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ କହିଛନ୍ତି, ଆତ୍ମହତ୍ୟା ଉଦ୍ୟମ କରିବା ଏକ ଅପରାଧ। ବିଧାନସଭା ଇତିହାସରେ ଏହା ଏକ କଳଙ୍କିତ ଘଟଣା। ପ୍ରତିବାଦ ପାଇଁ ଅନେକ ଫୋରମ୍ ରହିଛି। ବିଧାୟକ କ୍ଷମା ନ ମାଗିବା ଯାଏ ଗୃହ ଚାଲିପାରିବ ନାହିଁ । ବିଧାନସଭା ବାହାରେ ସୁବାସ କହିଛନ୍ତି ଯେ କ୍ଷମା ମାଗିବାର ପ୍ରଶ୍ନ ଉଠୁନି। ତେବେ ଗୋଟିଏ ସର୍ତ୍ତରେ କ୍ଷମା ମାଗିବି। ସରକାର ଯଦି ବିନା ସର୍ତ୍ତରେ ଚାଷୀଙ୍କର ସବୁ ଧାନ ଉଠାଇବେ, ଅବଧି ଶେଷ ହୋଇଥିବା ସମସ୍ତ ଟୋକନକୁ ପୁଣି ଆକ୍ଟିଭ କରି ଧାନ କିଣିବେ । ଚାଷୀଙ୍କ ସମସ୍ୟାର ସମାଧାନ ହେଲେ କ୍ଷମା ମାଗିବାରେ ଅସୁବିଧା ନାହିଁ ବୋଲି ସେ କହିଛନ୍ତି।

## ପ୍ରଥମରୁ ଅଷ୍ଟମ ...

ତେଣୁ ବୋର୍ଡ ପରୀକ୍ଷା ପୂର୍ବରୁ ନୂଆଡାଞ୍ଚାରେ ଦଶମ ପିଲାଙ୍କ ଲାଗି ଏକ କମ୍ପ୍ଲିଟ୍ ଟେଷ୍ଟ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପିଲାମାନଙ୍କ ଗୋଟିଏ ହେଲେ କ୍ଲାସ ହୋଇନାହିଁ। ଗତବର୍ଷ ମାର୍ଚ୍ଚରୁ କରୋନା ମହାମାରୀ ସଂକ୍ରମଣ ବୃଦ୍ଧି ପାଇବା ମାତ୍ରେ ସରକାର ସ୍କୁଲ ବନ୍ଦ ଘୋଷଣା କରିଥିଲେ, ଯାହାକି ଏ ପର୍ଯ୍ୟନ୍ତ ଖୋଲିନାହିଁ। କେବେ ପ୍ରାଥମିକ ପିଲାଙ୍କ ସ୍କୁଲ ଖୋଲିବ। ଏନେଇ ଅଭିଭାବକମାନେ ଚିନ୍ତାରେ ଥିବାବେଳେ ଏହାର ଉତ୍ତର ମନ୍ତ୍ରୀ ଦାଶ ରଖିଛନ୍ତି। ଫଳରେ ଛାତ୍ରୀଛାତ୍ର ଏବଂ ଅଭିଭାବକମାନଙ୍କ ଦ୍ୱନ୍ଦ୍ୱ ଏକପ୍ରକାର ଦୂର ହୋଇଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କୀୟ ବାଦାନୁବାଦ ହେତୁ ମନ ବିକ୍ଷୁବ୍ଧ ରହିବ। କର୍ମକ୍ଷେତ୍ରରେ ବହୁତ ଦିନରୁ ଅଟକି ରହିଯାଇଥିବା ସବୁ କାମ ସୁବିଧାରେ ହୋଇଯିବ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେବ।

**ବୃଷ** କୌଣସି କାମ ସକାଶେ ବାରମ୍ବାର ଚେଷ୍ଟା କରି ମଧ୍ୟ ଅସଫଳତା ହେତୁ ଲଘୁକ୍ରୋଧ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପୁରୁଣା ଗୃହ, ଜମିଜମା, ଗାଡ଼ିମୋଟର କ୍ରୟ ବିକ୍ରୟରୁ ଭଲ ଲାଭ ପାଇବେ।

**ମିଥୁନ** ସାଧାରଣ ଘଟଣାରେ ଝଗଡ଼ା ଲାଗି ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ବାରମ୍ବାର କ୍ଷତିଗ୍ରସ୍ତ ହୋଇ ବ୍ୟବସାୟରେ କିଛି ନୂତନ ପଦକ୍ଷେପ ନେବା ସକାଶେ ଚିନ୍ତା କରିବେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିପାରନ୍ତି। ବହୁ ବିଳମ୍ବରେ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ।

**କର୍କଟ** ଆଜି ଦିନଟିରେ ଯାହା କରିବେ ସଫଳତା ନିଶ୍ଚିତ ପାଇବେ। ଦୂରଯାତ୍ରା ଓ ବନ୍ଧୁ ମିଳନରୁ ସାମୟିକ ଆନନ୍ଦ ଅନୁଭବ କରିବେ। ଦୀର୍ଘଦିନର ଆଶା ଫଳବତୀ ହେବ, କିନ୍ତୁ ଏଥି ସକାଶେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** ଦୀର୍ଘ ଦିନର ସୁଚିନ୍ତିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ବନ୍ଧୁଗହଣରେ ଆଲୋଚନା ପରିସରରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇ ପାରନ୍ତି। ସହକର୍ମୀମାନେ ଯଥାର୍ଥ ସହଯୋଗ କରି ଆନୁଷ୍ଠାନିକ କାମକୁ ବଢ଼ାଇ ନେବେ।

**କନ୍ୟା** ନିଜର ବନ୍ଧୁମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି। କଳା, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପାଖ ପଡ଼ୋଶୀଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ହେତୁ ସାମୟିକ ଖୁସି ଅନୁଭବ କରିବେ। ଚେଷ୍ଟା କରୁଥିବା ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ପରକଥାରେ ପଡ଼ି ଭୁଲ ମାର୍ଗର ଅନୁସରଣ କରିପାରନ୍ତି। ଭୁଲ୍ ଖବର ପାଇ ସାମୟିକ ବିବ୍ରତ ହେବାକୁ ପଡ଼ିପାରେ।

**ବିଛା** ସ୍ୱାସ୍ଥ୍ୟହାନି କାରଣରୁ କୌଣସି କାମକୁ ଦୃଢ଼ତାର ସହ କରିବାକୁ ପଶ୍ଚାତ୍‌ପଦ ହୋଇ ପାରିବେ। ପୂର୍ବର କୌଣସି ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଗତ ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଗୃହସାମଗ୍ରୀ ଓ ଜମିଜମା କାରବାର ସମ୍ପର୍କୀୟ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ।

**ଧନୁ** ପରିସ୍ଥିତି ଅନୁକୂଳ ନ ହେଲେ ମଧ୍ୟ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ହାସଲ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଓ ମାନସିକ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ଥାନୀୟ ଲୋକଙ୍କ ଦ୍ୱାରା ପରିବହନ ସମସ୍ୟା ସମାଧାନ ହୋଇଯିବ। ବନ୍ଧୁ ଗହଣରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବାରେ ଅସୁବିଧା ହେବନାହିଁ।


**ମକର** ଆକସ୍ମିକ ଭାବରେ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି। ଆଜିର ଅଧିକାଂଶ ସମୟ ବନ୍ଧୁମାନଙ୍କ ଗହଣରେ ଆଳାପ ଆଲୋଚନାରେ କଟାଇବେ। ସାମାଜିକ ସ୍ତରରେ ସହନଶୀଳତା ଗୁଣର ପ୍ରଶଂସିତ ହେବେ।

**କୁମ୍ଭ** ପ୍ରତ୍ୟେକ କାମରେ କିଛି ଅଭାବ ରହି ଯାଉଥିବାର ଅନୁଭବ କରିବେ। କର୍ମକ୍ଷେତ୍ରର ପ୍ରତି ଉଦାସୀନ ହେବେ, ଯଦ୍ୱାରା କେତେକ କର୍ତ୍ତୃପକ୍ଷଙ୍କ ଶୁଣିବାକୁ ପଡ଼ିପାରେ। ଧନିଷ୍ଠା ନକ୍ଷତ୍ର ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। କିନ୍ତୁ ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସଙ୍ଗତ ହୋଇ ପାରନ୍ତି।

**ମୀନ** ବନ୍ଧୁଙ୍କ ପରାମର୍ଶ ଅନୁସାରେ ସମସ୍ୟା ସମାଧାନ ଦିଗରେ ଚେଷ୍ଟା କରିପାରନ୍ତି। ନିଜ ଲୋକଙ୍କ ଈର୍ଷାପରାୟଣତା କାରଣରୁ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ଆନନ୍ଦ ଅନୁଭବ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ।

ଆଜି ମୀନ ସଂକ୍ରାନ୍ତି, ଫାଲ୍‌ଗୁନ ଶୁକ୍ଳ ପ୍ରତିପଦା ରବିବାର, ମାର୍ଚ୍ଚ ୧୪ ତାରିଖ, ରାଶି ନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ଧନୁରାଶିର ଘାତଚନ୍ଦ୍ର, ମେଷରାଶିର ଘାତବାର, ପ୍ରତିପଦାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୪୭ ଗତେ ଘ.୦୯।୫୭ ମଧ୍ୟେ, ରାତ୍ରି ୦୭।୨୯ ଗତେ ଘ.୦୯।୦୬ ମଧ୍ୟେ ଅମୃତବେଳା। ସକାଳ ଘ.୦୫।୫୯ ଗତେ ଘ.୦୬।୪୭ ମଧ୍ୟେ, ଘ.୦୧।୦୭ ଗତେ ଘ.୦୨।୫୪ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୨୩ ଗତେ ଘ.୦୫।୫୨ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Wanted beautiful Gudia bride for Gudia groom B.Tech/ 1986/ 5'6"/ karkat working in MNC, Bangalore 14lakhs P.A., 8249954800, 9437003131. D-59876

Suitable bride required for brahmin groom. Contact: 7978409094. D-63996

**GROOM WANTED**

Government ଚାକିରିଆ ବିଧବା ନିଃସନ୍ତାନ 43ବୟସ୍କା ବ୍ରାହ୍ମଣ ଝିଅଙ୍କ General Casteର ପୁଅ ଦରକାର। 7381366103. D-67977

30ବୟସ୍କା divorcee କରଣ Government ଚାକିରିଆ ଝିଅଙ୍କ ଯେ କୌଣସି ଜାତିର ପୁଅ ଦରକାର। 7381460017. D-67976

Cuttack ବାସିନ୍ଦା 37ବୟସ୍କା divorcee Government ଶିକ୍ଷୟିତ୍ରୀ ଖଣ୍ଡାୟତ ଝିଅଙ୍କ ପୁଅ ଦରକାର। 7381366108. D-67975

Groom wanted for 27years, B.A. pass brahmin girl 5'3", now trying for job at Bhubaneswar. Contact: 9861126356. D-70435

Divorcee bride Bank manager 35, Business 42 (Caste-no-bar)-7873374269. D-69700

ସରକାରୀ ଚାକିରି କରୁଥିବା 31 ବର୍ଷୀୟ ଖଣ୍ଡାୟତ ଝିଅ ପାଇଁ ଭୁବନେଶ୍ୱରରେ ସରକାରୀ ଚାକିରି କରିଥିବା ବରପାତ୍ର ଆବଶ୍ୟକ। (M): 8908387853. D-20202

Khandayat girl MBA 1993 5'1" established family required suitable service holder/ Businessman. SANGAAM, 9338224867, 8249768787. D-70437




**SALE**

**Residential land/ plot immediately sale, 3000sft. at Jharpada, (near Puri bypass) Bhubaneswar, please contact- DEEPAK- 9937329999.** D-69978

Own gharabari plot sale, near Nissan Showroom, Pahal, Bhubaneswar, plan approved, Bank finance available. 9658609631. D-70557

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-20218

Gharabari plot at Kesura Bhubaneswar-Puri by-pass & Bhingarpur, Ku-runti- Balianta, Duplex at Atala : 9337086655, 9437286655. D-69699

**12000sft. IDCO plot for immediate sale at Mancheswar Bhubaneswar. Buyers please contact- DEEPAK- 9937329999.** D-69979

Gharabari boundary plot at Aiginia Square just 100 meters from N.H. Contact: 9439778849. D-67784

**Two BHK Flat sale at Tankapani Main Road side, near Radhika Tower, SBA 1480sqft. 500meters from Ravi Talkies & 2.5km from Kalpana Square. Plz. call only buyer. 8984304650 / 6372897984.** D-20192

Sum Hospitalର ୪କି.ମି. ଘଂଘାପାଟଣାରେ 800/sqft.ରେ ପ୍ଲଟ୍ ମିଳୁଛି। 9348701671. D-70194

3BHK Flat near Lingaraj Station,, Bhubaneswar, immediate sale 56 Lakh. 7008005490. D-59983

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648.** D-20177

Genuine plot for sale with Bank Loan facility in Sundarpada, AIIMS. 8118050420. D-20210

**Newly constructed B+4F+4R building few 3BHK flats for sale near new Govt. Colony, Press Chhaka, Sainik School, prime location genuine buyer ony. Contact 10-12AM, Mobile- 9437101841.** D-20173

Bhubaneswar ସମ୍ପୂର୍ଣ୍ଣସ୍ପିଟାଲ ଗୋଠପାଟଣା ନିକଟରେ plot କିଣି ତୁରନ୍ତ ଘର କରନ୍ତୁ। sqft. 1150/-, 9861709689. D-70811

**Bhubaneswar Balianta ବାଇପାସ୍ ଛକ ନିକଟରେ residential plot sqft.900/- ବିକ୍ରିହେବ। 8018242542, 6370621085.** D-70808

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

**Bhubaneswar, Khordha NH side Pitapalli Chhaka ନିକଟରେ plot ମିଳୁଛି। 6372852525.** D-70192

**Ready to move 1BHK at DHPL Villa, One Kalarahanga. Cost 23,00000/-. Contact 9937059891.** D-20141

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

**ଜଗତ୍‌ସିଂହପୁର ଡିଷ୍ଟ୍ରିକ୍ଟ କୋର୍ଟ ନିକଟ, ତରକ୍ଷାପଡ଼ା ମୌଜା ମେନ୍ ରୋଡ୍ ପାଖରେ ପ୍ରତ୍ୟେକ ପ୍ଲଟ୍‌କୁ ବିଦ୍ୟୁତ୍ ସଂଯୋଗ ଓ 20 ରାସ୍ତା ଥାଇ ଘରବାରି ଜାଗା ବିକ୍ରିହେବ। ଯୋଗାଯୋଗ- 7325800846.** D-70556

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

**GENERAL SALE**

Two 1.5ton carrier window A.C. domestically used in good running condition, sale Rs. 18,000/- each. Contact Mo- 8458080690. D-20205




**3BHK duplex with 2Hall & vacant space having own transformer suitable for Godown/ Institute/ small scale industries up for long term lease near Tamando, Bhubaneswar. 9437014718, 9040012316.** D-69490

2 Bed rooms house TOLET only Family at NILADRI NAGAR, KESURA CHHAK, Bhubaneswar. Contact: 9937746610, 9437107010. D-20226

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

House rooms for girls hostel purposes for College Institute. 8917525377. D-20224

**Both Ground and First floor house with 3Bedrooms to be rent for Family/ Official use at Nageswartangi residential area, BBSR-2. Contact: 9937833737.** D-20190

1500sqft. hall rent Rs. 50,000/- for Office near Panthanivas. 9114699615. D-59877




Shivam logistic packers movers. Household/ car relocation countrywide. 9777044177, 9338461133. D-20160




Swarna SPA newly open positively health benefits with expert therapist. 9556978408. D-70551

Zen SPA positively health benefits with experts therapeutic genuinely massage. 7205084157. D-70554

New opening Saikrupa Panchakarma and SPA jointpain, fullbody massage, 8984068077. D-65913

Refreshing your mind & body with best therapy at Lotus SPA. 8018234866. D-59981

Ayurvedic full body massage by experienced (M/F) therapist. 7008773793, 8018656899. D-59982




**Install white lable ATM in your free space and monthly earn 20000/- to 80,000/- (Agent invited). 7064182517.** D-70553

SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000-35000/- +Laptop+ Mobile + other facilities free (Part/ fulltime). 9667693638, 9667693639. D-70558

**AFFIDAVIT**

I, Bhagaban Sukri, employed as TEC (C-W) Grade-II at East Coast Railway, Koraput wants to change my name from Bhagaban Sukri to BHAGABAN PATRA by virtue of affidavit before Executive Magistrate, Koraput dated 09.02.2021. D-20237

**ପାଠକଙ୍କ ପାଇଁ ସୂଚନା**
ଖ୍ୟାତିପତ୍ରରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସେମାନଙ୍କ ବିଷୟରେ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କୌଣସି ଦାୟୀ ରହିବେ ନାହିଁ।

# ସ୍ୱାସ୍ଥ୍ୟସେବାରେ ଉତ୍କର୍ଷର ୧୫ ବର୍ଷ



**ରାଜ୍ୟରେ ଉନ୍ନତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଅଶ୍ୱିନୀ ହସ୍ପିଟାଲକୁ ୧୫ ବର୍ଷ ପୂରିଛି। ୫୦ ଶଯ୍ୟାରେ ୩ଟି ବିଭାଗକୁ ନେଇ ଆରମ୍ଭ ହୋଇଥିବା ହସ୍ପିଟାଲ ଏବେ ୩୫୦ ଶଯ୍ୟାରେ ପହଞ୍ଚିଛି। ଅଶ୍ୱିନୀ ହସ୍ପିଟାଲ ଗ୍ରୁପ୍‌ରେ ମୁଖ୍ୟ ଚିକିତ୍ସାଳୟ, ଅଶ୍ୱିନୀ ଟ୍ରମା ସେଣ୍ଟର ଏବଂ ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲ ସମେତ ଅଶ୍ୱିନୀ ନର୍ସିଂ ସ୍କୁଲ ଓ କଲେଜ ଅନ୍ତର୍ଭୁକ୍ତ। ଏହାବ୍ୟତୀତ ବଡ଼ କର୍ପୋରେଟ ଶିଳ୍ପାଞ୍ଚଳଗୁଡ଼ିକରେ ପ୍ରାଥମିକ ଚିକିତ୍ସା ସଂସ୍ଥାମାନ ମଧ୍ୟ ଚାଲିଛି। ସ୍ୱାସ୍ଥ୍ୟ ପରୀକ୍ଷାଠାରୁ ଆରମ୍ଭ କରି ପ୍ରାଥମିକ ତଥା ତୃତୀୟସ୍ତରୀୟ ଚିକିତ୍ସା ଅଶ୍ୱିନୀ ହସ୍ପିଟାଲ ଗ୍ରୁପ୍ ଅଧୀନରେ ରହିଛି। ଏହି ୧୫ ବର୍ଷର ଯାତ୍ରା ଚ୍ୟାଲେଞ୍ଜିଂ ହୋଇଥିଲେ ବି ସନ୍ତୋଷଜନକ ବୋଲି କୁହନ୍ତି ଅଶ୍ୱିନୀ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡକ୍ଟର ସୁବ୍ରତ କୁମାର ଜେନା।**

**ଅଶ୍ୱିନୀ ହସ୍ପିଟାଲର ସ୍ୱତନ୍ତ୍ରତା କ'ଣ ?**
ଏକ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ଭାବେ ଅଶ୍ୱିନୀ ହସ୍ପିଟାଲରେ ପ୍ରାୟ ସବୁ ପ୍ରକାର ଚିକିତ୍ସା ଉପଲବ୍ଧ। ସ୍ୱତନ୍ତ୍ର ବ୍ୟବସ୍ଥା କହିଲେ ଏଠାରେ ରହିଛି ସ୍ନାୟୁ ଚିକିତ୍ସା, ହୃଦବକ୍ଷଶଲ୍ୟ ଚିକିତ୍ସା, ଟ୍ରମା କେୟାର, ପଲମୋନାରି ଏବଂ କ୍ରିଟିକାଲ କେୟାର ବିଭାଗ। ନିକଟରେ କରୋନା ସଂକ୍ରମିତଙ୍କ ଚିକିତ୍ସା ପାଇଁ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ ସେଣ୍ଟର ଅଫ ଏକ୍ସଲେନ୍ସ ମାନ୍ୟତା ପାଇଛି।

**କରୋନା ମହାମାରୀ ସମୟରେ ହସ୍ପିଟାଲ ସେବା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ କିପରି ଥିଲା ?**
ଅଶ୍ୱିନୀ ହସ୍ପିଟାଲ ଗ୍ରୁପ୍‌ର ୩ଟି ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲ ସରକାରଙ୍କ ସହାୟତାରେ ଚାଲିଥିଲା। ଆମେ ମୋଟ ଉପରେ ୪,୫୦୦ କମ୍ପ୍ଲିକେଟେଡ୍ କୋଭିଡ୍ କେସ୍‌ର ଚିକିତ୍ସା କରିଛୁ। ଆମ ସେବା ପ୍ରଣାଳୀକୁ ଡବ୍ଲ୍ୟୁଏଚ୍‌ଓ ଏବଂ ୟୁନେସ୍କୋ ଭଳି ବିଶ୍ୱସ୍ତରୀୟ ସଂସ୍ଥା ସର୍ବୋତ୍କୃଷ୍ଟ ବୋଲି ବିବେଚନା କରିଛନ୍ତି। ସ୍ୱାସ୍ଥ୍ୟସେବା ସଂଲଗ୍ନ ଯେକୌଣସି ସମସ୍ୟାକୁ ସୁଚାରୁ ରୂପେ ସମାଧାନ କରିବା ଦକ୍ଷତାକୁ କରୋନା ଚିକିତ୍ସା କରି ଆମେ ପ୍ରତିପାଦିତ କରିଛୁ।

**ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଣରେ ହସ୍ପିଟାଲ କେମିତି କାମ କରୁଛି ?**
ଘରୋଇ ସ୍ୱାସ୍ଥ୍ୟସେବା ସରକାରୀ ସ୍ୱାସ୍ଥ୍ୟସେବା ତୁଳନାରେ ମହଙ୍ଗା ହେବା ସ୍ୱାଭାବିକ। କାରଣ ସମସ୍ତ ବ୍ୟବସ୍ଥା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଅର୍ଥ ବିନିଯୋଗ କରିବାକୁ ପଡ଼େ। ସରକାରଙ୍କ ତରଫରୁ ଘରୋଇ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସ୍ୱତନ୍ତ୍ର ରିହାତି ମିଳିଲେ ଘରୋଇ ସ୍ୱାସ୍ଥ୍ୟସେବାକୁ ସୁଲଭ କରାଯାଇପାରିବ। ଅଶ୍ୱିନୀ ହସ୍ପିଟାଲ ଗ୍ରୁପ୍‌ର ୩ଟି ପ୍ରଧାନ ହସ୍ପିଟାଲରେ ଇଏସ୍‌ଆଇ, ସିଜିଏଚ୍‌ଏସ୍ ଏବଂ ବିଏସ୍‌କେୱାଇ ଲାଗୁ ହୋଇଛି। ତେଣୁ ଗରିବ ତଥା ସ୍ୱଳ୍ପ ଆୟକାରୀ ବର୍ଗର ଲୋକଙ୍କ ପାଇଁ ଏଠାରେ ମାଗଣା ସ୍ୱାସ୍ଥ୍ୟସେବା ସରକାର ବନ୍ଦୋବସ୍ତ କରିଛନ୍ତି।

**ଆଗାମୀ ଯୋଜନା ସବୁ କ'ଣ ରହିଛି ?**
କ୍ରମବର୍ଦ୍ଧିଷ୍ଣୁ ଶ୍ୱାସରୋଗଜନିତ ଭୟକୁ ଆଖିରେ ରଖି ଅଶ୍ୱିନୀ ହସ୍ପିଟାଲ ଗ୍ରୁପ ଭୁବନେଶ୍ୱରଠାରେ ଅଶ୍ୱିନୀ ଲଗ୍‌ସ ଇନ୍‌ଷ୍ଟିଚ୍ୟୁଟ ପ୍ରତିଷ୍ଠା କରିଛି। ଭାରତରେ ଶ୍ୱାସଜନିତ ରୋଗ ତୃତୀୟ ଘାତକ ରୋଗ ରୂପେ ବିବେଚିତ ହୋଇଛି। ତେଣୁ ଅଶ୍ୱିନୀ ଲଗ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ସବୁପ୍ରକାର ଶ୍ୱାସ ରୋଗର ପରୀକ୍ଷା ନିରୀକ୍ଷା ତଥା ଚିକିତ୍ସା ପାଇଁ ସମର୍ପିତ। ଏଠାରେ କୋଭିଡ୍ ବିଷୟରେ ସବୁଠାରୁ ଅଭିଜ୍ଞ ଡାକ୍ତରମାନେ ନିୟୋଜିତ ହୋଇଛନ୍ତି।

**ଏହି କ୍ଷେତ୍ର ଲାଗି ସରକାରଙ୍କଠାରୁ କେମିତି ସହାୟତା ରହିଛି ?**
ସରକାରଙ୍କ ସାହାଯ୍ୟ ଓ ପ୍ରୋତ୍ସାହନ ନ ମିଳିଲେ କୌଣସି ସଂସ୍ଥା ସୁଚାରୁ ରୂପେ ଚାଲିପାରିବ ନାହିଁ। ଆମେ କେତୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ ସମସ୍ୟା ହାତକୁ ନେଇଛୁ। ନିଃଶୁଳ୍କ ଗ୍ରହଣଖଣ୍ଡିଆ ରୋଗୀଙ୍କ ଚିକିତ୍ସା, ରାସ୍ତା ଦୁର୍ଘଟଣାର ପ୍ରଥମ ୪୮ ଘଣ୍ଟାର ନିଃଶୁଳ୍କ ଚିକିତ୍ସା, କୋଭିଡ୍ ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ଚିକିତ୍ସା ଓ ନିଦାନ ସରକାରଙ୍କ ଦ୍ୱାରା ଆମ ହସ୍ପିଟାଲରେ ସମ୍ଭବ ହୋଇଛି। ଏହିଭଳି ଅନେକ ଜରୁରିକାଳୀନ ତଥା ବ୍ୟୟବହୁଳ ଚିକିତ୍ସା ପାଇଁ ସରକାରୀ ସାହାଯ୍ୟ ମିଳିଲେ ଅଧିକ ଉତ୍ସାହର ସହିତ ସେବା ଯୋଗାଇଦେବାକୁ ସକ୍ଷମ ହେବୁ।

**ଆଗକୁ ଆସୁଥିବା ଚ୍ୟାଲେଞ୍ଜ ନେଇ କିପରି ପ୍ରସ୍ତୁତ ହେବା?**
ସାଧାରଣ କ୍ଷେତ୍ରରେ ସ୍ୱଚ୍ଛତା, ସାମାଜିକ ଦୂରତ୍ୱ, ହାତ ଧୋଇବା, ମାସ୍କ ପିନ୍ଧିବା ଭଳି ସାଧାରଣ ସ୍ୱାସ୍ଥ୍ୟ ରକ୍ଷା ନିୟମ ପାଳନ କଲେ ଭୟଙ୍କର ରୋଗଗୁଡ଼ିକରୁ ମୁକ୍ତି ମିଳିବ। ଏହା ହେଉଛି କରୋନା ମହାମାରୀର ବଡ଼ ଶିକ୍ଷା। ଆଗକୁ ଆସୁଥିବା ଏଭଳି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିପତ୍ତିକୁ ସାମ୍ନା କରିବା ପାଇଁ ଆମର ତଥା ସରକାରଙ୍କ କର୍ତ୍ତବ୍ୟ ରହିଛି। ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି, ସରକାରୀ ତଥା ବେସରକାରୀ ସ୍ୱାସ୍ଥ୍ୟ ସଙ୍ଗଠନଗୁଡ଼ିକର ମିଳିତ ପ୍ରଚେଷ୍ଟା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ଉନ୍ନତି ନିମିତ୍ତ ଆବଶ୍ୟକ ପଦକ୍ଷେପ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନଚେତ୍ ଆଉ ଥରେ କରୋନା ଭଳି ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି।

# ଗ୍ରାହକଙ୍କ ରୁଚିକୁ ଦେଖି ସେବା



**ଜଗନ୍ନାଥ ଧାମ ପୁରୀ ହୋଟେଲ ଶିଳ୍ପ ପାଇଁ ବେଶ୍ ପରିଚିତ। ଏହି ସଂସ୍କୃତି ଓ ଐତିହ୍ୟସମ୍ପନ୍ନ ସହରରେ ୧୯୮୦ ଦଶକରେ ସ୍ୱର୍ଗତ ଲଡୁଗୋପାଳ ପାତ୍ର ହୋଟେଲ ହଲିଡେ ରିସର୍ଟ ପ୍ରତିଷ୍ଠା କରିଥିଲେ। ସେହି ସମୟରେ ବାପାଙ୍କ ସହ ହଲିଡେ ରିସର୍ଟକୁ ଯାଉଥିବାବେଳେ ହୋଟେଲ ଶିଳ୍ପ ପ୍ରତି ଆଗ୍ରହ ଜନ୍ମିଥିଲା ମନରେ। ପରବର୍ତ୍ତୀ ସମୟରେ ବାପା ଲଡୁବାବୁ ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇ ଭୁବନେଶ୍ୱରରେ ପ୍ରତିଷ୍ଠା କଲେ ଲକ୍ଜ୍ୟୁରି ହୋଟେଲ ସାଣ୍ଡିଜ୍ ଟାୱାର। ଦଶନ୍ଧି ଧରି ଆତିଥ୍ୟ ପ୍ରଦାନ କରୁଥିବା ଏହି ପ୍ରତିଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡ.ସଞ୍ଜୀବ ପାତ୍ରଙ୍କୁ ଭେଟିଥିଲା ଧରିତ୍ରୀ।**

**ଗତ ୧୦ ବର୍ଷ ମଧ୍ୟରେ ସଂସ୍ଥାର ବିକାଶ କିପରି ହୋଇଛି?**
୨୦୧୧ରୁ ଆରମ୍ଭ ହୋଇଥିବା ଏହି ତାରକା ହୋଟେଲ ଜଗନ୍ନାଥଙ୍କ କୃପା ଓ ଗ୍ରାହକଙ୍କ ଭଲପାଇବା ଯୋଗୁ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଛି। ମୋର କଠିନ ପରିଶ୍ରମ, କର୍ମଚାରୀଙ୍କ ଗ୍ରାହକ ସମ୍ପର୍କ, ହୋଟେଲର ରୁଚିକର ଖାଦ୍ୟ ପରିବେଷଣ ଏବଂ ବିଭିନ୍ନ ସଂସ୍ଥାର ସହଯୋଗରେ ହୋଟେଲର ଉତ୍ତରୋତ୍ତର ଉନ୍ନତି ହୋଇଛି। ବାପାଙ୍କ ବୃତ୍ତିକୁ ମୁଁ ବ୍ରତ ଭାବରେ ଗ୍ରହଣ କରିନେଇଛି। ଫଳରେ କମ୍ ସମୟରେ ହୋଟେଲ ସାଣ୍ଡିଜ୍ ଟାୱାର ଗ୍ରାହକଙ୍କ ହୃଦୟରେ ଜାଗାଟିଏ କରି ବଡ଼ ପ୍ରତିଦ୍ୱନ୍ଦ୍ୱୀଙ୍କ ସମକକ୍ଷ ହୋଇପାରିଛି। ଗ୍ରାହକଙ୍କ ଚାହିଦା ଅନୁସାରେ ସେବା ଯୋଗାଇବାକୁ ମୂଳମନ୍ତ୍ର ବୋଲି ଧରି ନେଇଛି।

**୨୦୨୧-୨୨ ଆର୍ଥିକ ବର୍ଷର କାରବାର ପାଇଁ ଯୋଜନା କ'ଣ?**
ଗତବର୍ଷ ଅପେକ୍ଷା ଚଳିତବର୍ଷର ବ୍ୟବସାୟ ପ୍ରାୟ ୬୦% ହ୍ରାସ ପାଇଛି। ଏହାର ଭରଣା ସହିତ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆଉ କିଛି ଲକ୍ଷ୍ୟ ପୂରଣ ହେବ ବୋଲି ଅନୁମାନ। ସ୍ଥିତିରେ ସୁଧାର ଆସିଲେ ସଂସ୍ଥାର ବିକାଶ ସହ ଗ୍ରାହକଙ୍କ ପସନ୍ଦ ମୁତାବକ ସେବା ଓ ସୁବିଧା ଯୋଗାଇଦେବୁ। ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସଂସ୍ଥାର ଶାଖା ଖୋଲିବା ପାଇଁ ଆଶା ରହିଛି। ସବୁ ସେହି କାଳିଆର ଇଚ୍ଛା।

**କାରବାର ଓ କର୍ମଚାରୀଙ୍କ ଉପରେ ମହାମାରୀର ପ୍ରଭାବ କିପରି ପରିଲକ୍ଷିତ ହୋଇଛି?**
୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ କାରବାର ମୋଟ ଉପରେ ମାନ୍ଦା ଥିଲା। କରୋନା କଟକଣା ସାଙ୍ଗକୁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଏବଂ ଗ୍ରାହକଙ୍କ ଆଗ୍ରହ ହ୍ରାସ ଯୋଗୁ ବ୍ୟବସାୟ ଏକପ୍ରକାର ଠପ ହୋଇଯାଇଥିଲା। ନଭେମ୍ବରରୁ ସ୍ଥିତିରେ ସୁଧାର ଆସିଥିଲେ ହେଁ ଡିସେମ୍ବର ଶେଷ ସୁଦ୍ଧା ଆଶାନୁରୂପ ଅଭିବୃଦ୍ଧି ହୋଇପାରନାହିଁ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪୦% ପର୍ଯ୍ୟନ୍ତ ଅଭିବୃଦ୍ଧି ସମ୍ଭାବନା ରହିଛି। କରୋନା ପାଇଁ କାର୍ଯ୍ୟକ୍ରମ ଓ ସଭା ସମିତି ବନ୍ଦ ରହିଥିବାରୁ ଏହା ସଂସ୍ଥା ପାଇଁ କ୍ଷତି ପହଞ୍ଚାଇଥିଲା। ମହାମାରୀରେ କର୍ମଚାରୀଙ୍କୁ ସେଭଳି କିଛି ସମସ୍ୟାର ସମ୍ମୁଖୀନ ହେବାକୁ ସଂସ୍ଥା ଦେଇନାହିଁ।

**ସାଧାରଣ ବଜେଟ ହୋଟେଲ ଶିଳ୍ପକୁ କେତେ ସହାୟକ ହେବ?**
ଏହା ଏକ ଭଲ ବଜେଟ। ଆଗକୁ ହୋଟେଲ ଶିଳ୍ପ ପାଇଁ ସହାୟକ ହୋଇପାରେ। କାରବାର ଅଭିବୃଦ୍ଧି ଘଟିବା ଆଶା ଅଛି। ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରଠାରୁ ତାରକା ହୋଟେଲ ପ୍ରତି ଗ୍ରାହକଙ୍କ ଚାହିଦା ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି। ଏ ସମ୍ପର୍କରେ ସଂଘ ମଧ୍ୟ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଛି। ସରକାର ଜିଏସ୍‌ଟି ପରିମାଣ ଉପରେ ବିଚାର କଲେ ହୋଟେଲ ବ୍ୟବସାୟୀ ଉପକୃତ ହେବେ।

**କାହାକୁ ଆଖି ଆଗରେ ରଖି ବ୍ୟବସାୟ କରୁଛନ୍ତି? ଗ୍ରାହକଙ୍କ ପାଇଁ କେଉଁ କେଉଁ ଖାଦ୍ୟ ଉପଲବ୍ଧ ରହିଛି?**
ସାଣ୍ଡିଜ୍‌ଟାୱାରର ସ୍ୱତନ୍ତ୍ର ଏକ ଯୋଜନା ରହିଛି। ସଂସ୍ଥା ସବୁବେଳେ ସରକାରୀ କାର୍ଯ୍ୟକ୍ରମ ସାଙ୍ଗକୁ କର୍ପୋରେଟ ହାଉସ୍ ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆଦିକୁ ଦୃଷ୍ଟିରେ ରଖି କାରବାର କରୁଛି। ସଂସ୍ଥାର ଗ୍ରାହକ ସମ୍ପର୍କ ଓ ଖାଦ୍ୟ ଓଡ଼ିଶାର ଘରେ ଘରେ ପରିଚିତ। ସେହିପରି ସଂସ୍ଥା ପ୍ରତି ଗ୍ରାହକଙ୍କ ବିଶ୍ୱାସ ଓ ଭରସା ରହିଛି। ଦୀର୍ଘ ୧୦ ବର୍ଷ ଧରି ପ୍ରିୟ ଗ୍ରାହକ ସେବାରେ ଆମେ ସମର୍ପିତ। ଏଠାରେ ସବୁ ବର୍ଗର ଲୋକଙ୍କ ପାଇଁ ଓଡ଼ିଆ ଖାଦ୍ୟ ସମେତ ଚାଇନିଜ୍, ଜାପାନିଜ୍, କଣ୍ଟିନେଣ୍ଟ, ହାଇଦ୍ରାବାଦୀ ଭଳି ଖାଦ୍ୟ ମେନୁ ସହ ଆମ ରାଜ୍ୟର ବ୍ୟଞ୍ଜନ, ଓଡ଼ିଆ ଓ ବେଙ୍ଗଲୀ ଥାଳିର ପସରା ଉପଲବ୍ଧ।

**ସାଣ୍ଡିଜ୍ ଟାୱାରର ସଫଳତା ପଛରେ କାହାର ହାତ ବେଶି ରହିଛି?**
ସଂସ୍ଥାର ସଫଳତା ପଛରେ ମୋ ବାପା (ଲଡୁ ବାବୁ), ଆମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପରିବାରର ହାତ ରହିଛି। କର୍ମଚାରୀଙ୍କ ଲୋକସମ୍ପର୍କ ସହିତ ସାଧୁତା ଓ ପରିଶ୍ରମ ମଧ୍ୟ ଅନେକାଂଶ ରହିଛି।



ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ନିକଟ କ୍ଲବ୍ ପରିସରରେ ଶନିବାର ଅନୁଷ୍ଠିତ ଅର୍ଗାନିକ ଫେୟାରରେ ଲୋକମାନେ ପରିବା ଓ ବିଭିନ୍ନ ସାମଗ୍ରୀ କିଣୁଛନ୍ତି।

# ୩୭ ବର୍ଷ ପରେ ଫେରାର ଡକାୟତ ଗିରଫ

**ପାଟକୁରା, ୧୩।୩(ଡି.ଏନ.ଏ.)**

କମିଶନରେଟ୍ ପୋଲିସ ବହୁଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣବଳାତ୍କାର ଘଟଣାର ୨୨ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କୁ ଗିରଫ କରିଥିଲା। ଏହି ଚର୍ଚ୍ଚା ସରି ନ ଥିବା ବେଳେ କେନ୍ଦ୍ରାପଡା ଜିଲା ପାଟକୁରା ଥାନା ପୋଲିସ ଜଣେ ଡକାୟତଙ୍କୁ ୩୭ ବର୍ଷ ପରେ ଗିରଫ କରିଛି। ସେ ହେଲେ ପାଟକୁରା ଥାନା ପଳସୁଧା ଗ୍ରାମପଞ୍ଚାୟତ ଅଧୀନ ଭଦିଲୋ ଗ୍ରାମର ଅକ୍ଷୟ ଜେନା (୫୫)।

- ୧୯୮୪ ମସିହା ଡକାୟତି ଘଟଣାରେ ସମ୍ପୃକ୍ତ ଥିଲେ
- ସେତେବେଳେ ଅଭିଯୁକ୍ତଙ୍କ ବୟସ ୧୮ ବର୍ଷ ହୋଇଥିଲା
- ଗତ କିଛିଦିନ ହେବ ଘରେ ରହୁଥିଲେ

୧୯୮୪ ମସିହାରେ ଯାଜପୁର ରୋଡ଼ ଥାନା ଅଞ୍ଚଳରେ ଏକ ଡକାୟତି ଘଟଣା ଘଟିଥିଲା। ସେହି ଘଟଣାରେ ଅକ୍ଷୟ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ସେତେବେଳେ ଅକ୍ଷୟଙ୍କ ବୟସ ୧୮ ବର୍ଷ ଥିଲା। ଜେଏମ୍‌ଏଫ୍‌ସି ଯାଜପୁର ରୋଡରେ ଏହି ମାମଲାର ଚାର୍ଜସିଟ ପୋଲିସ ଦାଖଲ କରିଥିଲା। ଜିଆର କେସ ନଂ- ୩୫୦/୮୪, ୪୫୭, ୩୯୫, ୩୪ ଧାରାରେ ମାମଲା ରୁଜୁ ହୋଇଥିଲା। ସେଦିନଠାରୁ ଅକ୍ଷୟ ଫେରାର ଥିଲେ। ତାଙ୍କ ନାମରେ ୱାରେଣ୍ଟ ଇସ୍ୟୁ କରାଯାଇଥିଲା। ତାଙ୍କୁ ଗିରଫ କରିବା ପାଇଁ କୋର୍ଟ ପାଟକୁରା ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ପୋଲିସ ଅଧିକାରୀମାନେ ତାଙ୍କୁ ଗିରଫ କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସଫଳତା ପାଇ ନ ଥିଲା। ଗତ କିଛିମାସ ହେବ ଅକ୍ଷୟ ନିଜ ଘରେ ରହୁଥିବା କୌଣସି ସୂତ୍ରରୁ ପୋଲିସ ଖବର ପାଇବା ପରେ ତାଙ୍କୁ ଗିରଫ ପାଇଁ ଯୋଜନା ଆରମ୍ଭ କରିଥିଲା। ଶୁକ୍ରବାର ପାଟକୁରା ଥାନା ଆଇଆଇସି ସୁଜିତ ପ୍ରଧାନଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ମହାନ୍ତି ଓ ଭାଗ୍ୟଲକ୍ଷ୍ମୀ ଦାସ ସଦଳବଳ ତାଙ୍କ ଘର ଉପରେ ଚଢ଼ାଉ କରି ଅକ୍ଷୟଙ୍କୁ ଗିରଫ କରିଥିଲେ। ଶନିବାର ଅକ୍ଷୟଙ୍କୁ କୋର୍ଟରେ ହାଜର କରାଯାଇଛି।

# ହଷ୍ଟେଲ ଛାତ୍ରୀ ଗର୍ଭବତୀ, ଅଭିଯୁକ୍ତ ଗିରଫ

**ବିଷମକଟକ, ୧୩।୩:** ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ କେବିକେ ହଷ୍ଟେଲର ଜଣେ ଅନ୍ତେବାସୀ ଗର୍ଭବତୀ ଥିବା ସନ୍ଦେହ ହେବାରୁ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେ ୪ମାସର ଗର୍ଭବତୀ ଥିବା ଜଣାପଡ଼ିବା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଷମକଟକ ଥାନାରେ ଏତଲା ଦେଇଥିଲେ। ତଦନ୍ତ ପରେ ଅଭିଯୁକ୍ତ ଗଗନମୋତି ଗ୍ରାମର ମିଥୁନ ସାମ୍ବୁରୁକା(୧୯)ଙ୍କୁ ପୋଲିସ ଶନିବାର ଗିରଫ କରିଛି। ୩୫/୨୧ରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷମକଟକ ଥାନାଧିକାରୀ ଯଶୱନ୍ତ ହିଆଲ ସୂଚନା ଦେଇଛନ୍ତି।


**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର**
ନୀଳକଣ୍ଠନଗର, ବ୍ରହ୍ମପୁର - ୨, ଗଞ୍ଜାମ
ଫୋନ: ୯୩୩୭୭୭୦୨୬୬, ୮୯୧୭୫୯୧୪୫୫, ୮୦୯୩୮୮୮୩୬୪

**ନାମଲେଖା ବିଜ୍ଞାପନ**

ଦ୍ୱିତୀୟ ଶ୍ରେଣୀଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ମେଧା ଅନ୍ୱେଷଣ ପରୀକ୍ଷା ନିମନ୍ତେ ଫର୍ମ ବିକ୍ରି ଆସନ୍ତା ତା୧୫।୦୩।୨୦୨୧ରିଖଠାରୁ ତା୨୫।୦୩।୨୦୨୧ରିଖ ପର୍ଯ୍ୟନ୍ତ ବିଦ୍ୟାଳୟ କାର୍ଯ୍ୟାଳୟରେ ମିଳିବ। ବିଶଦ୍ ବିବରଣୀ ନିମନ୍ତେ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ସ୍ୱା./- ସମ୍ପାଦକ

ବି.ଦ୍ର.: ଅଷ୍ଟମ ଶ୍ରେଣୀଠାରୁ Hostel ବ୍ୟବସ୍ଥା ଏବଂ ୨ୟ ଶ୍ରେଣୀଠାରୁ ବସ୍ ବ୍ୟବସ୍ଥା ଅଛି।


# ଟିଏମ୍‌ସିରେ ଯଶୱନ୍ତ ସିହ୍ନା

**କୋଲକାତା, ୧୩।୩**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦୁଇ ସପ୍ତାହ ପୂର୍ବରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା ଶନିବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ଯୋଗଦେଇଛନ୍ତି। ୮୩ ବର୍ଷୀୟ ସିହ୍ନା ୨୦୧୮ରେ ଭାଜପା ଛାଡ଼ିଥିଲେ। ଟିଏମ୍‌ସିରେ ତାଙ୍କ ଯୋଗଦାନ ଏହି ନିର୍ବାଚନରେ ମମତା ବାନାର୍ଜୀଙ୍କ ପାଇଁ ବଡ଼ ସଫଳତା ହେବ ବୋଲି କୁହାଯାଉଛି। କୋଲକାତାର ତୃଣମୂଳ ଭବନରେ ସିହ୍ନା ଟିଏମ୍‌ସିର ବରିଷ୍ଠ ନେତା ଡେରେକ୍ ଓ'ବ୍ରିଏନ୍, ସୁଦୀପ ବନ୍ଦୋପାଧ୍ୟାୟ ଏବଂ ସୁବ୍ରତ ମୁଖାର୍ଜୀଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିଲେ। ଏହା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ କରିଥିଲେ।

ସମ୍ପ୍ରତି ଦେଶ ଅଭୂତପୂର୍ବ ସ୍ଥିତିର ସମ୍ମୁଖୀନ ହୋଇଛି। ଗଣତନ୍ତ୍ରର ଶକ୍ତି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଶକ୍ତିରେ ନିହିତ ରହିଥାଏ। ଏବେ ନ୍ୟାୟପାଳିକା ସମେତ ଏହିସବୁ ଅନୁଷ୍ଠାନ ଦୁର୍ବଳ ହୋଇପଡ଼ିଥିବା ସିହ୍ନା କହିଥିଲେ। ଖବରଦାତା ସମ୍ମିଳନୀରେ ସେ ଚାଷୀ ଆନ୍ଦୋଳନ, ଚାଇନା ସହ ସୀମାନ୍ତ ପରିସ୍ଥିତି ଆଦି ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। ସେ ଅଟଳ ବିହାରୀ ବାଜପେୟୀ ସରକାର ଏବଂ ବର୍ତ୍ତମାନର ନରେନ୍ଦ୍ର ମୋଦି ସରକାର ମଧ୍ୟରେ ରହିଥିବା ତାରତମ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ବାଜପେୟୀଙ୍କ ସରକାରରେ ସିହ୍ନା ଗୁରୁତ୍ୱପୂର୍ଣ୍ଣ ବହିର୍ବ୍ୟାପାର ଓ ଅର୍ଥ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। ବର୍ତ୍ତମାନର ସରକାର ଯେଉଁ ଭୁଲ୍ ରାସ୍ତାରେ ଯାଉଛନ୍ତି, ତାଙ୍କୁ ଅଟକାଇବାକୁ କେହି ନାହାନ୍ତି। ବାଜପେୟୀଙ୍କ ସମୟରେ ଭାଜପା ସହମତିରେ ବିଶ୍ୱାସ କରୁଥିଲା। ବର୍ତ୍ତମାନର ସରକାର ଦମନ କରିବା ଓ ଜିତିବା ଉପରେ ବିଶ୍ୱାସ କରୁଛନ୍ତି। ଅକାଳୀ ଦଳ ଏବଂ ବିଜୁ ଜନତା ଦଳ (ବିଜେଡି) ଭାଜପାଠାରୁ ଦୂରେଇ ଯାଇଛନ୍ତି। ସେମାନଙ୍କ ସହ ଏବେ କିଏ ଅଛନ୍ତି ବୋଲି ସିହ୍ନା ପ୍ରଶ୍ନ କରିଥିଲେ। ନିର୍ବାଚନ କମିଶନ ଆଉ ନିରପେକ୍ଷ ହୋଇ ରହି ନ ଥିବା ସେ କହିଥିଲେ।

ପଶ୍ଚିମବଙ୍ଗ ନିର୍ବାଚନରେ ମମତାଙ୍କୁ ହଟାଇ କ୍ଷମତା ଦଖଲ କରିବାକୁ ଚାହୁଁଥିବା ଭାଜପା ଟିଏମ୍‌ସିର ବହୁ ତୁଙ୍ଗ ନେତାଙ୍କୁ ନେବାରେ ସକ୍ଷମ ହୋଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଯଶୱନ୍ତ ସିହ୍ନା ଟିଏମ୍‌ସିରେ ଯୋଗଦେଇ ଦଳବଦଳ ଯେ ଉଭୟ ପଟକୁ ହୋଇଥାଏ, ତାହାର ଉଦାହରଣ ପାଲଟିଛନ୍ତି। ୧୯୬୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ଯଶୱନ୍ତ ୧୯୮୪ରେ ରାଜନୀତିକୁ ଆସିଥିଲେ। ସେ ଚାକିରି ଛାଡ଼ି ପ୍ରଥମେ ଜନତା ଦଳ ଓ ପରେ ଭାଜପାରେ ଯୋଗଦେଇଥିଲେ। ଗତ ଶତାବ୍ଦୀର ମଧ୍ୟଭାଗରେ ଭାଜପାରେ ପିଢ଼ି ପରିବର୍ତ୍ତନ ସହ ସିହ୍ନାଙ୍କୁ ଅଣଦେଖା କରାଯାଇଥିଲା। ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମାଲୋଚକ ହେବା ସହ ପରବର୍ତ୍ତୀ ସମୟରେ ଦଳ ଛାଡ଼ିଥିଲେ।



ଯଶୱନ୍ତ ସିହ୍ନା

- ଏବେ ନ୍ୟାୟପାଳିକା ଓ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଦୁର୍ବଳ ହୋଇଯାଇଛି
- ଭୁଲ୍ ରାସ୍ତାରେ ଯାଉଥିବା ମୋଦି ସରକାରଙ୍କୁ ଅଟକାଇବା ପାଇଁ କେହି ନାହାନ୍ତି

**'କାନ୍ଦାହାର ଅପହୃତଙ୍କ ବଦଳରେ ନିଜେ ପଣବନ୍ଦୀ ହେବାକୁ ଚାହିଁଥିଲେ ମମତା'**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୧୯୯୯ କାନ୍ଦାହାର ବିମାନ ଅପହରଣ ବେଳେ ଯାତ୍ରୀମାନଙ୍କୁ ଛାଡ଼ିଦେବା ପାଇଁ ଆତଙ୍କବାଦୀମାନଙ୍କୁ ଅନୁରୋଧ କରିଥିଲେ। ମମତା ଜଣେ ସଂଗ୍ରାମୀ। ବିମାନ ଯାତ୍ରୀଙ୍କ ବଦଳରେ ନିଜେ ପଣବନ୍ଦୀ ହେବା ଲାଗି ପ୍ରସ୍ତୁତ ଥିବା ମମତା କେନ୍ଦ୍ର କ୍ୟାବିନେଟ ଆଗରେ ପ୍ରସ୍ତାବ ରଖିଥିଲେ ବୋଲି ଶନିବାର ଟିଏମ୍‌ସିରେ ଯୋଗଦେଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା କହିଛନ୍ତି।


DSPL - 240
NACO
National AIDS Control Organisation
India's Voice against AIDS
Ministry of Health & Family Welfare, Government of India
www.naco.gov.in
OSACS

ଆସନ୍ତୁ ଏଚ୍.ଆଇ.ଭି/ଏଡ୍‌ସ୍ ବିଷୟରେ ଜାଣିବା

AIDS Helpline 1097
ଜାଣନ୍ତୁ, ବୁଝନ୍ତୁ, ସୁସ୍ଥ ରୁହନ୍ତୁ।

1097 ନମ୍ବର ରେ ଫୋନ୍ କରିବା। ଏହା ନିଃଶୁଳ୍କ, 24x7 ଉପଲବ୍ଧ ଏବଂ ସମ୍ପୂର୍ଣ୍ଣ ଗୋପନୀୟ।

OIPR-10009/13/0005/2021



**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
ଆଞ୍ଚଳିକ କାର୍ଯ୍ୟାଳୟ: ଢେଙ୍କାନାଳ
ସା/ପୋ/ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) ରୁଲ - ୮(୧) ଦ୍ରଷ୍ଟବ୍ୟ

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ (୨୦୦୨ ଅର୍ଡର ୩) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୯ ସହିତ ଧାରା ୧୩(୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

୧) ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି।

୨) ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ ନିମ୍ନ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି ନିମନ୍ତେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ।

୩) **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୮ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଚଷାଗୁରୁଜାଙ୍ଗ ଶାଖା / ଆକାଉଣ୍ଟ ନଂ. / ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ |
|---|---|---|---|
| ଆକାଉଣ୍ଟ ନଂ.: ୦୫୪୪୧୩୦୪୮୦୦୦୦୦୩ (ମିଆଦୀ ଋଣ)/ ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଦିଲ୍ଲୀପ କୁମାର ସାହୁ, ପିତା: ଇନ୍ଦ୍ରମଣୀ ସାହୁ, ସା: ଉଦୟପୁର, ପୋ.: ପାଲଲହଡା, ଜିଲ୍ଲା: ଅନୁଗୁଳ-୭୫୯୧୧୯ / ଗ୍ୟାରେଣ୍ଟିଦାତା: ଶ୍ରୀ ମଦନ ମୋହନ ପ୍ରଧାନ, ପିତା: ଯୁଧିଷ୍ଠିର ପ୍ରଧାନ, ସା/ପୋ.: ପାଲଲହଡା, ଜିଲ୍ଲା: ଅନୁଗୁଳ-୭୫୯୧୧୯ | ଦିଲ୍ଲୀପ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପାଲଲହଡା, ଖାତା ନଂ.: ୩୮୨/୧୨୭୪, ପ୍ଲଟ୍ ନଂ.: ୯୪/୩୯୭୮, କ୍ଷେତ୍ର: ଏକର୦.୦୪ଡିସିମିଲି, କିସମ: ଘରବାରୀ, ଜିଲ୍ଲା: ଅନୁଗୁଳ। | ୨୮.୦୨.୨୦୨୧ ସୁଦ୍ଧା ଟ.୬,୧୫,୨୨୭/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ | ୧୦.୦୨.୨୦୨୦ / ୦୮.୦୩.୨୦୨୧ |

ସ୍ଥାନ: ଢେଙ୍କାନାଳ, ତାରିଖ : ୧୩.୦୩.୨୦୨୧ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ- ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ- ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। -ଶ୍ରୀଅରବିନ୍ଦ

# କି ପରିବର୍ତ୍ତନ ଆଣିବେ

ଆକାର ପଟେଲ

ଗତ ସାଧାରଣ ନିର୍ବାଚନରେ ପଶ୍ଚିମବଙ୍ଗରେ ୪୨ଟି ଲୋକ ସଭା ଆସନ ମଧ୍ୟରୁ ଭାଜପା ୧୮ଟି ଜିତିଥିଲା। ଏହା କାହିଁକି ବିଧାନସଭା ନିର୍ବାଚନ ନ ଜିତିବ ତାହା କହିବା ମୁସ୍କିଲ। କାରଣ ଅନ୍ୟ ଦଳ ଅପେକ୍ଷା ଭାଜପା ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଅଧିକ ସମ୍ବଳ ଯୋଗାଡ଼ କରିଛି। ଏହି ଦଳ ମଧ୍ୟ କେନ୍ଦ୍ରରେ କ୍ଷମତାରେ ରହିଛି। ପ୍ରଧାନମନ୍ତ୍ରୀ କହୁଛନ୍ତି ସେ ପଶ୍ଚିମବଙ୍ଗରେ ପରିବର୍ତ୍ତନ ଆଣିବେ। ସମ୍ଭବତଃ ସେ ଏହା ଆଣିପାରନ୍ତି। କୌତୂହଳର ବିଷୟ, ତାଙ୍କ ପାର୍ଟି କି ପରିବର୍ତ୍ତନ ଆଣିବ ତାହା ସୂଚିତ କରିନାହାନ୍ତି। ୧୯୫୧ରେ ଜନସଂଘ ପ୍ରତିଷ୍ଠା ହୋଇଥିଲା। ଜାତୀୟ କାୟାକଳ୍ପ ବା ପୁନର୍ଜୀବନ ଯଜ୍ଞ ଭଳି ଭବ୍ୟ ଓ ନିରାକାର ଅଭିବ୍ୟକ୍ତିରୁ ଆରମ୍ଭ କରି ସଂସ୍କୃତକୁ ଆଧାର କରି ଇଂଲିଶ ବଦଳରେ ଟେକ୍‌ନିକାଲ ଏବଂ ବୈଜ୍ଞାନିକ ଭିତ୍ତିକ ଶବ୍ଦ ପ୍ରଚଳନ କରିବାକୁ ଭାଷା ବିଶାରଦଙ୍କୁ କହିବା ଯାଏ, ଜନସଂଘ କିମ୍ବା ଭାଜପା ବିଭିନ୍ନ ସମୟରେ ଇସ୍ତାହାରଗୁଡ଼ିକୁ ନେଇ ଆଗକୁ ବଢ଼ିବାକୁ ଚେଷ୍ଟା କରିଆସିଛନ୍ତି। ଜନସଂଘର ବିଚାରକ ବା ଚିନ୍ତକ ଦୀନଦୟାଲ ଉପାଧ୍ୟାୟ ରାଜ୍ୟଗୁଡ଼ିକର ଅସ୍ତିତ୍ୱ ରହୁ ବୋଲି ଚାହିଁ ନ ଥିଲେ। ତାଙ୍କ ଇଣ୍ଟରନାଲ ହ୍ୟୁମାନିଜମ୍ ଲେକ୍‌ଚରଗୁଡ଼ିକରେ ସେ କହିଥିଲେ- ସମ୍ବିଧାନର ପ୍ରଥମ ପାରା ଅନୁଯାୟୀ ଇଣ୍ଡିଆ ଯାହା ଭାରତ ରାଜ୍ୟଗୁଡ଼ିକର ସଂଘ ହେବ ; ତାହା ବିହାର ମାତା, ବଙ୍ଗ ମାତା, ପଞ୍ଜାବ ମାତା, କନ୍ନଡ଼ ମାତା, ତାମିଲ ମାତା ଏ ସବୁକୁ ଏକାଠି ନେଇ ଭାରତ ମାତା ହେଉ। ଏହା ହାସ୍ୟାସ୍ପଦ। ଯଦି ଆମେ ରାଜ୍ୟଗୁଡ଼ିକୁ ସଂଘୀୟ ବ୍ୟବସ୍ଥାରୁ ବାହାର କରିଦେବା ତେବେ କେନ୍ଦ୍ର ସରକାର ଏବଂ ଗାଁ ମଧ୍ୟରେ କି ପ୍ରକାର ପ୍ରଶାସନିକ କାର୍ଯ୍ୟ କରାଯିବ ସେ ସମ୍ପର୍କରେ ସେ ଆମକୁ କହିଲେ ନାହିଁ। ପାର୍ଟି ପ୍ରଥମ ଇସ୍ତାହାରରେ କଳାବଜାରୀ, ଲାଭଖୋର ମନୋଭାବ ଏବଂ ନେପୋଟିଜମକୁ ପ୍ରମୁଖ ସମସ୍ୟା ଭାବେ ଚିହ୍ନଟ କରିଥିଲା। ପରେ ବହୁ ସମୟରେ ଜନସଂଘ ଏହି ସମସ୍ୟାଗୁଡ଼ିକ ସମ୍ପର୍କରେ କିଛି ଉଲ୍ଲେଖ କଲା ନାହିଁ। ସେଗୁଡ଼ିକ ସମାଧାନ ହୋଇଗଲା କି ପାର୍ଟି ପାଇଁ ଅପ୍ରାସଙ୍ଗିକ ହୋଇଗଲା, ତା' ବିଷୟରେ କିଛି କହିଲା ନାହିଁ। ଏହାର ପ୍ରଥମ ଇସ୍ତାହାରରେ କୃଷି ଉପରେ ପ୍ରଥମେ ଉଲ୍ଲେଖ କରି ଚାଷୀମାନଙ୍କୁ ଅଧିକ ଉତ୍ପାଦନ ପାଇଁ କଠିନ ଶ୍ରମର ଆବଶ୍ୟକତା ସମ୍ପର୍କରେ ଚାଷୀମାନଙ୍କୁ ପ୍ରଶିକ୍ଷିତ ତଥା ଉତ୍ସାହିତ କରିବାକୁ ଏକ ଦେଶବ୍ୟାପି ଅଭିଯାନ ପାଇଁ ଡାକରା ଦେଇଥିଲା। ପରେ ଏହା କୃଷିରେ ଯାନ୍ତ୍ରିକ ଉପଯୋଗକୁ ଉତ୍ସାହିତ କରିଥିଲା। କୃଷି ଜୀବନର ଗାଈକୁ ଏକ ଅର୍ଥନୈତିକ ୟୁନିଟ୍ କରିବାର ଆବଶ୍ୟକତାକୁ ଲକ୍ଷ୍ୟ କରି ୧୯୫୧ରେ ଗୋ ହତ୍ୟା ନିଷେଧ ସମ୍ପର୍କରେ ବି କହିଥିଲା। ୧୯୫୪ରେ ଏହି ବିଷୟ ଅଧିକ ଧର୍ମକୈନ୍ଦ୍ରିକ ଥିଲା ଓ କୁହାଗଲା ଯେ ଗୋ ସୁରକ୍ଷା ଏକ 'ପବିତ୍ର କର୍ତ୍ତବ୍ୟ'।

୧୯୫୪ ଏବଂ ପୁନଶ୍ଚ ୧୯୭୧ରେ ଜନସଂଘ ସଙ୍କଳ୍ପ କରିଥିଲା ଯେ, ସବୁ ଭାରତୀୟ ନାଗରିକମାନଙ୍କର ପ୍ରତି ମାସରେ ସର୍ବାଧିକ ଆୟ ୨,୦୦୦ ଟଙ୍କା ଓ ସର୍ବନିମ୍ନ ୧୦୦ ଟଙ୍କାରେ ସୀମିତ ରଖିବ। ପାର୍ଟି ମଧ୍ୟ ସହରରେ ବାସୋପଯୋଗୀ ଘରଗୁଡ଼ିକର ଆକାର କମ୍ କରିବ ଓ ୧୦୦୦ ବର୍ଗୟାର୍ଡରୁ ଅଧିକ ପ୍ଲଟକୁ ଅନୁମତି ଦେବ ନାହିଁ ବୋଲି କହିଥିଲା। ୧୯୫୪ରେ ପାର୍ଟି କହିଲା, ସମ୍ବିଧାନର ପ୍ରଥମ ସଂଶୋଧନ ଯାହା ବାକ୍‌ସ୍ୱାଧୀନତାକୁ ସୀମିତ କରୁଛି ତାହାକୁ ହଟାଇ ଦେବ। ତେବେ ୧୯୫୪ ପରେ ପ୍ରଥମ ସଂଶୋଧନ ହଟାଯିବା, ଭାରତୀୟମାନଙ୍କର ବାକ୍‌ସ୍ୱାଧୀନତା ଫେରାଇ ଅଣାଯିବା ଉପରେ ଜନସଂଘର ସଙ୍କଳ୍ପ ତା ଇସ୍ତାହାରରୁ ଅଦୃଶ୍ୟ ହୋଇଗଲା। କୌତୂହଳର ବିଷୟ ଜନସଂଘ କହିଥିଲା ଯେ, ଏହା ମଧ୍ୟ ବ୍ୟକ୍ତି ସ୍ୱାଧୀନତାର ସମ୍ପୂର୍ଣ୍ଣ ବିରୋଧୀ ପ୍ରିଭେଣ୍ଟିଭ ଡିଟେନ୍‌ଶନ ଲ'କୁ ହଟାଇ ଦେବ। ଏହି ପ୍ରକାର ଦାବି ମଧ୍ୟ ୧୯୫୦ କରାଯାଇଥିଲା। ସମୟ କ୍ରମରେ ସଂଘ ଏବଂ ଭାଜପା ପିଭେଣ୍ଟିଭ ଡିଟେନ୍‌ଶନ ଲ' ଏବଂ ୟୁଏପିଏ ଲ'ର ସବୁଠୁ ବଡ଼ ସମର୍ଥକ ହୋଇଗଲେ। ଏପରି କି ଅଯୋଧ୍ୟା କିମ୍ବା ରାମମନ୍ଦିର ଉପରେ ଜନସଂଘ ଇସ୍ତାହାରରେ ୧୯୫୧ରୁ ୧୯୮୦ ମଧ୍ୟରେ କିଛି ଉଲ୍ଲେଖ କରାଯାଇ ନ ଥିଲା। ୧୯୫୭ରେ ପାର୍ଟି ଘୋଷଣା କରିଥିଲା ଯେ, ଭାରତୀୟମାନଙ୍କ ଜୀବନଧାରଣର ମାନକୁ ଦୃଷ୍ଟିରେ ରଖି ଏହା ଅର୍ଥନୈତିକ ଧାରାରେ କ୍ରାନ୍ତିକାରୀ ପରିବର୍ତ୍ତନ ଆରମ୍ଭ କରିବ। ତେବେ ଏହା ଆଉ ଭିବିଷ୍ୟତରେ କୌଣସି ଇସ୍ତାହାରରେ କ୍ରାନ୍ତିକାରୀ ପରିବର୍ତ୍ତନର ପ୍ରସଙ୍ଗକୁ ସ୍ଥାନ ଦେଲା ନାହିଁ।

ଜନସଂଘର ପ୍ରଥମ ଇସ୍ତାହାରର କିଛି ମାସ ପୂର୍ବରୁ ଗୃହୀତ ହୋଇଥିବା ସମ୍ବିଧାନ ଉପରେ ସକାରାତ୍ମକ କିମ୍ବା ନକାରାତ୍ମକ କିମ୍ବା ଏହାର ଆଦର୍ଶ ସମ୍ପର୍କରେ ଏହା ମନ୍ତବ୍ୟ ଦେଇନାହିଁ। ଆମ୍ବେଡକର ହିନ୍ଦୁ ପର୍ଶନାଲ ଲ'ରେ ଏକ ସାଧାରଣ ପରିବର୍ତ୍ତନ କରିବା ଲାଗି ପ୍ରସ୍ତାବ ଦେଇଥିଲେ, ମୁଖ୍ୟତଃ ମହିଳାମାନଙ୍କ ଉତ୍ତରାଧିକାର ଉପରେ ଉଠୁଥିବା ପ୍ରଶ୍ନ ଉପରେ ଏଭଳି ପରିବର୍ତ୍ତନର କଥା ଉଠାଇଥିଲେ। କିନ୍ତୁ ଏହି ସଂସ୍କାରକୁ ଜନସଂଘ ଏହାର ୧୯୫୧ ଇସ୍ତାରରେ ବିରୋଧ କରିଥିଲା। ଜନସଂଘ ଏହାର ବହୁବାଦ ବା ସଂଖ୍ୟାଧିକ ସମାଜକୁ ଅଗ୍ରାଧିକାର ଦେବା ନୀତିକୁ ସ୍ପଷ୍ଟ ତଥା ଦୃଢ଼ ସ୍ୱରରେ ପ୍ରକାଶ କରିବାକୁ ଅକ୍ଷମ ଥିଲା,ଯାହା ବିଜେପି ପରେ କରିପାରିଲା। କାରଣ ମୁସଲମାନ ବିରୋଧୀ ଭାବନାକୁ ଗତିଶୀଳ କରିବା ଲାଗି ଜନସଂଘ ନିକଟରେ ସ୍ୱତନ୍ତ୍ର ଯୋଜନାର ଅଭାବ ରହିଥିଲା ; ଯଥା ବାବ୍ରି ମସଜିଦ ବିରୋଧୀ ଅଭିଯାନ ଭଳି। ଜନସଂଘର ସମ୍ପୂର୍ଣ୍ଣ କାଳ ମଧ୍ୟରେ ଏହାର କୌଣସି ଗୁରୁତ୍ୱ ବି ନ ଥିଲା। ଜାତୀୟ ସ୍ତରରେ ଗଣ ଅଭିଯାନ ଚଳାଇଲା ଭଳି ଘଟଣା ନ ଥିବାରୁ ଜନସଂଘ ପ୍ରତ୍ୟେକ ନିର୍ବାଚନରେ କିଛି କିଛି ଆସନ ପାଇ ଏକ ଗୌଣ ରାଜନୈତିକ ଦଳ ହୋଇ ରହିଗଲା। ୧୯୭୧ରେ ଶେଷଥର ଏହା ନିର୍ବାଚନ ଲଢ଼ି ୨୨ଟି ଆସନ ସହ ୭% ଭୋଟ ପାଇଥିଲା। ଏହା ସେତେବେଳେ ନିଜକୁ ୪ର୍ଥ ବୃହତ୍ ଦଳ ଭାବେ ପ୍ରତିପାଦିତ କରିପାରିଥିଲା। ଜନସଂଘ ଭଳି ଏକ କ୍ୟାଡର ଆଧାରିତ ଦଳରୁ କେବଳ ଆଡ୍‌ଭାନୀ ଏବଂ ପରେ ମୁଖ୍ୟତଃ ମୋଦିଙ୍କ ନେତୃତ୍ୱରେ ଭାଜପା ଗଣ ଆଧାରିତ ରାଜନୈତିକ ଶକ୍ତି ଭାବେ ଉଭା ହୋଇଛି। ତେବେ ଏବେ ଭାଜପା କି ପରିବର୍ତ୍ତନ ଆଣିବ ବୋଲି କହୁଛି ଓ କେଉଁ ବିଚାରଧାରାରେ ହାସଲ କରିବାକୁ ଚାହୁଁଛି।

Email:aakar.patel@gmail.com

# ସଙ୍କଟରେ ଶିମିଳିପାଳ

ଡ. ପ୍ରଫୁଲ୍ଲ କୁମାର ସାହୁ

ଶୋଭାର ଭଣ୍ଡାର ଭଞ୍ଜଭୂମି ମୟୂରଭଞ୍ଜ। ଆୟତନ ଦୃଷ୍ଟିରୁ ଓଡ଼ିଶାର ଏହି ସର୍ବବୃହତ୍ ଜିଲାର ମଧ୍ୟଭାଗରେ ଅବସ୍ଥିତ ଶିମିଳିପାଳ ଜୈବମଣ୍ଡଳ। ୨୭୫୦ ବର୍ଗ କିମି କ୍ଷେତ୍ରଫଳ ବିଶିଷ୍ଟ ଶିମିଳିପାଳ କେବଳ ଦେଶର ସର୍ବବୃହତ୍ ବିଶୁବ ମଣ୍ଡଳୀୟ ଜଙ୍ଗଲ ନୁହେଁ, ଏହା ଏସିଆ ମହାଦେଶରେ ଦ୍ୱିତୀୟ ବୃହତ୍ତମ ଅମ୍ଳଜାନ କେନ୍ଦ୍ର। ଏକାଧାରରେ ଜାତୀୟ ଉଦ୍ୟାନ, ବ୍ୟାଘ୍ର ପ୍ରକଳ୍ପ ଓ ହସ୍ତୀ ଅଭୟାରଣ୍ୟ ଭାବରେ ପରିଚିତ ଉକ୍ତ ଅଭୟାରଣ୍ୟକୁ ୟୁନେସ୍କୋ ପକ୍ଷରୁ ମିଳିଛି ବିଶ୍ୱ ଐତିହ୍ୟ ମାନ୍ୟତା। ସାଧାରଣତଃ ବିଶ୍ୱର ଯେ କୌଣସି ପର୍ଯ୍ୟଟନ ସ୍ଥଳୀ ନିର୍ଦ୍ଦିଷ୍ଟ ଏକ ବିଶେଷତାକୁ ନେଇ ପ୍ରସିଦ୍ଧି ଲାଭ କରିଥିବା ବେଳେ ଶିମିଳିପାଳ ଅଭୟାରଣ୍ୟର ରହିଛି ଅସୁମାରି ବିଶେଷତା। ବିସ୍ତୃତ ସବୁଜ ବନାନୀ, ଥାକଥାକ ନଭଶ୍ଚୁମ୍ବୀ ପର୍ବତ, ଭାସମାନ ମେଘମାଳା ଓ କଳକଳ ନାଦିନୀ ଝରଣା ଆଦି କ'ଣ ନାହିଁ ଏ ଅଭୟାରଣ୍ୟରେ! ସମୁଦ୍ର ଜଳପତ୍ତନଠାରୁ ପ୍ରାୟ ୧୧୬୫ ମିଟର ଉଚ୍ଚରେ ଅବସ୍ଥିତ ଶିମିଳିପାଳ ଜୈବମଣ୍ଡଳର ସର୍ବୋଚ୍ଚ ଗିରିଶୃଙ୍ଗ ମେଘାସନୀ ପର୍ବତ। ମେଘାସନୀ ଉପରକୁ ଚାହିଁଦେଲେ ଲାଗେ, ସତେ ଯେମିତି ଆକାଶ ଏଠି କଥା କହୁଛି ପୃଥିବୀ କାନରେ ଏବଂ ଖଣ୍ଡଖଣ୍ଡ ଭସା ବାଦଲ ସବୁ ଧଳା ଫୁଲ ପରି ଶୋଭା ପାଉଛି ଧରଣୀରାଣୀର ଗଭାରେ। ଗିରି କନ୍ଦର ବୁକୁ ଚିରି ସର୍ପିଳ ଗତିରେ ବହି ଯାଉଛି ବଲାଙ୍ଗୀ, ସୋନ, ଗଙ୍ଗାହାର, ଦେଓ, ସଞ୍ଜୀ ଓ ଖଇରି ଆଦି କେତେ ସାନ ବଡ଼ ନଦୀ ଏବଂ ଝରଣା। ଘଞ୍ଚ ଅରଣ୍ୟ ମଧ୍ୟରେ ଛିଡ଼ା ହୋଇଥିବା ସୁଉଚ୍ଚ ପାହାଡ଼ ମଥାନରୁ କ୍ଷିପ୍ର ଗତିରେ ଝରିପଡୁଛି ବରେହିପାଣି ଓ ଯୋରନ୍ଦା ଆଦି ମନୋରମ ଜଳପ୍ରପାତ। ଜୈବ ବିବିଧତାର ଅସୁମାରି ଭଣ୍ଡାର ଶିମିଳିପାଳରେ ରହିଛି ଶାଳ, ପିଆଶାଳ, ଶିଶୁ, ଅସନ, ଶିମିଳି ଓ ଚମ୍ପା ଆଦି ୧୦୭୬ ପ୍ରକାର ବୃକ୍ଷଲତା ଏବଂ ୯୬ ପ୍ରକାର ଅର୍କିଡ୍ ପ୍ରଜାତିର (ଚିତ୍ରା ଜାତୀୟ) ଫୁଲ। ଏଠାରେ ଏମିତି ୫୫ ପ୍ରକାର ବିରଳ ବୃକ୍ଷ ଅଛି, ଯାହା ଦେଖିବାକୁ ମିଳେନି ବିଶ୍ୱର ଅନ୍ୟ କୌଣସି ସ୍ଥାନରେ। ଜୈବମଣ୍ଡଳର ବଡ଼ ଆକର୍ଷଣ ହେଉଛି ଏଠାରେ ଥିବା ୫୫ ଜାତିର ପଶୁ, ୬୨ ପ୍ରକାର ସରୀସୃପ ଓ ୩୦୪ ପ୍ରଜାତିର ପକ୍ଷୀ। ପ୍ରଚଣ୍ଡ ଶୀତ, ସୁଖଦଃ ଗ୍ରୀଷ୍ମ ଓ ମୁଷଳ ବର୍ଷାର ଅନୁଭବ ମଧ୍ୟରେ ଜଳବାୟୁର ବିସ୍ମୟକର ବିବିଧତା ହିଁ ଶିମିଳିପାଳ ଜୈବମଣ୍ଡଳର ଅନନ୍ୟ ବିଶେଷତା। ବନଭୂମିର ରଙ୍ଗ, ଶବ୍ଦ ଓ ଆଲୋକର ମହୋତ୍ସବରେ ଗୁଞ୍ଜରିତ ହୁଏ ଜୀବନର ନୂଆ ଛନ୍ଦ। କବି, କଳାକାର, ଭାବୁକ, ଦାର୍ଶନିକ ଓ ପ୍ରକୃତିପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରେ ତା'ର ଶାନ୍ତ, ସ୍ନିଗ୍ଧ ପରିବେଶ। ଶିମିଳି ଗଛରେ ପରିପୂର୍ଣ୍ଣ ଏହି ବନଭୂମି ତଥା ଉତ୍ତୁଙ୍ଗ ପର୍ବତମାଳାର ଚାରୁ ସୁଷମାରେ ବିମୋହିତ ହୋଇ କବିବର ରାଧାନାଥ ଲେଖିଛନ୍ତି-

''ଶାଳ୍ମଳୀ ଶୈଳୁଁ ତିନି ସ୍ଥାନୁ ତିନି ତଟିନୀ ଝରେ, ଲଂଘି ନାନା ବନ ଜନପଦ ମିଶେ ବଂଗସାଗରେ।'' (ଉଷା)

ଶିମିଳିପାଳ କେବଳ ନୈସର୍ଗିକ ସୌନ୍ଦର୍ଯ୍ୟର ଗନ୍ତାଘର ନୁହେଁ, ଏହା ଆମ ଜୀବନ ଜୀବିକାର ଆଧାର। ଶିମିଳିପାଳ ପାଦଦେଶରେ ବାସ କରୁଥିବା ଜନଜାତିର ଲୋକଙ୍କ ଆୟର ସିଂହଭାଗ ନିର୍ଭର କରେ ଏହି ଅଭୟାରଣ୍ୟ ଉପରେ। ତା'ର ପ୍ରାକୃତିକ ଅବସ୍ଥିତିକୁ ଦୃଷ୍ଟିରେ ରଖି ପରିବେଶ ବିଜ୍ଞାନୀମାନେ କୁହନ୍ତି- ଶିମିଳିପାଳ ନ ଥିଲେ ଶସ୍ୟ ଶ୍ୟାମଳା ନୁହେଁ, ଏକ ମରୁ ଅଞ୍ଚଳରେ ପରିଣତ ହୋଇଥାଆନ୍ତା ଓଡ଼ିଶା। ଏହି ଦୃଷ୍ଟିରୁ ବିଚାର କଲେ ଶିମିଳିପାଳ ହେଉଛି ମାନବ ଜାତି ପ୍ରତି ପ୍ରକୃତିର ଏକ ମହାର୍ଘ ଦାନ। ଅଥଚ ପ୍ରକୃତିର ଏ ଅବଦାନ ପ୍ରତି ବଢ଼ିଚାଲିଛି ସ୍ୱାର୍ଥାନ୍ଧ ମଣିଷର ଅବମାନନା। ଆମର ଏହି ଅପରିଣାମଦର୍ଶିତା ପାଇଁ କ୍ରମଶଃ ସଂକଟ ଭିତରକୁ ଟାଣି ହୋଇଯାଉଛି ଶୋଭାମୟୀ ଶିମିଳିପାଳ। ଆଇନକୁ ଆଖିଠାର ମାରି କେଉଁଠି ଜଙ୍ଗଲ ତସ୍କର ମୂଲ୍ୟବାନ୍ ଗଛ କାଟି ନେଉଛି ତ କେଉଁଠି ଶିକାରୀ ହାତରେ ଯାଉଛି ବନ୍ୟପ୍ରାଣୀଙ୍କ ଜୀବନ। ଆଗରୁ ଜଙ୍ଗଲରେ ନିଆଁ ଲାଗୁଥିଲା ବଜ୍ରପାତ କିମ୍ବା ଅନ୍ୟ କୌଣସି ପ୍ରାକୃତିକ କାରଣରୁ। ଏବେ କିନ୍ତୁ ଜଙ୍ଗଲ ଜଳିବା ପଛରେ ଥିବା କାରଣ ଭିତରୁ ପ୍ରାୟତଃ ନବେ ପ୍ରତିଶତ ହେଉଛି ମଣିଷକୃତ। କିଏ ପୋଡୁଚାଷ ପାଇଁ ତ କିଏ ବେଆଇନ ଗଛକଟାକୁ ଲୁଚାଇବା ପାଇଁ ଜଙ୍ଗଲ ଦେହରେ ଲଗାଇ ଦେଉଛି ନିଆଁ। କେଉଁଠି ଗାଁକୁ ରାସ୍ତା ଫିଟାଇବା ପାଇଁ ତ କେଉଁଠି ଜଙ୍ଗଲ ଜମି ଜବରଦଖଲ ପାଇଁ ଜଳୁଛି ଜଙ୍ଗଲ। ଏତଦ୍‌ଭିନ୍ନ ଜଙ୍ଗଲ ଜଳିବା ପଛରେ ରହିଛି ମହୁଲ ତୋଳିବା, ଅଙ୍ଗାର ପାଇବା, ବନ୍ୟପ୍ରାଣୀ ଶିକାର କରିବା ଓ ଦାୟିତ୍ୱହୀନ ଭାବରେ ଶୁଖିଲାପତ୍ର ଉପରକୁ ଜଳନ୍ତା ବିଡ଼ି ସିଗାରେଟ୍ ଫିଙ୍ଗିବା ଆଦି ବହୁବିଧ ମଣିଷକୃତ କାରଣ। ତେବେ ସେ ଯେଉଁ କାରଣରୁ ହେଉନା କାହିଁକି, ଏବେଏବେ ଶିମିଳିପାଳରେ ଲାଗିଥିବା ନିଆଁକୁ ନେଇ ସାରା ଦେଶରେ ଲାଗିରହିଛି ଚର୍ଚ୍ଚା। ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁସାରେ ଫେବୃୟାରୀ ୨୧ରେ ନିଆଁ ବନ ବିଭାଗ ଦୃଷ୍ଟିକୁ ଆସିଥିଲା, ଯାହା କ୍ରମଶଃ ଧାରଣ କରିଥିଲା ଭୟଙ୍କର ରୂପ। ମାର୍ଚ୍ଚ ପ୍ରଥମ ସପ୍ତାହ ବେଳକୁ ଅଭୟାରଣ୍ୟର ଯୁଆଡ଼େ ଚାହିଁଲେ ଖାଲି ନିଆଁ ଆଉ ନିଆଁ। ଲାଲ୍‌ପିଣ୍ଡୁଳା ପରି ଦିଶୁଥିବା ସେ ନିଆଁର ଆଁ ଭିତରେ ଜଳିପୋଡ଼ି ପାଉଁଶ ହୋଇଗଲେ ଅନେକ ନିରୀହ ଜୀବଜନ୍ତୁ। ଧ୍ୱଂସ ପାଇଗଲା ବିସ୍ତୃତ ଅଞ୍ଚଳବ୍ୟାପୀ ଔଷଧୀୟ ବୃକ୍ଷଲତା। ନିଆଁ ଆଉ ଧୂଆଁରେ ଆକ୍ରାନ୍ତ ହୋଇ ଜଙ୍ଗଲ ବାହାରକୁ ଧାଇଁଲେ ହରିଣ ଓ କୁଟୁରା ଭଳି ଭୟାଳୁ ପ୍ରାଣୀ। ତାତିର ପ୍ରକୋପ ବଢ଼ିବା ସହିତ ଶିମିଳିପାଳ ପାଦଦେଶରେ ଥିବା ଜନବସତି ଆଡ଼େ ପ୍ରସରି ଗଲା ଧୂଆଁ। ଲୋକଙ୍କ ଆଖି ପୋଡ଼ିଲା ଏବଂ ସେମାନେ ନିଃଶ୍ୱାସ ପ୍ରଶ୍ୱାସରେ ଅନୁଭବ କଲେ ଅସ୍ୱାଭାବିକତା। ବନାଗ୍ନିର କରାଳ ରୂପ ଦେଖି ବିବ୍ରତ ହୋଇପଡ଼ିଲେ ଆଖପାଖ ଅଞ୍ଚଳର ଲୋକେ। ପ୍ରତିକାର ପାଇଁ ସରକାରଙ୍କୁ ଅନୁରୋଧ କଲେ ମୟୂରଭଞ୍ଜ ରାଜକୁମାରୀ ଏବଂ ଅନ୍ୟ ଅନେକ ପରିବେଶପ୍ରେମୀ।

ସେମାନଙ୍କ ଉଦ୍‌ବେଗର ଗମ୍ଭୀରତାକୁ ଅନୁଭବ କରି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଲା ତତ୍ପରତା। ଆରମ୍ଭ ହେଲା ନିଆଁକୁ ଆୟତ୍ତ କରିବା ପାଇଁ ଜୋରଦାର ଉଦ୍ୟମ। ମାତ୍ର ବନ ବିଭାଗ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ନିରବଚ୍ଛିନ୍ନ ପ୍ରୟାସ ତଥା ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ସତ୍ତ୍ୱେ ଥମିବାର ନାଁ ନେଲାନି ବନାଗ୍ନିର ଭୟାବହତା। ଗୋଟିଏ ପଟରେ ନିଆଁ ନିୟନ୍ତ୍ରଣକୁ ଆସିଲେ ମଧ୍ୟ ଅନ୍ୟ ପଟରେ ଜଳିଲା ହୁତୁହୁତୁ ହୋଇ। ଶେଷରେ ମଣିଷର ଉଦାସୀନତା ଓ ଅସହାୟତାକୁ ଉପଲବ୍ଧି କରି ଇନ୍ଦ୍ର ଦେବତା ସିଞ୍ଚନ କଲେ କୃପାବାରି। ଦୀର୍ଘ ସମୟ ବୃଷ୍ଟିପାତ (୯-୩-୨୦୨୧) ପରେ ନିଆଁ ନିୟନ୍ତ୍ରଣକୁ ଆସିଲା ସତ, କିନ୍ତୁ ଏଥିରୁ ସ୍ପଷ୍ଟ ବାରି ହୋଇପଡ଼ିଲା ଶିମିଳିପାଳ ସୁରକ୍ଷା କ୍ଷେତ୍ରରେ ଥିବା ଆମର ଅବହେଳା ଓ ଅପାରଗତା। ଏହି ପରିପ୍ରେକ୍ଷୀରେ ଆମେ ଜାଣିରଖିବା ଦରକାର, ଜୈବମଣ୍ଡଳର ସନ୍ତୁଳନ ପାଇଁ ଭୂପୃଷ୍ଠରେ ଅନ୍ୟୂନ ଏକ ତୃତୀୟାଂଶ ଅଞ୍ଚଳ ସବୁଜ ବନାନୀରେ ଆଚ୍ଛାଦିତ ହୋଇ ରହିବା ଜରୁରୀ। ମାତ୍ର ବିକାଶ ନାଆଁରେ ଏଠି ନିପାତ ହେଉଛି ଜଙ୍ଗଲ। ଉଜୁଡ଼ି ଯାଉଛି ପଶୁପକ୍ଷୀଙ୍କ ଆଶ୍ରୟ ସ୍ଥଳୀ। ସନ୍ତୁଳନ ହରାଉଛି ଜୈବ ବିବିଧତା। ଘନଘନ ବଦଳୁଛି ଜଳବାୟୁ। ବିଶ୍ୱତାପନ ଯୋଗୁ ତାତି ଉଠିଲାଣି ମେରୁ, ତରୁ, ମରୁ ତଥା ସମଗ୍ର ବାୟୁମଣ୍ଡଳ। ତରଳିବାକୁ ଆରମ୍ଭ କଲାଣି ହିମାଳୟ ଓ ଅନ୍ୟ ପର୍ବତମାଳାର ହିମବାହ। ଜଳ ବିଜ୍ଞାନୀଙ୍କ ମତରେ, ଉପୁଜିଲାଣି ପୃଥିବୀ ଜଳାର୍ଣ୍ଣବ ହେବାର ଆଶଙ୍କା। ଏହାକୁ ଦୃଷ୍ଟିରେ ରଖି ତିଆରି ହୋଇଛି କଠୋର ପରିବେଶ ଆଇନ। ମାତ୍ର ସବୁ ଆଇନକାନୁନକୁ ବେଖାତିର କରି ବଢୁଛି ଜଙ୍ଗଲ କ୍ଷୟ। ବାସ୍ତବରେ କେବଳ ଶିମିଳିପାଳ ନୁହେଁ, ବାଲେଶ୍ୱରରୁ ବଲାଙ୍ଗିର ଯାଏ ସବୁଠି ଏବେ ଜଳୁଛି ଜଙ୍ଗଲ। ରାଜଧାନୀ ଉପକଣ୍ଠରେ ଥିବା ଚନ୍ଦକା ଜଙ୍ଗଲରେ ବି ଗତମାସ ନିଆଁ ଲାଗି ଜଳିଗଲା ହଜାର ହଜାର ବାଉଁଶ ଗଛ। ନିକଟରେ ପ୍ରକାଶିତ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟ କହୁଛି- ଦେଶର ୧୧୭୦ଟି ସ୍ଥାନରେ ଏବେ ଦେଖିବାକୁ ମିଳୁଛି ବନାଗ୍ନିର କରାଳ ରୂପ। ଅନ୍ୟ ଏକ ତଥ୍ୟ ଅନୁସାରେ ଦେଶର ସମୁଦାୟ ଜଙ୍ଗଲର ପାଖାପାଖି ଷାଠିଏ ଶତାଂଶ ଏବେ ନିଆଁର ଆଁ ଭିତରେ। ତେବେ ପ୍ରଶ୍ନ ଉଠୁଛି ଜଙ୍ଗଲ ସୁରକ୍ଷା ଦିଗରେ ଆମର ଏତେ ଅବହେଳା କାହିଁକି?

ଏକଥା ସତ୍ୟ ଯେ, ଲୋକଙ୍କ ସହଭାଗିତା ବିନା ବିସ୍ତୃତ ଜଙ୍ଗଲକୁ ସୁରକ୍ଷା ଦେବା ସରକାରଙ୍କ ପକ୍ଷେ କାଠିକର ପାଠ। ତେଣୁ ଏ ଦିଗରେ ଜନସଚେତନତା ସୃଷ୍ଟି ହେବା ଆବଶ୍ୟକ। ବିଶେଷକରି ଜଙ୍ଗଲ ଆଖପାଖ ଅଞ୍ଚଳରେ ରହୁଥିବା ଲୋକେ ବୁଝିବା ଦରକାର ଯେ, ଜଙ୍ଗଲ କେବଳ ସରକାରଙ୍କର ନୁହେଁ, ଏହା ଲୋକଙ୍କ ସଂପତ୍ତି ଏବଂ ତା'ର ସୁରକ୍ଷା ଦାୟିତ୍ୱ ଲୋକଙ୍କର। ସେମାନଙ୍କ ଭିତରେ ଏହି ବିଶ୍ୱାସ ଭରିଦେବା ପାଇଁ ମୁଖ୍ୟତଃ ରାଜନେତାମାନେ ଆଗେଇ ଆସିବା ଦରକାର। ମାତ୍ର ବିଡ଼ମ୍ବନାର ବିଷୟ, ଆମ ଦେଶରେ କେଉଁଠି ଉପନିର୍ବାଚନ ହେଲେ ନେତାମୟ ହୋଇଯାଏ ସେ ଅଞ୍ଚଳ, କିନ୍ତୁ ସପ୍ତାହବ୍ୟାପୀ ଅଭୟାରଣ୍ୟ ଜଳୁଥିଲେ ବି ସ୍ଥିତି ଅନୁଧ୍ୟାନ ପାଇଁ ଘଟଣା ସ୍ଥଳରେ ପହଞ୍ଚିପାରନ୍ତି ନାହିଁ କୌଣସି ନେତା। କେବଳ ସରକାରୀ ଓ ବିରୋଧୀ ପକ୍ଷ ପରସ୍ପର ଉପରକୁ କାଦୁଅ ଫିଙ୍ଗାଫିଙ୍ଗି କରି ସାରିଦିଅନ୍ତି କର୍ତ୍ତବ୍ୟ। କାରଣ ଅରଣ୍ୟ କାହାର ଭୋଟବାକ୍ସ ନୁହେଁ କି ତା' ଜଳିଯିବାରେ ନଥାଏ ଭୋଟ ହରେଇବାର ଭୟ। କୁହାଯାଏ, ଜନସଚେତନତା ସୃଷ୍ଟି କରିବା ଦିଗରେ ଗଣମାଧ୍ୟମ ହେଉଛି ଏକ ଶକ୍ତିଶାଳୀ ଆୟୁଧ। ମାତ୍ର ଶିମିଳିପାଳ ଜଳୁଥିବା ବେଳେ କ'ଣ କରୁଥିଲା ଗଣମାଧ୍ୟମ? କେଉଁ ମନ୍ତ୍ରୀ କ'ଣ ଟୁଇଟ୍ କଲେ ତାହାହିଁ ଥିଲା ତା'ର ମୁଖ୍ୟ ଖବର। ଜଙ୍ଗଲ ବିଭାଗର ଦକ୍ଷତା ଓ ପ୍ରତିବଦ୍ଧତା ଉପରେ ନିର୍ଭର କରେ ଜଙ୍ଗଲ ସୁରକ୍ଷା। ଅଥଚ ଶିମିଳିପାଳର ନିଆଁ ଅଣାୟତ୍ତ ହେଉଥିବା ବେଳେ ବିଭାଗୀୟ ମନ୍ତ୍ରୀ ଶୁଣାଉଥିଲେ ଅଗ୍ନି ତୁର କାହାଣୀ। ଏ ପ୍ରସଙ୍ଗରେ ପରିବେଶ ବିଜ୍ଞାନୀଙ୍କୁ ସବୁଠୁଁ ବେଶି ଆଶ୍ଚର୍ଯ୍ୟ କଲା ସବୁଜୀକରଣ ପଇସାରେ ମଉଜ କରୁଥିବା ଜଙ୍ଗଲ ବିଭାଗ ଅଧିକାରୀଙ୍କ ଅଜବ ଯୁକ୍ତି। ଜଙ୍ଗଲ ନିଆଁର ପ୍ରକୋପରେ ପୋଡ଼ି ମରିଗଲେ ମାଟି ଓ ବୁଦାରେ ରହୁଥିବା ଅନେକ କୀଟପତଙ୍ଗ। ମହୁଫେଣା ଛାଡ଼ି ଚାଲିଗଲେ ମହୁମାଛିପଲ। ଏହା ଦ୍ୱାରା କ'ଣ ସନ୍ତୁଳନ ହରାଇନି ଜୈବ ବିବିଧତା? ନାନା ପ୍ରକାର ଘାସ ଓ ଗଛଲତା ଜଳିଯିବା ଦ୍ୱାରା କ'ଣ ପ୍ରଭାବିତ ହୋଇନି ସେମାନଙ୍କ ଖାଦ୍ୟ ଶୃଙ୍ଖଳା ବ୍ୟବସ୍ଥା? ଜଙ୍ଗଲ କ୍ଷୟ ରୋକିବା ଓ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ନିର୍ଭର କରେ ସରକାରଙ୍କ ରାଜନୈତିକ ଇଚ୍ଛାଶକ୍ତି ଉପରେ ଏବଂ ଏ ଦିଗରେ ସରକାରୀ ପ୍ରତିବଦ୍ଧତା ରହିବା ଆବଶ୍ୟକ। କାରଣ ବନ୍ୟପଶୁଙ୍କ ସୁରକ୍ଷା ରାଜଧର୍ମର ଏକ ଅବିଚ୍ଛେଦ୍ୟ ଅଂଶ।

ମହାଭାରତରେ ଧର୍ମରାଜ ଯୁଧିଷ୍ଠିରଙ୍କୁ ରାଜଧର୍ମ ଶିକ୍ଷା ଦେବାକୁ ଯାଇ ପିତାମହ ଭୀଷ୍ମ କହିଥିଲେ- 'ହେ ଧର୍ମାତ୍ମା ଯୁଧିଷ୍ଠିର! ଏକଥା ଜାଣିରଖ ଯେ କେବଳ ମନୁଷ୍ୟ ନୁହନ୍ତି, ବନ୍ୟ ପ୍ରାଣୀମାନେ ମଧ୍ୟ ରାଜ୍ୟର ଅଧିବାସୀ ଓ ପ୍ରଜା। ସେମାନଙ୍କ ନିରାପତ୍ତା ଓ ସ୍ୱଚ୍ଛନ୍ଦ ଗତି ଯେମିତି ବାଧାପ୍ରାପ୍ତ ନହୁଏ, ସେ ଦିଗରେ ସର୍ବଦା ସଜାଗ ଓ ତୀକ୍ଷ୍ଣ ଦୃଷ୍ଟି ରଖିବା ରାଜାର କର୍ତ୍ତବ୍ୟ।'

ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ,
ପଡ଼ିଆବେଡ଼ା, ମୟୂରଭଞ୍ଜ
ମୋ-୯୪୩୮୮୫୫୦୮୮

# ତାମିଲ 'ରେବତୀ'ର ସ୍ରଷ୍ଟା

## ବ୍ୟକ୍ତିତ୍ୱ

ଇମାୟମ

ରେବତୀ ଅନ୍ୟ ଜାତିର ପୁଅକୁ ବିବାହ କରି ଦେବାରୁ ମାତାପିତା ଝିଅକୁ ତ୍ୟଜ୍ୟ କରିଦେଲେ। ଅର୍ଥ ଓ ପ୍ରତିପତ୍ତି ଥିବାରୁ ସେମାନେ ଝିଅର ଆବେଗକୁ ବୁଝିପାରିଲେ ନାହିଁ। ଫଳରେ ମାନସିକ ଭାରସାମ୍ୟ ହରାଇ ରେବତୀ ଆତ୍ମାହୁତି ଦେଇଦେଲେ। ଝିଅର ଏଭଳି ଅବସ୍ଥା ଦେଖି ମାତାପିତା ବ୍ୟତିବ୍ୟସ୍ତ ହୋଇଗଲେ। ପ୍ରଚୁର ଟଙ୍କା ଧରି ହସ୍ପିଟାଲ ଦୌଡ଼ିଲେ ଓ ଝିଅର ଜୀବନ ବଞ୍ଚାଇବାକୁ ଡାକ୍ତରଙ୍କୁ ଅନୁରୋଧ କଲେ। ଡାକ୍ତର କହିଲେ-ଅର୍ଥ ତା'ର ମୂଲ୍ୟ ହରାଇସାରିଛି। ଉପନ୍ୟାସ 'ସେଲାଥା ପାନମ୍' ୨୦୨୦ ବର୍ଷ ପାଇଁ ତାମିଲ ଭାଷାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଜିତିଛି। ଭାରତୀୟ ଭାଷାରେ ବିଭିନ୍ନ ବର୍ଗ ପାଇଁ ୧୨ ମାର୍ଚ୍ଚ ୨୦୨୧ରେ ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା ହେବା ପରେ ବିଜେତା ଓ ସେମାନଙ୍କ କୃତି ବିଷୟରେ ସମସ୍ତେ ଜାଣିବାକୁ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ। ଏମାନଙ୍କ ମଧ୍ୟରୁ ଯେଉଁମାନଙ୍କ ଲେଖା ବାସ୍ତବବାଦୀ ଓ ଚଳନ୍ତି ସମୟ ପାଇଁ ପ୍ରଯୁଜ୍ୟ ମନେହେଉଛି, ସେମାନଙ୍କର ରହିଛନ୍ତି ସ୍ୱତନ୍ତ୍ର ପାଠକ। 'ସେଲାଥା ପାନମ୍'ର ଔପନ୍ୟାସିକ ତଥା ତାମିଲ ସାହିତ୍ୟର ଆଗଧାଡ଼ିର ଲେଖକ ଇମାୟମଙ୍କ ଅନୁଭୂତିମୂଳକ ସୃଜନଶୀଳତା ତାଙ୍କୁ କାଳଜୟୀ ସ୍ତରକୁ ନେଇଯାଉଛି। ଏଇଠି ମନେପଡ଼େ ଓଡ଼ିଆ ସାହିତ୍ୟର ସେନାପତି ଫକୀରମୋହନଙ୍କ କ୍ଷୁଦ୍ରଗଳ୍ପ 'ରେବତୀ'। ଝିଅ ପିଲା ପାଠ ପଢ଼ିବାରୁ ପରିବାରର ସର୍ବନାସ ହେଲା ବୋଲି ବୁଢ଼ୀମା' କହିଥିଲେ। କିନ୍ତୁ ସେହି କାହାଣୀ ମାଧ୍ୟମରେ ନାରୀ ଶିକ୍ଷାକୁ ଫକୀରମୋହନ ଯେଭଳି ବର୍ଣ୍ଣନା କରିଥିଲେ, ତାହାର ପଟାନ୍ତର ନାହିଁ। ସେହି ଦୃଷ୍ଟିରୁ ଇମାୟମଙ୍କ 'ସେଲାଥା ପାନମ୍'ର ବିଷୟବସ୍ତୁକୁ ଦେଖିଲେ ଅର୍ଥ ଜୀବନର ସର୍ବସ୍ୱ ନୁହେଁ ବୋଲି ବାର୍ତ୍ତା ଦେଉଛି। ଏହି ପୁସ୍ତକକୁ ଏକାଡେମୀ ସମ୍ମାନ ମିଳିବା ଇମାୟମ ନିଜ ଚତୁଃପାର୍ଶ୍ୱରେ ଦେଖିଥିବା ଚରିତ୍ରକୁ ସୃଜନଲିପିରେ ଲିପିବଦ୍ଧ କଲାଭଳି ପ୍ରତୀୟମାନ ହେଉଛି।

ତାମିଲନାଡୁର କୁଡାଲୋର ଜିଲାରେ ୧୯୬୪ରେ ଭି. ଆନ୍ନାମାଲାଇ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଛଦ୍ମନାମ ଇମାୟମ। ଭାଷା ପାଇଁ ହୋଇଥିବା ଦ୍ରାବିଡ଼ୀୟ ଆନ୍ଦୋଳନ ଏବଂ ପେରିୟାର, ଆନ୍ନା ଏବଂ ଏମ୍. କରୁଣାନିଧିଙ୍କ ଆଦର୍ଶରେ ସେ ଅନୁପ୍ରାଣିତ ହୋଇଛନ୍ତି। ସେଥିପାଇଁ ତାଙ୍କୁ ମିଳିଥିବା ସମ୍ମାନକୁ ସେ ସେହି ବିଶିଷ୍ଟ ବ୍ୟକ୍ତିଙ୍କୁ ଉତ୍ସର୍ଗ କରିଛନ୍ତି। ଏଥିସହିତ ଦଳିତ ସାହିତ୍ୟ ରଚନା କରି ଲେଖକୀୟ ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବାରୁ ଏହି ଅବସରରେ ସେ ମଧ୍ୟ ବି. ଆର୍. ଆମ୍ବେଡକରଙ୍କୁ ସ୍ମରଣ କରିଛନ୍ତି। ଇମାୟମଙ୍କ ସାହିତ୍ୟ କୃତି ଦେଖିଲେ ସେ ୬ ଉପନ୍ୟାସ, ୬ କ୍ଷୁଦ୍ରଗଳ୍ପ ସଙ୍କଳନ ଏବଂ ଗୋଟିଏ କ୍ଷୁଦ୍ର ଉପନ୍ୟାସ ରଚନା କରିଛନ୍ତି। ତାଙ୍କ ପ୍ରଥମ ଉପନ୍ୟାସ 'କୋଭେରୁ କାଝୁଥାଇକାଲ' ଇଂଲିଶ୍‌ରେ 'ବର୍ଡନ ଅଫ୍ ବିଷ୍ଟ' ଭାବେ ଅନୁବାଦିତ ହୋଇଛି। ଉକ୍ତ ଉପନ୍ୟାସ ୨୦୧୯ରେ ୨୫ ବର୍ଷ ପୂରଣ କରିସାରିଛି। ସେଥିରେ ଜଣେ ରଜକ ପୁଥିରାଇ ଭାନ୍ନର ଅନ୍ୟ ଅସ୍ପୃଶ୍ୟଙ୍କ ପାଇଁ କିଭଳି କାର୍ଯ୍ୟ କରିଛନ୍ତି ତାହା ବର୍ଣ୍ଣନା କରାଯାଇଛି। ଦଳିତବର୍ଗଙ୍କ ଜୀବନଶୈଳୀ ଏଥିରେ ପ୍ରତିପାଦିତ ହୋଇଛି। ନାରୀମାନଙ୍କ ଭୂମିକାକୁ ଯେଉଁମାନେ ଯେତେ ଗୌଣ ଭାବେ ଦର୍ଶାଇ ଥାଆନ୍ତୁ ନା କାହିଁକି, ତା'ର ଗୁରୁତ୍ୱ ସାମାଜିକ ବ୍ୟବସ୍ଥାରେ ଯଥେଷ୍ଟ ରହିଛି ବୋଲି ଇମାୟମଙ୍କ ଲେଖାରୁ ଦେଖିବାକୁ ମିଳେ। ସେହିପରି କ୍ଷୁଦ୍ର ଉପନ୍ୟାସ 'ପେଥାଭାନ୍' ସହ ଅନେକ କ୍ଷୁଦ୍ରଗଳ୍ପରେ ଦଳିତଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ସେ ବର୍ଣ୍ଣନା କରିଛନ୍ତି।

କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ପୂର୍ବରୁ ଇମାୟମ ଅନେକ ପୁରସ୍କାର ପାଇଛନ୍ତି। ଟରଣ୍ଟୋର ତାମିଲ ଲିଟେରାରୀ ଗାର୍ଡେନ୍ ଦ୍ୱାରା ପ୍ରତିଷ୍ଠିତ ଇୟାଲ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ତାଙ୍କୁ ଲେଖିବା ପାଇଁ ଅନେକ ପ୍ରେରଣା ଦେଇଥିଲା ବୋଲି ସେ ପ୍ରକାଶ କରିଛନ୍ତି। ତାଙ୍କ ମତରେ ଯେତେବେଳେ ଏକ କାହାଣୀ ଜନମାନସକୁ ଛୁଇଁଯାଏ ଓ ସ୍ରଷ୍ଟାଙ୍କ ଭାବମୂର୍ତ୍ତି ଊର୍ଦ୍ଧ୍ୱକୁ ଟପିଯାଏ, ସେତେବେଳେ ଜଣେ ଲେଖକ ଜୀବନର ଶ୍ରେଷ୍ଠ ପୁରସ୍କାର ପାଇଯାଇଥାଆନ୍ତି। ଏଥିସହିତ ମୌଳିକ ଲେଖା ବିଭିନ୍ନ ଭାଷାରେ ଅନୂଦିତ ହୋଇ ବୃହତ୍ ପାଠକଙ୍କ ନିକଟରେ ପହଞ୍ଚିଗଲେ ଶ୍ରମ ସାର୍ଥକ ହୋଇଥାଏ ବୋଲି କହନ୍ତି ଇମାୟମ।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

୧୪ ବର୍ଷ ବୟସରେ ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛନ୍ତି ଉତ୍ତରପ୍ରଦେଶର ଅମର ପ୍ରଜାପତି। ସେ ନବମ ଶ୍ରେଣୀରେ ପଢୁଛନ୍ତି। ୨୦୨୦ରେ କରୋନା ଯୋଗୁ ଲକ୍‌ଡାଉନ ଲାଗୁ ହେବା ପରେ ସେ ତାଙ୍କ ଗ୍ରାମର ଲୋକଙ୍କୁ ନିଯୁକ୍ତି ହରାଇବା ଲକ୍ଷ୍ୟ କରିଥିଲେ। ଗୋରଖପୁରର ଇଣ୍ଡଷ୍ଟ୍ରିଆଲ ଡେଭଲପ୍‌ମେଣ୍ଟ ଅଥରିଟି(ଜିଆଇଡିଏ) ଦ୍ୱାରା ଆୟୋଜିତ ଅନ୍‌ଲାଇନ ଏଲ୍‌ଇଡି ଲାଇଟ ତିଆରି କରିବାର ଶିକ୍ଷା ଲାଭ କରି ଏକ ଏଲ୍‌ଇଡି ମାନୁଫାକ୍‌ଚରିଂ କମ୍ପାନୀ ଆରମ୍ଭ କରିଛନ୍ତି। ତାଙ୍କ କମ୍ପାନୀ ନାମ ରଖିଛନ୍ତି ଜୀବନ ପ୍ରକାଶ। ଏବେ ଏଥିରେ ୫ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ଏହା ପୂର୍ବରୁ ବି ଅମର ଘରେ ଏଲ୍‌ଇଡି ଲାଇଟ ବଲ୍‌ବ ତିଆରି କରୁଥିଲେ। ଏଣୁ ଏହି କାର୍ଯ୍ୟ ତାଙ୍କୁ ସହଜ ମନେ ହେଲା। ଅନ୍ୟମାନଙ୍କୁ ଏଲ୍‌ଇଡି ଲାଇଟ୍ ବଲ୍‌ବ ତିଆରି କରିବାର କୌଶଳ ସମ୍ପର୍କରେ ବି ପ୍ରଶିକ୍ଷଣ ଦେଉଛନ୍ତି। ସେ ଆଗକୁ ଏଲ୍‌ଇଡି ଲ୍ୟାମ୍ପ ପୋଲ୍ ଏବଂ ସୋଲାର ଲ୍ୟାମ୍ପ ପୋଲ୍ ତିଆରି କରି ଅଧିକ ଲୋକଙ୍କୁ ନିଯୁକ୍ତି ଦେବାର ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟରେ ଅମରଙ୍କ ପିତା ତାଙ୍କୁ ସହଯୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ମାର୍ଚ୍ଚ ୧୯୯୬

- ଦକ୍ଷିଣ ପଶ୍ଚିମ ଭେନେଜୁଏଲାରୁ ଅତିକାୟ ଜୀବ ଡାଇନୋସରର ଜୀବାଶ୍ମ ଉଦ୍ଧାର।
- ସ୍କଟଲାଣ୍ଡରେ ୧୩ ଜଣ ଶିଶୁଙ୍କ ସମେତ ୧୫ ଜଣ ଲୋକଙ୍କୁ ହତ୍ୟା।

## ଚିରନ୍ତନୀ

ଲୁକ୍କାୟିତ ବିଶ୍ୱ ମଧ୍ୟେ ମାନବ-ପ୍ରାଣର ଆଶା ଆଦି
ଏ ପାଷାଣ ନିମ୍ନେ ହୋଇ ସ୍ତୂପୀକୃତ ଲଭିଛି ସମାଧି,
ବିରହ ବିଧୁରା କୋଟି ଯୁବତୀ ଗୁହାରି,
ସନ୍ତାନହୀନାର କେତେ ଶୋକ-ଅଶ୍ରୁ ବାରି,
ହୋଇଅଛି ଏଥି ଘନୀଭୂତ,
ଅନ୍ତରର ବାସନା ଅୟୁତ,
କେତେ ନିରାଶ୍ରୟ
ଲୋଡ଼ିଛି ଅଭୟ
ସଂଗୋପନେ
ଆଶାମନେ! -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | D | | | | | | | | 9 | 1 | | |
| | | 9 | | | | | | | 7 | B | | 2 | | |
| | | | E | | | 0 | | | | | 6 | 5 | A | |
| 2 | | | | | 9 | 8 | | | | D | C | | | |
| | | | | 5 | | | 1 | 6 | | A | | | 0 | |
| D | A | | 2 | 6 | | | | 7 | | 5 | | B | 9 | |
| | 9 | C | | 7 | | 3 | | A | | | | | | 8 |
| 1 | | | 0 | 4 | | D | C | | | | | | | |
| | 0 | 2 | | 9 | | | 5 | | | 4 | | 3 | | |
| | | | | D | | | | 4 | B | 7 | | | 6 | |
| | | | 5 | 1 | | C | | | | | | 0 | D | 2 |
| | | | | A | | | | | 0 | | | | 5 | |
| 8 | | 1 | | | 7 | | | | | | B | 4 | | |
| | | | | | C | B | 7 | 5 | | 3 | 1 | | | |
| | | 3 | B | | | | E | D | A | | 2 | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 1 | 8 | 2 | 4 | D | 9 | 0 | C | 3 | A | 6 | 7 | 5 | E |
| E | 2 | 4 | A | B | 5 | D | 3 | 7 | 0 | 9 | 8 | 1 | 6 | C |
| 5 | D | 3 | 8 | 1 | 9 | B | E | 6 | C | 4 | 7 | 2 | 0 | A |
| 7 | 9 | C | 0 | 6 | E | 4 | A | 5 | B | 1 | 2 | D | 3 | 8 |
| 6 | 0 | A | C | 3 | 7 | 8 | 1 | 2 | E | 5 | D | B | 4 | 9 |
| 8 | 5 | D | 6 | 9 | A | 0 | 7 | 1 | 4 | 2 | B | E | C | 3 |
| 4 | E | 9 | 7 | D | 2 | 3 | 5 | A | 1 | 6 | C | 8 | B | 0 |
| C | B | 6 | E | 0 | 1 | 2 | 9 | D | 5 | 8 | 3 | A | 7 | 4 |
| 3 | 7 | 1 | B | 5 | 8 | C | 4 | E | A | D | 0 | 9 | 2 | 6 |
| 2 | A | 0 | 3 | C | 4 | 6 | 8 | B | 9 | 7 | E | 5 | 1 | D |
| 0 | 3 | B | D | 7 | C | A | 6 | 9 | 2 | E | 5 | 4 | 8 | 1 |
| 1 | C | E | 4 | 2 | 6 | 7 | D | 3 | 8 | B | 9 | 0 | A | 5 |
| D | 4 | 7 | 5 | A | 0 | E | 2 | 8 | 6 | C | 1 | 3 | 9 | B |
| A | 8 | 5 | 9 | E | B | 1 | C | 0 | 7 | 3 | 4 | 6 | D | 2 |
| 9 | 6 | 2 | 1 | 8 | 3 | 5 | B | 4 | D | 0 | A | C | E | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସୁନିଶ୍ଚିତ ନୁହେଁ, ଅନିଶ୍ଚିତ

ମହାଶୟ,

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଟୁଇଟ କରି କହିଛନ୍ତି, କରୋନା ପ୍ରଗତିର ବେଗକୁ ମନ୍ଥର କରିଦେଇଛି ସତ, କିନ୍ତୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଭାରତ ୫ ଟ୍ରିଲିୟନ ଅର୍ଥନୀତିରେ ପରିଣତ ହେବା ସୁନିଶ୍ଚିତ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବହୁ ପୂର୍ବରୁ କେନ୍ଦ୍ର ସରକାର ୨୦୨୪ ସୁଦ୍ଧା ଭାରତର ଅର୍ଥନୀତିକୁ ୫ ଟ୍ରିଲିୟନ ଅର୍ଥନୀତିରେ ପରିଣତ କରିବା ପାଇଁ ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଏବଂ ଏ ଦିଗରେ ବହୁ ସଂସ୍କାରମୂଳକ ପଦକ୍ଷେପ ନେଇଛନ୍ତି। ତେବେ ଏହି ପ୍ରସଙ୍ଗରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଜନୈକ ପୂର୍ବତନ ଗଭର୍ନର ପ୍ରବୀଣ ଅର୍ଥନୀତିଜ୍ଞ ପୂର୍ବରୁ ଦେଇଥିବା ସ୍ପଷ୍ଟ ମତ ପ୍ରଣିଧାନଯୋଗ୍ୟ। ସେ କହିଥିଲେ ଯେ, ଭାରତରେ ଅର୍ଥନୀତିକୁ ୫ ଟ୍ରିଲିୟନ ଅର୍ଥନୀତିରେ ପରିଣତ କରିବାକୁ ହେଲେ ଆଗାମୀ ୫ ବର୍ଷ ପାଇଁ ଅତିକମ୍‌ରେ ପ୍ରତିବର୍ଷ ୯ରୁ ୧୦ ପ୍ରତିଶତ ଜି.ଡି.ପି.ରେ ଅଭିବୃଦ୍ଧି ହାସଲ କରିବାକୁ ହେବ। ଗତବର୍ଷ ଦେଶର ଜି.ଡି.ପି. ଅଭିବୃଦ୍ଧି ମାତ୍ର ୪.୨ ପ୍ରତିଶତ ଥିଲା। ଚଳିତବର୍ଷ ବିଶ୍ୱ ମାନ୍ଦାବସ୍ଥା ଓ କରୋନା ମହାମାରୀ ପ୍ରଭାବରେ ଭାରତର ଅର୍ଥନୀତି ସର୍ବନିମ୍ନ ୭.୭ ପ୍ରତିଶତରୁ ସର୍ବୋଚ୍ଚ ୧୦.୩ ପ୍ରତିଶତ ହ୍ରାସ ପାଇବ ବୋଲି ବହୁ ରେଟିଂ ସଂସ୍ଥା ପୂର୍ବାନୁମାନ କରିଛନ୍ତି। ଏଣୁ ୨୦୨୪ ସୁଦ୍ଧା ଭାରତର ଅର୍ଥନୀତି ୫ଟ୍ରିଲିୟନ ଡଲାରରେ ପରିଣତ ହେବା ସୁନିଶ୍ଚିତ ନୁହେଁ, ବରଂ ଅନିଶ୍ଚିତ ବୋଲି କୁହାଯିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବୃଦ୍ଧଙ୍କୁ ମାଡ଼ ମାରି ପୋଲିସ ଜିମା

ସାଲେପୁର,(ଡି.ଏନ୍.ଏ.)- ପିଲା ଚୋର ସନ୍ଦେହରେ ସାଲେପୁର ଥାନା ଅଧୀନ ଲୁଣାହାର ପୋଲ ନିକଟରେ ଶନିବାର ଜଣେ ୬୦ ବର୍ଷର ବୃଦ୍ଧ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଏହି ଥାନା ଅଧୀନ ଚନ୍ଦ୍ରଦେଇପୁର ଗ୍ରାମରେ ଏକ ଛୋଟ ପିଲାକୁ ଧରିଥିଲେ। ପିଲାଟିର ମା'ଏହା ଦେଖି ପାଖକୁ ଯିବାରୁ ସମ୍ପୃକ୍ତ ବ୍ୟକ୍ତି ଦ୍ରୁତ ଗତିରେ ଦଉଡି ଥିଲେ। ସ୍ଥାନୀୟ ଲୋକେ ଲୁଣାହାର ପୋଲ ନିକଟରେ ତାଙ୍କୁ କାବୁ କରିଥିଲେ। ପୋଲିସ ପଚାରଉଚୁରା ସମୟରେ ତାଙ୍କ ଘର ଜଗତ୍‌ସିଂହପୁର ଜିଲାରେ ବୋଲି ଜଣାପଡ଼ିଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ସଂକ୍ଷେପରେ

## ଭିସୁଟ୍‌ରେ ମାର୍ଚ୍ଚ ୨୨ରୁ ଅଫ୍‌ଲାଇନ ପରୀକ୍ଷା

ସମ୍ବଲପୁର,୧୩।୩(ବ୍ୟୁରୋ):ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ସ୍ୱାଭାବିକ ଭାବେ ପାଠପଢ଼ା ଆରମ୍ଭ ହେବ। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ସେହିପରି ମାର୍ଚ୍ଚ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଅଫ୍‌ଲାଇନ୍ ପରୀକ୍ଷା ହେବ। ବିଟେକ ପ୍ରଥମ, ଦ୍ୱିତୀୟ, ପଞ୍ଚମ ସେମିଷ୍ଟର, ବି ଆର୍କ, ବିଟେକ, ଏମ୍‌ଟେକ ସମନ୍ୱିତ ପ୍ରଥମ, ତୃତୀୟ, ପଞ୍ଚମ ଓ ସପ୍ତମ ସେମିଷ୍ଟର, ଏମ୍‌ଟେକ, ଏମ୍‌ଏସ୍‌ସି, ପିଏଚ୍‌ଡି ପ୍ରଥମ ସେମିଷ୍ଟର,ଏମ୍‌ସିଏ ପ୍ରଥମ ଓ ତୃତୀୟ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ। ହେଲେ ଶେଷ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ପରୀକ୍ଷା ପରବର୍ତ୍ତୀ ସମୟରେ ହେବ ବୋଲି ସୂଚନା ଦିଆଯାଇଛି। ଫେବୃୟାରୀ ୨୫ ତାରିଖରେ କୋଭିଡ୍ ସଂକ୍ରମଣ ସୂଚନାକୁ ନେଇ କଟକଣା ଜାରି କରାଯାଇଥିଲା। ଏବେ ଏମ୍‌ଟେକ, ବିଟେକ, ବିଆର୍କ, ଏମ୍‌ଫିଲ, ପିଏଚ୍‌ଡି, ସମନ୍ୱିତ ଏମ୍‌ଏସ୍‌ସି ପ୍ରଭୃତି ପାଠ୍ୟକ୍ରମର ଛାତ୍ରୀଛାତ୍ରଙ୍କୁ ମାର୍ଚ୍ଚ ୧୭ ସୁଦ୍ଧା କ୍ୟାମ୍ପସକୁ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫେବୃୟାରୀ ମାସରେ ଭିସୁଟ୍‌ରେ ଛାତ୍ରୀଛାତ୍ର କୋଭିଡ୍ ସଂକ୍ରମଣ ହୋଇଥିବା ନେଇ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ପରେ ରାଜ୍ୟ ସରକାର ତ୍ରୁଟିପୂର୍ଣ୍ଣ କିଟ୍ ଯୋଗୁ ରିପୋର୍ଟ ଭୁଲଥିବା କହି ସ୍ପଷ୍ଟିକରଣ ଦେଇଥିଲେ। ସେହିଦିନଠାରୁ ପ୍ରଶାସନ ପକ୍ଷରୁ ଭିସୁଟ୍‌ରେ କଟକଣା କରାଯାଇଥିଲା। ଭିସୁଟ୍ ପକ୍ଷରୁ ମଧ କଟକଣା ଜାରି ହୋଇଥିଲା। ପ୍ରଶାସନ କରିଥିବା କଟକଣା ମାର୍ଚ୍ଚ ୪ରୁ ଉଠାଇଦେଇଥିବା ବେଳେ ଭିସୁଟ୍ କରିଥିବା କଟକଣା ହଟାଇ ନୋଟିସ୍ ଜାରି କରିଛି।

## ବାଇକ୍ ଧକ୍କାରେ କୃଷ୍ଣସାର ମୃଗ ମୃତ



ଦିଗପହଣ୍ଡି,୧୩।୩(ଡି.ଏନ.ଏ.): ଗଞ୍ଜାମ ଜିଲା ଦିଗପହଣ୍ଡି -ଆସ୍କା ମୁଖ୍ୟ ରାସ୍ତା ରାମଚନ୍ଦ୍ରପୁର ଗାଁ ଛକଠାରେ ବାଇକ୍ ଧକ୍କାରେ ଶନିବାର ଏକ କୃଷ୍ଣସାର ମୃଗର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ବାଇକ୍ ଚାଳକ ଜଣକ ଗୁରୁତର ଆହାତ ହୋଇଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ଆହାତ ବାଇକ୍ ଚଳକଙ୍କୁ ଶେରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦିଗପହଣ୍ଡି ବନ ବିଭାଗ ଏ ନେଇ ମାମଲା ରୁଜୁ କରିବା ସହ କୃଷ୍ଣସାର ମୃଗର ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ମାଟିରେ ପୋତି ଦିଆଯାଇଥିବା ଜଣାପଡ଼ିଛି।

# ଏକ ଭାରତ ଗୋଟିଏ ସୁନା ଦର

ଭୁବନେଶ୍ୱର,୧୩। ୩

ଭାରତୀୟ ନାରୀମାନେ ସୌନ୍ଦର୍ଯ୍ୟ କ୍ଷେତ୍ରରେ ସାରା ବିଶ୍ୱରେ ପରିଚିତ। ଏହାର ପ୍ରମୁଖ କାରଣ ହେଉଛି ସାଜସଜ୍ଜା ଓ ଗହଣାର ବହୁଳ ବ୍ୟବହାର। ନାରୀର ସୌନ୍ଦର୍ଯ୍ୟକୁ ଆହୁରି ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ପକ୍ଷରୁ 'ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍' (ଏକ ଭାରତ ଗୋଟିଏ ସୁନା ଦର) ସ୍କିମ୍‌ର ଶୁଭାରମ୍ଭ କରାଯାଇଛି। ଏହି ଚିନ୍ତାଧାରା ରଖି ସଂସ୍ଥା ସାରା ଦେଶରେ ସୁନା ଗହଣାର ମୂଲ୍ୟ ସମାନ ରହିବ ଏବଂ ବିଭିନ୍ନ ଉତ୍ପାଦ ଉପରେ ଉପଯୁକ୍ତ ମେକିଂ ଚାର୍ଜ ନିର୍ଦ୍ଧାରଣ କରିବା ଉପରେ ସଂସ୍ଥା ଗୁରୁତ୍ୱ ଦେବ। ସେହିଭଳି ଗ୍ରାହକମାନଙ୍କ ପ୍ରତି ନିଜର ପ୍ରତିବଦ୍ଧତା ସ୍ୱରୂପ ଫେୟାର ପ୍ରାଇସ୍ ପ୍ରମିସ ମଧ ଯୋଗାଇଦେବାକୁ ନିଷ୍ପତ୍ତି ନେଇଛି । ବର୍ତ୍ତମାନ ୪.୯% ଆରମ୍ଭ ହେଉଥିବା ଉର୍ଦ୍ଧ୍ୱ ମେକିଂ ଚାର୍ଜ ଯୁକ୍ତ ଉତ୍ପାଦଗୁଡ଼ିକୁ ଗ୍ରାହକମାନେ ପାଇପାରିବେ ବୋଲି କହିଛନ୍ତି ମାଲାବାର ଗ୍ରୁପ୍‌ର ନ୍ୟାଶନାଲ ରିଟେଲ ମୁଖ୍ୟ ପି.କେ. ସିରାଜ।

ଦେଶର ଅଗ୍ରଣୀ ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ଓଡ଼ିଶାରେ ଏହାର ପ୍ରଥମ ଷ୍ଟୋର ସ୍ଥାନୀୟ ଶହୀଦନଗରଠାରେ ଶୁଭାରମ୍ଭ କରିଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର ଶୋ'ରୁମ୍‌ର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ, ମାଲାବାର ଗ୍ରୁପ୍‌ର ସହ ଅଧ୍ୟକ୍ଷ ଡ. ପି.ଏ. ଇବ୍ରାହିମ୍ ହାଜି, ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ଇଣ୍ଡିଆନ ଅପରେଶନ୍ସର ପ୍ରବନ୍ଧନ ନିର୍ଦ୍ଦେଶକ ଓ' ଆଶେର, ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍‌ର ଇଣ୍ଟରନ୍ୟାଶନାଲ ଅପରେଶନ୍ସର ପ୍ରବନ୍ଧନ ନିର୍ଦ୍ଦେଶକ ଶ୍ୟାମଲାଲ ଅହମ୍ମଦ, ମାଲାବାର ଗ୍ରୁପ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅବ୍‌ଦୁଲ ସଲାମ୍ କେପି ଏବଂ ଅନ୍ୟ ବରିଷ୍ଠ ପ୍ରବନ୍ଧନ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଶୋ'ରୁମ୍‌ରେ ଗ୍ରାହକଙ୍କ ପାଇଁ ଚମତ୍କାର ବିକ୍ରି ପରବର୍ତ୍ତୀ ସୁବିଧା ମଧ



ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଶୋ'ରୁମ୍ ଶନିବାର ଭୁବନେଶ୍ୱରରେ ଉଦ୍‌ଘାଟନ ଅବସରରେ ନିମନ୍ତ୍ରିତ ଅତିଥି ଓ ଅଧିକାରୀ ବୃନ୍ଦ।

### ଓଡ଼ିଶାରେ ମାଲାବାରର ପ୍ରଥମ ଶୋ'ରୁମ୍

ଉପଲବ୍ଧ ରହିଛି। ଏଥିରେ ବ୍ରାଇଡାଲ ଜୁଏଲେରି, ପାରମ୍ପରିକ ଗହଣା, ସବୁଦିନ ପିନ୍ଧି ହେଲା ଭଳି ସୁନା, ହୀରା ଓ ପ୍ଲାଟିନମ ଗହଣା ସହିତ ସଂସ୍ଥାର ବିଭିନ୍ନ ଲୋକପ୍ରିୟ ବ୍ରାଣ୍ଡ ଯଥା ହୀରା ଗହଣା ନିମନ୍ତେ 'ମାଇନ୍', କଟାଯାଇ ନ ଥିବା ହୀରା ଗହଣା ପାଇଁ 'ଏରା', ଭାରତୀୟ ଐତିହ୍ୟ ସମ୍ବଳିତ ଗହଣା ପାଇଁ 'ଡିଭାଇନ୍', ହାତ ତିଆରି ଗହଣା ସମ୍ଭାର 'ଏଥ୍ନିକ୍ସ', ଦୁର୍ମୂଲ୍ୟ ରତ୍ନପଥର ଗହଣା ପାଇଁ 'ପ୍ରେସିଆ', 'ଜୋଉଲ' ଲାଇଫଷ୍ଟାଇଲ ଅଳଙ୍କାର ଏବଂ ପିଲାମାନଙ୍କ ଗହଣା ପାଇଁ 'ଷ୍ଟାର୍‌ଲେଟ୍' ଆଦି ଉପଲବ୍ଧ । ସେହିପରି ଗ୍ରାହକଙ୍କ ବିବାହ ଲାଗି ଗହଣାର କ୍ରୟ ଉପରେ ଷ୍ଟୋର୍ ପକ୍ଷରୁ ସ୍ୱତନ୍ତ୍ର ଅଫର ଅନୁସାରେ ମାତ୍ର ୧୦% ମୂଲ୍ୟ ଅର୍ଥ ଅଗ୍ରିମ ପୈଠକରି ଗହଣା ବୁକ୍ କରି ପାରିବେ ଏବଂ ବୁକିଂ ସମୟର ମୂଲ୍ୟ ବା ଗହଣା ନେବା ସମୟରେ ତାହାର ମୂଲ୍ୟ ମଧ୍ୟରୁ ଯାହା କମ୍ ହେବ ସେହି ଅନୁସାରେ କ୍ରୟ କରିପାରିବେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

ଏହି ଷ୍ଟୋର ପ୍ରତିଷ୍ଠା ଆମର ଓଡ଼ିଶା ପ୍ରବେଶରେ ନୂଆ ବିଶେଷତା ଆଣିବ। ଆଗାମୀ ପାଞ୍ଚ ବର୍ଷରେ ଆମେ ଆମର ଶୋ'ରୁମ୍ ସଂଖ୍ୟା ୩ ଗୁଣ ବୃଦ୍ଧି କରିବାକୁ ଯୋଜନା ରଖିଛୁ ବୋଲି ମାଲାବାର୍ ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍. ପି. ଅହମ୍ମଦ ସୂଚନା ଦେଇଛନ୍ତି। ସଂସ୍ଥା ଲାଭାଂଶର ୫% କମ୍ପାନୀ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତୀକରଣ, ସୁଲଭ ବାସଗୃହ ଏବଂ ପରିବେଶ ସୁରକ୍ଷା ଆଦି କ୍ଷେତ୍ରରେ ଖର୍ଚ୍ଚ କରିବ ବୋଲି ସୂଚନା ମିଳିଛି। ସଂସ୍ଥା ବର୍ତ୍ତମାନ ସମୟରେ ୧୦ଟି ଦେଶରେ ୨୭୦ଟି ଶୋ'ରୁମ୍, ୧୪ଟି ହୋଲ୍‌ସେଲ୍ ୟୁନିଟ୍ ସହିତ ବାର୍ଷିକ ୪.୫୧ ବିଲିୟନ ଡଲାର କାରବାର ସହ ବିଶ୍ୱରେ ଏକ ନମ୍ବର ସୁନା ଅଳଙ୍କାର ବିକ୍ରେତା ମାନ୍ୟତା ପାଇଛି।

## ନିଲମ୍ବନ ପରେ ଲ୍ୟାମ୍ପ ଏମଡିଙ୍କ ନାମରେ ଏତଲା

### କାଳିମେଳା ଲ୍ୟାମ୍ପରେ ଅନିୟମିତତା

କାଳିମେଳା,୧୩।୩(ଡି.ଏନ.ଏ.)

ମାଲକାନଗିରି ଜିଲା କାଳିମେଳା ଲ୍ୟାମ୍ପରେ ଚଳିତ ଖରିଫ ଋତୁ ଧାନକିଣା ପାଇଁ ହୋଇଥିବା ଚାଷୀଙ୍କ ନାମ ପଞ୍ଜୀକରଣରେ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ ପରେ ଘଟଣାର ତଦନ୍ତ କରି ଏମଡି ଦାୟିତ୍ୱରେ ଥିବା ସରୋଜ କୁମାର ସୁନ୍ଦରାୟଙ୍କୁ ନିଲମ୍ବିତ କରାଯାଇଥିଲା। ଏବେ ଏମ୍‌ଡି ସୁନ୍ଦରାୟଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି। ସମବାୟ ପ୍ରଶାସକ ଶ୍ୟାମଲ ମାରାଣ୍ଡି ଏତଲା ଦେଇଛନ୍ତି। ଏହାକୁ ଭିତିକରି କାଳିମେଳା ପୋଲିସ ୭୧/୨୧ରେ ଏକ ମାମଲା ରଜୁ କରି ଏହାର ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ଜଗଦୀଶ ବାରା କହିଛନ୍ତି। କାଳିମେଳା ଲ୍ୟାମ୍ପରେ ଚାଷୀଙ୍କ ନାମ ପଞ୍ଜୀକରଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଶହ ଶହ ଅଣଆଦିବାସୀ ଚାଷୀଙ୍କ ନାମରେ ସମ୍ପର୍କୀୟ ଦର୍ଶାଇ ସୁନ୍ଦରାୟ ମିଥ୍ୟା ପଞ୍ଜୀକରଣ କରିଥିଲେ। ଫଳରେ ପ୍ରକୃତ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରି ନ ଥିଲେ। ଅଭିଯୋଗକୁ ଭିତ୍ତି କରି ଜୟପୁରସ୍ଥିତ ସମବାୟ ବିଭାଗ ଉପନିବନ୍ଧକ ସିଏଚ ଭବାନୀ ପ୍ରସାଦଙ୍କ ନେତୃତ୍ୱରେ ଯୋଗାଣ ବିଭାଗରଏଆରସିଏସ ପ୍ରମୋଦ କୁମାର ରାଉତ ଏବଂ ସମବାୟ ପ୍ରଶାସକ ଶ୍ୟାମଲ ମାରାଣ୍ଡି ଲ୍ୟାମ୍ପକୁ ଆସି ଘଟଣାର ତଦନ୍ତ କରିଥିଲେ। ଅଭିଯୋଗର ସତ୍ୟତା ଥିବାରୁ ୯ ତାରିଖରେ ସୁନ୍ଦରାୟଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା।

# ସମବାୟ ସମିତି ସମ୍ପାଦକ ନିଲମ୍ବିତ, ଡାଟା ଏଣ୍ଟ୍ରି ଅପରେଟର ବହିଷ୍କୃତ

### ଚାଷୀଙ୍କଠାରୁ ଧାନ କ୍ରୟ ନାଁରେ ଜାଲିଆତି ଅଭିଯୋଗ

ଦିଗପହଣ୍ଡି, ୧୩।୩ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ାରେ ଚାଷୀଙ୍କଠାରୁ ଧାନ କ୍ରୟ ନାଁରେ ଲକ୍ଷାଧିକ ଟଙ୍କା ଠକେଇ ଓ ଜାଲିଆତି ଅଭିଯୋଗରେ ଶନିବାର ସମବାୟ ସମିତି ସମ୍ପାଦକ ଚନ୍ଦ୍ରଧ୍ୱଜ ସାହୁ ନିଲମ୍ବିତ ହୋଇଥିବା ବେଳେ ଡାଟା ଏଣ୍ଟ୍ରିଅପରେଟର ଦିଲ୍ଲୀପ କୁମାର ସାହୁ ବହିଷ୍କୃତ ହୋଇଛନ୍ତି।

ପ୍ରକାଶ ଯେ, ସେବା ସମବାୟ ସମିତି ଧାନ ମଣ୍ଡିରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ପ୍ରାଥମିକ ସେବା ସମବାୟ ସମିତି ସଭ୍ୟବୃନ୍ଦ ଓ ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଭିଯୋଗରେ ସତ୍ୟତା ଥିବା ଅନୁଭବ କରି ଜିଲାପାଳ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ରହ୍ମପୁର ସମବାୟ ଉପ ନିବନ୍ଧକ ବିଶ୍ୱ ରଞ୍ଜନ ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଅଭିଯୋଗର ତଦନ୍ତ କରାଯିବା ପରେ ପ୍ରକୃତ ଚାଷୀଙ୍କଠାରୁ ମଣ୍ଡିରେ ଧାନ କିଣା ନ ଯାଇ ନକଲି ଭାଗ ଚାଷୀଙ୍କଠାରୁ ହଜାର ହଜାର କୁଇଣ୍ଟାଲ ଧାନ କିଣାଯାଇ ଜାଲିଆତି କରି ସମବାୟ ସମିତି ସମ୍ପାଦକ ଚନ୍ଦ୍ରଧ୍ୱଜ ଏବଂ ଡାଟା ଏଣ୍ଟ୍ରି ଅପରେଟର ଦିଲ୍ଲୀପ ଲକ୍ଷାଧିକ ଟଙ୍କା ଉଠାଣ କରିଥିବା ଜିଲା ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ପ୍ରାଥମିକ ସେବା ସମବାୟ ସମିତି ସମ୍ପାଦକ ଚନ୍ଦ୍ରଧ୍ୱଜ ଚାଷ ଜମି ମାଲିକାନା ସ୍ୱତ୍ୱ ଥିବା ପ୍ରକୃତ ଚାଷୀଙ୍କ ନାଁରେ ନିଜ ସମ୍ପର୍କୀୟଙ୍କୁ ମିଛ ଭାଗ ଚାଷୀ ସଜାଇ ପ୍ରାୟ ୨ ଶହ ଏକର ଜମିର ଧାନ ମଣ୍ଡିରେ ବିକ୍ରି କରାଯାଇଥିବା ଦର୍ଶାଇ ବେଆଇନ ସୂତ୍ରରେ ଟଙ୍କା ଉଠାଇଥିବା ଜଣାପଡିଛି। ଏପରି କି ଚନ୍ଦ୍ରଧ୍ୱଜ ଓ ଦିଲ୍ଲୀପ ନିଜର ଅଳ୍ପ ଚାଷ ଜମି ଥାଇ ମଧ ବିଭିନ୍ନ ଚାଷୀଙ୍କ ଅଜାଣତରେ ନିଜେ ଓ ତାଙ୍କ ସମ୍ପର୍କୀୟଙ୍କୁ ମିଛ ଭାଗ ଚାଷୀ ସଜାଇ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରିଛନ୍ତି। ଫଳରେ ଅନେକ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସିପିଆଇ (ଏମ) ଗଞ୍ଜାମ ଜିଲା କମିଟି ପକ୍ଷରୁ ଗତ ୯ ତାରିଖରେ ଦିଗପହଣ୍ଡି ବିଡିଓ ହଳଧର ଶବରଙ୍କୁ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।




ଜମିରେ ରିଲାଏନ୍ସ ଟାୱାର ବସିବା ପାଇଁ ୩୧ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ଦେବଗଡ଼ ଜିଲା ବାରକୋଟ୍ ବ୍ଲକ୍ କଳା ଗ୍ରାମର ସଞ୍ଜୟ କୁମାର ଦଳବେହେରା ନ୍ୟାୟ ଦାବିରେ ଶନିବାର ଭୁବନେଶ୍ୱରସ୍ଥିତ ପିଏମ୍‌ଜିରେ ୨ ଝିଅଙ୍କୁ ଭାରରେ ଧରି ଅଭିନବ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ସଂଗ୍ରାମୀ କାରଖାନା ଅଳକାଶ୍ରମ ଅଲୋଡ଼ା

- ଜବାହରଲାଲ ନେହେରୁ ଯେଉଁଠୁ ପ୍ରଥମ ନିର୍ବାଚନ ପ୍ରଚାର କରିଥିଲେ
- ଯେଉଁଠୁ ଭାରତଛାଡ଼ ଆନ୍ଦୋଳନ ପ୍ରଚାର ଆରମ୍ଭ ହୋଇଥିଲା

ଜଗତସିଂହପୁର ଅଫିସ, ୧୩।୩

ଜଗତ୍‌ସିଂହପୁର ଜିଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ଓଡ଼ିଶା କାହିଁକି ସାରା ଦେଶର ଇତିହାସକୁ ଜାଜ୍ୱଲ୍ୟମାନ କରୁଛି। ବିଶେଷକରି ଜିଲାର ଅଳକାଶ୍ରମ ଅନେକ ସ୍ୱାଧୀନତା ସଂଗ୍ରାମୀ ତିଆରି କରିଛି। ଜିଲା ସଂସ୍କୃତି ପରିଷଦ ଦ୍ୱାରା ପ୍ରକାଶିତ 'ଜଗତ୍‌ସିଂହପୁର ଅତୀତ ଓ ବର୍ତ୍ତମାନ' ପୁସ୍ତକର ତୃତୀୟ ଖଣ୍ଡରେ ଅଳକାଶ୍ରମ ସମ୍ପର୍କରେ ଅନେକ ତଥ୍ୟ ପ୍ରକାଶ ପାଇଛି। ୧୯୩୬ରେ ପରାଧୀନ ଭାରତର ସର୍ବପ୍ରଥମ ନିର୍ବାଚନ ପ୍ରଚାର ତତ୍କାଳୀନ କଂଗ୍ରେସ ସଭାପତି ଜବାହରଲାଲ ନେହେରୁ ଅଳକାଶ୍ରମ ମାଟିରୁ ଆରମ୍ଭ କରିଥିଲେ ବୋଲି ଉକ୍ତ ପୁସ୍ତକରେ ରହିଛି। ସେହିପରି ଓଡ଼ିଶାରେ ଭୂଦାନ ଆନ୍ଦୋଳନ ବିନୋବାଭାବେଙ୍କ ନେତୃତ୍ୱରେ ସର୍ବପ୍ରଥମେ ଅଳକାଶ୍ରମରୁ ଆରମ୍ଭ ହୋଇଥିଲା। ୧୯୪୨ ଭାରତଛାଡ଼ ଆନ୍ଦୋଳନରେ ଜୟପ୍ରକାଶ ନାରାୟଣ ଏହି ଅଳକାଶ୍ରମରୁ ହିଁ ତାଙ୍କର ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ। ସ୍ୱାଧୀନ ଭାରତରେ ରାମମନୋହର ଲୋହିଆ, ହରେକୃଷ୍ଣ ମହତାବ ଓ ସୁରେନ୍ଦ୍ର ନାଥ ଦ୍ୱିବେଦୀ ପ୍ରମୁଖ ଏହି ମାଟିରୁ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ। ଯେଉଁଥିପାଇଁ ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡିଶାଳ ଅଳକାଶ୍ରମ ବୋଲି କୁହାଯାଏ। ଦୁଃଖର କଥା ହେଲା ସମୟ ଚକ୍ରରେ ଅଳକାଶ୍ରମ ତା'ର ପରିଚୟ ହଜାଇବାକୁ ବସିଲାଣି।

ଆଶ୍ରମ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେ ପକାଇବା ପାଇଁ ସ୍ଥାନୀୟ ଚାତ୍ରାର ବିନାୟକ ପଟ୍ଟନାୟକ କିଛି ଜମି ଦାନ କରିଥିଲେ। କିନ୍ତୁ ଦୁଃଖର କଥା ଏହାର ବିକାଶ ଫାଇଲ ତଳେ ଚପି ରହିଛି। ଏ ସମ୍ପର୍କରେ ପଟ୍ଟନାୟକ କହିଛନ୍ତି, ସ୍ୱାଧୀନତା ଆନ୍ଦୋଳନ ସମୟରେ ଅଳକାଶ୍ରମର ଗୁରୁତ୍ୱ ଯଥେଷ୍ଟ ଥିଲା। ସେଠାରେ ଅନେକ ସ୍ୱାଧୀନତା ସଂଗ୍ରାମୀ ସୃଷ୍ଟି ହୋଇଥିବାରୁ ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେ ୨୦୦୮-୦୯ରେ ରାଜ୍ୟ ସରକାରଙ୍କୁ 'ଫର୍‌ଦ ମେମୋରିଆଲ ଅଫ୍ ଅଳକାଶ୍ରମ' ନାମରେ ୧ ଗୁଣ୍ଠ ଜମି ଦାନ କରିଥିଲେ। ସେତେବେଳେ ଏହାର ବିକାଶ ପାଇଁ ଚିନ୍ତା କରାଯାଇଥିଲା। ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ଦେବୀ ମିଶ୍ର ଶିଳାନ୍ୟାସ କରିଥିଲେ। ମହାତ୍ମା ଗାନ୍ଧୀ ଫାଉଣ୍ଡେଶନ୍ ନାମରେ ସେଠାରେ ଏକ ଲାଇବ୍ରେରି ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସ୍ୱାଧୀନତା ସଂଗ୍ରାମ ସମୟରେ ଅଳକାଶ୍ରମରେ ତିଆରି ହେଉଥିବା ଲୁଗା ଏବଂ ଅନ୍ୟାନ୍ୟ ସାମଗ୍ରୀ ପ୍ରଦର୍ଶନ ପାଇଁ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା। ଓଟିଡିସି ପାଖାପାଖି ୧୦ ଲକ୍ଷ ଟଙ୍କା ବିନିମୟରେ ଏହି ଜମି ଚାରିପଟେ ପାଚେରି ଏବଂ ଲୁହା ଗେଟ୍ ଆଦି କରିଛି। ଏହାଛଡ଼ା ଆଉ କିଛି କାର୍ଯ୍ୟ ଆଗକୁ ବଢ଼ିନାହିଁ। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ କାମିନୀରଞ୍ଜନ ପଟ୍ଟନାୟକଙ୍କୁ ପଚରାଯିବାରୁ ଅଳକାଶ୍ରମର ବିକାଶ ପାଇଁ କୌଣସି ସରକାରୀ ପଦକ୍ଷେପ ନିଆଯିବା ତାଙ୍କ ଦୃଷ୍ଟିକୁ ଆସି ନ ଥିବା କହିଛନ୍ତି।




### ପ୍ରଭାବୀ ଥିଲେ ବାନରସେନା

ଆଶ୍ରମର ମୂଳ ଉଦ୍ଦେଶ୍ୟ ଥିଲା ସଂଗ୍ରାମୀ ସୃଷ୍ଟି କରିବା। ସାଧାରଣ ଶିକ୍ଷାଦାନ ସହ ଆତ୍ମନିର୍ଭରଶୀଳ ହେବା ପାଇଁ ଅରଟରେ ଲୁଗାବୁଣା, ସୂତାକଟା ଆଦି ଶିକ୍ଷା ଦିଆଯାଉଥିଲା। ଅସହଯୋଗ, ସ୍ୱରାଜ ଆନ୍ଦୋଳନ, ବିଦେଶୀ ବସ୍ତ୍ର ବର୍ଜନ ଓ ପିକେଟିଂ ଆଦି କାର୍ଯ୍ୟକ୍ରମ ଆଶ୍ରମର ଦୈନନ୍ଦିନ କାର୍ଯ୍ୟ ଥିଲା। ମୋଟା ଖଦଡ଼ କୁର୍ତ୍ତା, ଅଧା ପ୍ୟାଣ୍ଟ ପିନ୍ଧି ଛାତ୍ରମାନେ ବାନରସେନା ନାମରେ ପରିଚିତ ହୋଇ ଜୀବନ କଟାଇଥିଲେ। ସ୍ୱାଧୀନତା ଆନ୍ଦୋଳନ ପାଇଁ ଏହି ଆଶ୍ରମ କେବଳ ରାଜ୍ୟ ନୁହେଁ ଦେଶରେ ଏକ ଶକ୍ତିଶାଳୀ କେନ୍ଦ୍ର ଥିଲା। ବାନରସେନା ବିଭିନ୍ନ ଅଞ୍ଚଳ ବୁଲି ଗାନ୍ଧୀନୀତି ପ୍ରଚାର କରୁଥିଲେ। ଭାଗୀରଥି ଓ ଗୋପବନ୍ଧୁଙ୍କୁ ସହଯୋଗ କରିଥିଲେ ନବକୃଷ୍ଣ, ରମାଦେବୀ, ସରଳା ଦେବୀ, ଜାତୀୟ କବି ବୀରକିଶୋର, ବାଗଲପୁରର ଗୌରାଙ୍ଗ ଦାସ, ନବାପାଟଣାର ରାମଚନ୍ଦ୍ର ସିଂ, ତର୍ତ୍ତଙ୍ଗ ଗ୍ରାମର ବିଶ୍ୱନାଥ ନନ୍ଦ, ବାଙ୍କୀର ଗୋଲକଚନ୍ଦ୍ର ମହାରଣା, ବଡ଼ବାଗର ବୃନ୍ଦାବନ ଚନ୍ଦ୍ର ଦାସ, ଯଶୋବନ୍ତପୁରର ବୈଷ୍ଣବ ମହାପାତ୍ର, ସୁଜଙ୍ଗ ମାଧପୁରର ପଣ୍ଡିତ କାର୍ତ୍ତିକ ନନ୍ଦ, ଚାତ୍ରାର ବ୍ରହ୍ମାନନ୍ଦ ଚୌଧୁରୀ ଏବଂ କୁଜଙ୍ଗର ନାରାୟଣ ବୀରବର ସାମନ୍ତ ଓ ରତ୍ନମାଳୀ ଜେନା ପ୍ରମୁଖ। ଆନ୍ଦୋଳନରେ ରାମକୃଷ୍ଣ ନନ୍ଦ, ବିଶ୍ୱନାଥ ପରିଡ଼ା, ବିଶ୍ୱନାଥ ନନ୍ଦ, କୈଳାସ ଚନ୍ଦ୍ର ମହାନ୍ତି, ନଦିଆ ବିହାରୀ ମହାନ୍ତି ପ୍ରମୁଖ ଅନେକ ଖାସ ଦେଇଥିଲେ। ୧୯୨୫ରେ ମହାତ୍ମା ଗାନ୍ଧୀ ଓଡ଼ିଶା ଆସିଥିଲେ। କଟକରେ ମଧୁବାବୁଙ୍କ ଘରେ ରହିଥିଲେ। ଗୋପବନ୍ଧୁ ଚୌଧୁରୀ ଏବଂ ଭାଗୀରଥି ତାଙ୍କୁ ଅଳକାଶ୍ରମ ଦେଖିବାକୁ ନିମନ୍ତ୍ରଣ କରିଥିଲେ। କିନ୍ତୁ ପ୍ରବଳ ଜ୍ୱର ଯୋଗୁ ସେ ଯାଇପାରି ନ ଥିଲେ। ହେଲେ ଆଶ୍ରମର କର୍ମୀ, ଛାତ୍ରମାନେ ନାନା ସରଞ୍ଜାମ ଧରି ୨/୩ଟି ଲରୀରେ ଅଳକା ନଦୀ ବାଟରେ କଟକରେ ପହଞ୍ଚିଥିଲେ। ସେଠାରେ ଆଶ୍ରମ ପକ୍ଷରୁ କରାଯାଇଥିବା ପ୍ରଦର୍ଶନୀ ଦେଖି ଗାନ୍ଧୀ ଭାବପ୍ରବଣ ହୋଇଯାଇଥିଲେ। ଅନ୍ୟପଟେ ଆଶ୍ରମରେ ରହି ରମାଦେବୀ, ବହ୍ନିକନ୍ୟା ସରଳାଦେବୀ ଓ ରମାଦେବୀଙ୍କ କନ୍ୟା ଅନ୍ନପୂର୍ଣ୍ଣା ମହାରଣା ପ୍ରମୁଖ ନାରୀ ଆନ୍ଦୋଳନର ନେତୃତ୍ୱ ନେଇ କାରାବରଣ କରିଥିଲେ।

### ୧୯୨୨ ସରସ୍ୱତୀ ପୂଜାରେ ଜନ୍ମ ନେଇଥିଲା ଅଳକାଶ୍ରମ

ଅଳକାଶ୍ରମର ଇତିହାସକୁ ଅବଲୋକନ କଲେ ଜଣାଯାଏ, ଜିଲାର ଭାଗୀରଥି ମହାପାତ୍ର (ତତ୍କାଳୀନ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ) ଓ କର୍ମଯୋଗୀ ଗୋପବନ୍ଧୁ ଚୌଧୁରୀଙ୍କ ଉଦ୍ୟମରେ ଏଭଳି ଏକ ଆଦର୍ଶ ଅନୁଷ୍ଠାନ ଗଢି ଉଠିଥିଲା। ବର୍ତ୍ତମାନର ସୋମନାଥ ହାଟ ଅପରପାର୍ଶ୍ୱରେ ଯାଇଥିବା ମାଛଗାଁ କେନାଲ ଓ ଅଳକା ନଦୀ ମଧଭାଗରେ ସେତେବେଳେ ବିସ୍ତୀର୍ଣ୍ଣ ଆମ୍ବତୋଟା ଥିଲା। ତା' ଭିତରେ ୧୯୨୨ ସରସ୍ୱତୀ ପୂଜା ଦିନ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କରକମଳରେ ଅଳକାଶ୍ରମ ଜନ୍ମ ନେଇଥିଲା। ସେତେବେଳର ଜମିଦାର ବଂଶୀଧର ପଟ୍ଟନାୟକ (ଭାଗୀରଥି ମହାପାତ୍ରଙ୍କ ଦାଦାପୁଅ ଭାଇ) ଓ ଭାଗୀରଥି ମହାପାତ୍ରଙ୍କ ପିତା ଦୁର୍ଗାଚରଣ ମହାପାତ୍ର ଜମି ଦାନ କରିଥିଲେ।

### ବ୍ରିଟିଶ୍ ଦଲାଲମାନଙ୍କ ଟାର୍ଗେଟ ହୋଇଥିଲା

ଯେଉଁ ଅଳକା ନଦୀ ଏବେ ଏକ ନାଳର ଭ୍ରମ ସୃଷ୍ଟି କରୁଛି ତାହା ସେତେବେଳେ ସୁନାବ୍ୟା ଥିଲା। ପର୍ତ୍ତୁଗିଜ୍ ଏବଂ ଇଂଗ୍ରେଜ ନାବିକମାନେ ନଦୀ ପଥରେ ତତ୍କାଳୀନ ହରିହରପୁର ତଥା ବର୍ତ୍ତମାନର ଜଗତ୍‌ସିଂହପୁର ଆସୁଥିଲେ। ଏଭଳି ଏକ ଅନୁଷ୍ଠାନ ଜଗତ୍‌ସିଂହପୁର ଏବଂ ଏହାର ଆଖ ପାଖରେ କାହିଁକି ସାରା ଓଡ଼ିଶାର ଶିକ୍ଷା, ସାହିତ୍ୟ, ସାଂସ୍କୃତିକ ଏବଂ ଅର୍ଥନୈତିକ ଚେତନା ସମେତ ପ୍ରଜ୍ଞା ଓ ଜ୍ଞାନର ଏକ ଆଦର୍ଶ ଭିତ୍ତିଭୂମି ତିଆରି କରିପାରିଥିଲା। ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଓ ଅସ୍ପୃଶ୍ୟତା ନିବାରଣ ଆଦି କ୍ଷେତ୍ରରେ ଅଳକାଶ୍ରମ ଏକ ମୁଖ୍ୟ ଭୂମିକା ନେଇଥିଲା। ଲବଣ ସତ୍ୟାଗ୍ରହରେ ଶହ ଶହ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ବନ୍ଦୀ ହୋଇଥିଲେ। ଭାରତବର୍ଷର ବିଭିନ୍ନ ସ୍ଥାନର କଂଗ୍ରେସ ଅଫିସକୁ ବ୍ରିଟିଶ ସରକାର ଦଖଲକୁ ନେଇଥିଲା। ଏହି ସମୟରେ ଅଳକାଶ୍ରମ ବ୍ରିଟିଶ୍ ଦଲାଲମାନଙ୍କ ଦ୍ୱାରା ଚିହ୍ନଟ ହୋଇଥିଲା। ୧୯୩୨ ମେ ମାସର କଥା। ଅଳକାଶ୍ରମର କର୍ମୀ ଓ ନେତାମାନେ ଅର୍ଦ୍ଧରାତ୍ରରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଜେଲ ଯାଇଥିବାବେଳେ ଆଶ୍ରମ ଚାଳଘର ନିଆଁ ଲଗାଇ ଭସ୍ମୀଭୂତ କରି ଦିଆଯାଇଥିଲା। ଏହି ଇତିହାସ ଆଜି ଲୋକଲୋଚନରୁ ଅପସରି ଯିବାରେ ଲାଗିଛି।

**ଇଣ୍ଡିଆନ ସୁପର ଲିଗ୍**

# ମୁମ୍ବାଇକୁ ପ୍ରଥମ ଟାଇଟଲ

ମାର୍ଗାଓ, ୧୩।୩

ମୁମ୍ବାଇ ସିଟି ଏଫ୍‌ସି ପ୍ରଥମଥର ପାଇଁ ହାଇପ୍ରୋଫାଇଲ୍ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଟାଇଟଲ ହାସଲ କରିଛି। ଭାରତର ଏହି ସର୍ବବୃହତ୍ ତଥା ଶ୍ରେଷ୍ଠ ଫୁଟ୍‌ବଲ ଲିଗ୍ ଆଇଏସ୍ଏଲର ସପ୍ତମ ସଂସ୍କରଣ ଶନିବାର ଶେଷ ହୋଇଛି। ସ୍ଥାନୀୟ ଫାଟୋର୍ଡା ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ପୂର୍ବରୁ ଲିଗ୍ ୱିନର୍ସ ଶିଲ୍ଡ ହାସଲ କରିଥିବା ମୁମ୍ବାଇ ଶେଷରେ ବାଜି ମାରିଛି। ସଂଘର୍ଷପୂର୍ଣ୍ଣ ଏହି ଟାଇଟଲ ମୁକାବିଲାରେ ମୁମ୍ବାଇ ୨-୧ ଗୋଲରେ ଏଟିକେ ମୋହନବାଗାନକୁ ପରାସ୍ତ କରି ଆଇଏସ୍ଏଲ୍ ଇତିହାସରେ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଲିଗ୍‌ରେ ଦ୍ୱିତୀୟ ଦଳ ଭାବେ ମୁମ୍ବାଇ ଲିଗ୍ ୱିନର୍ସ ଶିଲ୍ଡ ଜିତିବା ସହ ଚାମ୍ପିୟନ ହୋଇ ବିରଳ ସଫଳତା ଅର୍ଜନ କରିଛି। ପୂର୍ବରୁ ବେଙ୍ଗାଲୁରୁ ଏଫ୍‌ସି ଏହିଭଳି ସଫଳତା ପାଇଥିଲା।



ଆଇଏସ୍ଏଲ୍ ଟ୍ରଫି ସହ ମୁମ୍ବାଇ ସିଟି ଏଫ୍‌ସି ଖେଳାଳି ଖୁସି ମନାଉଛନ୍ତି।

- ➢ଚାମ୍ପିୟନ ମୁମ୍ବାଇକୁ ସ୍ୱର୍ଣ୍ଣ ପଦକ ସହ ୮ କୋଟି ଟଙ୍କା ଆର୍ଥିକ ପୁରସ୍କାର
- ➢ରନର୍ସଅପ୍ ଏଟିକେକୁ ରୌପ୍ୟ ପଦକ ସହ ୪ କୋଟି ଟଙ୍କା ଆର୍ଥିକ ପୁରସ୍କାର
- ➢**ହିରୋ ଅଫ୍ ଦି ଲିଗ୍ (ଗୋଲ୍ଡେନ୍ ବଲ୍) ପୁରସ୍କାର:** ରଏ କ୍ରିଷ୍ଣା (ଏଟିକେ ମୋହନ ବାଗାନ)
- ➢**ଇମର୍ଜିଂ ପ୍ଲେୟାର ଅଫ୍ ଦି ଲିଗ୍:** ଲାଲେଙ୍ଗମାୱିଆ (ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି)
- ➢**ଗୋଲ୍ଡେନ ବୁଟ୍ ଆୱାର୍ଡ:** ଇଗର ଅଙ୍ଗୁଲୋ (ଏଫ୍‌ସି ଗୋଆ)
- ➢**ଗୋଲ୍ଡେନ ଗ୍ଲୋଭ୍ ଆୱାର୍ଡ:** ଅରିନ୍ଦମ ଭଟ୍ଟାଚାର୍ଯ୍ୟ (ଏଟିକେ ମୋହନ ବାଗାନ)
- ➢**ୱିନିଂ ପାସ୍ ଅଫ ଦି ଲିଗ୍ ଆୱାର୍ଡ:** ଆଲବାର୍ଟୋ ନୋଗୁଏରା(ଏଫ୍‌ସି ଗୋଆ)

ସାରା ଲିଗ୍‌ରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରି ଏଟିକେ ମୋହନବାଗାନ ତାରକା ଖେଳାଳି ରଏ କ୍ରିଷ୍ଣା ଗୋଲ୍ଡେନ ବଲ୍ ତଥା ହିରୋ ଅଫ୍ ଦି ଲିଗ୍ ପୁରସ୍କାର ହାସଲ କରିଛନ୍ତି। ସାରା ଲିଗ୍‌ରେ ମୁମ୍ବାଇ ଦମ୍‌ଦାର ପ୍ରଦର୍ଶନ କରିଥିଲା ଓ ଶେଷରେ ତାଜ୍ ହାସଲ କରିବାରେ ସଫଳ ହୋଇଛି।

ମ୍ୟାଚ୍‌ର ୧୮ତମ ମିନିଟ୍‌ରେ କିନ୍ତୁ ଅଷ୍ଟ୍ରେଲିଆର ତାରକା ଷ୍ଟ୍ରାଇକର ଡେଭିଡ୍ ୱିଲିୟମ୍ସ ପ୍ରଥମ ଗୋଲ ଦେଇ ଏଟିକେକୁ ଅଗ୍ରଣୀ କରାଇଥିଲେ। ତେବେ ୨୯ତମ ମିନିଟ୍‌ରେ ଏଟିକେର ସ୍ପାନିଶ୍ ଡିଫେଣ୍ଡର ତିରି ନାମରେ ଜଣାଶୁଣା ଥିବା ଜୋଶ ଲୁଇସ୍ ଏସ୍ପିନୋସା ଆରୋୟୋ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ତିରି ବଲ୍‌କୁ ହେଡ୍ କରିଥିଲେ। ତେବେ ବଲ୍ ଯାଇ ନିଜ ଗୋଲ ପୋଷ୍ଟ ଅର୍ଥାତ୍ ଏଟିକେର ନେଟ୍‌କୁ ଛୁଇଁଥିଲା। ଏହି ଆତ୍ମଘାତୀ ଗୋଲ ଏଟିକେ ପାଇଁ ଶେଷରେ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛି। ଫଳରେ ମ୍ୟାଚ୍ ୧-୧ ସମାନସ୍ତରକୁ ଆସିଥିଲା। ଅନ୍ତିମ ମୁହୂର୍ତ୍ତରେ ୯୦ତମ ମିନିଟ୍‌ରେ ବିପିନ ସିଂ ଗୋଲ ଦେଇ ମୁମ୍ବାଇକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଏହାପରେ ଉଭୟ ଦଳ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲେ ମଧ୍ୟ ଗୋଲ ସମ୍ଭବ ହୋଇପାରି ନ ଥିଲା। ଫଳରେ ମୁମ୍ବାଇ ଶେଷରେ ବିଜୟୀ ହୋଇଥିଲା। ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ମୁମ୍ବାଇ ଯଥେଷ୍ଟ ଆଗରେ ଥିଲା।


ଲିଗ୍ ପର୍ଯ୍ୟାୟରେ ମୁମ୍ବାଇ ୨୦ଟି ମ୍ୟାଚ୍ ଖେଳି ୧୨ ବିଜୟ, ୪ଟି ଲେଖାଏ ଡ୍ର ଓ ପରାଜୟ ସହ ୪୦ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିବା ସହ ଲିଗ୍ ୱିନର୍ସ ଟ୍ରଫି ହାସଲ କରିଥିଲା। ଲିଗ୍ ଆରମ୍ଭରୁ ମୁମ୍ବାଇ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷ ଆଡକୁ ଏହାକୁ ବଜାୟ ରଖିପାରି ନ ଥିଲା। ତେବେ ଶେଷରେ ମୁମ୍ବାଇ ସବୁ ଦୃଷ୍ଟିକୋଣରୁ ବାଜି ମାରିଛି କହିଲେ ଭୁଲ ହେବନାହିଁ। ଦଳର ଏହି ବିଜୟ ତଥା ଦୃଷ୍ଟାନ୍ତମୂଳକ ପ୍ରଦର୍ଶନରେ ମୁମ୍ବାଇ କୋଚ୍ ସେର୍ଗିଓ ଲୋବେରା ଖୁସି ଜାହିର କରିଛନ୍ତି। ନିଜ ଦଳର ଖେଳାଳିମାନଙ୍କୁ ସେ ପ୍ରଶଂସା କରିଛନ୍ତି।

## ପ୍ରାର୍ଥୀପତ୍ର ଦାଖଲ କଲେ ବାତ୍ରା

**ଏଫ୍ଆଇଏଚ୍ ସଭାପତି ନିର୍ବାଚନ**

ଲାଉସାନେ, ୧୩।୩ (ପି.ଟି.)

ନରିନ୍ଦର ବାତ୍ରା ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍ଆଇଏଚ୍)ର ସଭାପତି ଭାବେ ପୁନଃନିର୍ବାଚିତ ହେବାକୁ ଆଗ୍ରହୀ। ଏଫ୍ଆଇଏଚ୍ ପରିଚାଳନା ପରିଷଦର ୪୭ତମ ଅଧିବେଶନ ମେ ୨୨ ତାରିଖରେ ନୂଆଦିଲ୍ଲୀରେ ହେବ। ଏହା ପୂର୍ବରୁ ସେ ସଭାପତି ପଦବୀ ପାଇଁ ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ମୁଖ୍ୟ ବାତ୍ରା ୨୦୧୬ରେ ଏଫ୍ଆଇଏଚ୍ ସଭାପତି ହୋଇଥିଲେ। ସେ ପୁଣିଥରେ ନିର୍ବାଚିତ ହେବାକୁ ଚାହୁଁଥିବା ଫେବୃୟାରୀ ୧୮ରେ ଏଫ୍ଆଇଏଚ୍ କଂଗ୍ରେସକୁ ଏକ ଚିଠି ମାଧ୍ୟମରେ ଅବଗତ କରାଇଥିଲେ। ବାତ୍ରାଙ୍କ ବ୍ୟତୀତ ଅନ୍ୟ ପଦବୀ ପାଇଁ ଆଶାୟୀଙ୍କ ପ୍ରାର୍ଥୀପତ୍ର ଏଫ୍ଆଇଏଚ୍‌ର ହସ୍ତଗତ ହୋଇଛି। ଏଥିପାଇଁ ମାର୍ଚ୍ଚ ୧୨ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଏଫ୍ଆଇଏଚ୍‌ର ନିୟମାନୁସାରେ ଏଫ୍ଆଇଏଚ୍ ସିଇଓ ଥିଏରି ୱିଲ୍ ପ୍ରାର୍ଥୀପତ୍ରଗୁଡ଼ିକୁ ଅନ୍ତର୍ଜାତୀୟ ହକି ମହାସଂଘର ଇଲେକ୍ସନ ଓଭରସାଇଟ୍ ପ୍ୟାନେଲ (ଇଓପି)କୁ ହସ୍ତାନ୍ତର କରିବେ। ଇଓପି ନିର୍ବାଚନ ପରିଚାଳନା କରିବ। ସଭାପତି ଓ ଅନ୍ୟାନ୍ୟ ପଦବୀଗୁଡ଼ିକ ପାଇଁ ନିର୍ବାଚନ ୨୦୨୧ ମେ ୨୨ରେ ହେବ। ନିର୍ବାଚିତମାନେ ୨୦୨୪ ଏଫ୍ଆଇଏଚ୍ କଂଗ୍ରେସ ପର୍ଯ୍ୟନ୍ତ ସେମାନଙ୍କ ପଦବୀରେ ରହିବେ।


ନରିନ୍ଦର ବାତ୍ରା

## ମୟୂରଭଞ୍ଜକୁ ୫ ସ୍ୱର୍ଣ୍ଣ

**ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା**

ଭୁବନେଶ୍ୱର, ୧୩।୩ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ୧୮ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଶନିବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। କଟକ, ଖୋର୍ଦ୍ଧା, ବାଲେଶ୍ୱର, ମୟୂରଭଞ୍ଜ, ବଲାଙ୍ଗୀର, ସୁନ୍ଦରଗଡ଼ ଓ ଅନୁଗୋଳ ଜିଲାରୁ ୨୨୦ଜଣ ପୁରୁଷ ଓ ୫୦ଜଣ ମହିଳା ପ୍ରତିଯୋଗୀଙ୍କ ସମେତ ୪୦ଜଣ ଅଫିସିଆଲ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ମୟୂରଭଞ୍ଜ ୫ଟି, ଅନୁଗୋଳ ଓ ରାୟଗଡା ୩ଟି ଲେଖାଏ ସ୍ୱର୍ଣ୍ଣ, ଖୋର୍ଦ୍ଧା ୨ଟି ସ୍ୱର୍ଣ୍ଣ, କଟକ ଓ ବଲାଙ୍ଗୀର ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୫୩ କେଜି ଜୁନିୟର ବାଳକ ବିଭାଗରେ ମୟୂରଭଞ୍ଜର ରିଙ୍କୁ ମହନ୍ତ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସିନିୟର ୬୬ କେଜି ଶ୍ରେଣୀରେ ଏହି ଜିଲାର ଅଭିଷେକ ମହନ୍ତ ସ୍ୱର୍ଣ୍ଣ ପାଇଛନ୍ତି। ସେହିପରି ୫୩କେଜି ସବ୍ ଜୁନିୟର ବାଳକ ବିଭାଗରେ ରାୟଗଡ଼ାର ଓ. ଶ୍ରାମ କୁମାର ଏବଂ ୬୬କେଜି ମାଷ୍ଟର-୧ ଶ୍ରେଣୀରେ ବାଲେଶ୍ୱରର ସୁଜିତ କୁମାର ଗିରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସବ୍‌ଜୁନିୟର ବାଳକ ୫୯କେଜିରେ କଟକର ଅଭିଷେକ ଦେ ଏବଂ ୬୬କେଜି ମାଷ୍ଟର-୨ ବିଭାଗରେ ଅନୁଗୋଳର କୁଶୁନ ହାଁସ୍‌ଦା ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଜୁନିୟର ୫୯କେଜିରେ ପ୍ରବୀର କୁମାର ପୃଷ୍ଟି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ଜୁନିୟର ପୁରୁଷ ୬୬କେଜିରେ ମୟୂରଭଞ୍ଜର ଅଭିଶେକ ମହନ୍ତ ସ୍ୱର୍ଣ୍ଣ ପାଇଛନ୍ତି। ୫୯କେଜି ପୁରୁଷ ସିନିୟର ବିଭାଗରେ ରାୟଗଡ଼ାର ତେଜାବ କୁମାର ସୁନା ଏବଂ ସବ୍‌ଜୁନିୟର ବାଳକ ୬୬କେଜିରେ ମୟୂରଭଞ୍ଜର ଦୁଃଖୀରାମ ମାରାଣ୍ଡିଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ୫୯କେଜି ମାଷ୍ଟର-୧ ଶ୍ରେଣୀରେ ଅନୁଗୋଳର ସଞ୍ଜୟ କୁମାର ପ୍ରଧାନ ଏବଂ ୬୬କେଜି ପୁରୁଷ ଓପନ ବେଞ୍ଚପ୍ରେସ୍‌ରେ ଖୋର୍ଦ୍ଧାର ସମେନ୍ଦ୍ର ରାଉତରାୟ ସ୍ୱର୍ଣ୍ଣ ଜିତିଛନ୍ତି। ସେହିପରି ୫୯କେଜି ମାଷ୍ଟର-୨ ଶ୍ରେଣୀରେ ଅନୁଗୋଳର ମକରୁ ସାହୁ ୫୨କେଜି ସିନିୟର ମହିଳା ବିଭାଗରେ ଖୋର୍ଦ୍ଧାର ଅନୁପମା ସ୍ୱାଇଁ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୫୯କେଜି ପୁରୁଷ ଓପନ୍ ବେଞ୍ଚ୍‌ରେ ରାୟଗଡ଼ାର ବସନ୍ତ ମାଲେକା ସ୍ୱର୍ଣ୍ଣ ଜିତିବାରେ ସଫଳ ରହିଛନ୍ତି।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଜଣେ ପ୍ରତିଯୋଗୀ।

## ଇନିଂସ ପରାଜୟ ଏଡ଼ାଇଲା ଜିମ୍ବାୱେ

ଆବୁଧାବି, ୧୩।୩

ସ୍ଥାନୀୟ ଶେଖ ଜାଏଦ ଷ୍ଟାଡିୟମରେ ଚାଲିଥିବା ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଜିମ୍ବାୱେ ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସରେ ଲଢୁଆ ବ୍ୟାଟିଂ କରି ଇନିଂସ ପରାଜୟ ଏଡାଇବାକୁ ସକ୍ଷମ ହୋଇଛି।

**ଦ୍ୱିତୀୟ ଟେଷ୍ଟ**

ଟସ୍ ଜିତି ଆଫଗାନିସ୍ତାନ ପ୍ରଥମ ଇନିଂସରେ ହାଶମାତୁଲ୍ଲା ଶାହିଦିଙ୍କ ୨୦୦ ରନର ଅପରାଜିତ ଦ୍ୱିଶତକୀୟ ପାଳି ବଳରେ ୧୬୦.୪ ଓଭରରେ ୪ ଉଇକେଟ ହରାଇ ୫୪୫ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଜିମ୍ବାୱେ ପ୍ରଥମ ଇନିଂସ ଆରମ୍ଭ କରି ୯୧.୩ ଓଭରରେ ୨୮୭ ରନକରି ଅଲଆଉଟ ହୋଇଥିଲା। ଜିମ୍ବାୱେ ପ୍ରଥମ ଇନିଂସ ଭିତ୍ତିରେ ୨୫୮ ରନ ପଛରେ ପଡି ଫଲୋଅନ ହୋଇଥିଲା। ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଜିମ୍ବାୱେ ଶନିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୦୬ ଓଭରରେ ୭ ଉଇକେଟ ହରାଇ ୨୬୬ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ଜିମ୍ବାୱେ ୩ ଉଇକେଟ ହାତରେ ରଖି ମୋଟ୍ ଉପରେ ମାତ୍ର ୮ ରନର ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ସିନ ୱିଲିୟମ୍ସ ୧୦୬ ରନର ଶତକୀୟ ପାଳି ଖେଳି ଓ ଡୋନାଲ୍ଡ ଟିରିପାନୋ ୬୩ ରନକରି ଅପରାଜିତ ରହିଛନ୍ତି। ଅଷ୍ଟମ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ଅପରାଜିତ ୧୨୪ ରନକରି ସ୍ଥିତି ସମ୍ଭାଳିଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୪/୦ରୁ ଜିମ୍ବାୱେ ଶନିବାର ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଓପନର ପ୍ରିନ୍ସ ମାସଭାଉର ଓ କେଭିନ୍ କାସୁଜା ଯଥାକ୍ରମେ ୧୫ ଓ ୩୦ ରନ କରି ଆଉଟ ହୋଇଥିଲେ। ତାରିସାଇ ମୁସାକାଣ୍ଡା ୧୫, ସିକନ୍ଦର ରାଜା ୨୨ ରନକରି ଆଉଟ ହୋଇଥିବା ବେଳେ ୱେସଲି ମାଧେଭେର, ରିଆନ ବୁର୍ଲ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ରେଗିସ ଚକଭା ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ତାରକା ସ୍ପିନର ରସିଦ ଖାଁ ସର୍ବାଧିକ ୫, ସୟଦ ଶିରଜାଦ ଓ ଜାଭେଦ ଅହମଦି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ଶତକ ହାସଲ ପରେ ଜିମ୍ବାୱେ ଅଧିନାୟକ ସିନ୍ ୱିଲିୟମ୍ସ।

**ସଂକ୍ଷିପ୍ତ ସ୍କୋର:**

**ଆଫଗାନିସ୍ତାନ ପ୍ରଥମ ଇନିଂସ:** ୧୬୦.୪ ଓଭରରେ ୫୪୫/୪ (ଇନିଂସ ଘୋଷଣା)।

ଜିମ୍ବାୱେ ପ୍ରଥମ ଇନିଂସ: ୯୧.୩ ଓଭରରେ ୨୮୭

ଜିମ୍ବାୱେ ଦ୍ୱିତୀୟ ଇନିଂସ(ଫଲୋଅନ): ୧୦୬ ଓଭରରେ ୨୬୬/୭ (କାସୁଜା-୩୦, ମାସଭାଉର- ୧୫, ସିନ୍ ୱିଲିୟମ୍ସ- ୧୦୬*, ଡୋନାଲ୍ଡ ଟିରିପାନୋ- ୬୩*, ସିକନ୍ଦର ରାଜା- ୨୨, ରସିଦ- ୫/୧୦୫)।

## ଓଡ଼ିଶା ପୋଲିସ, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**ଓଡ଼ିଶା ଓମେନ୍ସ ଲିଗ୍**

ଭୁବନେଶ୍ୱର, ୧୩।୩(ସ୍ପୋର୍ଟ୍ସ ବ୍ୟୁରୋ)

ଏଠାରେ ଚାଲିଥିବା ଓଡ଼ିଶା ଓମେନ୍ସ ଫୁଟ୍‌ବଲ ଲିଗ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ଗୁଡିକରେ ଓଡ଼ିଶା ପୋଲିସ୍, ଇଷ୍ଟକୋଷ୍ଟ ରେଲୱେ ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟ ହାସଲ କରିଛନ୍ତି।

କ୍ୟାପିଟାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଲିଗ୍‌ର ୧୩ ନମ୍ବର ମ୍ୟାଚ୍‌ରେ ଓଡ଼ିଶା ପୋଲିସ ୧-୦ ଗୋଲରେ ଓଜିପି କ୍ଲବ୍‌କୁ ପରାସ୍ତ କରିଛି। ମ୍ୟାଚ୍ ୩୦ତମ ମିନିଟ୍‌ରେ ଜାସମିନ ସମାଦ ଏକମାତ୍ର ଗୋଲ ପ୍ରଦାନ କରିଥିଲେ। ମନୀଷା ନାଏକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଜ୍ୟୋତିରଞ୍ଜନ ସ୍ୱାଇଁ, ଚନ୍ଦ୍ରକାନ୍ତ ବାରିକ, ସୁଲତାନା ପରବୀନ, ବିଚିତ୍ର ପ୍ରଧାନ ଓ ଦୁର୍ଗାମାଧବ ନାଏକ ମ୍ୟାଚ୍ ପରିଚାଳନା କରିଥିଲେ।

ସେହିପରି ୧୪ ନମ୍ବର ମ୍ୟାଚ୍‌ରେ ଇଷ୍ଟକୋଷ୍ଟ ରେଲୱେ ୧-୦ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ରେଲୱେ ତରଫରୁ ପ୍ରଥମ ମିନିଟ୍‌ରେ ସରୋଜିନୀ ତିର୍କୀ ଗୋଲ ସ୍କୋର କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦିଗ୍‌ବିଜୟ ଦାସ, ଅମିରା ପ୍ରଧାନ, ଏମ. ଲକ୍ଷ୍ମୀ ପ୍ରସାଦ ନାୟିଡୁ, ଶଶିକାନ୍ତ ଦାସିଆ, ସୁଦୀପ୍ତା ଦାସ ମ୍ୟାଚ୍ ପରିଚାଳନା କରିଥିଲେ।

ଅନ୍ୟପଟେ ୧୫ ନମ୍ବର ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ୧-୦ ଗୋଲରେ ସାଇ-ଏସ୍‌ଟିସିକୁ ପରାସ୍ତ କରିଛି। ରାଇଜିଂ ତରଫରୁ ଯଶୋଦା ମୁଣ୍ଡା ୨୦ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ବିଷ୍ଣୁପ୍ରିୟା ଦାସ, ଅମିରା ପ୍ରଧାନ, ବିଚିତ୍ର ପ୍ରଧାନ, ଜ୍ୟୋତିରଞ୍ଜନ ସ୍ୱାଇଁ, ଦୁର୍ଗାମାଧବ ନାଏକ ଓ ସୁଦୀପ୍ତା ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ୧୫ ତାରିଖ ସୋମବାର ୩ଟି ମ୍ୟାଚ୍ ଖେଳାଯିବ। କ୍ୟାପିଟାଲ ଗ୍ରାଉଣ୍ଡରେ ଓଡ଼ିଶା ପୋଲିସ ଓ ଇଷ୍ଟକୋଷ୍ଟ ରେଲୱେ, କଳିଙ୍ଗ ଷ୍ଟାଡିୟମରେ ସାଇ- ଏସ୍‌ଟିସି ଓ ସ୍ପୋର୍ଟ୍ସ ହଷ୍ଟେଲ, କ୍ୟାପିଟାଲ ଗ୍ରାଉଣ୍ଡରେ ଓଜିପି କ୍ଲବ ଓ ରାଇଜିଂ ଷ୍ଟୁଡେଣ୍ଟ ପରସ୍ପରକୁ ଭେଟିବେ।



ଓଡ଼ିଶା ପୋଲିସ ଓ ଓଜିପି କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ

ପାଟଣା, ୧୩।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ଯୁବକ ସଂଘ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ରାଜ୍ୟ ସ୍ତରୀୟ ଏକଦିବସୀୟ ଦିବା ରାତ୍ର ଭଲି ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ବଛା ବଛା ମୋଟ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ସହ ରାଇଜିଙ୍ଗ କ୍ଲବ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଇଷ୍ଟକୋଷ୍ଟ ୨-୧ ସେଟ ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ରାଇଜିଙ୍ଗ ଷ୍ଟାର ରାଉରକେଲା ରନର୍ସ ଅପ ହୋଇଥିଲା। ଚାମ୍ପିୟନ ଦଳକୁ ୭ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ରନର୍ସଅପ ଦଳକୁ ୫ହଜାର ସହ ଟ୍ରଫି ପ୍ରଦାନ କରାଯାଇଛି। ଖେଳକୁ ଆନୁଷ୍ଠାନିକ ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଓ ପୂର୍ବତନ ପାଟଣା ବିଧାୟକ ହୃଷିକେଶ ନାଏକ ଫିତା କାଟି ଶୁଭାରମ୍ଭ କରିବା ପରେ ଖେଳ ଆରମ୍ଭ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

## ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ ଚାମ୍ପିୟନ

ଭଦ୍ରକ ଅଫିସ, ୧୩।୩

ଓଡ଼ିଶା କ୍ରିକେଟ ଆସୋସିଏଶନର ଭିଜନ-୨୦୨୪ ପରିପ୍ରେକ୍ଷୀରେ ଭଦ୍ରକ ଚରମ୍ପା ସ୍ଥିତ ରେଲୱେ କ୍ରିକେଟ ପଡ଼ିଆରେ ଆୟୋଜିତ ଆନ୍ତଃ ଜିଲା କ୍ଲବ କ୍ରିକେଟର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚରମ୍ପା କ୍ରିକେଟ ଏକାଡେମୀକୁ ହରାଇ ଚରମ୍ପା ବିଜୟଭାନୁ ମେମୋରିଆଲ କ୍ରିକେଟ ଏକାଡେମୀ ଚାମ୍ପିୟନ ହୋଇଛି। ବିଜୟଭାନୁ ଦଳ ୪୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୪୩୭ ରନ୍ କରିଥିଲା। ଚରମ୍ପା ଏକାଡେମୀ ୪୨ ଓଭରରେ ୧୨୩ ରନ୍ କରି ସମସ୍ତ ଖେଳାଳି ଆଉଟ ହୋଇଯାଇଥିଲେ।

ଟୁର୍ନାମେଣ୍ଟର ଅଧ୍ୟକ୍ଷ ତଥା ଜିଲା କ୍ରିକେଟ ଆସୋସିଏଶନର ସମ୍ପାଦକ ଧିରେନ ପଲାଇ, କ୍ୟୁରେଟର କେଶବ ସିହ୍ନା, ଜିଲା ଆସୋସିଏଶନ ସଭାପତି ଉପେନ୍ଦ୍ର ବାରିକ, କାର୍ଯ୍ୟକାରୀ କମିଟି ସଦସ୍ୟ ଅତିସ୍ ବେହେରା, ଉପସଭାପତି ଭବତୋଷ ଦାସ, ସଦସ୍ୟ ଜତିକାନ୍ତ ନାୟକ, ପାର୍ଥସାରଥୀ ଗୁହ, ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ, ନରେନ ପଲାଇ, ଓସିଏ କୋଚ୍ କେ ଭି ପ୍ରସାଦ ଓ କ୍ରୀଡ଼ା ଶିକ୍ଷକ ରବିନାରାୟଣ ଓଝା ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆକାଶ ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଭାବେ ଲଲାଟ କେଶରୀ ନନ୍ଦ, ରଞ୍ଜନ ମହାନ୍ତି ରହିଥିବା ବେଳେ ସ୍କୋରର ଭାବେ ପ୍ରଦୀପ୍ତ ନାୟକ ଓ ସସ୍ମିତା ସାହୁ ଦାୟିତ୍ୱ ନିର୍ବାହ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଦଳ।

## ୱେଷ୍ଟଇଣ୍ଡିଜର ଦ୍ୱିତୀୟ ବିଜୟ

ନର୍ଥ ପଏଣ୍ଟ, ୧୩।୩ (ଏପି)

ସ୍ଥାନୀୟ ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚରେ ୱେଷ୍ଟଇଣ୍ଡିଜ ୫ ଉଇକେଟରେ ବିଜୟ ହାସଲ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରିନେଇଛି। ଏଭିନ ଲିୱିସ ଓ ଶାଇ ହୋପ୍‌ଙ୍କ ମଧ୍ୟରେ ଓପନିଂ ପାର୍ଟନରଶିପ୍‌ରେ ୧୯୨ ରନ ସଂଗ୍ରହ ଏବଂ ଇନିଂସର ଶେଷ ପର୍ଯ୍ୟାୟରେ ନିକୋଲାସଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ଘରୋଇ ଦଳ ମ୍ୟାଚ ଜିତିପାରିଥିଲା। ଲିୱିସ ୧୦୩ ଏବଂ ହୋପ୍ ୮୪ ରନ କରି ୱେଷ୍ଟଇଣ୍ଡିଜର ମୂଳଦୁଆ ସୁଦୃଢ କରିଥିଲେ। ଯାହାଫଳରେ ଦଳ ଦୁଇଟି ବଲ୍ ବାକିଥାଇ ୫ ଉଇକେଟ ବିନିମୟରେ ଶ୍ରୀଲଙ୍କାର ୨୭୩/୮ ସ୍କୋରକୁ ଅତିକ୍ରମ କରିବାରେ ସଫଳ ରହିଥିଲା। ୪୬ତମ ଓଭରରେ ଅଧିନାୟକ କିରନ ପୋଲାର୍ଡ ଆଉଟ ହେବାପରେ ଘରୋଇ ଦଳ ଏକଦା ୨୩୩/୪ ସ୍କୋରରେ ଚାପରେ ରହିଥିଲା। କିନ୍ତୁ ୩୮ ବଲ୍‌ରୁ ୩୫ରନ କରି ଅପରାଜିତ ରହିଥିବା ପୁରାନ ତାଙ୍କ ଦଳକୁ ଶେଷ ଓଭରକୁ ନେଇଥିଲେ। ଅନ୍ତର୍ଜାତୀୟ ଦିନିକିଆରେ ଶ୍ରୀଲଙ୍କା ବିପକ୍ଷରେ ୱେଷ୍ଟଇଣ୍ଡିଜର ଏହା ସର୍ବୋଚ୍ଚ ରନ୍ ଚେଜ୍ ଥିଲା। ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ବିନିମୟରେ ୨୭୩ ରନ କରିଥିଲା। ଟପ୍ ସ୍କୋରର ଓପନର ଦାନୁଷ୍କା ଗୁଣତିଲକା ୯୬, ଉଇକେଟକିପର ଦିନେଶ ଚାଣ୍ଡିମଲ ୭୧ ଓ ୱାନିଣ୍ଡୁ ହସରଙ୍ଗା ୪୭ ରନ କରିଥିଲେ। ୱେଷ୍ଟଇଣ୍ଡିଜର ଜାସନ ମହମ୍ମଦ ୩, ଅଲଜାରୀ ଯୋଶେଫ୍ ୨ଉଇକେଟ ନେଇଥିବା ବେଳେ ଜାସନ ହୋଲ୍ଡର ଓ ଆକିଲ ହୋସେନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


୧୯୨ ରନ ଭାଗୀଦାରି ଅବସରରେ ଏଭିନ ଲିୱିସ ଓ ଶାଇ ହୋପ୍।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ଇନିଂସ:** ୫୦ ଓଭରରେ ୨୭୩/୮ (ଗୁଣତିଲକା-୯୬, ଚାଣ୍ଡିମଲ-୭୧, ହସରଙ୍ଗା-୪୭; ଜାସନ ମହମ୍ମଦ-୩/୪୭, ଅଲ୍‌ଜାରି ଯୋଶେଫ୍-୨/୪୨)।

**ୱେଷ୍ଟଇଣ୍ଡିଜ ଇନିଂସ:** ୪୯.୪ ଓଭରରେ ୨୭୪/୫ (ଲିୱିସ-୧୦୩, ହୋପ୍-୮୪, ପୁରାନ-୩୫*; ଥିସାରା ପେରେରା-୨/୪୫, ନୁୱାନ ପ୍ରଦୀପ-୨/୬୬)।

**ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ**

ବଇଣ୍ଡା, (ଡି.ଏନ.ଏ.): ଠାକୁରଗଡ ଥାନା ଘଟିଟେଙ୍ଗୁଲି ଗ୍ରାମର ଦୁର୍ଯ୍ୟୋଧନ ପଲେଇଙ୍କୁ ଶ୍ରୀକର ପ୍ରଧାନ ଆକ୍ରମଣ କରିଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ଶ୍ରୀକରଙ୍କୁ ଗିରଫ କରିଛି। ଶ୍ରୀକରଙ୍କ ପାଖରେ ଦୁର୍ଯ୍ୟୋଧନ ଶ୍ରମିକ ଭାବେ କାମ କରୁଥିଲେ। ବକେୟା ୪୦୦ ସହ ଟଙ୍କା ମଜୁରି ମାଗିବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ଶ୍ରୀକର ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ଅଭିଯୋଗରେ ଦର୍ଶାଯାଇଛି।

# ମାତିଛନ୍ତି ସିନ୍ଧିଚୋର

- ପରଜଙ୍ଗ ଥାନା ଅଞ୍ଚଳରେ ବଢୁଛି ଅପରାଧ
- ଦୁର୍ବୃତ୍ତଙ୍କ ଟାର୍ଗେଟରେ ତାଲା ବନ୍ଦ ବାସଗୃହ
- ଷ୍ଟାଫ୍ ନର୍ସଙ୍କ କ୍ୱାର୍ଟର୍ସରେ ବୁଲାଇଲେ କଳାକନା

**ପରଜଙ୍ଗ, ୧୩।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ମାତିଛନ୍ତି ସିନ୍ଧିଚୋର। ତାଲା ପଡ଼ିଥିବା ଘର, ସରକାରୀ କ୍ୱାର୍ଟର୍ସ ସେମାନଙ୍କ ଟାର୍ଗେଟରେ ରହୁଛି। ରାତିଅଧିଆ ତାଲା କାଟି, କବାଟ ଭାଙ୍ଗି ଘରେ ପଶି ସେମାନେ ଲୁଟି ନେଉଛନ୍ତି ଟଙ୍କା, ସୁନା ଅଳଙ୍କାର ସମେତ ମୂଲ୍ୟବାନ ଉପକରଣ। ପରଜଙ୍ଗ ବିଡିଓଙ୍କ କ୍ୱାର୍ଟର୍ସ ପରେ କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ଼ ମେଡିକାଲ ପରିସରରେ ଥିବା ଷ୍ଟାଫ୍ କ୍ୱାର୍ଟର୍ସରୁ ବଡ଼ ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇଯାଇଛନ୍ତି। ବାରମ୍ବାର ଏଭଳି ଅପରାଧ ବୃଦ୍ଧି ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଛି। ପୋଲିସ ଅପରାଧୀଙ୍କ ନିକଟରେ ପହଞ୍ଚି ପାରୁ ନ ଥିବାବେଳେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଅଭିଯୋଗ ଅନୁଯାୟୀ, କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ଼ ମେଡିକାଲ ପରିସରରେ ଥିବା ଷ୍ଟାଫ୍ କ୍ୱାର୍ଟର୍ସରେ ରୁହନ୍ତି ଷ୍ଟାଫ୍ ନର୍ସ ଅର୍ଚ୍ଚନା ରାଉଳ। ଟ୍ରେନିଂ ଥିବାରୁ ସେ ମଙ୍ଗଳବାରଠାରୁ ଢେଙ୍କାନାଳରେ ଥିଲେ। ଶନିବାର କାର୍ଯ୍ୟରେ ଯୋଗଦେବା ଲାଗି ମହାବିରୋଡ଼ ଫେରିଥିଲେ। ତେବେ କ୍ୱାର୍ଟର୍ସକୁ ଯିବା ବେଳେ ତାଲା ଭାଙ୍ଗିଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ପଶିବା ସହ ଆଲ୍‌ମିରାରୁ ସୁନାଗହଣା ଲୁଟି ନେଇଥିଲେ। ତାଙ୍କର ଗୋଟିଏ ହାର, ୯ଟି ସୁନା ମୁଦି, ୨ଟି ଚେନ୍ ସମେତ ୩୦୦୦ ଟଙ୍କା ଚୋରି



ଦୁର୍ବୃତ୍ତମାନେ ଆଲମିରା ଖୋଲି ଅଳଙ୍କାର ନେଇ ଯାଇଛନ୍ତି।

ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ମହାବିରୋଡ ଫାଣ୍ଡିରେ ଅଭିଯୋଗ କରିବା ପରେ ଏସ୍‌ଆଇ ତଥା ଫାଣ୍ଡି ଅଧିକାରୀ ସମରେନ୍ଦ୍ର ସାମଲ ସଦଳବଳ ପହଞ୍ଚି ଛାନ୍‌ଭିନ୍ ଚଳାଇଛନ୍ତି। ଖବର ଲେଖାଯିବା ଯାଏ ଅଭିଯୁକ୍ତଙ୍କୁ ଟେର୍ ମିଳି ନ ଥିବା ଜଣାପଡ଼ିଛି। ମହାବିରୋଡ଼ ଫାଣ୍ଡିଠାରୁ ଅଳ୍ପ ଦୂରରେ ଥିବା ଏହି ମେଡିକାଲ କ୍ୱାର୍ଟର୍ସରୁ ଏଭଳି ଚୋରି ହେବା ପୋଲିସଙ୍କୁ ଚୋରଙ୍କ ଖୋଲା ଚ୍ୟାଲେଞ୍ଜ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଫାଣ୍ଡିଅଧିକାରୀ କୁହନ୍ତି, ମେଡିକାଲ ଷ୍ଟାଫ୍ କ୍ୱାର୍ଟର୍ସ ପଛପାଖେ ଜଙ୍ଗଲ ରହିଛି। ଫଳରେ ଅଭିଯୁକ୍ତଙ୍କୁ ଚୋରି କରିବାରେ ସୁବିଧା ହେଲା। ଘର ଭାଙ୍ଗିବା ପରେ ସେମାନେ ଆଲମିରା ଚାବି ପାଇଯାଇଥିଲେ। ଫଳରେ ଆଲମିରା ଖୋଲି ଅଳଙ୍କାର ଲୁଟି ନେବାରେ ସୁବିଧା ହେଲା। ପୋଲିସ ତଦନ୍ତ କରୁଛି। ଅଭିଯୁକ୍ତ ଧରାପଡ଼ିବେ।

ସୂଚନାଯୋଗ୍ୟ, ଗତ କିଛିଦିନ ମଧ୍ୟରେ ପରଜଙ୍ଗ ଥାନା ଇଲାକାରେ ଏଭଳି ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଗତ ୭ତାରିଖରେ ପିତିରି-ଡୁବୁରୀ ୫୩ନଂ. ଜାତୀୟ ରାଜପଥର ଓଡ଼ସିଙ୍ଗା ଛକ ନିକଟରେ ଲୁଟ୍ ହୋଇଥିଲା। ଦୁର୍ବୃତ୍ତମାନେ ଭୁଜାଲି, ବନ୍ଧୁକ ଦେଖାଇ ବ୍ରାହ୍ମଣବେଢ଼ିଆ ଗ୍ରାମର ବିକାଶ ବେହେରା ଏବଂ ତାଙ୍କ ଭଉଣୀ ମୀନାକ୍ଷି ବେହେରାଙ୍କଠାରୁ ସୁନା ଅଳଙ୍କାର ନେଇ ଚମ୍ପଟ ମାରିଥିଲେ। ଉକ୍ତଦିନ ବିଳମ୍ବିତ ରାତିରେ ସାଆନ୍ଦା ଫାଣ୍ଡି ଅନ୍ତର୍ଗତ ବେକାଗାଡ଼ିଆ ଗ୍ରାମର ବସନ୍ତ ପାଣିଙ୍କ ଘରେ କଳାକନା ବୁଲାଇଥିଲେ ଦୁର୍ବୃତ୍ତ। ମେଡିକାଲ କାର୍ଯ୍ୟରେ ବସନ୍ତଙ୍କ ପରିବାର ସଦସ୍ୟ ବାହାରେ ଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା କାଟି ଘରେ ପଶି ଆଲମିରାରେ ରଖାଯାଇଥିବା ସୁନାଗହଣା, ଟଙ୍କା, ଟିଭି ଲୁଟି ନେଇଥିଲେ। ଗତ ୧୦ ତାରିଖରେ ପରଜଙ୍ଗ ବିଡିଓ ବସନ୍ତ କୁମାର ମଲ୍ଲିକଙ୍କ କ୍ୱାର୍ଟର୍ସରୁ ଜରୁରୀ ନଥିପତ୍ର, ଟଙ୍କା, ଘଣ୍ଟା, ମୋବାଇଲ, ରୋଷେଇ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଥିଲେ। ଏହାକୁ ବାଦ୍‌ଦେଲେ ବାଇକ୍ ଚୋରି ମଧ୍ୟ ବଢ଼ିବାରେ ଲାଗିଛି। ବାରମ୍ବାର ଅଞ୍ଚଳରେ ଏଭଳି ଅପରାଧିକ କାର୍ଯ୍ୟକଳାପ ବଢୁଥିବାରୁ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ବେଗା ସଂରକ୍ଷିତ ଜଙ୍ଗଲରେ ନିଆଁ



**ଢେଙ୍କାନାଳ ଅଫିସ, ୧୩।୩:** ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଷଡଙ୍ଗୀ ରେଞ୍ଜ୍ ଖଙ୍କିରା ସେକ୍ସନର ବେଗା ସଂରକ୍ଷିତ ଜଙ୍ଗଲରେ ଶନିବାର ପୂର୍ବାହ୍ନ ୧୧ଟାରେ ନିଆଁ ଲାଗି ବହୁ ଶାଗୁଆନ ଗଛ ଜଳିଯାଇଛି। ମଲ୍ଲିକ ସାହି ନିକଟରେ ଶୁଖିଲାପତ୍ରରେ ନିଆଁ ଲାଗି ଜଙ୍ଗଲକୁ ବ୍ୟାପିଯାଇଥିବା ବନ ବିଭାଗ ସନ୍ଦେହ କରୁଛି। ଦୁଇଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇପାରିଛି। ସ୍ଥାନୀୟ ବନ ବିଭାଗ, ବନ ସଂରକ୍ଷଣ ସମିତି ସଦସ୍ୟ, ଅଞ୍ଚଳବାସୀ, ଗଁଦିଆ ଅଗ୍ନିଶମ ସେବା ଦଳ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ବେଗା ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଛି। ବଣିଆପଡା ସଂରକ୍ଷିତ ଜଙ୍ଗଲ ମଧ୍ୟ ବନାଗ୍ନି କବଳକୁ ଆସିଥିଲା। ଏହାକୁ ଲିଭାଇ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି।

### ଯୋଗ ରେଫରି ମନୋନୀତ

**ଢେଙ୍କାନାଳ ଅଫିସ,୧୩।୩:** ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଯୋଗକୁ କ୍ରୀଡ଼ାର ମାନ୍ୟତା ଦେବାପରେ ଓଡ଼ିଶା ଯୋଗାସନ ସ୍ପୋର୍ଟସ୍ ଆସୋସିଏଶନ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ଜଜ୍ ଓ ରେଫରି ପରୀକ୍ଷା କରାଯାଇଥିଲା। ଉକ୍ତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଢେଙ୍କାନାଳ ଜିଲାରୁ ୪ଜଣ ଯୋଗରେଫରି ଓ ଜଜ୍ ଭାବେ ଚୟନ ହୋଇଛନ୍ତି। ସେମାନେ ହେଲେ ଯୋଗସଂଘ ସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା, ସଂଯୋଜକ ଅଶ୍ୱିନୀ ପତି, ପରାମର୍ଶଦାତା ଜିତେନ୍ଦ୍ର ପରିଡ଼ା ଏବଂ ଲିନା ତ୍ରିପାଠୀ। ଏହି ସଫଳତା ପରେ ଢେଙ୍କାନାଳ ଯୋଗସଂଘ ପକ୍ଷରୁ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ସକ୍ରିୟ ହେବ ଗଣନାଥ ମିଶ୍ର ପାଠାଗାର

**ଢେଙ୍କାନାଳ ଅଫିସ, ୧୩।୩:** ଢେଙ୍କାନାଳ ଶ୍ୟାମାଚରଣପୁରସ୍ଥିତ ପଣ୍ଡିତ ଗଣନାଥ ମିଶ୍ର ପାଠାଗାରକୁ ସକ୍ରିୟ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧୧ଜଣିଆ କାର୍ଯ୍ୟକାରୀ ସମିତି ଗଠିତ ହୋଇଛି। ନବଗଠିତ କମିଟିରେ ପ୍ରଫେସର ନିତ୍ୟାନନ୍ଦ ନିର୍ଦ୍ଦେଶକ ରହିଥିବାବେଳେ ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର ସଭାପତି, ସତ୍ୟନାରାୟଣ ଷଡଙ୍ଗୀ, ବିରଞ୍ଚି ନାଥ ଉପସଭାପତି, ବିରଞ୍ଚି ନାରାୟଣ ମିଶ୍ର ସମ୍ପାଦକ, ଅମ୍ବିକା ବରାଳ, ସୁରେଶ ଜେନା ଯୁଗ୍ମ ସମ୍ପାଦକ, ଅନନ୍ତ ବେହେରା, ଶ୍ରୀପତି ଦାସ, ବଂଶୀଧର ସ୍ୱାଇଁ ପ୍ରମୁଖ ସାମାଜିକ ସମ୍ପର୍କ ରକ୍ଷା ପଦବୀ ଲାଗି ଚୟନ ହୋଇଛନ୍ତି। ସାମୟିକ ଆଲୋଚନାଚକ୍ର, ବହି କ୍ୟାଟଲଗ୍, ପତ୍ରିକା ପ୍ରକାଶନ ଏବଂ ଜନସମ୍ପର୍କ ସୃଷ୍ଟି କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି।

### ନବାହ୍ନ ପାରାୟଣ ପାଇଁ ପ୍ରସ୍ତୁତି

**ଛେଣ୍ଡିପଦା,୧୩।୩(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଖମାର ଚନ୍ଦନ ପଡିଆଠାରେ ନବାହ୍ନ ପାରାୟଣ ପାଇଁ ଏକ ପ୍ରସ୍ତୁତି ବୈଠକ ଖମାର ବାବା ବାଣେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ମନୋଜ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କୋଭିଡ୍ କଟକଣାକୁ ମାନି କିପରି ଭାବେ ପରାୟଣ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ୧୫ ରୁ ୨୩ ତାରିଖ ପର୍ଯ୍ୟନ୍ତ ନବାହ୍ନ ପାରାୟଣ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖମାର ଗ୍ରାମ୍ୟ କମିଟି ସଭାପତି କୁଳମଣି ଗଡନାୟକ, ସମ୍ପାଦକ ଘାସିରାମ ମାଝି, ପାରାୟଣ କମିଟି ସମ୍ପାଦକ ରଶ୍ମିରଞ୍ଜନ ମାଝି, ସରପଞ୍ଚ ବିଜୟ କୁମାର ଗଡନାୟକ, ପାରାୟଣ କମିଟି ସଦସ୍ୟ ବାବୁଲାଲ ଗଡନାୟକ, କୁନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାକୁ ହରାଇଲା କଟକ



ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ପରଜଙ୍ଗ, ୧୩।୩ (ଡି.ଏନ.ଏ.)**

ପରଜଙ୍ଗ ମିନି ଷ୍ଟାଡିୟମରେ ରଘୁବୀର ଫାଉଣ୍ଡେଶନ ପକ୍ଷରୁ ଚାଲିଥିବା ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ୍ ୟୁନିୟନକୁ ହରାଇ କଟକ ଆର୍‌ସିସି ୱିଙ୍ଗ ଷ୍ଟାର ବିଜୟୀ ହୋଇଛି।

ପ୍ରଥମେ ବ୍ୟାଟିଂ କରି କଟକ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୩ ରନ୍ କରିଥିଲା। ଜବାବରେ ଝାରସୁଗୁଡା ୮ ଉଇକେଟ ବିନିମୟରେ ୧୮୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସ୍ୱାଧୀନ ପ୍ରଧାନ, ପ୍ରକାଶ ସେଠୀ ଖେଳ ପରିଚାଳନା କରିଥିଲେ। ଶାନ୍ତିସ୍ୱରୂପ ତ୍ରିପାଠୀ ଧାରା ବିବରଣୀ ଦେଇଥିବାବେଳେ ସଂଗ୍ରାମ ଦଳବେହେରା ସ୍କୋରର ରହିଥିଲେ। ରବିଶଙ୍କର ସାହୁ 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ। ରଘୁବୀର ଫାଉଣ୍ଡେଶନର ରଞ୍ଜନ ଦଳବେହେରା ଅତିଥି ଭାବେ ଯୋଗଦେଇ ତାଙ୍କୁ ପୁରସ୍କୃତ କରିଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଏନ୍‌ଆରସିଏ ନାଲ୍‌କୋ ଏବଂ ଆର୍‌ସିସି ୱିଙ୍ଗଷ୍ଟାର କଟକ ମଧ୍ୟରେ ଅନୁଷ୍ଠିତ ହେବ।

# ଫସଲ ନଷ୍ଟ କଲେ ହାତୀ

**କଣିହାଁ,୧୩।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ତାଳଚେର ବନାଞ୍ଚଳ ଶିପୁର ସେକ୍ସନ ବିରୁ ଗ୍ରାମରେ ଶୁକ୍ରବାର ରାତିରେ ହାତୀ ପଶି ଫସଲ ନଷ୍ଟ କରିଛନ୍ତି। ଗ୍ରାମର ସୁନୀଲ ପ୍ରଧାନଙ୍କ ବଗିଚାରେ ଥିବା ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କଦଳୀ ଗଛ ଖାଇବା ସହ ଆମ୍ବ ଓ ଅନ୍ୟ ଫଳ ଗଛ ଭାଙ୍ଗି ଦେଇଛନ୍ତି। ଏ ନେଇ ସୁନୀଲ ବନ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶିପୁର ସେକ୍ସନ ଫରେଷ୍ଟର ବାବନ ଚନ୍ଦ୍ର ରାଉତ କହିଛନ୍ତି, ବଗିଚାରେ ହାତୀ ପଶି ଫସଲ ନଷ୍ଟ କରିଥିବା ନେଇ ଖବର ପାଇବା ପରେ କର୍ମଚାରୀ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି। ତଦନ୍ତ ପରେ କ୍ଷତିପୂରଣ ନିମନ୍ତେ ଉପରିସ୍ଥ ଅଧିକାରୀଙ୍କୁ ଜଣାଯିବ। ବର୍ତ୍ତମାନ ବିରୁ ଗ୍ରାମ ଆଖପାଖ ଜଙ୍ଗଲରେ ଦୁଇଟି ହାତୀ ରହିବା ସହ ବିଭିନ୍ନ ସ୍ଥାନ ବୁଲୁଛନ୍ତି। ଲୋକମାନେ ସତର୍କ ରହିବାକୁ ମାଇକ ଓ ବିଭିନ୍ନ ମାଧ୍ୟମରେ ସଚେତନ କରାଯାଉଛି।

# ଗ୍ରାମ ବିକାଶରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବନ୍ତଳା, ୧୩।୩(ଡି.ଏନ.ଏ.)**

ମହାତ୍ମା ଗାନ୍ଧୀଙ୍କ ଐତିହାସିକ ଦଣ୍ଡିଯାତ୍ରାକୁ ମନେପକାଇ ଅନୁଗୋଳ ମାରୱାଡି ଧର୍ମଶାଳା ପରିସରରେ ଶୁକ୍ରବାର ନେହେରୁ ଯୁବକେନ୍ଦ୍ର ତରଫରୁ 'ଗ୍ରାମ ବିକାଶରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଦୀପ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅନୁଗୋଳ ସ୍ୱୟଂଶାସିତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ ସର, ବଇଣ୍ଡା ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ ମହାପାତ୍ର, ପ୍ରଜ୍ଞା ଜାଗୃତି ଶିକ୍ଷା ନିକେତନ ପ୍ରତିଷ୍ଠାତା ସମ୍ପାଦକ ସୁଶାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଏବେକାର ସମୟରେ ପରିବେଶ ଦୂଷିତ ହେବାରେ ଲାଗିଛି। ଅପମିଶ୍ରଣ ଖାଦ୍ୟ କାରବାର ବଢ଼ିବାରେ ଲାଗିଛି। ଏହା ରୋଗର କାରଣ ପାଲଟୁଛି। ଏହାର ସମାଧାନ ଲାଗି ଜୈବିକ ପଦ୍ଧତିରେ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ଜରୁରୀ। ଯୁବାବସ୍ଥାରେ ନୂତନ ଚିନ୍ତାଧାରା ଜନ୍ମ ନେଇଥାଏ। ଏହାକୁ ଗ୍ରାମର ବିକାଶରେ ଉପଯୋଗ କରିବା ଉଚିତ। ଗ୍ରାମର ବିକାଶ ହେଲେ ଦେଶର ବିକାଶ ହେବ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିଶୁ ସୁରକ୍ଷା, ଆତ୍ମନିର୍ଭରଶୀଳ ହେବା, ଆଦି ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ଯୁବତୀଯୁବକ, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଅତିଥିମାନେ।

# ୧୭ରୁ ବ୍ଲକ ଅଫିସ ଆଗରେ ଧାରଣା

**ବଇଣ୍ଡା,୧୩।୩(ଡି.ଏନ.ଏ.)**

ଧାନ କିଣା ସହ ସମସ୍ତ ମଣ୍ଡି ଚାଲୁ କରିବା ଦାବିରେ କିଶୋରନଗର ବ୍ଲକ ଜୀବନଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ମାର୍ଚ୍ଚ ୧୭ରୁ କିଶୋରନଗର ବ୍ଲକ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯିବ। ଏ ନେଇ ଶନିବାର ଜଏରାଟଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। କମିଟି ସଭାପତି ଦିନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ପୀତାମ୍ବର ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ବାବାଜୀ ଚରଣ ପ୍ରଧାନଙ୍କ ସମେତ କମିଟି କର୍ମକର୍ତ୍ତା ଯୋଗ ଦେଇଥିଲେ। ସେମାନେ କହିଥିଲେ, କିଶୋରନଗର ବ୍ଲକରେ ଥିବା ସମସ୍ତ ମଣ୍ଡିରେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଟୋକାନ ଦିଆଯାଇଛି। ହେଲେ ସେମାନଙ୍କ ଧାନ କିଣାଯାଉନାହିଁ। ଚାଷୀମାନେ ବିଭିନ୍ନ ସ୍ଥାନରୁ ଋଣ କରି ଚାଷ କରିଥିବାବେଳେ ଧାନ ବିକ୍ରି କରି ନ ପାରି ଘରେ ଗଚ୍ଛିତ କରି ରଖିଛନ୍ତି। ଏ ନେଇ କମିଟି ପକ୍ଷରୁ ଫେବୃୟାରୀ ୨୪ରେ ବ୍ଲକ ଏବଂ ମାର୍ଚ୍ଚ ୧୦ରେ ଉପଜିଲାପାଳଙ୍କ ଅଫିସ ଘେରାଉ କରାଯାଇଥିଲା। ହେଲେ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା। ପୁଣି ବ୍ଲକ ସମ୍ମୁଖରେ କମିଟି ପକ୍ଷରୁ ଅହୋରାତ୍ର ଧାରଣା ଦିଆଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ବିଦ୍ୟାଳୟ ମିଶ୍ରଣକୁ ବିରୋଧ



ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି।

**ବଇଣ୍ଡା,୧୩।୩(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କୃତ୍ତିବାସପୁର ପଞ୍ଚାୟତ ଦାମବାହାଳ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଏହାର ପ୍ରତିବାଦରେ ଗ୍ରାମବାସୀ ଶନିବାର ମିଶ୍ରଣ ହୋଇଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତେନ୍ତୁଳିପଥରକୁ ଶନିବାର ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଦାମବାହଳ ପ୍ରାଥମିକ ବିଦ୍ୟାଳୟରେ ୨୩ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସରକାର ଉକ୍ତ ବିଦ୍ୟାଳୟକୁ ୧ କି.ମି. ଦୂର ତେନ୍ତୁଳିପଥର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷ ମିଶ୍ରଣ କରିଥିଲେ। ଫଳରେ ଛାତ୍ରୀଛାତ୍ରମାନେ ଜଙ୍ଗଲ ରାସ୍ତା ଦେଇ ସ୍କୁଲ ଯିବାକୁ ଭୟ କରୁଛନ୍ତି। ବିଦ୍ୟାଳୟ ଖୋଲି ନ ଥିବାବେଳେ ଅଭିଭାବକମାନେ ବିଦ୍ୟାଳୟକୁ ପିଲାଙ୍କୁ ନ ଛାଡିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହିପରି ବିଦ୍ୟାଳୟକୁ ମିଶ୍ରଣ ନ କରିବା ପାଇଁ ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, ସରକାରୀ ନିୟମ ଅନୁସାରେ ବିଦ୍ୟାଳୟ ମିଶ୍ରଣ ହୋଇଛି। ବିଦ୍ୟାଳୟରେ ତାଲା ପକାଇବା ବେଆଇନ। ସ୍କୁଲ ସମସ୍ୟା ସମ୍ପର୍କରେ ବିଇଓକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯିବ।

# ଘରେ ପଶିଲା ଡ୍ରେନ୍ ପାଣି

**ଛେଣ୍ଡିପଦା,୧୩।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ତୁକୁଡା ଗ୍ରାମ ତଳସାହିରେ ଥିବା ଡ୍ରେନ୍ ଦୀର୍ଘଦିନ ହେଲା ସଫା ହୋଇ ନ ଥିବାରୁ ସମସ୍ୟା ଜଟିଳ ହେବାରେ ଲାଗିଛି। ଶନିବାର ଅଦିନିଆ ବର୍ଷା ଯୋଗୁ ଡ୍ରେନ୍ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ପ୍ରବାହିତ ହୋଇଥିଲା। ଆବର୍ଜନାମିଶା ପାଣି ତଳସାହିର କେତେଜଣ ଲୋକଙ୍କ ଘରେ ପଶିଥିଲା। ଡ୍ରେନର ପୁନରୁଦ୍ଧାର ପାଇଁ ସାହିବାସିନ୍ଦା ଦୀର୍ଘଦିନ ହେବ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ତୁରନ୍ତ ଡ୍ରେନକୁ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ପାଉଁଶ ଗୁଣ୍ଡରେ ଗ୍ରାମବାସୀ ହନ୍ତସନ୍ତ

**କଣିହାଁ,୧୩।୩(ଡି.ଏନ.ଏ.)**

କଣିହାଁ ବ୍ଲକ ଅଞ୍ଚଳରେ ଗଢ଼ି ଉଠିଥିବା ବିଭିନ୍ନ କାରଖାନା ଏବଂ ଖଣିରୁ ଶନିବାର ପୂର୍ବାହ୍ନ ୬ଟାରୁ ଅପରାହ୍ନ ୧ଟା ଯାଏ ପାଉଁଶ ଓ କୋଇଲା ଗୁଣ୍ଡ ଉଡ଼ିଥିଲା। ଫଳରେ ଡେରଙ୍ଗ, କାକୁଡ଼ିଆ, ବଡ଼ଗୁଣ୍ଡୁରୀ, କଣିହାଁ, ବିଜିଗୋଳ, ଜରଡ଼ା, କମରେଇ, ଗଦାଶିଳା, ହନୁମାନପୁର ସମେତ ବିଭିନ୍ନ ପଞ୍ଚାୟତର ଶତାଧିକ ଲୋକ ପ୍ରଦୂଷଣ ସମସ୍ୟାକୁ ନେଇ ହନ୍ତସନ୍ତ ହୋଇଥିଲେ। ପ୍ରକଳ୍ପ ନିକଟସ୍ଥ ବାସିନ୍ଦାଙ୍କ ଘର ଅଗଣା, ରୋଷେଇ ଘର ଉପରେ ପାଉଁଶ ଓ କୋଇଲା ଗୁଣ୍ଡ ଆସ୍ତରଣ ବିଛେଇ ହୋଇଥିଲା। ଜଳସିଞ୍ଚନ ବ୍ୟବସ୍ଥା ସହିତ ପାଉଁଶ ହୁଡ଼ାରେ ମାଟି ଘୋଡ଼ାଇବା କାର୍ଯ୍ୟରେ ଅବହେଳା ଯୋଗୁ ଏପରି ଘଟୁଥିବା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କାଳିନ୍ଦୀ ସାହୁ, ବିଷ୍ଣୁ ଦାସ, ଅବତାରୀ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି।



ପାଉଁଶ ପ୍ରଦୂଷଣ କବଳରେ ସମଗ୍ର ଅଞ୍ଚଳ।

# 'ସ୍ୱାବଲମ୍ବୀ କରିବ ଗୋପାଳନ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଗୋପ ଯାଦବ ସମିତିର ଚତୁଃବାର୍ଷିକ ବୈଠକ**

**କାମାକ୍ଷାନଗର, ୧୩।୩ (ଡି.ଏନ.ଏ.)**

ଗୋପାଳ ସମାଜର ମୁଖ୍ୟ ବେଉସା ଗୋପାଳନ। ଏହା ଏକ ଲାଭଦାୟକ ବ୍ୟବସାୟ। ସରକାର ଏଥିଲାଗି ପ୍ରୋତ୍ସାହନ ଦେଉଛନ୍ତି। ଏହାକୁ ବୃତ୍ତିଭାବେ ଗ୍ରହଣ କଲେ ବେକାର ଯୁବତୀଯୁବକମାନେ କର୍ମନିଯୁକ୍ତି ପାଇପାରିବେ ବୋଲି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରାୟନୃସିଂହପୁର କଲ୍ୟାଣମଣ୍ଡପରେ ଚାରିଦେଶ ଗୋପ ଯାଦବ ସମିତିର ଚତୁଃବାର୍ଷିକ ବୈଠକରେ ମତପ୍ରକାଶ ପାଇଛି।

ଶୁକ୍ରବାର ପ୍ରଥମ ଦିବସରେ ବିରାଟ ପଟୁଆରରେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ସଭାସ୍ଥଳକୁ ଅଣାଯାଇଥିଲା। ସମାଜର ବୃତ୍ତି, ଶିକ୍ଷା, ସଙ୍ଗଠନର ଉନ୍ନତି ଲାଗି ବରିଷ୍ଠ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଶନିବାର ଚାରିବର୍ଷ ପାଇଁ ସଂଘର କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସର୍ବସମ୍ମତିକ୍ରମେ ସଭାପତି ଭାବେ ଶିଶିରକାନ୍ତ ବେହେରା, କାର୍ଯ୍ୟକାରୀ ସଭାପତି ସାରଙ୍ଗଧର ପ୍ରଧାନ, ସାଧାରଣ ସମ୍ପାଦକ ଅକ୍ଷୟ ଭୋଇ, ସହ ସମ୍ପାଦକ ଅଜୟ ମହାଭୋଇ, କୋଷାଧ୍ୟକ୍ଷ ଭାବେ ସାରଙ୍ଗଧର ଦାସ ନିର୍ବାଚିତ ହୋଇଥିଲେ। ଏଥିସହ ୧୧ ଜୋନ୍ ପାଇଁ ୧୭୮ ଜଣ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ସନାତନ ବେହେରା ନିର୍ବାଚନ ପରିଚାଳନା କରିଥିଲେ। ଜିଲାର ୯୦ ସାହିର ଗୋପାଳ ସମାଜର ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରବିବାର ଉଦ୍‌ଯାପନୀ ଦିବସରେ କର୍ମକର୍ତ୍ତାମାନେ ଶପଥ ନେବେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି।

# କମିଲେ ଦେଶୀ, ବିଦେଶୀ ପର୍ଯ୍ୟଟକ

ଭୁବନେଶ୍ୱର,୧୩।୩ (ବ୍ୟୁରୋ)

**କୋଭିଡ୍ ମହାମାରୀ ପାଇଁ ପର୍ଯ୍ୟଟନ ଶିଳ୍ପ ବରବାଦ**

କୋଭିଡ୍ ମହାମାରୀ ଯୋଗୁ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପ ବରବାଦ ହୋଇଯାଇଛି। ପର୍ଯ୍ୟଟନ ବିଭାଗର ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟ ଅନୁଯାୟୀ ୨୦୨୦ ଡିସେମ୍ବର ମଧ୍ୟରେ ପର୍ଯ୍ୟଟନ ଶିଳ୍ପର ପ୍ରତିକୂଳ ଅଭିବୃଦ୍ଧି ହୋଇଛି। ଏହାଦ୍ୱାରା ରାଜକୋଷକୁ ମଧ୍ୟ ଝଟକା ଲାଗିଛି। ଘରୋଇ ଓ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛି। ୨୦୧୯-୨୦ରେ ରାଜ୍ୟକୁ ୯୦ ଲକ୍ଷ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୦-୨୧ରେ ମାତ୍ର ୪.୮୯ ଲକ୍ଷ ପର୍ଯ୍ୟଟକ ଆସିଛନ୍ତି। ରାଜ୍ୟ ବାହାରୁ ଆସୁଥିବା ୬୦ ଲକ୍ଷ ପର୍ଯ୍ୟଟକଙ୍କ ମଧ୍ୟରୁ ୨୦୨୦-୨୧ରେ ମାତ୍ର ୩ ଲକ୍ଷ ପର୍ଯ୍ୟଟକ ଓଡ଼ିଶାକୁ ଆସିଛନ୍ତି। ବିଦେଶୀ ପର୍ଯ୍ୟଟକ ସଂଖ୍ୟାରେ ମଧ୍ୟ ଆଶାତୀତ ଭାବେ ହ୍ରାସ ପାଇଛି। ୧୦୧୯-୨୦ରେ ଓଡ଼ିଶାକୁ ପ୍ରାୟ ୧ଲକ୍ଷ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୦-୨୧ରେ ୧୦୩ ଜଣ ପର୍ଯ୍ୟଟକ ଆସିଛନ୍ତି। ବିଦେଶୀ ପର୍ଯ୍ୟଟକଙ୍କ କ୍ଷେତ୍ରରେ -୯୯.୯୯ ବିପରୀତ ଅଭିବୃଦ୍ଧି ହୋଇଛି। ରାଜ୍ୟରେ ପର୍ଯ୍ୟଟନକୁ ପୁଣି ସଞ୍ଜୀବନୀ ଦେବାକୁ ରାଜ୍ୟ ସରକାର ୨୦୨୧-୨୨ ବଜେଟରେ ୪୮,୫୦୮ ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି। ଏଥିସହିତ ପର୍ଯ୍ୟଟନ ଶିଳ୍ପକୁ ଆଗକୁ ନେବା ଲାଗି ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ବହୁଳ ପ୍ରଚାର କରାଯିବା ସହିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବାକୁ କମିଟି ସୁପାରିସ କରିଛି।



ବିଧାନସଭାରେ ଶନିବାର ବିଭିନ୍ନ ପ୍ରସଙ୍ଗରେ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ବାଚସ୍ପତିଙ୍କ ପୋଡ଼ିୟମ ନିକଟକୁ ଚାଲିଆସି ହଟ୍ଟଗୋଳ କରୁଛନ୍ତି।

# ସବୁ ଜିଲାରେ ନିର୍ମାଣ ହେଉ ବସ୍‌ଷ୍ଟାଣ୍ଡ

ଭୁବନେଶ୍ୱର,୧୩।୩ (ବ୍ୟୁରୋ)

**ଷ୍ଟାଣ୍ଡିଂ କମିଟି ରିପୋର୍ଟ**

■ରକ୍ଷଣାବେକ୍ଷଣକୁ ନେଇ କମିଟି ଅସନ୍ତୁଷ୍ଟ

ପ୍ରତ୍ୟେକ ଜିଲା ଓ ସବ୍‌ଡିଭିଜନରେ ଭଲ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ଆବଶ୍ୟକ। ଏଥିସହିତ ଟ୍ରାଫିକ୍ ସମସ୍ୟାକୁ ଦୂର କରିବାକୁ ବଡ଼ ବଡ଼ ସହର ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ଟ୍ରକ୍ ଟର୍ମିନାଲ ନିର୍ମାଣ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗର ଷ୍ଟାଣ୍ଡିଂ କମିଟି ସରକାରଙ୍କୁ ସୁପାରିସ କରିଛି। ବିଧାନସଭାରେ ଉପସ୍ଥାପିତ ହୋଇଥିବା କମିଟି ରିପୋର୍ଟରେ କୁହାଯାଇଛି ଯେ ପରିବହନ ବ୍ୟବସ୍ଥାରେ ସୁଧାର ଆଣିବାକୁ ରାଜ୍ୟ ସରକାର ଓଡ଼ିଶା ପରିବହନ ନୀତି-୨୦୦୭ କାର୍ଯ୍ୟକାରୀ କରିଥିଲେ। ଓଡ଼ିଶା ପରିବହନ ଭିତ୍ତିଭୂମି ଉନ୍ନୟନ ଅଥରିଟି(ଓଟିଆଇଡିଏ) ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ କମିଟି ପରାମର୍ଶ ଦେଇଛି। ଏହା ସ୍ଥାପନ ହେଲେ ରାଜ୍ୟରେ ବସ୍‌ଷ୍ଟାଣ୍ଡ ଓ ଟ୍ରକ୍ ଟର୍ମିନାଲ ନିର୍ମାଣ ରକ୍ଷଣାବେକ୍ଷଣ ସହଜ ହୋଇପାରିବ। ଖୋର୍ଦ୍ଧା -ବଲାଙ୍ଗୀର ରେଳଲାଇନ ମଧ୍ୟରେ ଥିବା ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ସୋନପୁର ଜିଲାର ରେଳ ଷ୍ଟେଶନଗୁଡ଼ିକ ନିକଟରେ ନୂତନ ବହୁମୁଖୀ ବସ୍ ଟର୍ମିନାଲ ନିର୍ମାଣ କରାଯାଇପାରିବ। ରାଜ୍ୟରେ ଥିବା ବସ୍‌ଷ୍ଟାଣ୍ଡଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନାହିଁ। ବସ୍‌ଷ୍ଟାଣ୍ଡଗୁଡ଼ିକରେ ଥିବା ପାଇଖାନା ଓ ପରିସ୍ରାଗାରଗୁଡ଼ିକର ରକ୍ଷଣାବେକ୍ଷଣକୁ ନେଇ କମିଟି ଉଦ୍‌ବେଗ ପ୍ରକାଶ କରିଛି। ସେଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଘରୋଇ ସଂସ୍ଥାକୁ ଦେବା ସହ ଏଥିପାଇଁ ପର୍ଯ୍ୟାପ୍ତ ଅର୍ଥ ବରାଦ କରିବାକୁ କମିଟି ସୁପାରିସ କରିଛି ।

# ରାଜ୍ୟରେ ୪୬ ହଜାର ଇଞ୍ଜିନିୟର ବେକାର

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

ରାଜ୍ୟରେ ୪୬, ୭୩୧ ବିଟେକ୍, ଏମ୍‌ଟେକ୍ ଓ ଡିପ୍ଲୋମା ଇଞ୍ଜିନିୟର୍ ପଞ୍ଜିକୃତ ହୋଇ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି। ବିଟେକ୍‌ରେ ୯,୪୮୭ ଇଞ୍ଜିନିୟର୍ ନିଯୁକ୍ତି ପାଇ ନ ଥିବାବେଳେ ଏମ୍‌ଟେକ୍‌ରେ ୩,୪୯୭ ଏବଂ ଡିପ୍ଲୋମାରେ ୩୩,୭୪୭ ଇଞ୍ଜିନିୟର୍ ନିଯୁକ୍ତିରୁ ବଞ୍ଚିତ ଅଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ବିଧାୟକ ନାଉରୀ ନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନାୟକ କହିଛନ୍ତି ଯେ, ରାଜ୍ୟରେ ଥିବା ସରକାରୀ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟଗୁଡିକରେ ନିଜସ୍ୱ ପ୍ଲେସ୍‌ମେଣ୍ଟ ସେଲ୍ ଜରିଆରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଥାଏ। ବୈଷୟିକ ଶିକ୍ଷାପ୍ରାପ୍ତ ଛାତ୍ରୀଛାତ୍ର ସେମାନଙ୍କ ନିଜସ୍ୱ ଉଦ୍ୟମରେ ମଧ୍ୟ ନିଯୁକ୍ତି ବା ଆତ୍ମନିଯୁକ୍ତିର ସୁଯୋଗ ପାଇଥାନ୍ତି। ଏହାବ୍ୟତୀତ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିକ୍ଷମ କରାଇବା ପାଇଁ ସଫ୍ଟସ୍କିଲ୍ ଟ୍ରେନିଂ ଏବଂ ନିଯୁକ୍ତିଭିତ୍ତିକ ଦକ୍ଷତା ପ୍ରଶିକ୍ଷଣ ଆଦି ପ୍ରଦାନ କରାଯାଉଛି। ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ କରି ସେମାନଙ୍କୁ ଶିଳ୍ପଜଗତରେ ଚାହିଦା ଅନୁଯାୟୀ ନିଯୁକ୍ତି ପାଇବା ପାଇଁ ସରକାର ବିଭିନ୍ନ କମ୍ପାନୀଗୁଡିକ ସହ ବୁଝାମଣା କରି ମହାବିଦ୍ୟାଳୟସ୍ତରରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ସ୍ଥାପନ କରିଛନ୍ତି।

# ହଟ୍ଟଗୋଳରେ ଉପସ୍ଥାପନ ହେଲା ୮ ବିଲ୍

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ଚାଷୀ ସମସ୍ୟା ଓ ବିଧାୟକଙ୍କ ଆତ୍ମହତ୍ୟା ପ୍ରସଙ୍ଗକୁ ନେଇ ଶନିବାର ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଦଳ ପ୍ରବଳ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଭାଗୀୟ ମନ୍ତ୍ରୀମାନଙ୍କୁ ବିଲ୍ ଉପସ୍ଥାପନ କରିବାକୁ ଅନୁମତି ଦେଇଥିଲେ। ବିଧାନସଭାରେ ଉପସ୍ଥାପିତ ହୋଇଥିବା ବିଲ୍‌ଗୁଡ଼ିକ ହେଲା- ଓଡ଼ିଶା ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ ପରିଚାଳନା(ସଂଶୋଧନ) ବିଲ୍-୨୦୨୧, ଜାଭିୟର ବିଶ୍ୱବିଦ୍ୟାଳୟ(ସଂଶୋଧନ) ବିଲ୍-୨୦୨୧, ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍-୨୦୨୧, ଓଡ଼ିଶା ବିନିଯୋଗ ଅଧିନିୟମ(ରିପିଲ) ବିଲ୍-୨୦୨୧, ଓଡ଼ିଶା ନିରସନ ବିଲ୍ ୨୦୨୧, ଓଡ଼ିଶା ଅଧିବକ୍ତା କଲ୍ୟାଣ ପାଣ୍ଠି(ସଂଶୋଧନ) ବିଲ୍-୨୦୨୧, ସମିତି ପଞ୍ଜୀକରଣ (ଓଡ଼ିଶା ସଂଶୋଧନ) ବିଲ୍-୨୦୨୧ ଏବଂ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍-୨୦୨୧ ବିଧାନସଭାରେ ପାରିତ ପାଇଁ ଉପସ୍ଥାପନ କରାଯାଇଛି।

# ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ପାଇଁ ବଦଳି ନୀତି ଲାଗୁହେବ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ସରକାରୀ ଅନୁଦାନ ପାଉଥିବା ଯୁକ୍ତ୨ ଉଚ୍ଚ ମାଧ୍ୟମିକ ସ୍କୁଲରେ କାର୍ଯ୍ୟରତ ଅଧ୍ୟାପକମାନଙ୍କର ବଦଳି ନୀତି ଲାଗୁହେବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ବିଧାନସଭା ଷ୍ଟାଣ୍ଡିଂ କମିଟି ଏ ନେଇ ରାଜ୍ୟ ସରକାରଙ୍କୁ ସୁପାରିସ କରିଛି। ଏ ବିଷୟରେ ଉଚ୍ଚଶିକ୍ଷା ବିଭାଗ ତର୍ଜମା କରୁଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସମସ୍ତ ଶ୍ରେଣୀରେ କ୍ରୀଡ଼ା ବିଷୟକୁ ସାମିଲ କରାଯାଉ। ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଲାବୋରେଟୋରି ଯନ୍ତ୍ରପାତି କିଣିବାକୁ ଅଧିକ ବ୍ୟୟବରାଦ କରିବାର ଆବଶ୍ୟକତା ରହିଛି। ସ୍କୁଲଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ବିଧାୟକ ଉନ୍ନୟନ ପାଣ୍ଠି ଯୋଗାଇବାକୁ କମିଟି ସୁପାରିସ କରିଛି। ସ୍କୁଲ ପରିବେଶକୁ ସରସ ସୁନ୍ଦର ସବୁଜିମା କରୁଥିବା ଶିକ୍ଷକଙ୍କୁ ପୁରସ୍କୃତ କରିବାକୁ କମିଟି ସୁପାରିସ କରିଛି।

# ଜନଗଣନା ପାଇଁ ୫୦ କୋଟି

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ରାଜ୍ୟରେ ଜନଗଣନା ଓ ନ୍ୟାଶନାଲ ପପୁଲେଶନ ରେଜିଷ୍ଟ୍ରାର(ଏନ୍‌ପିଆର) ପାଇଁ ଓଡ଼ିଶା ପ୍ରସ୍ତୁତ ହୋଇଛି। କରୋନା ମହାମାରୀ ଯୋଗୁ ଏହି କାର୍ଯ୍ୟକ୍ରମ ସମଗ୍ର ଦେଶରେ ବାଧାପ୍ରାପ୍ତ ହୋଇଛି। କେନ୍ଦ୍ର ସରକାର ଏହାକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏଥିପାଇଁ ପ୍ରସ୍ତୁତ ହୋଇଛି। ଏହି କେନ୍ଦ୍ରୀୟ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ୨୦୨୧-୨୨ ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବିଧାନସଭାରେ ଉପସ୍ଥାପିତ ହୋଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଜନସଂଖ୍ୟା ଆଇନ-୧୯୪୮ ଅନୁଯାୟୀ ଜନଗଣନା-୨୦୨୧ ଆରମ୍ଭ ହେବ। ନାଗରିକତା ଆଇନ-୧୯୫୫, ନାଗରିକତା ରୁଲ୍-୨୦୦୩ ଅନୁଯାୟୀ ଜନସଂଖ୍ୟା ରେଜିଷ୍ଟରକୁ ଅପ୍‌ଡେଟ କରାଯିବ। କୋଭିଡ୍-୧୯ ମହାମାରୀ ପାଇଁ ଜନଗଣନା ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଘର ତାଲିକା, ଏନ୍‌ପିଆର ଅପ୍‌ଡେଟ କାର୍ଯ୍ୟ ସ୍ଥଗିତ ହୋଇଛି। ଆଇଟି ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ଏନ୍‌ପିଆର ଅପ୍‌ଡେଟ କାର୍ଯ୍ୟ ସମସ୍ତ ଜିଲା, ତହସିଲ ଏବଂ ପୌରସଂସ୍ଥାଗୁଡ଼ିକରେ ଜାରିରହିଛି । କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରଥମେ ଗୃହ ଗଣନା ହେବ। ଘର ସହିତ ଏନ୍‌ପିଆରକୁ ମଧ୍ୟ ଅପ୍‌ଡେଟ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା କରାଯିବା ନେଇ ପ୍ରସ୍ତୁତି ଥିବା ରିପୋର୍ଟରେ କୁହାଯାଇଛି। ଆସାମ ବ୍ୟତୀତ ଅନ୍ୟ ସବୁ ରାଜ୍ୟର ଜନସଂଖ୍ୟା ସହ ଘରକୁ ଟାଲି କରାଯିବ।

# ରାଜ୍ୟରେ ୨୯୨୪ କିନ୍ନର, ୮୩୩୮ ଭିକ୍ଷୁକ

ଭୁବନେଶ୍ୱର,୧୩।୩(ବ୍ୟୁରୋ)



ରାଜ୍ୟରେ ୨୯୨୪ ପଞ୍ଜୀକୃତ କିନ୍ନର ଏବଂ ୮୩୩୮ ଜଣ ଭିକ୍ଷୁକ ରହିଛନ୍ତି। ବିଜେଡି ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୪୮୫ ଜଣ କିନ୍ନର ଥିବାବେଳେ ବାଲେଶ୍ୱର ୩୦୨, ଖୋର୍ଦ୍ଧା ୨୮୩, ରାୟଗଡ଼ା ୨୦୯, ଅନୁଗୋଳ ୧୯୫, କଟକ ୧୮୩, ବଲାଙ୍ଗୀର ୧୫୩, ଢେଙ୍କାନାଳ ୧୩୬ ଏବଂ କୋରାପୁଟ ଜିଲାରେ ୧୨୭ ଜଣ କିନ୍ନର ଅଛନ୍ତି। ସେହିପରି ବରଗଡ଼ ଜିଲାରେ ୩୧, ଭଦ୍ରକ ୩୨, ବୌଦ୍ଧ ୧୨, ଦେବଗଡ଼ ୩୪, ଗଜପତି ୯୦, ଗଞ୍ଜାମ ୧୭, ଜଗତ୍‌ସିଂହପୁର ୧୭, ଯାଜପୁର ୪୦, ଝାରସୁଗୁଡ଼ା ୪୦, କଳାହାଣ୍ଡି ୯୬, କନ୍ଧମାଳ ୬୫, କେନ୍ଦୁଝର ୪୯, ମାଲକାନଗିରି ୪୨, ନବରଙ୍ଗପୁର ୨୩, ନୟାଗଡ଼ ୩୬, ନୂଆପଡ଼ା ୬, ପୁରୀ ୪୧, ସମ୍ବଲପୁର ୬୫ ଏବଂ ସୋନପୁର ଜିଲାରେ ୩୦ ଜଣ ପଞ୍ଜୀକୃତ କିନ୍ନର ଅଛନ୍ତି। କିନ୍ନରମାନଙ୍କୁ ଘର ଯୋଗାଇ ଦେବାକୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ଅନୁରୋଧ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ବିଧାୟକ ସୁଧୀର କୁମାର ସାମଲଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ରାଜ୍ୟରେ ୮,୩୩୮ ଜଣ ଭିକାରିଙ୍କୁ ଚିହ୍ନଟ କରାଯାଇଛି। ତେବେ ରାଜ୍ୟ ବାହାରୁ କେତେ ଭିକାରି ଓଡ଼ିଶା ଆସିଛନ୍ତି ସେ ବିଷୟରେ ମନ୍ତ୍ରୀଙ୍କ ପାଖରେ ତଥ୍ୟ ନାହିଁ। ଭିକାରିମାନଙ୍କ ବିଷୟରେ କୌଣସି ଅଭିଯୋଗ ଆସିଲେ ସରକାର ତୁରନ୍ତ ପଦକ୍ଷେପ ନେବେ। ଭିକାରିମାନଙ୍କୁ ଆଧାର କାର୍ଡ ଦେବାକୁ ବ୍ୟବସ୍ଥା କରାଯାଇଛି। ତେବେ ୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ୬୫୫୦ ଭିକାରି ରହିଥିଲେ। ସେମାନଙ୍କ ମଧ୍ୟରୁ ୩୮୫୦ ଜଣ ପୁରୁଷ ଓ ୨୭୦୦ ମହିଳା। ଏବେ ଏହା ବୃଦ୍ଧି ପାଇ ୮,୩୩୮ରେ ପହଞ୍ଚିଛି।

# ଗାନ୍ଧୀଙ୍କ ନୀତିରେ ଦେଶକୁ ରକ୍ଷା କରିବା ପାଇଁ ଆହ୍ୱାନ



ପଦଯାତ୍ରାରେ ବାହାରିଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ।

ଡେଲାଙ୍ଗ/ପିପିଲି, ୧୩।୩ (ଡି.ଏନ୍.ଏ./ସ୍ୱ.ପ୍ର.)

**■ଓଡ଼ିଶାରେ କଂଗ୍ରେସକୁ ପୂରିଲା ୧୦୦ବର୍ଷ ■ଡେଲାଙ୍ଗ ଗାନ୍ଧୀ ପୀଠରୁ ପିପିଲି ପଦଯାତ୍ରା**

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବେରବୋଇସ୍ଥିତ ମେଳନ ପଡ଼ିଆରେ ଶନିବାର କଂଗ୍ରେସ ପକ୍ଷରୁ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ଏବଂ ଓଡ଼ିଶାରେ କଂଗ୍ରେସର ୧୦୦ବର୍ଷ ପୂର୍ତ୍ତି ଅବସରରେ ଗାନ୍ଧୀପୀଠରୁ ପିପିଲିର ଦାଣ୍ଡମୁକୁନ୍ଦପୁରକୁ ଐତିହାସିକ ପଦଯାତ୍ରାର ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଦେଶକୁ ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ପୁରୀ ଜିଲା ସଭାପତି ଅଜିତ ମଙ୍ଗରାଜ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୁରୀ ଜିଲା ପ୍ରଭାରୀ ବିଜୟଲକ୍ଷ୍ମୀ ସାହୁ, ଗଣେଶ୍ୱର ବେହେରା, ପ୍ରସାଦ ହରିଚନ୍ଦନ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ବିପିନି ଦାଶ, ରାଜ୍ୟ ମୁଖପାତ୍ର ନିଶିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅତିଥିମାନେ ସେଠାରେ ଥିବା ମାତା କସ୍ତୁରବା ସେବା କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ପରେ ସଭାରେ ଯୋଗଦେଇ ସମାଜକୁ ଭ୍ରଷ୍ଟାଚାରରୁ ରକ୍ଷା କରିବା ପାଇଁ ରାମରାଜ୍ୟ ଗଠନ କରିବା ଏହି ପଦଯାତ୍ରାର ଲକ୍ଷ୍ୟ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସେହିପରି ଡେଲାଙ୍ଗ ହେଉଛି ଗଡ଼ଜାତର ମାଟି। ଏହି ମାଟିକୁ ୧୯୩୮ରେ ଜାତିର ପିତା ମହାତ୍ମାଗାନ୍ଧୀ ୪ର୍ଥ ସମ୍ମିଳନୀରେ ଯୋଗଦେବାକୁ ଆସି ବେରବୋଇରେ ୭ ଦିନ ରହିଥିଲେ। ଏହି ଗଡ଼ଜାତ ମାଟିରେ ବୀରତ୍ୱ ରହିଛି, ଏହି ମାଟିରେ ପାଣିଦେଲେ ଅନେକ ବୀର ଜନ୍ମନେବେ ବୋଲି ପିସିସି ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ମତବ୍ୟକ୍ତ କରିଥିଲେ। ସେହିପରି ଯୋଗଦେଇଥିବା ନେତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ନାରାବାଜି ଦେଇଥିଲେ। ପରେ ଦଳ ପକ୍ଷରୁ ବେରବୋଇଠାରୁ ପଦଯାତ୍ରା କରି ଦାଣ୍ଡ ମୁକୁନ୍ଦପୁରଠାରେ ପହଞ୍ଚିଥିଲା। ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କ ଦ୍ୱାରା ଲିଖିତ ଉତ୍କଳରେ ଗାନ୍ଧିଜୀ ଓ କଂଗ୍ରେସ ପୁସ୍ତକର ଉନ୍ମୋଚନ ଅତିଥିମାନେ କରିଥିଲେ। ଅନ୍ୟ ଅତିଥି ଭାବେ ପଦ୍ମକର ଗୁରୁ, ରାଜ୍ୟ ମହିଳା ସମ୍ପାଦିକା ନିରୁପମା ପାତ୍ର, ମହିଳା କଂଗ୍ରେସ ନେତ୍ରୀ ରଶ୍ମିତା ପାତ୍ର, ପିସିସି ସଦସ୍ୟ ଶୁଭେନ୍ଦୁ ମହାନ୍ତି, ଅମିୟ ପଟ୍ଟନାୟକ, ରଜତ ଚୌଧୁରୀ, ଅଜିତ ଗିରି, ବିଶ୍ୱଭୂଷଣ ଦାସ, ଜିଲା ଉପସଭାପତି ବିରେନ୍ଦ୍ରଭୂଷଣ ହୋତା, ଡେଲାଙ୍ଗ ବ୍ଲକ ସଭାପତି ରବୀନ୍ଦ୍ର ଦାସ, ପୂର୍ବତନ ସଭାପତି ଦେବ ପ୍ରସାଦ ରାଉତ, ଯୁବନେତା ବିଶ୍ୱରଞ୍ଜନ ବଳବନ୍ତରାୟଙ୍କ ସମେତ ଶତାଧିକରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# କୃଷି ଆଇନକୁ କଂଗ୍ରେସର ବିରୋଧ, ସଂକଳ୍ପ ନୋଟିସ ଦେଲେ ନରସିଂହ

ଭୁବନେଶ୍ୱର,୧୩।୩(ବ୍ୟୁରୋ)-

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନକୁ କଂଗ୍ରେସ ବିରୋଧ କରିଛି। ଏହି ଆଇନ ବିରୋଧରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସଂକଳ୍ପ ନୋଟିସ ଦେଇଛନ୍ତି। ବିଧାନସଭାରେ ଏହି ଆଇନ ବିରୋଧରେ ସଂକଳ୍ପ ଆଣିବାକୁ ନରସିଂହ ସଂକଳ୍ପ ନୋଟିସ ଦେଇଛନ୍ତି। ସଂକଳ୍ପ ଆଣିବାକୁ ସେ ବିଧାନସଭା ସଚିବଙ୍କୁ ଚିଠି ଲେଖିଛନ୍ତି। କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିବା ୩ଟି କୃଷି ଆଇନ ଅସାମ୍ବିଧାନିକ, ଅଗଣତାନ୍ତ୍ରିକ ଓ କୃଷକ ବିରୋଧୀ । ଏହାକୁ ରାଜ୍ୟରେ ଲାଗୁ କରା ନ ଯାଉ । ବିଧାନସଭାରେ ଏହି ଆଇନ ବିରୋଧରେ ସଂକଳ୍ପ ଅଣାଯାଉ ବୋଲି ସେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ କୃଷି ହେଉଛି ରାଜ୍ୟର ବିଷୟ। କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରିପାରିବେ ନାହିଁ। ରାଜ୍ୟକୁ ସମ୍ବିଧାନ ଏହି ଅଧିକାର ଦେଇଛି। ଏହି କୃଷି ଆଇନକୁ ରଦ୍ଦ କରିବା ନେଇ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି ନରସିଂହ କହିଛନ୍ତି।

# ରାଜ୍ୟରେ ୪୪ ହଜାର ଭିନ୍ନକ୍ଷମ ଛାତ୍ରୀଛାତ୍ର ଅଛନ୍ତି

**ରହିବା, ଖାଇବା ପାଇଁ ମାସିକ ଜଣ ପିଛା ୧୭୬୦ ଟଙ୍କା ଖର୍ଚ୍ଚ**

ଭୁବନେଶ୍ୱର,୧୩।୩(ବ୍ୟୁରୋ):

ରାଜ୍ୟରେ ମୋଟ ୪୪ ହଜାର ୬୦୩ ଜଣ ଦୃଷ୍ଟିବାଧିତ, ମୂକ, ବଧିର ଓ ମାନସିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇଛି। ରାଜ୍ୟରେ ସେମାନଙ୍କ ଶିକ୍ଷା ପାଇଁ ୧୫୬ଟି ସ୍ୱତନ୍ତ୍ର ସ୍କୁଲ ଓ ଗୋଟିଏ ହାଇସ୍କୁଲ ପରିଚାଳିତ ହେଉଛି। ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଅନୁଦାନରେ ଚାଲୁଥିବା ଏହି ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ରହିବା, ଖାଇବା ଓ ଆବାସିକ ପିଲାମାନଙ୍କ ରକ୍ଷଣାବେକ୍ଷଣ ପାଇଁ ପ୍ରତି ପିଲାଙ୍କ ସକାଶେ ମାସକୁ ୧୭୬୦ ଟଙ୍କା ପ୍ରଦାନ କରାଯାଉଛି। ସ୍କୁଲ ୟୁନିଫର୍ମ ବାବଦରେ ୧ ହଜାର ଟଙ୍କା ଓ ମାଗଣାରେ ପାଠ୍ୟୋପକରଣ ଯୋଗାଇ ଦିଆଯାଉଛି। ଯୁକ୍ତ୩ ଓ ଏହାଠାରୁ ଅଧିକ ପଢୁଥିବା ଛାତ୍ରୀଛାତ୍ରଙ୍କୁ ମାଗଣାରେ ଲାପ୍‌ଟପ ଯୋଗାଇ ଦିଆଯାଉଛି। ସାମାଜିକ ସୁରକ୍ଷା ଯୋଜନାରେ ମାସିକ ଭତ୍ତା ଓ ସରକାରୀ ଚାକିରିରେ ୪ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।




ନିଯୁକ୍ତି ସହ ୫ ଦଫା ଦାବିରେ ଭୁବନେଶ୍ୱର ଓୟୁଏଟିସ୍ଥିତ କଲେଜ ଅଫ୍ ଫରେଷ୍ଟ୍ରିର ବିଏସ୍‌ସି ଛାତ୍ରୀଛାତ୍ର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ଇମ୍ଫାକୁ କଳିଙ୍ଗ ନିରାପତ୍ତା ସମ୍ମାନ

ଚୌଦ୍ୱାର,୧୩।୩(ଡି.ଏନ୍.ଏ.): ଶିଳ୍ପ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଚୌଦ୍ୱାରସ୍ଥିତ ଫେରୋ ଆଲଏଜ୍ କାରଖାନା ଓ ପାୱାର ପ୍ଲାଣ୍ଟକୁ କଳିଙ୍ଗ ନିରାପତ୍ତା ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଶୁକ୍ରବାର ଆୟୋଜିତ ଓଡ଼ିଶା ରାଜ୍ୟ ସୁରକ୍ଷା ସମ୍ମିଳନୀରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ସଚିବ ଡ. ବିଷ୍ଣୁପଦ ସେଠୀ ଅତିଥି ଭାବେ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ । ଇମ୍ଫା ପାୱାର ପ୍ଲାଣ୍ଟର ଜେନେରାଲ ମ୍ୟାନେଜର ବିନୟ ଅଗ୍ରୱାଲ, ଫେରୋ ଆଲଏଜ କାରଖାନାର ଜିଏମ୍ ଧୀରେନ କୁମାର ନାଥ ଓ ଇମ୍ଫାର ନିରାପତ୍ତା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ ଯୋଗଦେଇ ଏହି ସମ୍ମାନ ଗ୍ରହଣ କରିଥିଲେ।

### ଷ୍ଟେମ୍‌ରେ ମହିଳାଙ୍କ ସଂଖ୍ୟା ୩୦%କୁ ବୃଦ୍ଧି ହେବ

ଭୁବନେଶ୍ୱର,୧୩। ୩ : ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ମ୍ୟାନେଜ୍‌ମେଂଟ୍ (ଷ୍ଟେମ୍)ରେ ମହିଳାଙ୍କ ଯୋଗଦାନ ବଢୁଛି। ତେଣୁ କେବଳ ଭାରତ ନୁହେଁ ବରଂ ସାରା ଦୁନିଆର ଲାଭ ପାଇଁ ମହିଳାମାନଙ୍କ ନିମନ୍ତେ ଭାରତ ସରକାର ବିଭିନ୍ନ ପ୍ରକାର ଅଭିଯାନ ଆରମ୍ଭ କରିଛନ୍ତି। ୨୦୩୦ ସୁଦ୍ଧା ଷ୍ଟେମ୍‌ରେ ମହିଳାମାନଙ୍କ ଭାଗିଦାରୀ ୩୦% ପର୍ଯ୍ୟନ୍ତ ବୃଦ୍ଧି କରିବା ଉପରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଫିକି ପକ୍ଷରୁ ଶିଳ୍ପକ୍ଷେତ୍ରର ବିଶିଷ୍ଟ ବ୍ୟକ୍ତି, ନବସୃଜନକାରୀ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ନେଇ ଏକ ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି। ଭାରତ ସରକାରଙ୍କ ପ୍ରତିରକ୍ଷା ସଚିବ ଡକ୍ଟର ଅଜୟ କୁମାର ଉଦଘାଟନୀ ଅଭିଭାଷଣ ପ୍ରଦାନ କରି ଦେଶ ବିକାଶରେ ମହିଳାମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଜୁପିର ଚିଫ୍ କର୍ପୋରେଟ୍ ଆଫେୟାର୍ସ୍ ଆଣ୍ଡ୍ କମ୍ୟୁନିକେସନ୍ ଅଫିସର ଡକ୍ଟର ସୁବି ଚତୁର୍ବେଦୀ କହିଥିଲେ ଯେ ପିଟରସନ୍ ଇନଷ୍ଟିଚ୍ୟୁଟ୍‌ର ଏକ ସର୍ଭେରୁ ଜଣାପଡ଼ିଛି ଯେ ଯେଉଁ ସଂସ୍ଥାରେ ମହିଳା କର୍ମଚାରୀଙ୍କ ସଂଖ୍ୟା ୩୦%ରୁ ଅଧିକ ରହିଛି ସେଗୁଡ଼ିକର ଲାଭରେ ୧୫% ବୃଦ୍ଧି ହୋଇଛି।

# ଦେଶ ପାଇଁ ବିକାଶ ଦରକାର: ସିଇଏ

ଭୁବନେଶ୍ୱର,୧୩। ୩



ଚିଫ୍ ଇକୋନୋମିକ ଆଡଭାଇଜର (ସିଇଏ) କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟମ ଶନିବାର କହିଛନ୍ତି, ଦେଶ ପାଇଁ ବର୍ତ୍ତମାନ ବିକାଶର ଆବଶ୍ୟକତା ନିହାତି ଦରକାର। ଆର୍ଥିକ ବ୍ୟାପାର ବନ୍ଦ ସତ୍ତ୍ୱେ ଦେଶକୁ ବର୍ତ୍ତମାନ ସମୟର ଏହାର ସବୁଠୁ ବଡ଼ ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଭାରତ ବିଶ୍ୱ ଅର୍ଥ ବ୍ୟବସ୍ଥା ଉପରେ ନିଜର ପ୍ରଭୁତ୍ୱ ବିସ୍ତାର ସହ ଆତ୍ମନିର୍ଭରତା ବୃଦ୍ଧି କରିବାକୁ ଚାହୁଁଛି ବୋଲି ସେ କହିଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନରଙ୍କ ଅଧ୍ୟକ୍ଷତାରେ ୩୧ ମାର୍ଚ୍ଚ ଲାଗି ମୁଦ୍ରାନୀତି ଢାଞ୍ଚା ଓ ମୁଦ୍ରାସ୍ଫୀତିର ଲକ୍ଷ୍ୟ ନିର୍ଦ୍ଧାରଣ ନିମନ୍ତେ ବର୍ତ୍ତମାନ ମୁଦ୍ରାନୀତି ସମିତି (ଏମ୍‌ପିସି)ର ନୀତିଗତ ରୂପରେଖ ପ୍ରସ୍ତୁତ କରାଯାଉଛି। ୨୦୧୬ରେ ନମନୀୟ ମୁଦ୍ରାସ୍ଫୀତି ମଡେଲକୁ ଗ୍ରହଣ କରିଥିବା ଆର୍‌ବିଆଇଙ୍କ ଲାଗି ଏହା ଏପରି ପ୍ରଥମ ସମୀକ୍ଷା ହେବ ଯେଉଁଥିରେ ୨% ବିଚ୍ୟୁତି ସହ ୪ % ବାଧ୍ୟତାମୂଳକ ମୁଦ୍ରାସ୍ଫୀତି ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ଏପରି ଏକ ସମୟ ଯେଉଁଠି ଆମକୁ ଅଭିବୃଦ୍ଧି ଉପରେ ନିର୍ଭରଶୀଳ ହେବାକୁ ପଡେ ବୋଲି ସୁବ୍ରମଣ୍ୟମ ସୂଚନା ଦେଇଛନ୍ତି ।

କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ (ସିଆଇଆଇ) ପୂର୍ବାଞ୍ଚଳ ବାର୍ଷିକ ସମ୍ମିଳନୀର ଏକ ଭର୍ଚୁଆଲ ସଭାରେ ସୁବ୍ରମଣ୍ୟମ କହିଛନ୍ତି, ଦେଶର ବ୍ୟବସାୟ କାର୍ଯ୍ୟକ୍ରମ ବନ୍ଦ ଥାଇ ମଧ୍ୟ ଆମ ଉପରେ ଯେତେବେଳେ ଚାପ ପଡେ ସେତେବେଳେ ଆମେ ଅଭିବୃଦ୍ଧି ଉପରେ ଜୋର ଦେଇଥାନ୍ତି। ଭାରତ ସରକାର ଏବେ ନିଜକୁ ବ୍ୟବସାୟ ବାଣିଜ୍ୟରୁ ମୁକ୍ତ କରିବାକୁ ଯାଉଛନ୍ତି। ଏଥିରେ ଲାଭ ହେଉ ନ ଥିଲେ ମଧ୍ୟ ଘରୋଇ କ୍ଷେତ୍ର ତା'ର ପାରମ୍ପରିକ 'ଶୁଭଲାଭ' କ୍ଷେତ୍ରରେ ବେଶ୍ ନିଶ୍ଚିତ ରହିଛି। ତେଣୁ ଆମକୁ ବର୍ତ୍ତମାନ 'ଆତ୍ମନିର୍ଭର ଭାରତ'କୁ ଅନୁଭବ କରିବାକୁ ପଡିବ ବୋଲି ସେ କହିଛନ୍ତି। ସେହିଭଳି ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟସେବା ଅଧ୍ୟୟନକୁ ଉଦାହରଣ ଦେଇ କହିଛନ୍ତି, ଯେଉଁଥିରେ ସରକାରୀ ହସ୍ପିଟାଲ ତୁଳନାରେ ଘରୋଇ ହସ୍ପିଟାଲ ଓ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥାଙ୍କ ସଂଖ୍ୟା ଦେଶରେ ୬ ରୁ ୭ ଗୁଣ ଅଧିକ ରହିଛି।

ଏହା ସତ୍ତ୍ୱେ ସରକାରୀ ସ୍ୱାସ୍ଥ୍ୟସେବାରେ ରୋଗୀଙ୍କ ଭର୍ତ୍ତି ହାର ଢେର ଅଧିକ ରହୁଥିବା ସେ କହିଛନ୍ତି। ଏଣୁ ରାଜକୋଷରୁ ବ୍ୟୟ ବଦଳରେ ଏଥିରେ କିପରି ଶୁଳ୍କ ଭରାଯାଇପାରିବ ସେ ନେଇ ବର୍ତ୍ତମାନ ସମୟରେ ଚିନ୍ତା କରିବାର ବେଳ ଆସିଛି ବୋଲି ସୁବ୍ରମଣ୍ୟମ ମତବ୍ୟକ୍ତ କରିଛନ୍ତି। ଏଥିପାଇଁ ଆମକୁ କେବଳ ଆମର ମାନସିକତା ପରିବର୍ତ୍ତନ ଛଡ଼ା ଆଉ ଅଧିକ କିଛି କରିବାର ଆବଶ୍ୟକତା ନାହିଁ ବୋଲି ସେ ମତ ରଖିଛନ୍ତି। ତେବେ ବେସରକାରୀ କ୍ଷେତ୍ରରେ ନିବେଶର ଆବଶ୍ୟକତା ଅଛି ବୋଲି ସେ ସୂଚନା ଦେଇଛନ୍ତି। ଏଥିଲାଗି ହୁଏତ ସାମାନ୍ୟ ବିଳମ୍ୱ ହୋଇପାରେ ହେଲେ ବିଭିନ୍ନ କ୍ଷେତ୍ରରେ ସରକାର ନିବେଶ ଆରମ୍ଭ କରିସାରିଲେଣି ବୋଲି ସେ କହିଛନ୍ତି। ବର୍ତ୍ତମାନ ସମୟରେ ଏହି କ୍ଷେତ୍ର ପ୍ରତି ନିବେଶକୁ ଏହା ଉତ୍ସାହିତ କରିବ ବୋଲି ଜଣାପଡିଛି।

# ଡିଜିଟାଲ ନୋଟ୍ ସପକ୍ଷରେ ଆର୍‌ବିଆଇ

ଭୁବନେଶ୍ୱର,୧୩। ୩




ଦେଶରେ ବ୍ୟାଙ୍କ ଠକେଇ ବଢୁଥିବା ଯୋଗୁ ଭାରତ ସରକାର ନିଜର ଡିଜିଟାଲ କରେନ୍ସି ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆର୍‌ବିଆଇ) ମଧ୍ୟ ଡିଜିଟାଲ କରେନ୍ସିର ବ୍ୟବହାର ଓ ଏହାର ପ୍ରସ୍ତୁତି ଉପରେ କାମ ଆରମ୍ଭ କରିଦେଇଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି, ଆର୍‌ବିଆଇ ନିଜେ ଡିଜିଟାଲ କରେନ୍ସି ଉପରେ କାମ କରୁଛି। ଏହା ସମ୍ପୂର୍ଣ୍ଣ ଭାବେ କ୍ରିପ୍ଟୋ କରେନ୍ସିରୁ ଭିନ୍ନ ହେବ। ଏହାଦ୍ୱାରା ବ୍ୟାଙ୍କ ଠକେଇ ଉପରେ ରୋକ୍ ଲାଗିବ। ଏହା ସହ ଋଣ ଦେବା ପ୍ରକ୍ରିୟାରେ ମଧ୍ୟ ସ୍ୱଚ୍ଛତା ଆସିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଆର୍‌ବିଆଇ ଦ୍ୱାରା ଅଗଷ୍ଟରେ ଜାରି ବାର୍ଷିକ ରିପୋର୍ଟ ଅନୁସାରେ ୨୦୧୯-୨୦ରେ ଭାରତରେ ବ୍ୟାଙ୍କିଙ୍ଗ୍ ଠକେଇ ମାମଲା ୧୫୯ ଗୁଣା ବୃଦ୍ଧି ପାଇଛି; ଯାହା ଗୋଟିଏ ବର୍ଷ ତୁଳନାରେ ୨.୫ ଗୁଣ ଅଧିକ। ବ୍ଲକ ଚେନ୍ ଓ ସାଇବର ସିକ୍ୟୁରିଟି, ଟେକ୍ ମହିନ୍ଦ୍ରାର ରାଜେଶ ଧୁଡୁ କହିଛନ୍ତି ଯେ, ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍, ୟୁପିଆଇ, ଆର୍‌ଟିଜିଏସ୍ ଭଳି ସୁବିଧା ସତ୍ତ୍ୱେ ଲୋକଙ୍କ ବ୍ୟବହାରରେ ପରିବର୍ତ୍ତନ ହୋଇନାହିଁ । ସିଷ୍ଟମରେ ଟ୍ରାଞ୍ଜାକ୍ସନକୁ ମନିଟର କରିବା ଭଳି ବ୍ୟବସ୍ଥା ନାହିଁ। ଫଳରେ ଇଲେକ୍ଟ୍ରୋନିକ୍ ବ୍ୟବସ୍ଥାରେ ହେଉଥିବା ପେମେଣ୍ଟ ପେପର କରେନ୍ସିର ଡିଜିଟାଲ ଭର୍ସନ। ବର୍ତ୍ତମାନ ସମୟରେ ଯେକୌଣସି ବ୍ୟକ୍ତି ଇଲେକ୍ଟ୍ରୋନିକ୍ସ ପ୍ରକ୍ରିୟାରେ ଟଙ୍କା ନେଣଦେଣ କରିପାରିବ। ଏହାକୁ କ୍ୟାଶ୍‌ରେ ମଧ୍ୟ ପରିବର୍ତ୍ତନ କରିହେବ।

# ଦେଶରେ କମୁଛି ଇନ୍ଧନ ଚାହିଦା

ଭୁବନେଶ୍ୱର,୧୩। ୩



ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ଲଗାତର ବୃଦ୍ଧି ଯୋଗୁ ଏହାର ବ୍ୟବହର ବ୍ୟାପକ ମାତ୍ରାରେ କମିଛି। ଫଳରେ ପ୍ରତି ମାସ ଏହାର ଚାହିଦା ହ୍ରାସ ପାଉଥିବା ସୂଚନା ମିଳିଛି। ଫେବୃୟାରୀରେ ଇନ୍ଧନ ଚାହିଦା ପ୍ରାୟ ୫% ପର୍ଯ୍ୟନ୍ତ ହ୍ରାସ ପାଇଛି। ଗତ ସେପ୍ଟେମ୍ବର ପରେ ଦେଶରେ ତୈଳ ଚାହିଦାର ଏହା ସର୍ବନିମ୍ନ ସ୍ତର ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟଙ୍କ ପେଟ୍ରୋଲିୟମ ଯୋଜନା ଓ ବିଶ୍ଳେଷଣ ପ୍ରକୋଷ୍ଠ(ପିପିଏସି) ପକ୍ଷରୁ ଆକଳନ କରାଯାଇଛି। ପିପିଏସିଙ୍କ ସୂଚନା ଅନୁସାରେ ଫେବୃୟାରୀରେ ପେଟ୍ରୋଲିୟମ ଉତ୍ପାଦର ମୋଟ ଉପଯୋଗ ହାର ୪.୯% ହ୍ରାସ ହୋଇଛି। ଚଳିତ ବର୍ଷର ପ୍ରଥମ ସପ୍ତାହରୁ ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ପାଇବା ଆରମ୍ଭ ହୋଇଥିଲା। ଗତ ୨ ମାସ ମଧ୍ୟରେ ଦେଶର ଉଭୟ ପେଟ୍ରୋଲିୟମ ପଦାର୍ଥର ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିସାରିଥିଲା। ଦେଶର କେତେକ ରାଜ୍ୟରେ ପେଟ୍ରୋଲ ଲିଟର ୧୦୦ଟଙ୍କା ଟପି ସାରିଥିବା ବେଳେ ଆଉ କେତେକ ରାଜ୍ୟରେ ତା'ର ପାଖାପାଖି କାରବାର ହେଉଛି। ଦେଶରେ ସବୁଠୁ ଅଧିକ ଉପଯୋଗ ହେଉଥିବା ଇନ୍ଧନ ଡିଜେଲର ଚାହିଦା ଫେବୃୟାରୀରେ ୮.୫% ହ୍ରାସ ହୋଇ ୬୫.୫ଲକ୍ଷ ଟନ୍‌କୁ ପହଞ୍ଚିଛି। ସେହିପରି ପେଟ୍ରୋଲ ବିକ୍ରି ୬.୫ % ହ୍ରାସ ହୋଇ ୨୪ଲକ୍ଷ ଟନ୍‌ରେ ରହିଛି। ତେବେ ନାପଥା ଚାହିଦା ଓ ବିକ୍ରିରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ବେଳେ ସଡ଼କ ନିର୍ମାଣରେ ଉପଯୋଗ ହେଉଥିବା ବିଟୁମେନ୍‌ର ଚାହିଦା ୧୧% ପର୍ଯ୍ୟନ୍ତ ହ୍ରାସ ପାଇଛି। ଦେଶରେ ଇନନ୍ଧ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଏହି ସମୟ ମଧ୍ୟରେ ରୋଷେଇ ଗ୍ୟାସ୍ ଏଲ୍‌ପିଜି ବିକ୍ରିରେ ୭.୬% ଅଭିବୃଦ୍ଧି ହୋଇଛି। ଅନ୍ୟପକ୍ଷରେ ଅଶୋଧିତ ତୈଳ ଯୋଗାଣକାରୀ ସମୂହ ଓପେକ୍ ଏଇ ନିକଟରେ ଜାରି କରିଥିବା ରିପୋର୍ଟରେ ଦର୍ଶାଇଛି ଯେ ଭାରତର ତୈଳ ଚାହିଦା ୨୦୨୧ରେ ବୃଦ୍ଧି ହେବ ବୋଲି ଆକଳନ କରାଯାଇଛି। ଏଥିରେ ଦେଶର ଅଶୋଧିତ ତୈଳ ଚାହିଦା ୧୩.୬ % ବଢ଼ିବ ବୋଲି ଆକଳନ କରାଯାଉଥିବା ବେଳେ ଦୈନନ୍ଦିନ ଚାହିଦା ୪୯.୯ଲକ୍ଷ ବ୍ୟାରେଲରେ ପହଞ୍ଚିବ ବୋଲି ଅନୁମାନ କରାଯାଇଛି। କୋଭିଡ୍-୧୯ ସମୟରେ ଦେଶରେ ଲକ୍‌ଡାଉନ ଘୋଷଣା କରାଯାଇଥିଲା । ମହାମାରୀ ଯୋଗୁ ଦେଶର ତୈଳ ଚାହିଦା ୨୦୨୦ରେ ହ୍ରାସ ହୋଇଥିବା ବେଳେ ଦୈନିକ ୪୪ଲକ୍ଷ ବ୍ୟାରେଲକୁ ଖସି ଆସିଥିଲା ବୋଲି ରିପୋଟରେ କୁହାଯାଇଛି।

# ବନ୍ଦ ହୋଇପାରେ ସରକାରୀ ଗାଡ଼ି ରେଜିଷ୍ଟ୍ରେଶନ ନବୀକରଣ

ଭୁବନେଶ୍ୱର,୧୩। ୩



କେନ୍ଦ୍ର ସରକାର ନୂଆ ସଡ଼କ ପରିବହନ ନିୟମ ସହ ପରିବେଶ ସୁରକ୍ଷା ଏବଂ ପୁରୁଣା ଗାଡ଼ି ପାଇଁ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ପାଇଁ ନୂଆ ନିୟମ ଲାଗୁ କରିପାରନ୍ତି ବୋଲି ସୂଚନା ମିଳିଛି। ନୂଆ ନିୟମ ଅନୁସାରେ ସରକାରୀ ବିଭାଗଗୁଡିକରେ ବ୍ୟବହାର ହେଉଥିବା ପୁରୁଣା ଗାଡ଼ିଗୁଡିକ ୨୦୨୨ ଏପ୍ରିଲ ୧ ରୁ ୧୫ବର୍ଷରୁ ଊର୍ଦ୍ଧ୍ୱ ଗାଡ଼ିର ଆଉ ରେଜିଷ୍ଟ୍ରେଶନ ନବୀକରଣ କରାଯିବ ନାହିଁ। ଏ ନେଇ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ରସ୍ତାବ ସରକାରଙ୍କୁ ଦିଆଯାଇଥିବା ଜଣାପଡିଛି। ଯଦି ମନ୍ତ୍ରଣାଳୟର ଏହି ପ୍ରସ୍ତାବକୁ ସ୍ୱୀକୃତି ମିଳିଯାଏ ତେବେ ସାରା ଦେଶରେ ବ୍ୟବହାର ହେଉଥିବା ସରକାରୀ ଗାଡିଗୁଡିକ ଲାଗି ଉକ୍ତ ବ୍ୟବସ୍ଥା ଲାଗୁ ହୋଇଯିବ ବୋଲି ଜଣାପଡିଛି। ମନ୍ତ୍ରଣାଳୟ ନିୟମରେ ସଂଶୋଧନ ପୂର୍ବକ ଅଧିସୂଚନା ଜାରିକରି ଅଂଶୀଦାରଙ୍କ ମତାମତ ଲୋଡ଼ିଛନ୍ତି। ଏ ସମ୍ପର୍କରେ ପ୍ରତିପକ୍ଷଙ୍କ ମତ, ମନ୍ତବ୍ୟ ମିଳିବା ପରେ ଚୂଡାନ୍ତ ନିଷ୍ପତ୍ତି ଘୋଷଣା ହେବ ବୋଲି ସୂଚନା ମିଳିଛି।

ପରିବହନ ମନ୍ତ୍ରଣାଳୟଙ୍କ ଅଧିସୂଚନା ଅନୁସାରେ ଯଦି ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଯାଏ ତେବେ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ସମେତ ସାର୍ବଜନିକ ଉପକ୍ରମ, ନଗର ନିଗମ, ସ୍ୱାୟତ୍ତ ଶାସିତ ଅନୁଷ୍ଠାନଗୁଡିକରେ ସେବା ଯୋଗାଉଥିବା ୧୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଗାଡି ସବୁ ରାସ୍ତାରୁ ହଟିଯିବ। ଏ ନେଇ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟର ପେଜ୍‌ରେ କୁହାଯାଇଛି, ୧ ଏପ୍ରିଲ ୨୦୨୨ ପରଠାରୁ ୧୫ ବର୍ଷରୁ ଅଧିକ କୌଣସି ଯାନର ଆଉ ପଞ୍ଜୀକରଣ ନବୀକରଣ ହେବ ନାହିଁ।

ଏହା ପୂର୍ବରୁ ଗତ ଫେବୃୟାରୀ ୧ତାରିଖରେ ସଂସଦରେ ଉପସ୍ଥାପିତ କେନ୍ଦ୍ର ବଜେଟରେ ସରକାର ବାହନ ସ୍କ୍ରାପ୍ ପଲିସି ଆଣିଛନ୍ତି। ଏଥିରେ ଘରୋଇ ଯାନର ୨୦ବର୍ଷ ପରେ ଓ କମର୍ସିଆଲ ଯାନ ୧୫ ବର୍ଷ ପୂରଣ କରିବା ପରେ ସେ ସବୁର ଫିଟ୍‌ନେସ୍ ଜରୁରୀ କରାଯାଇଛି। ବିଧେୟକର ଚିଠାପ୍ରସ୍ତାବ ଉପରେ ମନ୍ତ୍ରଣାଳୟ ମାର୍ଚ୍ଚ ୧୨ତାରିଖରେ ଅଧିସୂଚନା ଜାରି କରିଛନ୍ତି। ଏଥିରେ ଅଂଶୀଦାରଙ୍କଠାରୁ ୩୦ ଦିନ ମଧ୍ୟରେ ମତ, ମନ୍ତବ୍ୟ ଓ ପରାମର୍ଶ ମଗାଯାଇଛି।

# କେନ୍ ଷ୍ଟାର୍ ପକ୍ଷରୁ ଡିଲର ମିଟ୍

ଭୁବନେଶ୍ୱର,୧୩। ୩

ଦେଶର ଅଗ୍ରଣୀ କୁଲର କମ୍ପାନୀ କେନ୍ ଷ୍ଟାର୍ ପକ୍ଷରୁ ଏକ ଡିଲର ମିଟ୍ ପୁରୀର ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ମୁଖ୍ୟ ବିଦ୍ୟାଧର ଦାଶ, ସବ୍ୟସ୍ୟାଚୀ ଚକ୍ରବର୍ତ୍ତୀ (ସେଲ୍‌ସ ହେଡ୍ ଇଷ୍ଟ), ଅରବିନ୍ଦ ପଟ୍ଟନାୟକ (ଏରିଆ ମ୍ୟାନେଜର), ଦିଲୀପ ସାଉଡିଆ (ଡିଷ୍ଟ୍ରିବ୍ୟୁଟର) ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ କମ୍ପାନୀର ପ୍ରଡକ୍ଟ ବିକ୍ରି ସହ ବଜାର ବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିଭଳି କମ୍ପାନୀର ନୂଆ କୁଲର ପ୍ରଡକ୍ଟ 'ଭେଷ୍ଟିନା'ର ଉଦ୍‌ଘାଟନ ମଧ୍ୟ ଏହି ଅବସରରେ କରାଯାଇଥିଲା। ଚଳିତ ବର୍ଷ ଓଡ଼ିଶା ବଜାରରେ ପ୍ରାୟ ୪୦ ହଜାର ଉତ୍ପାଦ ବିକ୍ରି କରାଯିବାର ଲକ୍ଷ୍ୟ ରଖାଯାଇଥିବା କମ୍ପାନୀର ଓଡ଼ିଶା ମୁଖ୍ୟ ସୂଚନା ଦେଇଥିଲେ। ଏହି ଡିଲର ମିଟ୍‌ରେ ବରଗଡ଼ ଜିଲାରୁ ୫୦ରୁ ଊର୍ଦ୍ଧ୍ୱ ଡିଲର ଯୋଗ ଦେଇଥିଲେ।




**GOVERNMENT OF ODISHA**
**OFFICE OF THE PURI MUNICIPALITY, PURI**
Email- purim.hud@nic.in
**NATIONAL COMPETITIVE BIDDING THROUGH e-Procurement**
**Identification No. P.M. 06/2020-21**
**Notice No. 1570 Dated: 12.03.21**

1. Type of Work: **Civil work**. 2. Total No. of works: **25 nos**. of Individual Works. 3. Estimate cost: **Rs.267798/- & Rs.3961566/-**. 4. Period of completion: **30 Days to 60 Days**. 5. Date & time of availability of bid document in the Portal: **From 03 P.M. of 16.03.2021 to 05 P.M. of 25.03.2021**. 6. Last date/Time for receipt of bid in the portal: **upto 05 P.M. of 25.03.2021**. 7. Date of Opening of bid: **11 A.M. of dtd. 26.03.2021**. 8. Name & address of the Officer inviting Bid: **Executive Officer, Puri Municipality, Puri**. Further detail can be seen from the e-procurement portal www.tendersorissa.gov.in.

**Sd./- Executive Officer, Puri Municipality, Puri**

**OFFICE OF THE SUPERINTENDENT CHC, MAHANGA, CUTTACK**
**DIET TENDER NOTICE**

**No. 318** **Date: 08.03.21**

Sealed tenders in the prescribed format (Available in the Office of the undersigned during office hours from 15.03.21 to 25.03.21) are invited from the suppliers for supply of dietary and other misc. Contingent articles for use in the office of the CHC, Mahanga for the year 2021-2022 as per the list given in the form.
The rates should be quoted including all taxes and the cost of the delivery at the kitchen of the Hospital Every Day. The tenders will be received by the undersigned on or before 3 P.M. of Dt.26.03.21. The tenderers has to furnish Sale Tax Clearance Certificate. Samples should be produced before the Diet advisory committee on the date of selection of the tender. The tender will be open on dated 26.03.21 at 4 P.M. in the Office of the Superintendent, CHC, Mahanga in presents of the tenderers or their representatives. Any other information regarding the matter will be available in the office of the undersigned in any working day during office hours.
The Medical Diet advisory committee reserves the right to accept or reject any or all the tenders without assigning any reason thereof.

**Sd./- Superintendent**
**C.H.C., Mahanga, Cuttack**

**COLLECTORATE, GAJAPATI, PARALAKHEMUNDI**
**(WELFARE SECTION)**
No.594/Welfare Date: 12.3.2021
**SHORT TENDER CALL NOTICE**

Sealed quotations are invited in the prescribed form from interested reputed Manufacturers/Authorized Dealers for supply of different items like Ceiling Fan, TV & Set Top Box, Utensils, Blanket, Sport materials and LED Lights to the ST & SC Development Department Hostels functioning under District Welfare Office, Gajapati which shall conform the terms and condition. The sealed quotations should reach the undersigned on or before 31.03.2021 by 5.30 P.M. through Registered Post/ Speed Post only and will be opened on 05.04.2021 at 11.00 A.M. in the Office Chamber of DWO, Collectorate, Gajapati, Paralakhemundi in the presence of the bidders or their authorized representatives. The detailed terms and conditions and General bid information can be downloaded from the Gajapati District websites i.e. **www.gajapati.nic.in**.

**Sd./- Collector, Gajapati**

**ODISHA MINING CORPORATION LIMITED**
**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**
OMC | ODISHA NEW OPPORTUNITIES

**No. 3828/OMC/2021** **NOTICE** **Date : 12/03/2021**

Pursuant to Advertisement No.46/OMC dtd.26.02.2020 and Computer Based Test (CBT) conducted on 09.12.2020, 10.12.2020, 11.12.2020 & 21.12.2020 for the post of Jr. Executive Assistant, the Computer Proficiency Test (CPT) shall be conducted on **25.03.2021** in respect of the provisionally shortlisted candidates (The list is available in OMC Website). The details regarding Computer Proficiency Test (CPT) centre, test duration, reporting time etc. shall be communicated through e-Admit card, which shall be sent shortly to the registered e-mail IDs of the provisionally short listed candidates. The sample question pattern for the Computer Proficiency Test (CPT) is uploaded in OMC website (**https://omcltd.in**) for reference.

**Sd/-**
**GENERAL MANAGER (P&A)**

**NB : Candidates are advised to check the OMC website (https://omcltd.in) regularly for further updates.**

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**KALAHANDI RWS&S DIVISION, BHAWANIPATNA**
**e-mail: eerwsskld@gmail.com, eerwss_kld@nic.in, Phone No.: 06670-230784**
No.O-1238:-
**INVITATION OF BID THROUGH e-TENDERING**
**Bid Identification No.45/EE/RWSS/2020-21/Bpt Dated 09.03.2021**
01. Name of the work: As per ANNEXURE-A

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 45/EE/RWSS/ 2020-21/ Bpt Dated 09.03.2021 | 16.03.2021 10.00 A.M. | 25.03.2021 05.30 P.M. | 26.03.2021 10.00 A.M. onwards |

Cost of tender paper & payment of EMD to be made online payment system. Further details can be seen from the e-procurement portal http://tenderodisha.gov.in. The original documents should be scanned and uploaded.
**Sd./-Executive Engineer, Kalahandi RWS&S Division, Bhawanipatna**
OIPR-25005/11/0022/2021

**GOVERNMENT OF ODISHA**
**DEPARTMENT OF PANCHAYATIRAJ & DRINKING WATER**
**OFFICE OF THE BLOCK DEVELOPMENT OFFICER**
**DIGAPAHANDI BLOCK, DISTRICT - GANJAM**
**Tender Call Notice: DPS-01/2020-21**
**Bid Identification No. DPS-01/2021-22**
**INVITATION FOR COMPETITIVE BIDDING**

The Block Development Officer, Digapahandi Block on behalf of Hon'ble Governor of Odisha invites percentage rate bids to be received in confirming with Sealed Tender Call Notice (DTCN) for the execution of the works details available in the table below. The bids shall be submitted by 'B' Class & 'C' Class as mentioned in the table below, registered with the State Government and Contractors of equivalent Grade/Class registered with Central Govt./M.E.S./ Railways or other Govt. undertakings for execution of civil works, on production of definite proof from the appropriate authority the works as in the table below.

| Sl. No. | Name of the work | Approximate Estimate cost in Rs. | E.M.D. in Rs. | Colass of contractor | Period of completion | Cost of tender paper (Non-refundable) |
|---|---|---|---|---|---|---|
| 1 | Construction of PHC (N) Building at Goudagaon" under Digapahandi Block for the year 2020-21 | Rs.42,83,200/- | Rs.42,832/- | 'B' & 'A' | 06 (Six) calendar months | Rs.6000/- |
| 2 | New construction of Sub Center at Goudagaon" under Digapahandi Block for the year 2020-21 | Rs.20,12,300/- | Rs.20123/- | 'C' & 'D' | 06 (Six) calendar months | Rs.6000/- |
| 3 | Construction Labour room Building at Sidheswar" under Digapahandi Block for the year 2020-21 | Rs.20,12,300/- | Rs.20123/- | 'C' & 'D' | 06 (Six) calendar months | Rs.6000/- |
| 4 | New construction of Sub Center at Chaitanyanpur of Padmanavpur GP under Digapahandi Block for the year 2020-21 | Rs.24,95,285/- | Rs.24953/- | 'C' & 'D' | 06 (Six) calendar months | Rs.6000/- |
| 5 | Construction of Sub Center Building at Ghodahada Dam of Talasingi" of Kaithakhandi under Digapahandi Block for the year 2020-21 | Rs.24,95,285/- | Rs.24953/- | 'C' & 'D' | 06 (Six) calendar months | Rs.6000/- |
| 6 | Construction Labour room Building at PHC (N) Jharipadar of B. Turubudib G.P. under Digapahandi Block for the year 2020-21 | Rs.21,62,564/- | Rs.21625/- | 'C' & 'D' | 06 (Six) calendar months | Rs.6000/- |

**Terms and conditions**
1. Availability & cost of tender paper: The tender documents will be available at Office of the Block Development Officer, Digapahandi Block, Ganjam from 11.00 A.M. of 15.03.2021 to 30.03.2021 upto 5.00 P.M. The tender document can be collected from the Office of the Block Development Officer, Digapahandi Block, Ganjam in all working days during office hours within the stipulated time period. The bidder for participation in the bid will have to pay Rs.6,000/- (Rupees Six thousand) only in shape of Cash/ A/c payee D.D. (Non-refundable) drawn in favour of Block Development Officer, Digapahandi Block.
2. Sale of tender paper: The tender documents can be collected from the Office of the Block Development Officer, Digapahandi Block, Ganjam and the Bank Draft for cost of tender paper to be drawn within the date from 15.03.2021 to 30.03.2021 or to be sold within this period from office hours i.e. 10 A.M. to 5 P.M. on working days only on production of Bank Draft (non-refundable) drawn in favour of Block Development Officer, Digapahandi Block, Ganjam and taking a receipt from the office. The receipt will be deposited in a separate sealed cover at the time of submission bids.
3. N.B.: For other term and condition and details please see Notice Board of the Block Office, Digapahandi.

**Sd./- Block Development Officer, Digapahandi**

## ଆଜି କ'ଣ କେଉଁଠି

**ବଅଁରପାଳ**

- ଶ୍ରୀରାମ ଚରିତ ମାନସ ଓ ପ୍ରବଚନ କାର୍ଯ୍ୟକ୍ରମ। ସ୍ଥାନ: ଗୋଠମରା। ସମୟ: ସକାଳ ୬ ଟା।
- ଏପି ସିଂ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ। ସ୍ଥାନ-ଗୋଠମରା ସମୟ- ଅପରାହ୍ନ ୩ ଟା।

**ଢେଙ୍କାନାଳ**

- ୧୦୮ ହନୁମାନ ଚାଳିଶା ପାଠ। ସ୍ଥାନ: ବସଷ୍ଟାଣ୍ଡସ୍ଥିତ ହନୁମାନ ବାଟିକା। ସମୟ: ସକାଳ ୭ଟା।

**ଅନୁଗୋଳ**

- ୧୦ମ ହେମସୁରପଡା ଫୁଟବଲ କପ୍ ଫାଇନାଲ ମ୍ୟାଚ। ସ୍ଥାନ- ଅନୁଗୋଳ ଟାଉନ ହାଇସ୍କୁଲ ପଡିଆ। ସମୟ- ଅପରାହ୍ନ ୪ଟା

## ସଂକ୍ଷେପରେ

### ରାମେଶ୍ୱର ମନ୍ଦିର ପ୍ରତିଷ୍ଠା



**ଛେଣ୍ଡିପଦା,୧୩।୩(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ନୂଆଗାଁ ପଞ୍ଚାୟତ ଡଙ୍ଗାପାଳ ଗ୍ରାମରେ ରାମେଶ୍ୱର ମହାଦେବଙ୍କ ଭବ୍ୟ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ, ଦେବଗଡ ଓ ସମ୍ବଲପୁର ଜିଲାର ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ଯୋଗ ଦେଇଥିଲେ। ୧୩୫ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ଅବସରପ୍ରାପ୍ତ ଡାକ୍ତର ସଚ୍ଚିଦାନନ୍ଦ ପ୍ରଧାନ ଓ ଉତ୍ତରା ପ୍ରଧାନ କର୍ତ୍ତା ସାଜିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ଜିଲାପରିଷଦ ସଭାପତି ବାସନ୍ତୀ କିଷାନ, ଗତିକୃଷ୍ଣ ପ୍ରଧାନ, ସ୍ୱପ୍ନେଶ୍ୱର ସାହୁ, ବ୍ଲକ ଅଧ୍ୟକ୍ଷ ଅଶୋକ ପ୍ରଧାନ, ଖଗେଶ୍ୱର ବେହେରା, ଅଗସ୍ତି ବେହେରା, ଦିନେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଯଜ୍ଞ କମିଟିର ନଗେନ୍ଦ୍ର ପ୍ରଧାନ, କାହ୍ନୁଚରଣ ପ୍ରଧାନ, ନରେଶ ପ୍ରଧାନ, ରବିନାରାୟଣ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

### ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ଓକିଲ



**ଆଠମଲ୍ଲିକ,୧୩।୩(ଡି.ଏନ.ଏ.):** ଆଠମଲ୍ଲିକ ଓକିଲ ସଂଘ ନିର୍ବାଚନ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ସଭାପତି ପଦବୀ ପାଇଁ ପୂର୍ବରୁ ୩ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଶନିବାର ଓକିଲ ଦିନେଶ ସିଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ସିଂ ପୂର୍ବରୁ ଦୁଇ ଥର ସଭାପତି ପଦବୀରେ ରହିସାରିଛନ୍ତି। ଜଣେ ପ୍ରତିଦ୍ୱନ୍ଦ୍ୱିତାରୁ ଓହରି ଯାଇଥିବାରୁ ଆଉ ଦୁଇ ଜଣ ଓକିଲ ସୁଶାନ୍ତ କୁମାର ମହାପାତ୍ର ଓ ପ୍ରମୋଦ ପ୍ରଧାନଙ୍କ ମଧ୍ୟରେ ସଭାପତି ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାପଡିଛି।


### ଅବକାରୀ ଚଢ଼ାଉ, ୨ ଗିରଫ

**ବଇଣ୍ଡା,୧୩।୩(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପାଇକସାହି ନିକଟସ୍ଥ ଅଳିଆମୁଣ୍ଡା ସାହିର ମାଧବ ବେହେରା, ସୁର ବେହେରାଙ୍କ ଘର ଉପରେ ଆଠମଲ୍ଲିକ ଅବକାରୀ ବିଭାଗ ଚଢାଉ କରି ୧୭ ଲିଟର ଦେଶୀ ମଦ ଜବତ କରିଛି। ଏଥିସହ ସେମାନଙ୍କୁ ଗିରଫ କରିଛି। ବିଭାଗ କହିଛି, ଏମାନେ ବହୁ ଦିନ ହେବ ଚୋରାରେ ମଦ ବିକ୍ରି କରୁଥିଲେ। ଖବରପାଇ ଆଠମଲ୍ଲିକ ଅବକାରୀ ବିଭାଗର ଉପ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତିଙ୍କ ସମେତ କର୍ମଚାରୀମାନେ ଚଢାଉ କରି ଗିରଫ କରିଥିଲେ।

### ୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୩।୩:** ଅନୁଗୋଳ ଜିଲାରୁ ଶନିବାର ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨ ହଜାର ୪୦୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ୩ ଜଣ ରହିଥିବାବେଳେ କଣିହାଁ ବ୍ଲକରୁ ୨ ଜଣ ଓ ତାଳଚେର ବ୍ଲକରୁ ଜଣେ ରହିଛନ୍ତି। ତେବେ ଦିନକରେ ଜିଲାରୁ ଜଣେ କରୋନାରୁ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# 'ଦକ୍ଷତାରେ ପଛରେ ନ ପଡ଼ନ୍ତୁ ପିଲା'



**ଅନୁଗୋଳ ଅଫିସ, ୧୩।୩**

କରୋନା ମହାମାରୀ କାରଣରୁ ଗତବର୍ଷଠାରୁ ସ୍କୁଲ ବନ୍ଦ ରହିଛି। ଅନ୍‌ଲାଇନରେ କ୍ଲାସ କରାଯାଇଥିଲେ ମଧ୍ୟ ତାହା ସମସ୍ତ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିପାରି ନାହିଁ। ବିଶେଷକରି ସରକାରୀ ସ୍କୁଲରେ ପଢୁଥିବା ପିଲାମାନେ ଅଧିକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କାରଣ ଅନେକ ଛାତ୍ରୀଛାତ୍ରଙ୍କ ଘରେ ଅନ୍‌ଲାଇନ ଶିକ୍ଷା ନେବାଭଳି ମୋବାଇଲ ନାହିଁ। ସେହିପରି ନେଟ୍‌ୱର୍କ ସମସ୍ୟା ରାଜ୍ୟର ବିଭିନ୍ନ ସ୍ଥାନରେ ରହିଛି। ତେଣୁ ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କୁ ପଢ଼ାଇବା ପାଇଁ ସରକାର ଉଦ୍ୟମ କରିଥିଲେ ମଧ୍ୟ ତାହା ସେତେଟା ଫଳପ୍ରଦ ହୋଇପାରି ନାହିଁ। ପ୍ରାଥମିକ ଶିକ୍ଷା ପିଲାଙ୍କ ମୂଳଦୁଆ ମଜଭୁତ କରେ। ଶିକ୍ଷାର୍ଥୀ ଜୀବନରେ ସଫଳ ହେବାକୁ ଭିତ୍ତିଭୂମି ଯୋଗାଏ। କିନ୍ତୁ ବର୍ଷଟିଏ ଠିକ୍ ଭାବେ ପଢ଼ିପାରି ନ ଥିବା ଛାତ୍ରୀଛାତ୍ରମାନେ ବିଷୟବସ୍ତୁକୁ ନେଇ ଅନେକ ସନ୍ଦେହରେ ଥିବାବେଳେ ବିନା ପରୀକ୍ଷାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ସମସ୍ତଙ୍କୁ ପାସ୍ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ଥିର କରାଯାଇଛି। ଯଦିଓ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଏହା ଘୋଷଣା କରାଯାଇ ନାହିଁ, ତଥାପି ଏପରି ନିଷ୍ପତ୍ତି ନିଆଯାଉଥିବା ଶନିବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି। ନବମ ଓ ଦଶମ ଶ୍ରେଣୀ ପାଠପଢ଼ା ଜାରି ରହିଥିବାରୁ ଆଗାମୀ ଦିନରେ ପ୍ରାଥମିକ ସ୍କୁଲ ଖୋଲାଯାଇ ପିଲାଙ୍କ ପରୀକ୍ଷା କରାଯିବ ବୋଲି ଅନେକେ ଆଶାବ୍ୟକ୍ତ କରିଥିଲେ। ହେଲେ କରୋନା ସଂକ୍ରମଣ ଦେଶରେ ବଢୁଥିବାରୁ ସରକାର ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏମିତି ଏକ ନିଷ୍ପତ୍ତି ନେଉଥିବା କୁହାଯାଉଛି। ଫଳରେ ବର୍ଷଟିଏ ହେଲା ସ୍କୁଲ ଶିକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କୁ ଏଥିପାଇଁ ଆହୁରି କିଛି ମାସ ଅପେକ୍ଷା କରିବାକୁ ପଡ଼ିବ। ଏହା କେବଳ ଶିକ୍ଷା ନୁହେଁ, ସେମାନଙ୍କ ଶାରୀରିକ ଓ ମାନସିକ ବିକାଶକୁ କ୍ଷତି ପହଞ୍ଚାଇବ ବୋଲି ଅନୁଗୋଳର ଅନେକ ଅଭିଭାବକ ମତ ଦେଇଛନ୍ତି। ତେବେ ଉପର ଶ୍ରେଣୀକୁ ଡେଇଁଥିବା ପିଲାମାନେ ଯେପରି ଦକ୍ଷତାରେ ପଛରେ ନ ପଡ଼ନ୍ତି ସେ ନେଇ ସରକାର କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ ବୋଲି ଅଭିଭାବକମାନେ ଦାବି କରିଛନ୍ତି।

**ବହୁ ପାଠ ଅବୁଝା ରହିଯିବ**



ବିନା ପରୀକ୍ଷାରେ ଶ୍ରେଣୀ ଉତ୍ତୀର୍ଣ୍ଣ ଦ୍ୱାରା ପିଲାମାନଙ୍କ ଦକ୍ଷତା ପ୍ରତିପାଦନ ହୋଇପାରିବ ନାହିଁ। ଅନ୍‌ଲାଇନ ଶିକ୍ଷା ସମସ୍ତଙ୍କ ନିକଟରେ ଠିକ୍ ଭାବେ ପହଞ୍ଚି ନ ଥିବାରୁ ଅବୁଝା ରହିଥିବା ପାଠ ସେମାନେ ଆଉ ବୁଝିବାକୁ ଆଗ୍ରହ ରଖିବେ ନାହିଁ। ତାହା ସେମାନଙ୍କୁ ଶିକ୍ଷାରେ ପଛରେ ପକାଇ ଦେବ। କିନ୍ତୁ କରୋନା ପରିସ୍ଥିତି ସରକାରଙ୍କୁ ଏପରି କରିବାକୁ ବାଧ କରିଛି।

- ସରୋଜ ପାଣିଗ୍ରାହୀ, ପ୍ରଧାନଶିକ୍ଷକ ଟାଉନ ହାଇସ୍କୁଲ

**ସ୍କୁଲ ଯିବା ଖୁସି ପିଲାଙ୍କୁ ମିଳୁନି**



ବର୍ଷେ ହେଲା ସ୍କୁଲ ବନ୍ଦ ରହିଛି। କେବଳ ୯ମ ଓ ୧୦ ଶ୍ରେଣୀ ପିଲାଙ୍କ ପାଇଁ କେତେକ ସ୍କୁଲ ଖୋଲାଯାଇ ପଢ଼ା ହେଉଛି। କିନ୍ତୁ ପ୍ରଥମରୁ ଅଷ୍ଟମ ଶ୍ରେଣୀର ପିଲା ଘରେ ବସି ରହିଛନ୍ତି। ଅନ୍‌ଲାଇନ କ୍ଲାସ ଶିକ୍ଷାର ଉପଯୁକ୍ତ ସୁଯୋଗ ଦେଉ ନ ଥିବାବେଳେ ସ୍କୁଲ ଯାଇ ଘରକୁ ଫେରିବା ବେଳର ଖୁସି ପିଲାମାନେ ପାଉନାହାନ୍ତି।

-ଅନସୂୟା ଦେହୁରୀ, ଅଭିଭାବକ

**ପୁଣି ନିରାଶ ହେବାକୁ ପଡ଼ିଲା**



କରୋନା ସଂକ୍ରମଣ ହ୍ରାସକୁ ଦେଖି ସରକାର ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପରେ ଖୋଲାଯିବା ବୋଲି ଆଶା କରାଯାଉଥିଲା। ଫଳରେ ସ୍କୁଲ ଯାଇ ପଢ଼ିବା ଓ ସାଙ୍ଗସାଥୀଙ୍କ ସହ ଖେଳିବାର ସୁଯୋଗ ବର୍ଷେ ପରେ ପାଇବୁ ବୋଲି ଭାବିଥିଲୁ। ହେଲେ ସଂକ୍ରମଣ ବଢୁଥିବାରୁ ସ୍କୁଲ ଖୋଲାଯିବନି କି ପରୀକ୍ଷା ହେବନି ବୋଲି କହିଲେଣି। ଏହା ଆମକୁ ନିରାଶ କରିଛି।

-ଶମ୍ଭୁନାଥ ଦେହୁରୀ, ଛାତ୍ର

**ପ୍ରାଥମିକ ଶିକ୍ଷା କ୍ଷତିଗ୍ରସ୍ତ ହୋଇଛି**



କରୋନା ପରିସ୍ଥିତି ଯୋଗୁ ପ୍ରାଥମିକ ଶିକ୍ଷା ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଥିଲାବାଲାଙ୍କ ପିଲା ଟ୍ୟୁଶନ କରି ଯାହା ଯେମିତି ପାଠ ପଢ଼ିଛନ୍ତି। କିନ୍ତୁ ଗରିବ ଲୋକଙ୍କ ପିଲାମାନେ ସେଥିରୁ ବଞ୍ଚିତ ରହିଛନ୍ତି। ଏପରି ଛାତ୍ରୀଛାତ୍ରଙ୍କ ମୂଳଦୁଆ ମଜଭୁତ ନ କରି ଉପର ଶ୍ରେଣୀକୁ ପଠାଗଲେ ସେମାନେ ଆଗାମୀ ଦିନରେ ଉପଯୁକ୍ତ ଦକ୍ଷତା ଦେଖାଇପାରିବେ ନାହିଁ।

-ପବିତ୍ର ମୋହନ ସାହୁ, ଅଭିଭାବକ

# ମାଫିଆ ବିକୁଛନ୍ତି ଜବରଦଖଲ ଜାଗା




**ଅନୁଗୋଳ ଅଫିସ, ୧୩।୩**

ଅନୁଗୋଳ ପୌରାଞ୍ଚଳରେ ଥିବା ୨୭ ବସ୍ତିରୁ ୧୩ଟିକୁ ସ୍ୱୀକୃତି ମିଳିଛି। ସେଠାକାର ବାସିନ୍ଦାଙ୍କୁ ପକ୍କା ଘର ସହ ସହରୀ ଭିତ୍ତିଭୂମି ଯୋଗାଇ ଦିଆଯିବାର ବ୍ୟବସ୍ଥା ହେଉଛି। ତେବେ ବିଭିନ୍ନ ବସ୍ତିରେ ଥିବା ସରକାରୀ ଖାଲି ଜମିକୁ ମାଫିଆମାନେ ଜବରଦଖଲ କରିବା ସହ ତାହାକୁ ସିମେଣ୍ଟ ଖୁଣ୍ଟରେ ବାଡ଼ ଦେଇ ଅକ୍ତିଆର କରିଛନ୍ତି। କେବଳ ଜବରଦଖଲ ନୁହେଁ ଉକ୍ତ ଜମିକୁ ସେମାନେ ଚଢ଼ା ଦରରେ ବିକ୍ରି କରୁଥିବା ଚର୍ଚ୍ଚା ହେଉଛି।

ଅନୁଗୋଳ ସହରରେ ଘରଟିଏ କରି ରହିବାକୁ ଚାହୁଁଥିବା ଲୋକଙ୍କୁ ଏହି ଜବରଦଖଲ ଜାଗା ଭଲ ଦରରେ ମିଳୁଛି। ବଜାର ଦର ଠାରୁ ଶସ୍ତା ହୋଇଥିବାବେଳେ ସରକାରୀ ଜାଗା ତୁଳନାରେ କିନ୍ତୁ ଏହାର ମୂଲ୍ୟ ଢେର ଅଧିକ ରହିଛି। ରାଜକିଶୋରପଡ଼ା, ସୁଇପର କଲୋନୀ, ହାକିମପଡ଼ା (ହାତୀବନ୍ଧସାହି), ଜୟାନନ୍ଦମାର୍ଗ ଆଦି ଅଞ୍ଚଳରେ ଚାହିଦା ଅଧିକ ରହିବା ସହ ଉକ୍ତ ଜାଗା ଉପରେ ସମସ୍ତଙ୍କ ନଜର ରହିଛି। ଉକ୍ତ ସ୍ଥାନରେ ୩୦ ଫୁଟରେ ୨୦ ଫୁଟ ବିଶିଷ୍ଟ ଜାଗାର ମୂଲ୍ୟ ୧ ଲକ୍ଷରୁ ୩ ଲକ୍ଷ ପର୍ଯ୍ୟନ୍ତରେ ବିକ୍ରି କରାଯାଉଛି। ଏହି ମାଫିଆମାନଙ୍କୁ ଦେଖି ଅନ୍ୟମାନେ ମଧ୍ୟ ସହରର ବିଭିନ୍ନ ବସ୍ତିରେ ଥିବା ଖାଲି ଜାଗାକୁ ନିଜ ଅକ୍ତିଆରକୁ ନେବାରେ ଲାଗିଛନ୍ତି। କିଏ ତାର ବାଡ଼ ବୁଲାଉଛନ୍ତି ତ ଆଉ କିଏ ଘର ନିର୍ମାଣ କରି ଭଡ଼ାରେ ଦେବାକୁ ଯୋଜନା କରିଛନ୍ତି। ଏହାପରେ ଉକ୍ତ ଜାଗାକୁ ନିଜର ବୋଲି ଦେଖାଇବାରେ ଆଉ ଅସୁବିଧା ନ ଥିବାରୁ ତାହା ଗ୍ରାହକଙ୍କୁ ବିକ୍ରିରେ ସୁବିଧା ହେଉଛି। କିଛି ବସ୍ତିରେ ତ ମାଫିଆମାନେ ଜାଗା ବିକ୍ରି କରିବାକୁ ଅଗ୍ରୀମ ନେଇସାରିଥିବା ପୌରପାଳିକା ଜାଣିବାକୁ ପାଇଛି। ତେବେ ଜବରଦଖଲରେ ଥିବା ଜାଗାକୁ ଚିହ୍ନଟ କରାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଯେଉଁମାନେ ଏପରି ଟଙ୍କା ନେଣ ଦେଣ କରିଥିବେ, ସେମାନଙ୍କୁ ଜାଗାରୁ ଉଚ୍ଛେଦ କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। ସରକାରୀ ଜାଗାକୁ ଜବରଦଖଲକାରୀଙ୍କ ନିକଟରୁ ଅଣାଯାଇ ସେଠାରେ ବିକାଶମୂଳକ କାର୍ଯ୍ୟ ବସ୍ତି ବାସିନ୍ଦାଙ୍କ ପାଇଁ କରାଯିବ ବୋଲି ପୌର କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ୨୭୫ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ବଅଁରପାଳ,୧୩।୩(ଡି.ଏନ.ଏ.)**

ବଅଁରପାଳ ବ୍ଲକ ପରିସରରେ ଶନିବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅଞ୍ଜଳୀ ଭୋଇ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ବିଜୟ ନାଥ, ଜିଲା ପରିଷଦ ସଦସ୍ୟା ମଞ୍ଜୁଲତା ସାହୁ ଯୋଗଦେଇ ୨୭୫ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଗୋଠମରା, ନୂଆହତା, ଗଡ଼ସନ୍ତ୍ରୀ, ଭୋଗବେରଣୀ, ତଳମୂଳ, ମହୀଧରପୁର, କୁଲାଡ଼, ଗିରାଙ୍ଗ, ଫୁଲପଡା, ବଉଳିଗଡ଼, ନୂଆହତା, ବୁଢ଼ାପଙ୍କ ଆଦି ଅଞ୍ଚଳର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ବିଡିଓ ଏଲିଜା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ବିଡିଓ ମାଧବ ପାଣିଗ୍ରାହୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।



ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

## ଚୋରା କୋଇଲା ଖାତରେ ପଡି ଶ୍ରମିକ ମୃତ

**ଛେଣ୍ଡିପଦା,୧୩।୩(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ବାହାଲସାହିର ଜନୈକ ବ୍ୟକ୍ତିଙ୍କ ଚୋରା କୋଇଲା ଖାତରେ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାହାଳ ସାହି ଗ୍ରାମର ଲବଣୀ ଭୁତିଆ। ଘଟଣାରୁ ପ୍ରକାଶ, ଶୁକ୍ରବାର ରାତିରେ ଲବଣୀ କୋଇଲା ଉତ୍ତୋଳନ ପାଇଁ କୋଇଲା ଖାତକୁ କାମ କରିବାକୁ ଯାଇଥିଲେ। ଶନିବାର ଭୋର ସମୟରେ ସେ କାମ ସାରି ତାଙ୍କ ସାଇକେଲରେ ଗୋଟିଏ ବସ୍ତା କୋଇଲା ଲୋଡ କରିବା ସମୟରେ ହଠାତ ୫୦ ଫୁଟ୍ ଗଭୀର କୋଇଲା ଖାତ ଭିତରେ ପଡି ଯାଇଥିଲେ। ଖାତର ମାଲିକ ସ୍ଥାନୀୟ ଲୋକଙ୍କ ସହାୟତାରେ ଲବଣୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳଠାରେ ଥିବା ଏକ ଘରୋଇ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଛେଣ୍ଡିପଦା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

# ସମିତିରେ ତାଲା ପକାଇଲେ ଚାଷୀ



ମାଧପୁର ସମବାୟ ସମିତି ଫାଟକରେ ତାଲା ପକାଇଛନ୍ତି ଚାଷୀ।

**ଆଠମଲ୍ଲିକ/ ମାଧପୁର, ୧୩।୩(ଡି.ଏନ.ଏ.)**

ଧାନ କିଣାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର, କମ୍ପଲା ଓ କନ୍ଧପଡା ସେବା ସମବାୟ ସମିତି ଫାଟକରେ ତାଲା ପକାଇଛନ୍ତି ଚାଷୀ। ଏହି ସମିତିଗୁଡିକରେ ଶତାଧିକ ଚାଷୀଙ୍କ ଧାନ ପଡ଼ିରହିଥିବା ବେଳେ ତାହା କିଣାଯାଉ ନାହିଁ। ମାଧପୁର ଚାଷୀଙ୍କ ୧୧ ହଜାର, କମ୍ପଲାର ୧୦ ହଜାର, କନ୍ଧପଡାର ୮ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ବିକ୍ରି ହୋଇ ନ ପାରି ପଡି ରହିଥିବା କୃଷକ ମହାସଂଘ ସଭାପତି ଦେବେନ୍ଦ୍ର ପ୍ରଧାନ କହିଛନ୍ତି। ଚାଷୀଙ୍କ ନାମ ସମିତିରେ ପଞ୍ଜୀକରଣ ହୋଇଛି। ମାତ୍ର ସେମାନଙ୍କୁ ଟୋକନ ଦିଆଯାଇ ନାହିଁ। ସମିତି ଧାନ କିଣୁନାହିଁ ବୋଲି ବହୁ ଗରିବ ଚାଷୀ ଦଲାଲଙ୍କ ହାତରେ କମ୍ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ ହେଉଛି। ଏହାର ପ୍ରତିବାଦରେ ଚାଷୀ ନେତା ଦେବେନ୍ଦ୍ର ପ୍ରଧାନ, ଆଇନଜୀବୀ ତଥା ନେତା ଅଞ୍ଜନ କୁମାର ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, କମ୍ପଲାରେ ଶୁକ୍ରବାର ଦତ୍ତ ସାହୁ, ନିଗମାନନ୍ଦ ପ୍ରଧାନ, ହୃଦା ଗାଇଗାରିଆ ଓ କନ୍ଧପଡାରେ ଶନିବାର ଭୀମସେନ ମହାକୁଡ଼ଙ୍କ ନେତୃତ୍ୱରେ ଚାଷୀମାନେ ସମିତିରେ ତାଲା ପକାଇଥିଲେ। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ପଞ୍ଜୀକୃତ ଚାଷୀଙ୍କ ଟୋକନ ଆସିଛି। ମିଲ ପକ୍ଷରୁ ଅର୍ଥ ପଇଠ ହୋଇ ନ ଥିବାରୁ ଧାନ କିଣାଯାଇପାରୁ ନାହିଁ। ପରବର୍ତ୍ତୀ ସମୟରେ ଚାଷୀଙ୍କଠାରୁ ଧାନ କିଣାଯିବ।

## ଏନ୍‌ଟିପିସି ଠିକାଶ୍ରମିକଙ୍କ ସମାବେଶ

**କଣିହାଁ,୧୩।୩(ଡି.ଏନ.ଏ.)**

ଏଆଇୟୁଟିୟୁସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ (ଏନ୍‌ଟିପିସି) କଣିହାଁ ପକ୍ଷରୁ ଶୁକ୍ରବାର ବିଜିଗୋଳ ହାଇସ୍କୁଲ ଖେଳ ପଡ଼ିଆରେ ଏନ୍‌ଟିପିସି ଠିକାଶ୍ରମିକଙ୍କ ସମାବେଶ ଅନୁଷ୍ଠିତ ହୋଇଛି। ୟୁନିୟନ ସଭାପତି ଜୟସେନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟବକ୍ତା ଭାବେ ୟୁନିୟନ ଉପସଭାପତି ଭିକାରୀ ପ୍ରଧାନ, ବକ୍ତାଭାବେ ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ ଯୋଗ ଦେଇ ବିଦ୍ୟୁତ୍ ଉତ୍ପାଦନରେ ଠିକାଶ୍ରମିକମାନେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ବେଳେ ପ୍ଲାଣ୍ଟ କର୍ତ୍ତୃପକ୍ଷ ସେମାନଙ୍କୁ ଅବହେଳା କରୁଥିବା ଅଭିଯୋଗ କରିଥିଲେ। ସେହିପରି ଠିକା ଶ୍ରମିକଙ୍କ ମାସିକ ଦରମା ୨୧ ହଜାର ଟଙ୍କା କରିବା, ସକାଳ ୬ଟାରୁ ରାତି ୧୦ଟା ମଧ୍ୟରେ ଏନ୍‌ଟିପିସି କଣିହାଁର ପାଉଁଶ ବୋଝେଇ ଟ୍ରକ ଚଳାଚଳ ବନ୍ଦ କରିବା, ବୋନସ, ଲିଭ ମଜୁରୀ, ଛୁଟି ଓ ପର୍ବପର୍ବାଣୀ ଦିନର ମଜୁରି ପ୍ରଦାନ, ଠିକା ଶ୍ରମିକଙ୍କୁ ହଇରାଣ ବନ୍ଦ କରିବା ଆଦି ଦାବି କରାଯାଇଥିଲା। ଏ ନେଇ ଏକ ଦାବିପତ୍ର ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୟୁନିୟନର ଯୁଗ୍ମ ସମ୍ପାଦକ ଟୁନା ନାଏକ, କାର୍ଯ୍ୟକାରୀ ସଭ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ନୀଳାମ୍ବର ତିରିଆ, ବୀରେନ୍ଦ୍ର ନାଏକ, ଅର୍ଜୁନ ସାହୁ, ପ୍ରକାଶ ଗୋଚ୍ଛାୟତ, ରଣଜିତ ସାହୁ, ସିଙ୍ଗେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇ ଠିକା ଶ୍ରମିକଙ୍କ ସମସ୍ୟା ସମାଧାନ ଦିଗରେ ଆନ୍ଦୋଳନ ସଙ୍ଗଠିତ କରିବାକୁ ଆହ୍ୱାନ ଦେଇଥିଲେ।




ବିଜିଗୋଳ ହାଇସ୍କୁଲ ଖେଳ ପଡ଼ିଆରେ ଏନ୍‌ଟିପିସି ଠିକାଶ୍ରମିକଙ୍କ ସମାବେଶ।

# ଧୂଆଁରେ ଅଣନିଃଶ୍ୱାସୀ ଜନଜୀବନ

**ଖମାର ରେଞ୍ଜ ଅଞ୍ଚଳରେ ଜଳୁଛି ଜଙ୍ଗଲ**

**ଖମାର,୧୩।୩**

ପାଲଲହଡ଼ା ବ୍ଲକ ଖମାର ଅଞ୍ଚଳରେ ଥିବା ଶଙ୍ଖପୁର, ପାଣିହରା, ବାରକୋଟିଆ, ଡିମିରିଆ, ବଡଶଡ଼ା, କୁଞ୍ଚାମ, ମୁଣ୍ଡରିବେଡା ଆଦି ଜଙ୍ଗଲରେ ଲାଗିଥିବା ନିଆଁ ଏଯାଏ ଆୟତ୍ତକୁ ଆସିନାହିଁ। ଦୁଇ ସପ୍ତାହରୁ ଅଧିକ ହେବ ଜଙ୍ଗଲର ବିଭିନ୍ନ ସ୍ଥାନ ଜଳୁଥିବାରୁ ଖମାର ଅଞ୍ଚଳରେ ଧୂଆଁର ଆସ୍ତରଣ ଦେଖିବାକୁ ମିଳୁଛି। ଏହି ଧୂଆଁ ଯୋଗୁ ସ୍ଥାନୀୟ ଲୋକେ ଠିକ୍‌ରେ ନିଃଶ୍ୱାସ ନେଇପାରୁ ନାହାନ୍ତି। କେତେଜଣ ଆଖି ପୋଡ଼ିବା ଭଳି ଅନୁଭବ କରୁଛନ୍ତି। ବିଶେଷକରି ବୟସ୍କ ଓ ଶିଶୁମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାତଃ ଭ୍ରମଣରେ ବାହାରୁଥିବା ବୟସ୍କ ବ୍ୟକ୍ତିମାନେ ଏ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଦୀର୍ଘଦିନ ଧରି ନିଆଁ ଲାଗିଥିଲେ ବି ତାହାକୁ ଲିଭାଇବାରେ ବନ ବିଭାଗ ସକ୍ଷମ ହେଉ ନ ଥିବାରୁ ଏଥିଯୋଗୁ ବନ୍ୟ ସମ୍ପଦ ନଷ୍ଟ ହେଉଛି। ଅନେକ ମୂଲ୍ୟମାନ ଔଷଧୀୟ ବୃକ୍ଷ ଲତା ଧ୍ୱଂସ ହେଉଥିବା ବେଳେ ଜୀବଜନ୍ତୁଙ୍କ ଜୀବନହାନି ଘଟୁଛି। ଏହାଛଡ଼ା ଜଙ୍ଗଲରେ ନିଆଁ କେମିତି ଲାଗୁଛି ତାହାର ମଧ୍ୟ ଠିକ୍ ଭାବେ ଅନୁଧ୍ୟାନ କରାଯାଉ ନାହିଁ। ଅନେକ ସମୟରେ ଗାଈ ଚରାଳି, ମହୁଲ ସଂଗ୍ରହକାରୀ, ଶିକାରୀମାନେ ଜଙ୍ଗଲରେ ନିଆଁ ଲଗାଉଥିବାର ନଜିର ରହିଥିଲେ ମଧ୍ୟ ଖମାର ରେଞ୍ଜ ପକ୍ଷରୁ ଏ ଦିଗରେ ନଜର ରଖାଯାଉ ନ ଥିବା ଅଭିଯୋଗ ହେଉଛି। ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ନିର୍ଦ୍ଦେଶ ଦେଇଥିବାରୁ ତୁରନ୍ତ ରେଞ୍ଜ ଅଧିକାରୀ ଏ ଦିଗରେ ପଦକ୍ଷେପ ନେବାକୁ ଖମାରବାସୀ ଦାବି କରିଛନ୍ତି।

### ରାଣୀବନ୍ଧ ଜଙ୍ଗଲରେ ନିଆଁ



ରାଣୀବନ୍ଧ ଜଙ୍ଗଲରେ ଲାଗିଥିବା ନିଆଁ।

**ବଇଣ୍ଡା,୧୩।୩(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ ପଞ୍ଚାୟତ ରାଣୀବନ୍ଧ ଜଙ୍ଗଲ ଗତ ୨ ଦିନ ହେବ ଜଳୁଛି। ଫଳରେ ବିଭିନ୍ନ ଔଷଧୀୟ ଗଛ ନଷ୍ଟ ହେଉଥିବା ବେଳେ କୀଟପତଙ୍ଗଙ୍କ ଜୀବନ ଯାଉଛି। ବନବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଉ ନ ଥିବା ଯୋଗୁ ବନ୍ୟଜନ୍ତୁମାନେ ଗ୍ରାମାଭିମୁଖୀ ହେଉଛନ୍ତି। ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ବହୁ ମହୁଲ ଗଛ ରହିଛି। କେତେଜଣ ବ୍ୟକ୍ତି ମହୁଲ ଫୁଲ ସଂଗ୍ରହ କରିବାକୁ ଯାଇ ଗଛ ତଳେ ପଡିଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଉଥିବା ଆଲୋଚନା ହେଉଛି। ଏଥିଯୋଗୁ ନିକଟସ୍ଥ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ବନବିଭାଗ ଦୃଷ୍ଟି ଦେଇ ନିଆଁ ଲିଭାଇବାକୁ ଦାବି ହେଉଛି। ଏ ନେଇ ଧଣ୍ଡାତୋପା ରେଞ୍ଜର ରାହାସ ସାହୁ କୁହନ୍ତି, ନିଆଁ ଲାଗିଥିବା ଖବରପାଇବା ପରେ ତୁରନ୍ତ ଲିଭାଇବା ପାଇଁ ପଦେକ୍ଷେପ ନେଉଛୁ।

**ବିଭାଗ ସଜାଗ ଅଛି**



ଜଙ୍ଗଲରେ ଲାଗିଥିବା ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିବାକୁ ଚେଷ୍ଟା ଚାଲିଛି। ରେଞ୍ଜ ଅଞ୍ଚଳ ଜଙ୍ଗଲରେ ଶାଳ ଗଛ ଅଧିକ ପରିମାଣର ରହିଛି। ଶାଳ ପତ୍ର ଜଳିଲେ ସେହି ଧୂଆଁ ମଣିଷ ପାଇଁ ଏତେ କ୍ଷତିକାରକ ନୁହେଁ। ଏଥିପ୍ରତି ବିଭାଗ ସଜାଗ ଅଛି।

-ଚନ୍ଦ୍ରଶେଖର ଗଡ଼ନାୟକ, ରେଞ୍ଜର, ଖମାର

**ଉଦ୍ୟମ ଜୋରଦାର ହେଉ**



ଜଙ୍ଗଲରେ ଲାଗୁଥିବା ନିଆଁ ପରିବେଶକୁ ଉତ୍ତପ୍ତ କରୁଛି। ଧୂଆଁ ଯୋଗୁ ବାୟୁ ଦୂଷିତ ହେଉଛି। ନିଃଶ୍ୱାସ ନେବା କଷ୍ଟକର ହୋଇପଡୁଛି। ଆଖି ପୋଡ଼ିବା ସହିତ ଲୁହ ବାହାରୁଥିବା ଅନେକ ଲୋକ କହୁଛନ୍ତି। ଜଙ୍ଗଲ ନିଆଁ ଲିଭାଇବା ଦିଗରେ ବନ ବିଭାଗର ଉଦ୍ୟମ ଜୋରଦାର ହେଉ।

-ବଳରାମ ସାହୁ, ଶଙ୍ଖପୁର, ଖମାର

**କଠୋର କାର୍ଯ୍ୟାନୁଷ୍ଠାନ ହେଉ**



ଜଙ୍ଗଲ ନିଆଁର କାରଣ ଖୋଜାଯାଉ। ଜଳୁଥିବା ଜଙ୍ଗଲରେ ଆପେ ଆପେ ନିଆଁ ଲାଗି ନ ଥିବା ଯେଉଁମାନେ ବନ୍ୟଜନ୍ତୁ ଓ ପରିବେଶ ପ୍ରତି ବିପଦ ପହଞ୍ଚାଇଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

-ପୀତାମ୍ବର ନାୟକ, ଆଇନଜୀବୀ ପାଲଲହଡ଼ା

## ସଂକ୍ଷେପରେ

### ଗାଡ଼ି ପାର୍କିଂକୁ କେନ୍ଦ୍ର କରି ବ୍ୟବସାୟୀଙ୍କୁ ଗୁଳି

**ବାଲେଶ୍ୱର ଅଫିସ, ୧୩।୩:** ସାମାନ୍ୟ ଗାଡି ପାର୍କିଂକୁ କେନ୍ଦ୍ର କରି ଶନିବାର ସନ୍ଧ୍ୟାରେ ବାଲେଶ୍ୱର ଟାଉନ ଥାନା ଅଧୀନ ଚୌଧୁରୀସାହି ମୁଖ୍ୟ ରାସ୍ତାରେ ଗୁଳିକାଣ୍ଡ ଘଟିଛି। ଇଲେକ୍ଟ୍ରୋନିକ୍ସ ଦୋକାନ ମାଲିକଙ୍କୁ ଜଣେ ଅବସରପ୍ରାପ୍ତ ଅଧାପକ ଗୁଳିମାଡ କରିଛନ୍ତି। ବ୍ୟବସାୟୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଛି।

ଚୌଧୁରୀସାହି ନିକଟରେ ଥିବା ସଞ୍ଜୟ ହାଇଟ୍ସରେ ରହୁଥିବା ବ୍ୟବସାୟୀ ଆନନ୍ଦ ସିଂ (୪୩) ଏବଂ ଅବସରପ୍ରାପ୍ତ ଅଧାପକ ଲକ୍ଷ୍ମଣ ବେହେରା (୬୪)ଙ୍କ ମଧ୍ୟରେ ଗାଡ଼ି ପାର୍କିଂକୁ ନେଇ ଶନିବାର ସକାଳେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅବସରପ୍ରାପ୍ତ ଅଧାପକ ବେହେରା ସନ୍ଧ୍ୟାରେ ତାଙ୍କୁ ଦେଖିନେବେ ବୋଲି ଧମକ ଦେଇଥିଲେ। ଆନନ୍ଦ ସନ୍ଧ୍ୟା ସମୟରେ ନିଜ ଦୋକାନରେ ଥିବା ବେଳେ ହଠାତ୍ ବନ୍ଧୁକ ଧରି ଲକ୍ଷ୍ମଣ ସେଠାରେ ପହଞ୍ଚି ତାଙ୍କୁ ପେଟକୁ ଲକ୍ଷ୍ୟ କରି ଗୁଳି ମାରିଥିଲେ। ଏହାପରେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଆନନ୍ଦଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟକୁ ନେବା ସହ ଟାଉନ୍ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହାସହ ଲକ୍ଷ୍ମଣଙ୍କୁ ଅଟକ ରଖାଯାଇ ପଚରାଉଚୁରା କରାଯାଉଥିବା ଟାଉନ୍ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ କହିଛନ୍ତି।

### ପୋଲିସ ହାତରୁ ଖସିଗଲେ ଅଭିଯୁକ୍ତ

**ଦାମନଯୋଡ଼ି, ୧୩।୩(ଡି.ଏନ୍.ଏ.):** ଏକ ମାରୁତି କାର୍ ଓ ଅର୍ଥ ହେରଫେରକୁ ନେଇ ୧୦ତାରିଖରେ ଗିରଫ ହୋଇଥିବା ଜଣେ ଅଭିଯୁକ୍ତ ପୋଲିସ ହାତରୁ ଖସିଯାଇ ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ତାଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ କରିଛି। ଖବରରୁ ଜଣାପଡ଼ିଛି ଦାମନଯୋଡ଼ି ଘାଟଗୁଡ଼ା ଅଞ୍ଚଳର ବଳରାମ ହନ୍ତାଲ ଝାଡ଼ଖଣ୍ଡରୁ ଏକ ମାରୁତି କାର୍ (ଜେଏଚ୍ ୦୫ସିସି-୪୧୧୫) ଭଡ଼ାସୂତ୍ରରେ ଆଣି ଚଳାଉଥିଲେ। ନିକଟରେ କାର୍ ମାଲିକ ଭୁବନେଶ୍ୱର ଦାସ ତାଙ୍କୁ ଫୋନ ଯୋଗେ ଗାଡ଼ି ଫେରାଇଦେବାକୁ କହିବାରୁ ଏ ବିଷୟରେ ସେ କିଛି ଜାଣି ନ ଥିବା ବଳରାମ ତାଙ୍କୁ କହିଥିଲେ। ପରେ ଦାସ ଝାଡ଼ଖଣ୍ଡର ମାନଗୋ ଥାନାରେ ୩।୨।୨୧ରେ ଅଭିଯୋଗ କରିଥିଲେ। ଏନେଇ କେସ୍ ନଂ. ୩୫/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ଚଳିତ ମାସରେ ମାନଗୋ ପୋଲିସ ଏ ସମ୍ପର୍କରେ ଦାମନଯୋଡ଼ି ପୋଲିସକୁ ଜଣାଇଥିଲା। ଏସ୍ଆଇ ନଳିନୀ କୁମାରୀ କହଁର ଘଟଣାର ତଦନ୍ତକରି ଉକ୍ତ କାର୍‌କୁ ଜବତ କରିଥିଲେ। ବଳରାମଙ୍କୁ ୯ତାରିଖରେ ଗିରଫକରି ମାନଗୋ ପୋଲିସକୁ ହସ୍ତାନ୍ତର କରିଥିଲେ। ତେବେ ମାନଗୋ ପୋଲିସ ବଳରାମଙ୍କୁ ଝାଡ଼ଖଣ୍ଡ ନେଇ ଯାଉଥିବାବେଳେ ୧୦ତାରିଖ ସକାଳେ ଖୋର୍ଦ୍ଧା ଜିଲାର ବାଣପୁର ନିକଟରୁ ବଳରାମ ଶୌଚହେବା ବାହାନାକରି ଫେରାର ହୋଇଯାଇଥିଲେ। ଏନେଇ ମାନଗୋ ପୋଲିସ ବାଣପୁର ଥାନାରେ ଅଭିଯୋଗ କରିଛି। କେସ୍ ନଂ.୯୭/୨୧ରେ ଆଉ ଏକ ମାମଲା ରୁଜୁ ହୋଇଛି।

### ବଳାତ୍କାର ଅଭିଯୁକ୍ତ ଗିରଫ

**ବିଷମକଟକ, ୧୩।୩:** ରାୟଗଡ଼ା ଜିଲା ବିଷମକଟକ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ନିକଟ ସମ୍ପର୍କୀୟଙ୍କୁ ଅପହରଣ ଓ ବଳାତ୍କାରକରି ପ୍ରଦୀପ ନାଉରି ଗିରଫ ହୋଇଛନ୍ତି। ପ୍ରଦୀପ ମାର୍ଚ୍ଚ ୧ରେ ଉକ୍ତ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏହା ଜାଣିବା ପରେ ପରିବାର ଲୋକେ ବହୁ ଖୋଜାଖୋଜି କରି ଦୁହିଁଙ୍କୁ ପାଇ ନ ଥିଲେ। ଶୁକ୍ରବାର ବିଷମକଟକ ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ଉଭୟଙ୍କୁ ବିଷମକଟକରୁ ଉଦ୍ଧାର କରିଥିଲା। ନାବାଳିକାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗକୁ ନେଇ ପୋଲିସ ଉଭୟ ନାବାଳିକା ଏବଂ ଯୁବକଙ୍କ ଡାକ୍ତରୀ ମାଇନା କରାଇଥିଲା। ଏ ନେଇ ୩୬/୨୧ରେ ଏକ ଅପହରଣ ଓ ବଳାତ୍କାର ମାମଲା ରୁଜୁକରି ଶନିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଯଶୱନ୍ତ ହିଆଲ ସୂଚନା ଦେଇଛନ୍ତି।

# ମାଓବାଦୀ ପାଳିଲେ ବିଶ୍ୱ ମହିଳା ଦିବସ

**ମାଲକାନଗିରି, ୧୩।୩ (ଡି.ଏନ୍.ଏ.)**

### ପୋଲିସ, ଯବାନଙ୍କ ବିରୋଧରେ ଏକଜୁଟ ହେବାକୁ ଆହ୍ୱାନ

ସମଗ୍ର ଦେଶ ବିଶ୍ୱ ମହିଳା ଦିବସ ପାଳନ କରିଥିବା ବେଳେ ଏଥିରୁ ମାଓବାଦୀ ସଙ୍ଗଠନ ବାଦ୍ ପଡ଼ିନାହିଁ। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାର ଭେରମଗଡ ଏରିଆ କମିଟି ପକ୍ଷରୁ କେର୍ଲାପାଲ ଆଭ୍ୟନ୍ତରୀଣ ଜଙ୍ଗଲରେ ମହିଳା ମାଓବାଦୀମାନେ ବିଶ୍ୱ ମହିଳା ଦିବସ ପାଳନ କରି ହଜାର ହଜାର ମହିଳାଙ୍କୁ ଏକଜୁଟ କରିଥିଲେ। ଏହି ଅବସରରେ ଏକ ବିରାଟ ରାଲି ଆୟୋଜନ ହୋଇଥିଲା। ଏଥିରେ ଯୋଗଦେଇଥିବା ସମସ୍ତ ଆଦିବାସୀ ମହିଳାଙ୍କୁ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମାଓବାଦୀମାନେ ବୁଝାଇଥିଲେ। ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର, ନିର୍ଯାତନା, ବଳାତ୍କାର ଆଦି ଘଟଣାରେ ସମସ୍ତଙ୍କୁ ଏକଜୁଟ ହେବାକୁ ପଡ଼ିବ ବୋଲି ମହିଳା ମାଓବାଦୀମାନେ ଆହ୍ୱାନ ଦେଇଥିଲେ। ଏହି ସମୟରେ ସେମାନେ ପୋଲିସ ଓ ଯବାନମାନଙ୍କୁ ମଧ୍ୟ ଟାର୍ଗେଟ୍ କରିଥିଲେ। ପୋଲିସ ଓ ଯବାନଙ୍କ ଦ୍ୱାରା ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ହତ୍ୟା ଘଟଣା ନେଇ ସମାବେଶରେ ବିରୋଧ କରାଯାଇଥିଲା। ଅନେକ ମହିଳାଙ୍କୁ ମିଥ୍ୟା ମାମଲାରେ ପୋଲିସ ଜେଲ ପଠାଇଛି। ସେମାନଙ୍କୁ ତୁରନ୍ତ ମୁକ୍ତି କରାଯାଉ ବୋଲି ସେମାନେ ଦାବି କରିଥିଲେ। ଏହି ଅବସରରେ କ୍ରାନ୍ତିକାରୀ ଆଦିବାସୀ ମହିଳା ସଙ୍ଗଠନ ନାମରେ ଛପାଯାଇଥିବା ପ୍ରଚାରପତ୍ର ବଣ୍ଟାଯାଇଥିଲା। ତେବେ ଏ ସମ୍ପର୍କରେ ପୋଲିସ ନିକଟରେ କୌଣସି ଖବର ନ ଥିବା ଜଣାପଡ଼ିଛି।


ରାଲି କରୁଥିବା ମହିଳା ମାଓବାଦୀ।

# ମହାରାଷ୍ଟ୍ରରୁ ଗିରଫ ହେଲେ ୪ ଠକ

**ମାଲକାନଗିରି, ୧୩।୩(ଡି.ଏନ୍.ଏ.)**

### ସମସ୍ୟା ଲାଘବ ପ୍ରତିଶ୍ରୁତି ଦେଇ ୪୮ ହଜାର ଲୁଟ୍ ଘଟଣା

ପାରିବାରିକ ସମସ୍ୟାର ସମାଧାନ ପୂଜା ମାଧ୍ୟମରେ କରିଦେବାକୁ ପ୍ରତିଶ୍ରୁତି ଦେଇ ଜଣେ ମହିଳାଙ୍କୁ ଠକି ୪୮ ହଜାର ଟଙ୍କା ନେଇ ଯାଇଥିବା ଠକଦଳର ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କୁ ମହାରାଷ୍ଟ୍ରରୁ ଗିରଫ କରାଯାଇ ମାଲକାନଗିରି ଅଣାଯାଇଛି। ସେମାନେ ହେଲେ ସୁନୀଲ ତାରାଚାନ୍ଦ, କୈଳାସ ବାଗୁଡ଼ା, ଲାଲା କାରବେଦି କାନାର୍ଡ ଓ ଅଜିତ୍ ପାଗୁଡୁ ଗଣ୍ଡିକୁ।

ଖବରରୁ ଜଣାପଡ଼ିଛି କିଛିଦିନ ତଳେ ମାଲକାନଗିରି ସଦର ମହକୁମାର ମାହେଶ୍ୱରୀ କଲୋନିର ଭୂମିକାଙ୍କ ଘରେ ସମ୍ପୃକ୍ତ ୪ଜଣ ଠକ ପହଞ୍ଚି ସେମାନେ ଶିରିଡିରୁ ଆସିଛନ୍ତି ବୋଲି ପରିଚୟ ଦେଇ ପୂର୍ବରୁ ମହିଳାଙ୍କ ପରିବାର ସମ୍ପର୍କରେ ସଂଗ୍ରହ କରିଥିବା ତଥ୍ୟ ପ୍ରକାଶକରି ବିଶ୍ୱାସ ଜନ୍ମାଇଥିଲେ। ପରେ ତାଙ୍କ ନଣନ୍ଦଙ୍କ ଆତ୍ମା ଘରେ ଥିବାରୁ ପରିବାରରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ସେହି ଆତ୍ମାକୁ ସନ୍ତୁଷ୍ଟ କରିବା ପାଇଁ ଏକ ପୂଜା କରିବା ଲାଗି ତାଙ୍କୁ ପ୍ରବର୍ତ୍ତାଇ ଏଥିପାଇଁ ୫୦ ହଜାର ଟଙ୍କା ଲାଗିବ ବୋଲି କହିଥିଲେ। ଭୂମିକା ପରିବାରର ମଙ୍ଗଳ ପାଇଁ ସେମାନଙ୍କ କଥାରେ ଘରେ ପୂଜା କରିବାକୁ ରାଜିହୋଇ ସେମାନଙ୍କୁ ପାଖରେ ଥିବା ୪୮ ହଜାର ଟଙ୍କା ଦେଇଥିଲେ। ଟଙ୍କା ପାଇବା ପରେ ଏହି ଠକ ଦଳ ତାଙ୍କୁ ଏକ ପ୍ୟାକେଟ ଦେଇ ଏହା ଘରେ ରଖିବାକୁ କହି ଫେରାର ହୋଇଯାଇଥିଲେ। ଦୀର୍ଘ ସମୟ ଧରି ସେମାନେ ନ ଫେରିବାରୁ ଭୂମିକା ପରିବାରର ଅନ୍ୟମାନଙ୍କୁ ଏ ବିଷୟରେ କହିଥିଲେ। ସହରର ବିଭିନ୍ନ ସ୍ଥାନରେ ସେମାନଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ଶେଷରେ ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମହାରାଷ୍ଟ୍ରର ଏକ ଠକଦଳ ବିଭିନ୍ନ ସମୟରେ ଓଡ଼ିଶା ଆସି ଲୋକଙ୍କୁ ଠକୁଥିବା ଜାଣିବା ପରେ ପୋଲିସ ମହାରାଷ୍ଟ୍ରରେ ଏମାନଙ୍କୁ ଠାବକରି ଗିରଫ କରିଥିଲା। ସୂଚନାଯୋଗ୍ୟ, ଏମାନେ ଯାହାଠାରୁ ଲୁଟ୍ କରିବେ ତାଙ୍କ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ପ୍ରଥମେ ତଥ୍ୟ ସଂଗ୍ରହ କରୁଥିଲେ। ପରେ ତାଙ୍କ ଘରେ ପହଞ୍ଚି ସଂଗ୍ରହ କରିଥିବା ତଥ୍ୟ ପ୍ରକାଶକରି ତାଙ୍କ ବିଶ୍ୱାସ ଜନ୍ମାଇ ଲୁଟ୍ କରୁଥିଲେ।

# ଆଲୋକଙ୍କୁ ଅନ୍ତର୍ଜାତୀୟ କଲାମ ସ୍ୱର୍ଣ୍ଣ ପୁରସ୍କାର-୨୦୨୧

**ପାରଳାଖେମୁଣ୍ଡି, ୧୩।୩(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ବାସିନ୍ଦା ତଥା ବୋଷ ଡ୍ୟାନ୍ସ ଷ୍ଟୁଡିଓର ପ୍ରତିଷ୍ଠାତା ଆଲୋକ କୁମାର ବୋଷ ଅନ୍ତର୍ଜାତୀୟ କଲାମ ସ୍ୱର୍ଣ୍ଣ ପୁରସ୍କାର-୨୦୨୧ ଅନ୍ତର୍ଗତ ଶ୍ରେଷ୍ଠ ସାମାଜିକ କର୍ମୀ ଭାବେ ପୁରସ୍କୃତ ହୋଇଛନ୍ତି। ଚେନ୍ନାଇର କୋଇମ୍ବାଟୁରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ କାଲାମସ୍ ସ୍ୱର୍ଣ୍ଣ ପୁରସ୍କାରର ପ୍ରତିଷ୍ଠାତା ଡା ଟି. କୁମାର ରାୱେଲଙ୍କ ଦ୍ୱାରା ଆଲୋକ କୁମାର ବୋଷଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବୋଷଙ୍କୁ ମାନପତ୍ର ସହ ପଦକ ଓ ମୋମେଣ୍ଟ ଏବଂ ସବୁଦିନ ପାଇଁ ବ୍ୟବହାର ଉପଯୋଗୀ ବ୍ୟାଜ୍ ପ୍ରଦାନ କରାଯାଇଛି। କୋଭିଡ୍ କଟକଣା ଯୋଗୁ ଗତ ଫେବୃୟାରୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ମହୋତ୍ସବରେ ବୋଷ ଅନୁପସ୍ଥିତ ଥିଲେ। ତେଣୁ ଏହି ସମ୍ମାନଜନକ ପୁରସ୍କାର ଡାକ ଯୋଗେ ତାଙ୍କ ଠିକଣାରେ ପଠାଇ ଦିଆଯାଇଥିଲା। ପୂର୍ବରୁ କୋଲକାତାଠାରେ ବୋଷଙ୍କୁ ନେତାଜୀ ସାହସିକତା ସମ୍ମାନ-୨୦୨୧, କରୋନା ଯୋଦ୍ଧା ସମ୍ମାନ-୨୦୨୦ ଏବଂ ୨୦୨୧ରେ ଭୁବନେଶ୍ୱରଠାରେ ଚେୟାର ପରସନ ଡା. ସନ୍ନି ସାହାଙ୍କଠାରୁ ବୋଷ ପୁରସ୍କୃତ ହୋଇଛନ୍ତି।


ଆଲୋକ କୁମାର ବୋଷ।


## ତହସିଲଦାରଙ୍କ କାର୍ଯ୍ୟାଳୟ, ବାରକୋଟ

ବିଜ୍ଞପ୍ତି ସଂଖ୍ୟା: ୬୬୨ ତା୧୦।୦୩।୨୦୨୧

**ଲଘୁଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର**

No. F-117: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଦେବଗଡ଼ ଜିଲ୍ଲା ବାରକୋଟ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ବାଲୁକା ଶଯ୍ୟା-୨ ଗୋଟି) ଗୁଡ଼ିକର ଆସନ୍ତା ୫ ବର୍ଷ ନିମନ୍ତେ ତହସିଲଦାର, ବାରକୋଟଙ୍କ ଦ୍ୱାରା ତା୨୬।୦୩।୨୦୨୧, ୦୩।୦୪।୨୦୨୧ ଓ ୧୦।୦୪।୨୦୨୧ରିଖରେ ଲିଜ୍‌ପାଇଁ ନିଲାମ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି। ଇଚ୍ଛୁକ ଆବେଦନକାରୀମାନେ ଆବଶ୍ୟକୀୟ ଦସ୍ତାବିଜ ସହିତ ତା୨୫।୦୩।୨୦୨୧ରିଖ ଦିନ ପୂର୍ବାହ୍ନ ୧୦.୩୦ଠାରୁ ଅପରାହ୍ନ ୫.୩୦ ମଧ୍ୟରେ ଆବେଦନ କରିପାରିବେ ଏବଂ ଉକ୍ତ ନିଲାମ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ଦେବଗଡ଼ ଜିଲ୍ଲାପାଳଙ୍କ Website: **www.deogarh.nic.in**ରୁ ପାଇପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରୁ ପାଇପାରିବେ।
ଏହି ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ନିଲାମଧାରୀମାନଙ୍କଠାରୁ ଆନୁପାତିକ ଭାବରେ ଆଦାୟ କରାଯିବ।

**ଲିଜ୍ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିବରଣୀ:**

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ ଏବଂ କେସ୍ ନଂ. | କେସ୍ ନଂ. | ଖାତା ନଂ. | ପ୍ଲଟ ନଂ. | ରକବା |
|---|---|---|---|---|---|---|
| ୦୧ | ଚଟିଆପାଲି | ଚଟିଆପାଲି (ସିଙ୍ଗଶାଳ) ବାଲି ଖାଦାନ | ୩/୨୦୨୦-୨୧ | ୩୧ | ୮୨ | ଏ ୧୨.୩୫ଡି |
| ୦୨ | ଶିଙ୍ଗୁରୀ | ଶିଙ୍ଗୁରୀ ବାଲି ଖାଦାନ | ୧/୨୦୧୮-୧୯ | ୭୬ | ୧୧୫୮ | ଏ ୫.୦୦ |

ସ୍ୱା./- ତହସିଲଦାର, ବାରକୋଟ
OIPR-24010/11/0004/2021



GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS CIRCLE, SAMBALPUR
Tel.: 0663-2548268, E-mail id: serwcirclesbp@yahoo.com

**e-Procurement**

No. 589 Dated: 10.03.2021

No. O-1247: Superintending Engineer, Rural Works Circle, Sambalpur on behalf **Odisha State Rural Roads Agency** invites **Percentage (%)** bids through e-Procurement from eligible class of experienced bidders for construction of roads and CD works including maintenance for 5 years of rural roads under **Pradhan Mantri Gram Sadak yojana, PMGSY-III, Batch-I (2020-21)**.

| | | | |
|---|---|---|---|
| 1 | Name of work | : | Construction of road and CD works including five years maintenance under PMGSY-III, Batch-I (2020-21) |
| 2 | Class of Contractor | : | As per Annexure (Information in DTCN will be Final) |
| 3 | No. of Packages | : | 06 Nos. of Package |
| 4 | Estimated Cost | : | Varies from Rs.323.16 lakh to Rs.523.20 lakh (Information in DTCN will be Final) |
| 5 | Bid submission fee | : | Rs.10,000/- (Non-refundable) per set of package |
| 6 | Mode of submission of tender | : | Only through online in website **www.pmgsytenders.gov.in**. |
| 7 | Summary of key dates are provided below: | | |

| Procurement Officer | Bid Identification No. | Availability of Tender Online for Bidding | | Last date & time for seeking clarification | Last date and time of submission of Original documents | Date & time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| Superintending Engineer, Rural Works Circle, Sambalpur | PMGSY-Online-RWCSBP-16/2021 | 18.03.2021 From 11.00 A.M. | 05.04.2021 upto 05.00 P.M. | 31.03.2021 upto 04.00 P.M. | 07.04.2021 By 5.00 P.M. | 06.04.2021 at 11.00 A.M. | Will be intimated later |

***Special Conditions** 1. EMD - 2% of the amount put to tender as per DTCN., 2. EPF registration is mandatory before drawl of agreement., 3. Rate quoted by the contractor shall be excluding GST., 4. Original EMD, Bid submission fee and original affidavits should be submitted at the O/o. Superintending Engineer, Rural Works Circle, Sambalpur **OR** O/o. Executive Engineer of Concern Rural Works Division.
* Details can be seen from the e-procurement portal **www.pmgsytenders.gov.in**.
* Subsequent modification/corrigendum/addendum if required shall be appeared in the website only.

**Sd./- Superintending Engineer, Rural Works Circle, Sambalpur**
OIPR-25091/11/0019/2021



## Bhubaneswar Municipal Corporation
Phone: 0674-2431253; Fax: 0674-2432895; E-mail: info@bmc.gov.in; Web: bmc.gov.in
No.C-661 No. 17626/Date. 10.3.2021

**ନୋଟିସ୍**

**ବିଷୟ:- ଏକ ନମ୍ବର ହାଟର ବ୍ୟବସାୟୀମାନଙ୍କର ଦୋକାନ ଗୃହ ନିୟମିତକରଣ ନିମନ୍ତେ ହୋଇଥିବା ଅଭିଯୋଗଗୁଡ଼ିକର ଶୁଣାଣି ସମ୍ବନ୍ଧେ।**

ଏକ ନମ୍ବର ହାଟର ବ୍ୟବସାୟୀମାନଙ୍କର ଦୋକାନ ଗୃହ ନିୟମିତକରଣ ନିମନ୍ତେ ମିଳିଥିବା ଦରଖାସ୍ତଗୁଡ଼ିକର ସବିଶେଷ ତଥ୍ୟ ନିଗମର ନୋଟିସ୍ ସଂଖ୍ୟା-୭୦୩୯ ତା୦୧.୦୩.୨୦୧୯ରିଖରେ ସମ୍ବାଦପତ୍ର ଓ ନିଗମର ନିଜସ୍ୱ ୱେବ୍‌ସାଇଟ୍‌ରେ ପ୍ରକାଶ କରାଯାଇ ସେ ଉପରେ ଅଭିଯୋଗ ଆହ୍ୱାନ କରାଯାଇଥିଲା। ନିୟମିତକରଣ ପାଇଁ ମିଳିଥିବା ସର୍ବମୋଟ ୫୨୮ ଗୋଟି ଦରଖାସ୍ତକୁ ସମସ୍ତଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯିବା ପରେ ତା' ମଧ୍ୟରୁ ୨୬୧ ଗୋଟି ଦରଖାସ୍ତ ଉପରେ ଅଭିଯୋଗ ନିଗମର ହସ୍ତଗତ ଅଛି। ଅଭିଯୋଗ ଆସିଥିବା ଦରଖାସ୍ତଗୁଡ଼ିକୁ ଶୁଣାଣି କରି ଫଇସଲା କରିବା ସହ ଅଭିଯୋଗ ଆସି ନ ଥିବା ଦୋକାନଗୁଡ଼ିକର ନିୟମିତକରଣ କରାଯିବାକୁ ନିଗମ ନିଷ୍ପତ୍ତି ନେଇଛନ୍ତି। ତେଣୁ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗକାରୀ ଓ ଦୋକାନର ମୂଳ ମାଲିକ (allotee) ନିର୍ଦ୍ଦିଷ୍ଟ ହୋଇଥିବା ସ୍ଥାନରେ ସ୍ଥିରୀକୃତ ଦିବସରେ ଉପସ୍ଥିତ ରହି ନିଜର ଦାବି ସପକ୍ଷରେ ସମସ୍ତ କାଗଜାତ ଯଥା- ମୂଳ ଆବଣ୍ଟନ ପତ୍ର, ଟ୍ରେଡ୍ ଲାଇସେନ୍ସ, ନୋ ଡିଉଜ୍ ସାର୍ଟିଫିକେଟ୍, ଉତ୍ତରାଧିକାରୀ/ହସ୍ତାନ୍ତର ପ୍ରମାଣପତ୍ର, ପରିଚୟପତ୍ର ଓ ଲିଖିତ ମତାମତ ଦାଖଲ କରିବାକୁ ଅନୁରୋଧ। ନିର୍ଦ୍ଦିଷ୍ଟ ତାରିଖ ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ ଓ ଦାଖଲ ହୋଇଥିବା କାଗଜାତ ଆଧାରରେ ନିଷ୍ପତ୍ତି ଗ୍ରହଣ କରାଯିବ। ସମସ୍ତଙ୍କ ଅବଗତି ନିମନ୍ତେ ଅଭିଯୋଗ ଆସିଥିବା ୨୬୧ ଗୋଟି ଦୋକାନର ତଥ୍ୟ ଏକ ନମ୍ବର ହାଟ କାର୍ଯ୍ୟାଳୟ ଓ BMC website- www.bmc.gov.inରେ ଉପଲବ୍ଧ ଅଛି।

| ଶୁଣାଣି ତାରିଖ | ଅଭିଯୋଗକାରୀଙ୍କ କ୍ର.ସଂ. | ଅଭିଯୋଗ ଶୁଣାଣିର ସ୍ଥାନ | ସମୟ |
|---|---|---|---|
| ୧୯.୦୩.୨୧ | ୦୧ରୁ ୪୦ | ଡେପୁଟି କମିଶନର (ମାର୍କେଟ୍)ଙ୍କ କାର୍ଯ୍ୟାଳୟ | ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା |
| ୨୦.୦୩.୨୧ | ୪୧ରୁ ୮୦ | | |
| ୨୧.୦୩.୨୧ | ୮୧ରୁ ୧୨୦ | | |
| ୨୩.୦୩.୨୧ | ୧୨୧ରୁ ୧୪୦ | | |
| ୨୪.୦୩.୨୧ | ୧୪୧ରୁ ୧୮୦ | | |
| ୨୫.୦୩.୨୧ | ୧୮୧ରୁ ୨୨୦ | | |
| ୨୬.୦୩.୨୧ | ୨୨୧ରୁ ୨୬୧ | | |

ସ୍ୱା./- ଉପ ଆୟୁକ୍ତ (ମାର୍କେଟ୍)
ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0116/2021



GOVERNMENT OF ODISHA
## OFFICE OF THE SUPERINTENDING ENGINEER, JEYPORE (R&B) CIRCLE, JEYPORE
e-mail ID- supenger_rbjyp@yahoo.co.in
Phone No.-06854-231528, Fax No.: 06854-231528

No.B-819:- **INVITATIONS FOR BIDS (IFB)**
**Bid Identification No.S.E.J.C. (R&B)-20/2020-21**
No.870 Date: 04.03.2021

1. Name of the work: BUILDING WORK
2. Total No. of works: 01 (One No.)
3. Estimated cost: Rs.718.40 lakhs
4. Period of completion: 11 (Eleven) months
5. Cost of bid document: Rs.10,000/-
6. Bid security (EMD): Rs.7,18,500/-
7. Class of contractor: "Special" & "Super" Class
8. Date & time of availability of bid document in the portal: From 10.00 hours of 12.03.2021 to 17.00 hours of 25.03.2021
9. Last date/time for receipt of bids inthe portal: 17.00 hours of 25.03.2021
10. Opening date of bid: 10.00 hours of 26.03.2021
11. Name and address of the Officer inviting bid: Superintending Engineer, Jeypore (R&B) Circle, Jeypore

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen inthe said website only.

**Sd./- Superintending Engineer, Jeypore (R&B) Circle, Jeypore**
OIPR-34108/11/0018/2021



## Government of Odisha, e- Procurement Notice
**INVITATION FOR BIDS (IFB)**
**Bid Identification No. S.E.Dkl.(R&B) 11/2020-21 Email Id-sedklpwd@gmail.com**
Letter No /Dt.

No. B-821:- The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building, Bridge and Road works as detailed below:

1. Name of the work : Building, Bridge & Road works
2. No of works : 03 (Three) Nos
3. Estimated Cost : Rs. 1,76,57,784/- to Rs.7,81,89,817/-
4. Cost of tender paper : Rs 10,000.00
5. Class of contractor : 'B', 'A', 'Special' & 'Super' Class
6. Period of Completion of work : 9 (Nine) to 11(Eleven) Calendar months
7. Date and time of availability of bid document in the website : From Dt.16.03.2021 to 16.00 hours of Dt.30.03.2021
8. Date of opening of bid : Dt.31.03.2021 at 11.30 hours

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Superintending Engineer, Dhenkanal(R&B) Circle,Dhenkanal**
OIPR-34132/11/0014/2021



File No. JM-36011/1/2021-DISASTER SEC-JM-JAGATSINGHPUR MUNCIPALTY 58/I/30760/2021
## OFFICE OF JAGATSINGHPUR MUNICIPALITY JAGATSINGHPUR
NO. 1191, Dt.10.3.2021

**SHORT QUOTATION CALL NOTICE**

**No. C-657:-** Sealed quotations are invited from the Civil Society organization, SHGs, ALF, WSHG for arrangement of **JALA BITARANA KENDRA** within Jagatsinghpur Municipality area in different points. The selected Agency will arrange shade and provide portable cold drinking water from 11:00 AM to 3:30 PM. during summer season. The Bill of quantity is available in the office. The bidders are requested to drop their quotation papers such as photo copy of resolution and BOQ in the quotation Box within dated 17.3.2021 at 2:00 PM and same will be opened at 3:00 PM in the Chamber of Executive Officer, Jagatsinghpur Municipality. Quotation will be selected on the basis of total value of price offered. The authority shall reserve the rights to cancel or reject or modify the tender/ quotation papers without assigning any reason thereof.

**Executive Officer**
OIPR-13087/11/0014/2021 **Jagatsinghpur Municipality**



## ODISHA LIFT IRRIGATION CORPORATION LTD.
**(A Government of Odisha Undertaking)**
**Plot No. N-17/2, Nayapalli, Bhubaneswar - 751 012**

No. CAD-1517: ଓଡ଼ିଶା ଉଠାଜଳସେଚନ ନିଗମର ସମସ୍ତ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରୁ ନଗଦ ଉଠାଣ ନିମନ୍ତେ KYC (ଆଧାର, ପ୍ୟାନ, ଫୋନ୍ ନମ୍ବର ଓ ବ୍ୟାଙ୍କ ପାସ୍ ବୁକର ପ୍ରଥମ ପୃଷ୍ଠା) ଭବିଷ୍ୟନିଧି Website: **www.epfindia.govt.in**ରେ ଅପଲୋଡ କରିବା ପାଇଁ ଅନୁରୋଧ। ନିଜର UAN No. ନିଜ ଅଞ୍ଚଳର ଉଠାଜଳସେଚନ ନିଗମର ନିର୍ବାହୀ ଯନ୍ତ୍ରୀଙ୍କ ଅଫିସରୁ ସଂଗ୍ରହ କରିପାରିବେ। ଏହାଦ୍ୱାରା ଭବିଷ୍ୟନିଧି ପାଣ୍ଠିର ଜମାଖାତା ଦେଖିପାରିବେ ଓ ଅନ୍‌ଲାଇନ ମାଧ୍ୟମରେ ନଗଦ ଉଠାଣ କରିପାରିବେ।

**Help Line No. 0674-2390276**

ସ୍ୱା./- ବିକ୍ରମ କେଶରୀ ସ୍ୱାଇଁ
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ
ଓଡ଼ିଶା ଉଠାଜଳସେଚନ ନିଗମ

ପରିଚାଳନା ନିର୍ଦ୍ଦେଶିକା
ଓଡ଼ିଶା ଉଠାଜଳସେଚନ ନିଗମ
ଭୁବନେଶ୍ୱର

OIPR-32135/11/0025/2021



**WATCO**
## OFFICE OF THE MANAGING DIRECTOR, WATCO
Ground Floor, Unnati Bhawan
H.B. Colony, Satyanagar, Bhubaneswar-751007, Odisha, India
Telefax: +91-674-2391444
E-mail- mail@watcoodisha.in, md@watcoodisha.in

**INVITATION FOR BID (IFB)**
**Bid Identification No. WATCO (W)-22/2020-21 Dtd.10.03.2021**
No.C-650:- **WATCO No.934** **Date: 10.03.2021**

1. Name of the work : Provision of Ultra filtration system at 42 MLD WTP, Puri for achievement of optimum water quality.
2. Estimated cost : Rs.706.45 lakhs
3. Period of completion : 04 (Four) months
4. Date & time of availability of bid document in the portal : From 11.00 A.M. of Dt.17.03.2021 to 5.00 P.M. of 02.04.2021
5. Last date / time of receipt of bids inthe portal : 5.00 P.M. of 02.04.2021
6. Date & time of opening of technical bids : 12.30 P.M. of 03.04.2021
7. Name and address of the Officer inviting bid : Managing Director, WATCO, Telefax: 0674-2391444, E-Mail: mail@watcoodisha.in, md@watcoodisha.in
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in

**Sd./- Managing Director, WATCO**
OIPR-13083/11/0024/2021



## OFFICE OF THE DEPUTY DIRECTOR, DAM SAFETY AND SUPPORT SERVICES, BHUBANESWAR - 751001
**E-mail: ee.damsafety2010@gmail.com**

**QUOTATION CALL NOTICE No. 06/2020-21**

No. A-685: Sealed quotations are invited from interested eligible firms, suppliers and dealers etc. for supplying, installation and demonstration for the following items for official use in O/o. Engineer-in-Chief WR, Chief Engineer, Designs and Chief Engineer, BP & CC, Odisha, Bhubaneswar for the year 2020-21. The eligible Firms, suppliers and dealers should submit GST, PAN, Authorization Certificate of respective brand and undertaking for no relation serving in department. The interested quotationer may submit separate for each item quotation through offline mode in the O/o. Deputy Director, Dam Safety & Support Services, Bhubaneswar on or before 22.03.2021, 04.00 P.M.

1. The quotation completed in all respect should be dropped in the Box in O/o. Deputy Director, Dam Safety & Support Services, Bhubaneswar from dated 15.03.2021 to 22.03.2021 before 04.00 P.M. and shall be opened on 22.03.2021 at 05.00 P.M. in presence of the quotationers or their authorized representatives during office hours.
2. Quotation format may be available @ Rs.100/- (Non-refundable) only per item.
3. EMD @1% of the quoted amount may be deposited in shape of **FD/NSC/TDR/KVP duly pledged in favour of Deputy Director, Dam Safety & Support Services, Bhubaneswar along with the quotation.**
4. The authority reserves the right to reject any or all quotation without assigning any reason thereof.

Quoted rate format details are as follows:

| Sl. No. | Specification | Qnty. | Unit | Rate | Amount |
|---|---|---|---|---|---|
| 1 | Dell Workstation with Intel Xeon Silver 4210 Processor 64 GB (Dell) (Dell Precision 7920 Tower) | 5 | Each | | |
| 2 | APC Back UPS pro BR100G-IN, 1000 VA | 5 | Each | | |
| 3 | APC BX600C-IN 600 VA / 360W UPS | 83 | Each | | |
| 4 | Dell optiPlex 5070 Intel ® CoreTM i3-9100 4GB RAM, 1TB HDD Window 10 Pro (64 bit) | 48 | Each | | |
| 5 | HP Laserjet 1020 Plus Printer | 46 | Each | | |
| 6 | Epson L1300 A3 4 Colour Printer | 1 | Each | | |
| 7 | Epson Perfection V39 Scanner EPIL | 26 | Each | | |
| 8 | HP Scanjet Pro 2000 S3 Sheetfeed Scanner | 2 | Each | | |
| 9 | Dell Intel Core i5 9400 8GB/ 1000GB HDD/ Window 10 Processional | 10 | Each | | |
| 10 | HP Design Jet T-1700 44-in Printer | 2 | Each | | |
| 11 | Digital Postal Franking Machine Dm100i make Pitney Bowes | 1 | Each | | |
| 12 | Polycom point to point upgradable video conferencing end point (Polycom Group 500 with 10X optical Zoom Camera and 3 years comprehensive onsite warranty support) | 1 | Set | | |
| | Total Amount | | | | |

**Sd./- Deputy Director**
**Dam Safety & Support Services, Bhubaneswar**
**OIPR-32314/11/0014/2021**


See Career Appointment on every Wednesday & Saturday



ଫିଲ୍ମ ରିଲିଜ ହେବାର ୨ ମାସ ପୂର୍ବରୁ ସଲମାନ ତାଙ୍କ ମୁଭି ପୋଷ୍ଟର ଶେୟାର କରିଛନ୍ତି। ଏହା ସହ ଫିଲ୍ମ ମୁକ୍ତିଲାଭର କରିବାର ତାରିଖ ବି ଘୋଷଣା କରିଛନ୍ତି। ୨୦୨୧ରେ ମୁଭି 'ରାଧେ'ର ରିଲିଜ ତାରିଖ ସାମ୍ନାକୁ ଆସିଛି। ଇଦ ଉପଲକ୍ଷେ ମେ ୧୩ରେ ଫିଲ୍ମ ରିଲିଜ ହେବ ବୋଲି ଦବଙ୍ଗ ଖାନ କହିଛନ୍ତି। ଏହା ଏକ ଆକ୍ସନ ଫିଲ୍ମ। ପ୍ରଭୁଦେବା ଏହାର ନିର୍ଦ୍ଦେଶନା ଦେଇଛନ୍ତି। ସଲମାନ ଫିଲ୍ମର ପୋଷ୍ଟର ଶେୟାର କରି କ୍ୟାପଶନ ଲେଖିଛନ୍ତି, 'ଇଦ କା କମିଟେମେଣ୍ଟ ଥା, ଇଦ ପର ହି ଆୟେଙ୍ଗେ'। ପୋଷ୍ଟରରେ ସଲମାନଙ୍କ ତାଙ୍କର ବଡି ଦେଖାଇଛନ୍ତି। ଫିଲ୍ମରେ ସଲମାନଙ୍କ ସହ ଦିଶା ପଟାନୀ, ରଣଦୀପ ହୁଡ୍ଡା, ଜ୍ୟାକି ଶ୍ରଫ ପ୍ରମୁଖ ନଜର ଆସିବେ।



# ନେଗେଟିଭ୍ ରୋଲ୍‌ରେ ୟାମି



**ମୁମ୍ବାଇ:** କରୋନା ମହାମାରୀ ପାଇଁ ପ୍ରାୟ ବର୍ଷେ ହେବ ବନ୍ଦ ରହିଥିବା ସିନେମା ହଲ ଧୀରେ ଧୀରେ ଚଳଚଞ୍ଚଳ ହେବାରେ ଲାଗିଛି। ରିଲିଜ ଅପେକ୍ଷାରେ ଥିବା କିଛି ଫିଲ୍ମ ରିଲିଜ ହୋଇଥିବା ବେଳେ ଆଉ କିଛି ଫିଲ୍ମର ଶୁଟିଂ ଆରମ୍ଭ ହୋଇ ଯାଇଛି । ଏହି ସମୟରେ ବଲିଉଡ ଅଭିନେତ୍ରୀ ୟାମି ଗୌତମ ବି ତାଙ୍କ ଅପକମିଂ ଫିଲ୍ମର ଶୁଟିଂ ଆରମ୍ଭ କରି ଦେଇଛନ୍ତି। 'କାବିଲ', 'ବିକ୍କି ଡୋନର', 'ଉରି'– ଦ ସର୍ଜିକାଲ ଷ୍ଟ୍ରାଇକ ଭଳି ଫିଲ୍ମରେ ଅଭିନୟ କରି ଦର୍ଶକଙ୍କର ନିକଟତର ହୋଇଥିବା ୟାମି ଏବେ 'ଏ ଥର୍ସଡେ' ଫିଲ୍ମର ଶୁଟିଂ ଆରମ୍ଭ କରିଛନ୍ତି । ସୋସିଆଲ ମିଡିଆରେ ଆକ୍ଟିଭ ରହୁଥିବା ଏହି ନାୟିକା ଇନଷ୍ଟାଗ୍ରାମ ମାଧ୍ୟମରେ ଫିଲ୍ମ 'ଏ ଥର୍ସଡେ' ସମ୍ପର୍କରେ ସୂଚନା ଦେଇଛନ୍ତି । ୟାମି ଏଥିରେ ପ୍ରଥମ ଥର ନେଗେଟିଭ ଚରିତ୍ରରେ ନଜର୍ ଆସିବେ। ସେଥିପାଇଁ ସେ ଖୁବ୍ ଉତ୍ସାହିତ। ନୈନା ଯଶୱାଲ ଚରିତ୍ରରେ ନଜର ଆସୁଥିବା ବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି ନେହା ଧୁପିଆ, ଡିମ୍ପଲ କାପାଡିଆ, ଅତୁଲ କୁଲକର୍ଣ୍ଣି ଇତ୍ୟାଦି । ଏହି ଚଳଚ୍ଚିତ୍ରଟି ଫିଲ୍ମ ନିର୍ମାତା ଆର୍‌ଏସ୍‌ଭିପି ଓ ବ୍ଲୁ ମଙ୍କି ଫିଲ୍ମ ଦ୍ୱାରା ନିର୍ମାଣ କରାଯାଉଛି ।

# ସବୁଠୁ ସୁନ୍ଦର ହାୱାଇ ଇନ୍ଦ୍ରଧନୁ

**ସୁନୀଳ ସମୁଦ୍ର। ବିସ୍ତୀର୍ଣ୍ଣ ବେଳାଭୂମି। ଧଳା, କଳା, ନାଲି, ସବୁଜ, ଗୋଲାପୀ ରଙ୍ଗର ବାଲି। ଜୀବନ୍ତ ଆଗ୍ନେୟଗିରି। ତା' ସାଙ୍ଗକୁ ବୋଟିଂ, ୱାକିଂ, ବାଇକିଂ, ସେଲିଂ, ସୁଇମିଂର ପର୍ଯ୍ୟାପ୍ତ ସୁଯୋଗ। ଏସବୁର ସମାହାର ଆମେରିକୀୟ ଦ୍ୱୀପରାଜ୍ୟ ହାୱାଇକୁ ପର୍ଯ୍ୟଟନରେ ସମୃଦ୍ଧ କରିଛି। ନିଆରା ପରିବେଶ ପାଇଁ ଏହା ପାଲଟିଛି ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଭୂସ୍ୱର୍ଗ। ଖାଲି ଏତିକି ନୁହେଁ, ପ୍ରକୃତି ସାଇତି ରଖିଥିବା ଏକ ରହସ୍ୟ ଉପରୁ ପରଦା ହଟାଇଛନ୍ତି ବୈଜ୍ଞାନିକ। ସେମାନଙ୍କ ମତରେ ହାୱାଇର ଜଳବାୟୁ ଏମିତି ଯେ, ଏଠାରେ ଦେଖାଯାଉଥିବା ଇନ୍ଦ୍ରଧନୁ ସବୁଠାରୁ ଅଧିକ ସୁନ୍ଦର।**



**ହାୱାଇ:** ହାୱାଇ ଦୀପପୁଞ୍ଜରେ ଦୃଶ୍ୟମାନ ହେଉଥିବା ଇନ୍ଦ୍ରଧନୁ ଏଠାକାର ସଂସ୍କୃତି ସହିତ ଜଡ଼ିତ। ତେଣୁ ହାୱାଇ ଭାଷାସାହିତ୍ୟରେ ସ୍ଥାନ ପାଇଛି ପ୍ରକୃତିର ଏହି ସୁନ୍ଦରତମ ବିସ୍ମୟ। ରାଜ୍ୟର ପୌରାଣିକ କଥାବସ୍ତୁରେ ସ୍ୱର୍ଗ ଏବଂ ପୃଥିବୀକୁ ଯୋଡୁଥିବା ମାଧ୍ୟମ ହେଉଛି ଇନ୍ଦ୍ରଧନୁ। ଏଠାକାର ଅଧିବାସୀଙ୍କ ମଧ୍ୟରେ ଇନ୍ଦ୍ରଧନୁକୁ ନେଇ ରହିଛି ନିଆରା ଆକର୍ଷଣ। ଏପରି କି ବୈଜ୍ଞାନିକମାନେ ମଧ ଯୁକ୍ତି ବାଢ଼ିଛନ୍ତି ଯେ, ହାୱାଇର ଇନ୍ଦ୍ରଧନୁ ପୃଥିବୀର ସବୁଠାରୁ ସୁନ୍ଦରତମ ଇନ୍ଦ୍ରଧନୁ।


ହାୱାଇ ୟୁନିର୍ଭର୍ସିଟିର ସ୍କୁଲ ଅଫ୍ ଓସେନ୍ ଆଣ୍ଡ ଆର୍ଥ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ପ୍ରଫେସର ଏବଂ ଏ ସମ୍ପର୍କିତ ଗବେଷଣାର ଲେଖକ ଷ୍ଟିଭେନ ବୁସିଙ୍ଗର କୁହନ୍ତି, ହାୱାଇ ଭାଷାର ଏମିତି ଅନେକ ଶବ୍ଦ ଓ ବାକ୍ୟାଂଶ ରହିଛି ଯାହା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଇନ୍ଦ୍ରଧନୁ ସହିତ ଜଡ଼ିତ। ଆକାଶରେ ଇନ୍ଦ୍ରଧନୁ ସୃଷ୍ଟି ପାଇଁ କେତେକ ଜରୁରୀ କାରକ ରହିଛି। ସେସବୁ ଭିତରେ ବର୍ଷା, ସଫା ଆକାଶ, ସୂର୍ଯ୍ୟଙ୍କ ତୀର୍ଯ୍ୟକକିରଣ ପାଖାପାଖି ୪୦ ଡିଗ୍ରୀ କୋଣ ହୋଇ ରହିବା ନିହାତି ଜରୁରୀ। ଏଥିରେ ତାରତମ୍ୟ ହେଲେ ଇନ୍ଦ୍ରଧନୁ ସ୍ୱଷ୍ଟ ଦେଖାଯାଏ ନାହିଁ। ସୂର୍ଯ୍ୟାସ୍ତ ସମୟରେ ଆକାଶରେ ଦେଖାଯାଉଥିବା ଇନ୍ଦ୍ରଧନୁ ଅଧିକ ଦୀର୍ଘ ହୋଇଥାଏ। ହାୱାଇରେ ଇନ୍ଦ୍ରଧନୁ ସୃଷ୍ଟି ପାଇଁ ଆବଶ୍ୟକ ସମସ୍ତ ପରିବେଶ ରହିଛି। ଜଳବାୟୁ, ଭୌଗୋଳିକ ସ୍ଥିତି ମଧ୍ୟ ଏଥିଲାଗି ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପବନର ପ୍ରଭାବ ଅଧିକ। ଏହି କାରଣରୁ ଏଠାରେ ସକାଳୁ ବର୍ଷା ହୋଇଥାଏ। ଫଳରେ ଖୁବ୍ କମ୍ ସମୟରେ ମେଘୁଆ ପାଗ ବଦଳିଯାଇ ଆକାଶ ସଫା ହୋଇଯାଏ।

ପ୍ରଫେସର ଷ୍ଟିଭେନ୍ କୁହନ୍ତି, ଦିନସାରା ହାୱାଇ ଦ୍ୱୀପକୁ ଲାଗି ରହିଥିବା ସମୁଦ୍ର ଜଳ ସୂର୍ଯ୍ୟକିରଣରେ ଗରମ ହୋଇଯାଏ। ଏହା ସମୁଦ୍ରକୁ ଲାଗି ରହିଥିବା ବାୟୁମଣ୍ଡଳକୁ ଉଷ୍ମ କରିଦିଏ। ତେବେ ବିକିରଣ କାରଣରୁ ବାୟୁମଣ୍ଡଳର ଉପରିଭାଗ ଥଣ୍ଡା ଥାଏ। ତେଣୁ ସକାଳୁ ସକାଳୁ ହାୱାଇରେ ମୂଷଳଧାରାରେ ବର୍ଷା ହୋଇଥାଏ। ଫଳରେ ବ୍ରେକ୍‌ଫାଷ୍ଟ ସମୟରେ ଏଠାରେ ଇନ୍ଦ୍ରଧନୁ ଦୃଶ୍ୟମାନ ହେବା ସାଧାରଣ କଥା। ଅପରପକ୍ଷେ ହାୱାଇର ପାହାଡ଼ ସାମୁଦ୍ରିକ ପବନକୁ ଅବରୋଧ କରିଥାନ୍ତି। ଫଳରେ ପାହାଡ଼ ଶୀର୍ଷଦେଇ ଜଳୀୟବାଷ୍ପ ପୂର୍ଣ୍ଣ ପବନ ପ୍ରବାହିତ ହୋଇଥାଏ। ପାହାଡ଼ରେ ଥଣ୍ଡା ହୋଇଯିବା ପରେ ହଠାତ୍ ଏହା ଜଳକଣାର ରୂପ ନିଏ ଏବଂ ବର୍ଷା ହୋଇଯାଏ। ଅନ୍ୟପଟେ ଜଳୀୟବାଷ୍ପପୂର୍ଣ୍ଣ ବାୟୁକୁ ପାହାଡ଼ ଅବରୋଧ କରି ରଖୁଥିବାରୁ ହାୱାଇର କେତେକ ଅଞ୍ଚଳର ଜଳବାୟୁ ମାତ୍ରାଧିକ ଶୁଷ୍କ ହୋଇଛି। ହାୱାଇରେ ଏଭଳି ସ୍ୱଚ୍ଛ ଏବଂ ସୁନ୍ଦର ଇନ୍ଦ୍ରଧନୁ ସୃଷ୍ଟି ହେବାର ଅନ୍ୟତମ କାରଣ ହେଲା ତାପମାତ୍ରା। ଏଠାରେ ପ୍ରବଳ ଗରମ ହୋଇଥାଏ। ଏହାର କାରଣ ଦିନବେଳା ଭୂପୃଷ୍ଠରୁ ସମୁଦ୍ର ଆଡ଼କୁ ଉଷ୍ମ ପବନ ପ୍ରବାହିତ ହୁଏ। ମୃଦୁ ପବନ ବହିଲେ ଅପରାହ୍ନରେ ହାଲୁକା ବର୍ଷା ହୋଇଯାଏ। ଫଳରେ ସୂର୍ଯ୍ୟାସ୍ତ ସମୟରେ ଆକାଶରେ ଇନ୍ଦ୍ରଧନୁ ଦେଖାଯାଏ। ହାୱାଇର ବାୟୁ ଆଶାତୀତ ସଫା ଏବଂ ଧୂଳିକଣା ବିହୀନ। ଏହା ସୁନ୍ଦର ଇନ୍ଦ୍ରଧନୁ ସୃଷ୍ଟି ପାଇଁ ପରିବେଶ ସୃଷ୍ଟି କରେ ବୋଲି ସେ କହିଛନ୍ତି।

# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ ଜିଲାର କେତେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବା ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। ବିଭିନ୍ନ ସ୍ଥାନରେ ଦିନ ଓ ରାତି ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ସେଲ୍‌ସିଅସ୍ ହ୍ରାସ ପାଇପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। ରବିବାର ସର୍ବୋଚ୍ଚ ତାପମାତ୍ରା ୩୫.୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୩.୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୨ | ୨୩.୯ |
| ଚାନ୍ଦବାଲି | ୩୨.୪ | ୨୧.୪ |
| କଟକ | ୩୪.୦ | ୨୧.୮ |
| ପାରାଦୀପ | ୩୨.୯ | ୨୧.୫ |
| ଭୁବନେଶ୍ୱର | ୩୫.୨ | ୨୩.୬ |
| ଗୋପାଳପୁର | ୩୧.୮ | ୨୨.୪ |
| ପୁରୀ | ୩୪.୨ | ୨୫.୨ |
| ଅନୁଗୋଳ | ୩୨.୧ | ୨୨.୬ |
| ବାରିପଦା | ୩୧.୦ | ୨୩.୦ |
| ଝାରସୁଗୁଡ଼ା | ୩୦.୨ | ୧୮.୦ |
| କେନ୍ଦୁଝର | ୨୮.୪ | ୨୦.୬ |
| ସମ୍ବଲପୁର | ୩୧.୮ | ୧୯.୫ |
| ସୁନ୍ଦରଗଡ଼ | ୩୬.୦ | ୧୬.୦ |
| ହୀରାକୁଦ | ୩୦.୧ | ୧୮.୧ |
| ତାଳଚେର | ୩୫.୭ | ୨୦.୩ |
| ଭବାନୀପାଟଣା | ୩୧.୦ | ୨୨.୬ |
| ବଲାଙ୍ଗୀର | ୩୬.୮ | ୧୯.୬ |
| କୋରାପୁଟ | ୩୧.୪ | ୧୭.୦ |
| ଫୁଲବାଣୀ | ୩୬.୦ | ୧୭.୫ |
| ଟିଟିଲାଗଡ଼ | ୩୬.୦ | ୨୨.୩ |
| ମାଲକାନଗିରି | ୩୮.୦ | ୨୧.୦ |
| ସୋନପୁର | ୩୨.୬ | ୨୧.୦ |
| ଦାରିଙ୍ଗିବାଡ଼ି | ୩୦.୦ | ୧୮.୦ |
| ନୟାଗଡ଼ | ୩୩.୨ | ୨୧.୫ |
| ବୌଦ୍ଧ | ୩୩.୦ | ୧୮.୦ |
| ଛତ୍ରପୁର | ୩୨.୫ | ୨୧.୦ |
| ପାରଳାଖେମୁଣ୍ଡି | ୩୨.୦ | ୨୪.୦ |
| ରାୟଗଡ଼ା | --- | ୧୯.୦ |


ଡିଗ୍ରୀ ସେଲ୍‌ସିୟସ୍

# ମଣିଷ ହାଡ଼ରେ ରାସ୍ତା

**ମସ୍କୋ:** ରାସ୍ତା ନିର୍ମାଣରେ ଗୋଡ଼ି, ବାଲି, ପଥର ବ୍ୟବହାର କରାଯାଇଥିବା ଆପଣ ଶୁଣିଥିବେ। କିନ୍ତୁ ମଣିଷ ହାଡ଼ କଙ୍କାଳରେ ରାସ୍ତା ନିର୍ମାଣ ହେବା କଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବେ। ଦୁନିଆରେ ଏଭଳି ଏକ ରାସ୍ତା ଅଛି ଯାହା ମଣିଷ ହାଡ଼ରେ ତିଆରି ହୋଇଛି। ରୁଷିଆର ପୂର୍ବ ଅଞ୍ଚଳରେ ଥିବା ଏହି ରାସ୍ତା 'ରୋଡ୍ ଅଫ ବୋନ୍ସ' ବା ହାଡ଼ର ସଡ଼କ ଭାବରେ ଜଣାଶୁଣା। ଏହା ଏକ ଜାତୀୟ ରାଜପଥ ଅଟେ। ଏହାର ଅସଲ ନାମ ହେଲା କୋଲୟମା ହାଇୱେ। ଏହାର ଲମ୍ବ ୨,୦୨୫ କିମି। ଥଣ୍ଡା ଦିନରେ ଏହି ଅଞ୍ଚଳରେ ପ୍ରବଳ ବରଫ ପଡ଼େ। ଗାଡ଼ି ରାସ୍ତାରେ ଯିବା ସମୟରେ ଯେମିତି ନ ଖସିବ ସେଥିପାଇଁ ବାଲି ସହିତ ମଣିଷର ହାଡ଼ ବ୍ୟବହାର କରାଯାଇଛି। ଏହି ଜାତୀୟ ରାଜପଥ ସୋଭିଏତ ସଂଘର ବାଦଶାହା କୁହାଯାଉଥିବା ଜୋସେଫ ଷ୍ଟାଲିନଙ୍କ ସମୟରେ ନିର୍ମାଣ କରାଯାଇଥିଲା। କୁହାଯାଏ, ଏହି ରାସ୍ତା ନିର୍ମାଣ ସମୟରେ ୧୦ ଲକ୍ଷ ଲୋକଙ୍କ ଜୀବନ ଯାଇଛି। ବିଶେଷକରି କଏଦୀ ଏବଂ ଶ୍ରମିକମାନଙ୍କ ମୃତ୍ୟୁ ପରେ ସେମାନଙ୍କୁ ପୋତାଯାଇ ରାସ୍ତା ନିର୍ମାଣ ହୋଇଥିଲା।



# ଦୁନିଆର ସବୁଠୁ ଛୋଟ ହୋଟେଲ




**ଅମନ:** ଏମିତି ହୋଟେଲ ରହିଛି ଦକ୍ଷିଣ ପଶ୍ଚିମ ଏସିଆର ଜୋର୍ଡନରେ। ଏହି ହୋଟେଲ ମାଲିକଙ୍କ ନାମ ମହମ୍ମଦ ଅଲ-ମାଲାହିମ। ସେ ଜୋର୍ଡନରେ ରହୁଛନ୍ତି। ଏହି ହୋଟେଲ ବିଶ୍ୱର ସବୁଠୁ ଛୋଟ ହୋଟେଲ। ଏହା ୨୦୧୧ ମସିହାରେ ନିର୍ମାଣ କରାଯାଇଥିଲା। ହୋଟେଲଟି ବଡ଼ ବଡ଼ ପାହାଡ଼ ମଧ୍ୟରେ ରହିଛି। ଏହି କାରଣରୁ ଏଠାକୁ ଆସୁଥିବା ଲୋକେ ପ୍ରକୃତିର ସୌନ୍ଦର୍ଯ୍ୟକୁ ବେଶ ଉପଭୋଗ କରିଥାନ୍ତି। ସବୁଠୁ ବଡ଼ ଅସୁବିଧା ହେଲା ଏହି ହୋଟେଲରେ ଏକା ସାଙ୍ଗରେ କେବଳ ଦୁଇଜଣ ଲୋକ ବସି ଖାଇପାରିବେ। ବିଶେଷକରି ଏହା ପ୍ରେମୀଯୁଗଳଙ୍କ ପାଇଁ ଉଦ୍ଦିଷ୍ଟ। ଏହି ହୋଟେଲରେ ଗୋଟିଏ ଦିନ ରହିବା ପାଇଁ ପ୍ରାୟ ୫୬ ଡଲାର ଅର୍ଥାତ୍ ୪ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଏଠାରେ ରହିବା ପୂର୍ବରୁ ବୁକିଂ କରିବାକୁ ପଡ଼ିଥାଏ। ଏହି ହୋଟେଲରେ ସ୍ଥାନୀୟ ଖାଦ୍ୟପେୟ ଏବଂ ଜଳଖିଆ ପରସା ଯାଇଥାଏ।

# କରୋନା କବଳରେ ତାରା



**ମୁମ୍ବାଇ:** କରୋନାରେ ସଂକ୍ରମିତ ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ତାରା ସୁତାରିୟା। ନିକଟରେ ତାରା ତାଙ୍କ ଅପକମିଂ ଫିଲ୍ମ 'ତଡପ'ର ଶୁଟିଂ ଶେଷ କରିଥିଲେ। ଏଥିରେ ତାରାଙ୍କ ସହ ଉହାନ ସେଟ୍ଟି ମୁଖ୍ୟ ଭୂମିକାରେ ନଜର ଆସିବେ। ଏହା ସେପ୍ଟେମ୍ବର ୨୪ରେ ରିଲିଜ ହେବାର ଯୋଜନା ରହିଛି । ଏହା ଏକ ପ୍ରେମ କାହାଣୀ ହୋଇଥିବା ବେଳେ ନିକଟରେ ଏହାର ପୋଷ୍ଟର ଶେୟାର କରି ତାରା ନିଜେ ଫିଲ୍ମ ବିଷୟରେ ସୂଚନା ଦେଇଥିଲେ। ଉହାନ ଏହି ଫିଲ୍ମରେ ଡେବ୍ୟୁ କରୁଛନ୍ତି।

ଜନ୍ମଦିନ ଶୁଭେଚ୍ଛା



ପ୍ରନୀଲ ଦାଶ
ମିଶ୍ରପଡ଼ା, ଅନୁଗୋଳ
ଜନ୍ମଦିନର ଶୁଭ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ଅଳି, ତୋର ଚଲାପଥ କୁସୁମିତ ହେଉ।
–:ଶୁଭେଚ୍ଛା ସହ:–
ଜେଜେପା, ଜେଜେମା, ବାପା, ମାମା, ଆଈ, ଭାଇନା: ପ୍ରାଂଶୁ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୦୨୨୭

# ହ୍ୱିଲ୍‌ଚେୟାରରେ ଡାକ୍ତରୀ ଡିଗ୍ରୀ

**ଥିରୁଭାନନ୍ତପୁରମ୍:** ଦୃଢ଼ ଇଚ୍ଛାଶକ୍ତି ଆଉ କଠିନ ପରିଶ୍ରମ ବଳରେ ସବୁକିଛି ସମ୍ଭବ ହୋଇପାରେ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଡାକ୍ତର ମାରିଆ ବିଜୁ। ପାରାଲିସିସର ଶିକାର ହେବା ପରେ ବି ସେ ଏମ୍‌ବିବିଏସ୍ ଡିଗ୍ରୀ ପୂରା କରିପାରିଛନ୍ତି। ହ୍ୱିଲଚେୟାରରେ ଜୀବନ ବଞ୍ଚୁଥିବା ମାରିଆ ଏବେ ଡାକ୍ତରୀ ଡିଗ୍ରୀ ହାସଲ କରିବା ପରେ ନିଜ ସ୍ୱପ୍ନକୁ ସାକାର କରିବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।



କେରଳର ୨୫ ବର୍ଷୀୟା ମାରିଆ ବିଜୁ ଏବେ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରି ଡାକ୍ତର ହୋଇ ପାରିଛନ୍ତି। ଏକ ଦୁର୍ଘଟଣା ପରେ ପାରାଲିସିସ୍ ରୋଗର ଶିକାର ହେବା ପରେ ସମସ୍ତଙ୍କ ମନରେ ନିରାଶା ଖେଳି ଯାଇଥିଲା। କିନ୍ତୁ ହାର ମାନି ନ ଥିଲେ ମାରିଆ। ନିଜ ମନକୁ ଦୃଢ଼ କରି ସେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ। ପାରାଲିସିସ୍ ଯୋଗୁ ଏବେ ସେ ହ୍ୱିଲଚେୟାରର ସାହାରା ନେଉଛନ୍ତି। ହେଲେ ଡାକ୍ତରୀ ଡିଗ୍ରୀ ହାସଲ କରି ଦେଖାଇ ଦେଇଛନ୍ତି ମନକୁ ଦୃଢ଼ କଲେ ସବୁକିଛି ଅସମ୍ଭବ ସମ୍ଭବ ହୋଇପାରିବ। ୨୦୧୫ରେ ମାରିଆ କେରଳର ଥୋଡୁପୁଜାସ୍ଥିତ ଅଲ ଅଜହର ମେଡିକାଲ କଲେଜରେ ଏମ୍‌ବିବିଏସ୍ କୋର୍ସରେ ନାମ ଲେଖାଇଥିଲେ। କିନ୍ତୁ ଦିନେ କଲେଜ ହଷ୍ଟେଲର ବାଲ୍‌କୋନିରୁ ତଳକୁ ଖସି ପଡ଼ିଥିଲେ। ତାଙ୍କର ଜଙ୍ଘ ହାଡ଼ ଭାଙ୍ଗି ଯାଇଥିଲା। ଏହାପରେ ତାଙ୍କର ବେକ ପାଖରୁ ତଳକୁ ଶରୀରର କିଛି ଭାଗ ପାରାଲିସିସ୍ ହୋଇ ଯାଇଥିଲା। ଦୁର୍ଘଟଣା ପରେ ତାଙ୍କର ଅପରେସନ ହୋଇଥିଲା ଓ ସେ ପ୍ରାୟ ଚାରି ମାସ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଘରକୁ ଫେରି ସେ ନିଜ ମନୋବଳ ଦୃଢ଼ କରିଥିଲେ। ସେତେବେଳକୁ ତାଙ୍କର ହାତ ମଧ୍ୟ କାମ କରୁ ନ ଥିଲା। ତେଣୁ ସେ ଅନ୍ୟ ଜଣେ ପିଲାର ସାହାଯ୍ୟ ନେଇ କଲେଜ ଯାଇ ପରୀକ୍ଷା ଦେଇଥିଲେ। ଏହାପରେ ସେ ଧୀରେ ଧୀରେ ନିଜକୁ ସୁସ୍ଥ କରିବା ପାଇଁ ସମୟ ନେଇଥିଲେ। ଏବେ ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏମ୍‌ବିବିଏସ୍ ଡିଗ୍ରୀ ପୂରା କରିଛନ୍ତି। କିନ୍ତୁ ତାଙ୍କ ଶାରୀରିକ ଅବସ୍ଥା ପାଇଁ ସର୍ଜନ ହେବାର ସ୍ୱପ୍ନକୁ ସେ କେବେ ସମ୍ପୂର୍ଣ୍ଣ କରିବାର ସୁଯୋଗ ପାଇବେ ନାହିଁ ଜାଣି ଏବେ ଏମ୍‌ଡି ପାଇଁ ପ୍ରସ୍ତୁତ ହେଉଛନ୍ତି।

ମନେ ପଡ଼ନ୍ତି

ଦ୍ୱାଦଶାହ (ଶ୍ରଦ୍ଧାଞ୍ଜଳି)



୰ନଳିନୀ ରାଜଗୁରୁ
ଶାସ୍ତ୍ରୀନଗର, ଭୁବନେଶ୍ୱର
ତିରୋଧାନ: ୦୪।୦୩।୨୦୨୧
ବୋଉ, ତୁମର ଅସମୟ ପ୍ରସ୍ଥାନ ଆମକୁ ଅନାଥ ଓ ଏକାନ୍ତ କରିଦେଲା। ତୁମର ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ ପ୍ରଚେଷ୍ଟା ଆମର ପ୍ରତିଷ୍ଠାର କାରଣ। ତୁମ ଆତ୍ମାର ସଦ୍‌ଗତି ଆମରି ପ୍ରାର୍ଥନା ଭଗବାନଙ୍କ ପାଦପଦ୍ମରେ।
ଶୋକସନ୍ତପ୍ତ:
ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୪୮୭୫୩

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ପ୍ରଫେସର ତ୍ରିଲୋଚନ ମିଶ୍ର
ପୂର୍ବତନ କୁଳପତି
୩୧୬/ଏ, ଶହୀଦ ନଗର
ଆବିର୍ଭାବ: ୨୩।୧୧।୧୯୨୪
ତିରୋଧାନ: ୦୯।୦୩।୨୦୧୬
ପାଞ୍ଚଟି ବରଷ ତୁମ ବିନା ଆଜି
କଟିଲାଣି ଚାହିଁ ଚାହିଁ
ତୁମର ଆଶିଷ, ଧୈର୍ଯ୍ୟ ଓ ସାହସ
ଆମର ପାଥେୟ ହେଉ
ସଦା ତୁମ ଆତ୍ମା ଶାନ୍ତି ମୁକ୍ତିଲଭୁ
ଅମର ହୋଇଛ ତମେ।
ସ୍ୱର୍ଣ୍ଣାକ୍ଷରେ ସଦା ଲିପିବଦ୍ଧ ଥାଉ
ତୁମ ନାମ ଧରାଧାମେ।
ପୁତ୍ର ଓ ପୁତ୍ରବଧୂ, କନ୍ୟା ଓ ଜାମାତା, ପରିବାରବର୍ଗ ।
ଧ-୨୦୨୧୧

CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

SMS JOB BUSINESS
Send SMS, Earn Money



ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
9142914076
8092781316

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉ, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହ୍ୱାଟ୍ସଆପ୍ ଗ୍ରୁପ୍

➔କୌଣସି ନୂଆ ହ୍ୱାଟ୍ସଆପ୍ ଗ୍ରୁପ୍ କ୍ରିଏଟ୍ କରୁଥିଲେ କିମ୍ବା କୌଣସି ଗ୍ରୁପ୍‌ର ଆଡ୍‌ମିନି ମେମ୍ବର ଥିଲେ, ମନଇଚ୍ଛା କାହାକୁ ଗ୍ରୁପ୍‌ରେ ଆଡ୍ କରନ୍ତୁ ନାହିଁ। ପ୍ରଥମେ ଉକ୍ତ ବ୍ୟକ୍ତିଙ୍କ ଅନୁମତି ନିଅନ୍ତୁ। ଯଦି ନ ପଚାରି କାହାକୁ ଆଡ୍ କରିଥାନ୍ତି ଏବଂ ସେ ଗ୍ରୁପ୍‌ରୁ ଲେଫ୍ଟ ହୋଇଯାଆନ୍ତି, ତେବେ କୌଣସି ପ୍ରତିକ୍ରିୟା ବିନା ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଦିଅନ୍ତୁ।

➔ଅନେକେ ଅଛନ୍ତି, ଯେଉଁମାନେ କୌଣସି ମେସେଜ୍, ଫଟୋ କିମ୍ବା ଭିଡିଓ ଦେଖିବା ମାତ୍ରେ ପ୍ରତ୍ୟେକ ଗ୍ରୁପ୍‌ରେ ଶେୟାର କରିଦିଅନ୍ତି। ହେଲେ ଏହାଦ୍ୱାରା ଅନେକ ସମୟରେ ବାରମ୍ବାର ଅନାବଶ୍ୟକ ମେସେଜ ପାଇ ଗ୍ରୁପ୍‌ର ମେମ୍ବରମାନେ ବିରକ୍ତି ପ୍ରକାଶ କରନ୍ତି, ଏମିତିକି କେହି କେହି ଏଥିପାଇଁ ଗ୍ରୁପ୍‌ରୁ ଲେଫ୍ଟ ମଧ୍ୟ ହୋଇଯା'ନ୍ତି। ତେଣୁ ଗ୍ରୁପ୍‌ରେ ଯେକୌଣସି ମେସେଜ୍ ନ ପଠାଇ ଗ୍ରୁପ୍‌ର ମେମ୍ବରମାନଙ୍କୁ ଧ୍ୟାନରେ ରଖି କେବଳ ସମସ୍ତଙ୍କ କାମରେ ଆସୁଥିବା ଭଳି ମେସେଜ ହିଁ ପଠାନ୍ତୁ।



**ବର୍ତ୍ତମାନ ସମୟରେ ହ୍ୱାଟ୍ସଆପ୍ ଯୋଗାଯୋଗର ଏକ ବଳିଷ୍ଠ ମାଧ୍ୟମ ପାଲଟିଛି। ବିଶେଷକରି ଏଥିରେ ଥିବା ଗ୍ରୁପ୍‌ର ସୁବିଧା ଏକା ସମୟରେ କୌଣସି ଖବରକୁ ଅନେକଙ୍କୁ ପହଞ୍ଚାଇବା ଖୁବ୍ ସହଜ ହେଉଛି। ହେଲେ ଅପରପକ୍ଷେ ଏଥିରେ ଆସୁଥିବା ବିଭିନ୍ନ ଫେକ୍ ମେସେଜ୍‌ଠାରୁ ଆରମ୍ଭ କରି ଅଯଥା ଫଟୋ, ଭିଡ଼ିଓ ଆଦି ଅନେକଙ୍କ ଲାଗି ମୁଣ୍ଡବିନ୍ଧାର କାରଣ ପାଲଟୁଛି। ତେଣୁ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମେମ୍ବର ଥିଲେ କେତେକ ଶିଷ୍ଟାଚାର ବା ନିୟମ ଜାଣିବା ଆବଶ୍ୟକ...**

➔ଯଦି ଗ୍ରୁପ୍‌ରେ ନିର୍ଦ୍ଦିଷ୍ଟ ମେମ୍ବରଙ୍କ ସହ କଥା ହେବାର ଅଛି, ତେବେ ଲମ୍ବା ସମୟ ଚାଟିଂ କରି ଅନ୍ୟକୁ ଡିଷ୍ଟର୍ବ କରିବା ବଦଳରେ ପର୍ସନାଲ୍ ନମ୍ବରରେ ଚାଟ୍ କରନ୍ତୁ। ସେହିପରି ଯଦି କେବେ କୌଣସି ମେମ୍ବରଙ୍କ ସହ କୌଣସି କାରଣରୁ ମତଭେଦ ବା ଝଗଡ଼ା ହୋଇଯାଏ, ତେବେ ପର୍ସନାଲ୍ ନମ୍ବରରେ କଥା ହୁଅନ୍ତୁ। କାରଣ ବ୍ୟକ୍ତିଗତ କାର୍ଯ୍ୟ ଲାଗି ଗ୍ରୁପ୍ ବ୍ୟବହାର ନ କରିବା ଭଲ।

➔ମନେରଖନ୍ତୁ, ସମାଜରେ ଚାଲିଥିବା କୌଣସି ସମ୍ବେଦନଶୀଳ ଘଟଣାକୁ ନେଇ କିଛି ବି ମେସେଜ୍ ଆସିଲେ ଏହାକୁ ତୁରନ୍ତ ଫରୱାର୍ଡ ନ କରି ପ୍ରଥମେ ଅନ୍ୟାନ୍ୟ ସୂତ୍ରରୁ ଏହା ଠିକ୍ କି ନୁହେଁ, ଜାଣିବା ପରେ ଫରୱାର୍ଡ କରନ୍ତୁ। ନଚେତ୍ ଏଥିପାଇଁ ଆପଣ ଫେକ୍ ମେସେଜ୍ ପଠାଇବା ଲାଗି ଅସୁବିଧାର ସମ୍ମୁଖୀନ ମଧ୍ୟ ହୋଇପାରନ୍ତି।

➔ଅନେକ ସମୟରେ ଦେବଦେବୀମାନଙ୍କ ନାଁରେ ଚମତ୍କାର ମନ୍ତ୍ର, ଏହାକୁ ଏତେ ଥର ଜପ କଲେ ଏହାସବୁ ମିଳିବ କିମ୍ବା ଏହାକୁ ଏତେ ଜଣଙ୍କୁ ଶେୟାର କଲେ ଏହି ଖୁସି ଖବର ମିଳିବ ଭଳି ଅନେକ ମେସେଜ୍ ଗ୍ରୁପ୍‌କୁ ଆସିଥାଏ। ହେଲେ ଏଭଳି ମେସେଜ ନା କେବଳ ଅନ୍ୟମାନଙ୍କୁ ଡିଷ୍ଟର୍ବ କରିଥାଏ ବରଂ ଆପଣଙ୍କୁ ପରିହାସର ପାତ୍ର ମଧ୍ୟ କରାଇଥାଏ। ତେଣୁ ଏଭଳି ମେସେଜ୍ ନିଜେ ପଠାନ୍ତୁ ନାହିଁ କିମ୍ବା ଅନ୍ୟ କେହି ପଠାଇଲେ ମଧ୍ୟ ଚୁପ୍ ନ ରହି ପ୍ରତିବାଦ କରନ୍ତୁ।

➔ଗ୍ରୁପ୍‌ରେ ଆସୁଥିବା ମେସେଜ୍ ସମସ୍ତେ ପଢ଼ିପାରିବେ। ତେଣୁ ଯଦି ଆପଣଙ୍କ ଫ୍ୟାମିଲି ଏବଂ ରିଲେଟିଭ୍ସଙ୍କୁ ନେଇ ବଡ଼ ଗ୍ରୁପ୍ ଅଛି, ତେବେ ସେଥିରେ କୌଣସି ମେସେଜ୍ ସେଣ୍ଡ କରିବା ପୂର୍ବରୁ ସମସ୍ତଙ୍କ ବୟସକୁ ଧ୍ୟାନରେ ରଖନ୍ତୁ। ସେହିପରି ଫ୍ରେଣ୍ଡ୍ସ, ପ୍ରଫେସନାଲ୍ କିମ୍ବା କୌଣସି ସୋସିଆଲ୍ ଗ୍ରୁପ୍‌ର ମେମ୍ବର ଥିଲେ ସବୁ ମେସେଜ୍ ସବୁ ଗ୍ରୁପ୍‌ରେ ସେଣ୍ଡ ନ କରି ଆବଶ୍ୟକତାକୁ ଧ୍ୟାନରେ ରଖିବାକୁ ଆଦୌ ଭୁଲନ୍ତୁ ନାହିଁ। ବିଶେଷ କରି ଗ୍ରୁପ୍‌ରେ କାହାକୁ ମାନସିକ ଆଘାତ ଦେବା ଭଳି କୌଣସି ପୋଷ୍ଟ କରନ୍ତୁ ନାହିଁ।

➔ଯଦି କୌଣସି ଗ୍ରୁପ୍‌ରେ ଆପଣ ରହିବା ଲାଗି ବାଧ୍ୟ ହେଲେ, ଆପଣଙ୍କୁ ଏଥିରେ ଆସୁଥିବା ମେସେଜ୍ ଡିଷ୍ଟର୍ବ କରୁଛି, ତେବେ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି କିଛି ଦିନ ଲେଖାଏଁ ଏହାକୁ ମ୍ୟୁଟ୍ କରି ଦିଅନ୍ତୁ। ହେଲେ ଅଫିସିଆଲ୍ ଗ୍ରୁପ୍‌ରେ ଏପରି କରନ୍ତୁ ନାହିଁ। କାରଣ ଏଥିରେ ଆସୁଥିବା ମେସେଜ୍ ସହ ଅପ୍‌ଡେଟ୍ ନ ରହିଲେ ଆପଣଙ୍କ ବ୍ୟକ୍ତିତ୍ୱ ଏବଂ ଜବ୍ ଉଭୟ ଉପରେ ପ୍ରଭାବ ପଡ଼ିପାରେ।



## କ'ଣ କରନ୍ତି ଏମାନେ...



ସଂଘମିତ୍ରା

**ସଂଘମିତ୍ରା ପଣ୍ଡା**(ଭଦ୍ରକ)- ହ୍ୱାଟ୍ସଆପ୍ ନିଶ୍ଚିତ ଭାବେ ଆମ ସଭିଙ୍କ ଲାଗି ଖୁବ୍ ଉପକାରୀ ଆପ୍‌ଟିଏ। ହେଲେ ଏହାକୁ ବ୍ୟବହାର କରିବା ବେଳେ ବିଶେଷକରି ହ୍ୱାଟ୍ସ ଆପ୍ ଗ୍ରୁପ୍‌ରେ ଅନେକ ଛୋଟ ଛୋଟ ଦିଗ ପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ। ସେଥିପାଇଁ ମୁଁ ପ୍ରଥମେ ମେମ୍ବରମାନଙ୍କୁ ଆଖିଆଗରେ ରଖି କେଉଁ ମେସେଜ୍ କେଉଁ ଗ୍ରୁପ୍‌ରେ ପୋଷ୍ଟ କରାଯାଇ ପାରିବ ସ୍ଥିର କରେ। କୌଣସି ମେସେଜ୍ ଆସିବା ମାତ୍ରେ ଏହାକୁ ତୁରନ୍ତ ଫରୱାର୍ଡ କରେ ନାହିଁ।



ବିନୟ

**ବିନୟ କୁମାର ସାମଲ**(କଟକ)- ଅନେକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମେମ୍ବର ଅଛି। ଏହାଦ୍ୱାରା ବିଭିନ୍ନ ଦିଗରୁ ଉପକୃତ ହେଉଛି। ହେଲେ କେବେକେବେ ଏକାଧିକ ଗ୍ରୁପ୍‌ରେ ଗୋଟିଏ ମେସେଜ୍ ବାରମ୍ବାର ଆସିବା, ବିଭିନ୍ନ ଫେକ୍ ମେସେଜ୍ ଆସିବା କିମ୍ବା ନ ଜଣାଇ କୌଣସି ଗ୍ରୁପ୍‌ରେ ଆଡ୍ କରିବା ମୋତେ ବିରକ୍ତ କରିପକାଏ। ଏମିତି କ୍ଷେତ୍ରରେ ବାଧ୍ୟ ହୋଇ ନୋଟିଫିକେଶନ୍ ମ୍ୟୁଟ୍ କରିବାକୁ ପଡେ। ଏହା ବ୍ୟତୀତ ମୋ ଯୋଗୁ ଏଭଳି ସମସ୍ୟା ଯେପରି ଅନ୍ୟମାନଙ୍କୁ ନ ହୁଏ, ସେଥିପାଇଁ କିଛି ବି ପୋଷ୍ଟ କରିବା ସମୟରେ ଏ ଦିଗରେ ଯତ୍ନଶୀଳ ରୁହେ।



ଜୟହରି

**ଜୟହରି ଟୁଡୁ**(ଭୁବନେଶ୍ୱର)- ହ୍ୱାଟ୍ସଆପ୍‌ରେ ଗ୍ରୁପ୍ କରିବା ଯୋଗୁ ଅନେକେ ଉପକୃତ ହେଉଥିବା ବେଳେ କେବେକେବେ ଏହା କାହାକୁ ଅସୁବିଧାରେ ମଧ୍ୟ ପକାଉଛି। ବର୍ତ୍ତମାନ ପ୍ରତିଟି ଛୋଟ ବଡ଼ ଘଟଣା ଏମିତିକି କେତେକଙ୍କ ପର୍ସନାଲ୍ ଡାଟା ବି ଏହା ଯୋଗୁ ଲୋକଲୋଚନକୁ ଆସିଯାଉଛି। ଅନେକେ କାହା ସହ ବ୍ୟକ୍ତିଗତ କଥା ଅବା ସମସ୍ୟା, ଫଟୋ, ଭିଡିଓ ଆଦିକୁ ପର୍ସନାଲ୍ ନମ୍ବରରେ ନ ପକାଇ ଗ୍ରୁପ୍‌ରେ ଶେୟାର କରୁଥିବାରୁ ଅପରପକ୍ଷକୁ ମାନସିକ ଆଘାତ ଦେବା ସହ ସର୍ବସମ୍ମୁଖରେ ଅପଦସ୍ଥ ମଧ୍ୟ କରାଉଛନ୍ତି। ତେଣୁ ଯଥାସମ୍ଭବ ଏ ସବୁଠାରୁ ନିଜକୁ ଦୂରେଇ ରଖେ।

---

## ୟୁଥ୍ କ୍ଲବ

# ଅସହାୟଙ୍କ ଲାଗି ସାହା

ବାସହୀନ ଏବଂ ଅନ୍ୟାନ୍ୟ ଅସହାୟ ପରିବାରଙ୍କୁ ସ୍ୱାସ୍ଥ୍ୟସେବାଠୁ ଆରମ୍ଭ କରି ଆର୍ଥିକ ସହାୟତା ଯୋଗାଇ ଦେଇ ସେମାନଙ୍କ ଲାଗି ସାହା ପାଲଟିଛି ସମ୍ବଲପୁର ଜିଲା ଦଳେଇପଡ଼ା ଅଞ୍ଚଳରେ ଥିବା ସିଦ୍ଧାର୍ଥ ସାହା ୟୁଥ କ୍ଲବ। ପ୍ରାୟ ୪ବର୍ଷ ହେବ ଏହି କ୍ଲବ୍‌ର ସଦସ୍ୟମାନେ ସକ୍ରିୟ ଭାବେ ଏହି ସେବାକାର୍ଯ୍ୟ କରି ସ୍ଥାନୀୟ ଅଞ୍ଚଳରେ ସୃଷ୍ଟି କରିପାରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। କ୍ଲବର ସଭାପତି ସିଦ୍ଧାର୍ଥ ସାହା କୁହନ୍ତି, ‘‘ବାପା ଶତ୍ରୁଘ୍ନ ସାହା କ୍ୟାନସର ରୋଗରେ ପୀଡ଼ିତ ହୋଇଥିଲେ। ରାଜ୍ୟ ବାହାରେ ଚିକିତ୍ସା କରାଇବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତେଣୁ ଅନ୍ୟମାନେ ଯେଭଳି ଭାବେ ଏହି କଷ୍ଟ ଓ ସମସ୍ୟା ନ ଭୋଗନ୍ତି, ସେଥିଲାଗି ଅସହାୟଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ଲକ୍ଷ୍ୟରେ ୨୦୧୭ରେ ମାତ୍ର ୨୦ ଜଣ ସହଯୋଗୀଙ୍କ ସହାୟତାରେ ଏହି କ୍ଲବ୍ ଗଠନ କରିଥିଲୁ। ମାତ୍ର ୪ ବର୍ଷ ମଧ୍ୟରେ ବର୍ତ୍ତମାନ ଆମ କ୍ଲବ୍‌ର ସଦସ୍ୟ ସଂଖ୍ୟା ୨୫୦ ଛୁଇଁଲାଣି। ବର୍ତ୍ତମାନ ସୁଦ୍ଧା ଆମେ ପ୍ରାୟ ୧୦୭ ଜଣ ରୋଗୀଙ୍କୁ ସହାୟତା ଯୋଗାଇ ସାରିଛୁ। କର୍କଟ, କିଡ୍‌ନୀ, ହୃଦ୍‌ଘାତ ଭଳି ଅନେକ ବଡ଼ ରୋଗ ପାଇଁ ବିଭିନ୍ନ ସରକାରୀ ମାଗଣା ସ୍ୱାସ୍ଥ୍ୟସେବା ଯୋଜନା ରହିଛି। ହେଲେ ସାଧାରଣ ଲୋକେ ଏ ସମ୍ପର୍କରେ ଜାଣି ପାରୁନାହାନ୍ତି ଏବଂ ଯୋଗାଯୋଗ ଅଭାବରୁ ଚିକିତ୍ସା ନ ପାଇ ଅନେକ ରୋଗୀଙ୍କ ମୃତ୍ୟୁ ଘଟୁଛି। ତେବେ ଏଥିପାଇଁ କ୍ଲବର ସଦସ୍ୟମାନେ ଜିଲା ପ୍ରଶାସନ ସହିତ ଯୋଗାଯୋଗ କରି ସମ୍ବଲପୁର ସହର ସମେତ ବୁର୍ଲା, ହୀରାକୁଦ ତଥା ଗ୍ରାମାଞ୍ଚଳରେ ଥିବା ଅସହାୟମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଉଛୁ। ରୋଗୀଙ୍କୁ ଡାକ୍ତରଖାନା ନେବା ଆଣିବା, ଆର୍ଥିକ ସହାୟତା ଯୋଗାଇ ଦେବା ସହ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାରେ ଆମେମାନେ ସାହାଯ୍ୟ କରୁଛୁ। ତେବେ ଏହି ସେବାକାର୍ଯ୍ୟ ଆମକୁ ଆତ୍ମସନ୍ତୋଷ ଦେଉଛି।’’ ଏହି କାର୍ଯ୍ୟ ବ୍ୟତୀତ କ୍ଲବ୍ ପକ୍ଷରୁ କୌଣସି ସ୍ଥାନରେ ପର୍ବପର୍ବାଣି କିମ୍ବା ମାଙ୍ଗଳିକ ତଥା ସାମାଜିକ କାର୍ଯ୍ୟ ହେଲେ ମଧ୍ୟ ସହଯୋଗ ଯୋଗାଇ ଦିଆଯାଇଥାଏ। କୋଭିଡ୍ ସମୟରେ ତଳି ଅଞ୍ଚଳ କିମ୍ବା ଅଭାବୀ ପରିବାରଙ୍କ ପାଖକୁ ଯାଇ ରାସନ ସାମଗ୍ରୀ ଯୋଗାଇ ଦେବାଠାରୁ ଆରମ୍ଭ କରି ରେଳରୋକୋ ସମୟରେ ଅଟକି ରହିଥିବା ହଜାର ହଜାର ଯାତ୍ରୀଙ୍କୁ ରନ୍ଧାଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରି ଚର୍ଚ୍ଚାର ପାତ୍ର ହୋଇଥିଲା ଏହି କ୍ଲବ। ତେବେ ଲୋକଙ୍କ ବିଭିନ୍ନ ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ୟୁଥ କ୍ଲବ୍‌କୁ ୩ ଭାଗରେ ବିଭକ୍ତ କରାଯାଇ ମହିଳା ମୋର୍ଚ୍ଚା, ବିଦ୍ୟାର୍ଥୀ ଟିମ୍, ୟୁଥ କ୍ଲବ ଗଠନ କରାଯାଇଛି । ମହିଳା ମୋର୍ଚ୍ଚା ମହିଳାଙ୍କ ସୁରକ୍ଷା ଓ ସମାଜରେ ତାଙ୍କର ସ୍ଥିତିକୁ ନେଇ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମମାନ କରିଆସୁଛି। କିଭଳି ଭାବେ ସରକାରୀ ଯୋଜନା ବୃଦ୍ଧାମାନଙ୍କ ପାଖରେ ପହଞ୍ଚିବ, ସେ ନେଇ ବିଭିନ୍ନ ଅଫିସ ଦପ୍ତରକୁ ଯାଇ କାର୍ଯ୍ୟ କରୁଛନ୍ତି । ସେହିପରି ଯେଉଁ ପିଲାମାନଙ୍କର ଆର୍ଥିକ ଅନଟନ ପାଠପଢ଼ାରେ ବାଧକ ସାଜୁଛି, ସେମାନଙ୍କୁ ବିଦ୍ୟାର୍ଥୀ ଟିମ୍ ସ୍କୁଲ ଫି, ବହି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ କିଣିବାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ତ ସହାୟତା ଯୋଗାଇ ଦେଉଛି। ଏହାବ୍ୟତୀତ ଏହି କ୍ଲବ୍ ପକ୍ଷରୁ ଜଣେ ମୃତକଙ୍କ ଅସହାୟ ପରିବାରକୁ ଘର ଯୋଗାଇ ଦେବା, ଜଣେ ଅସହାୟା ମହିଳାଙ୍କ ପାଇଁ ଘର ନିର୍ମାଣ କରିବା, ଗୁଣ୍ଡେରପୁରରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ ପାଇଁ ଶୌଚାଳୟ ନିର୍ମାଣ ଭଳି ସେବାକାର୍ଯ୍ୟ ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିଛି।



ସିଦ୍ଧାର୍ଥ ସାହା ୟୁଥ କ୍ଲବର ସଦସ୍ୟମାନେ।

– ଶୁଭାଶିଷ ପାଢ଼ୀ

---

## ଏ ସପ୍ତାହର ପ୍ରଶ୍ନ

୧– ଏନ୍‌ଏଡିଏମ୍‌ପିର ଫୁଲ୍‌ଫର୍ମ.......... ?
୨– ନିକଟରେ ପ୍ରାଇଭେଟ୍ ଜବ୍‌ରେ ଲୋକାଲ ଲୋକଙ୍କ ଲାଗି ୭୫% ରିଜର୍ଭ ବିଲ୍ ଲାଗୁ କରିଥିବା ରାଜ୍ୟ.......... ?
୩– ପୃଥିବୀର ପ୍ରଥମ ପାଇଲଟ୍‌ବିହୀନ ଫାଇଟର୍ ଜେଟ୍ ପ୍ରସ୍ତୁତ କରିଥିବା କମ୍ପାନୀ ............ ?
୪– ମ୍ୟାନ୍ ଅଫ୍ ଥାଉଜାଣ୍ଡ ଫେସେସ୍ .......... ଙ୍କୁ କୁହାଯାଏ ?
୫– ମହାକାଶରେ ସବୁଠୁ ଅଧିକ ସମୟ ବିତାଇଥିବା ମହିଳା ମହାକାଶଚାରୀ........ ?

## ଗତ ଥରର ଉତ୍ତର

୧ ମୁମ୍ବାଇ
୨ ଘାନା
୩ ନ୍ୟାଶନାଲ ବୋର୍ଡ ଫର୍ ବ୍ୟାକ୍‌ୱାର୍ଡ କ୍ଲାସେସ୍
୪ ମଧ୍ୟପ୍ରଦେଶ
୫ ଅକ୍ଟୋବର ୧୩

## ଉତ୍ତରଦାତା



ଦେବବ୍ରତ କର, ପୁରୀ



ରମେଶ କୁମାର ମେହେର, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସୁନ୍ଦରୀ ମହିଳା (୨୦୨୦–୨୧)



୧– ଇମିଲିଆ କ୍ଲାର୍କ.............. ଲଣ୍ଡନ
୨– ଲିନ୍ ୟୁନ୍.............. ଚାଇନା
୩– କ୍ୟାଥେରିନ୍ ଲ୍ୟାଙ୍ଗ୍‌ଫୋର୍ଡ.............. ଅଷ୍ଟ୍ରେଲିଆ
୪– ପ୍ରିୟଙ୍କା ଚୋପ୍ରା.............. ଭାରତ
୫– ନାନା ଇମ୍ ଜିନା.............. ସାଉଥ୍ କୋରିଆ
୬– ଦିପିକା ପାଦୁକୋନ୍.............. ଭାରତ
୭– ଆନା ଡେ ଆର୍‌ମାସ୍.............. ସ୍ପେନ୍
୮– ସେଲିନା ଗୋମେଜ୍.............. ଇଂଲଣ୍ଡ
୯– ଲିଜା ସୋବେରାନୋ.............. ଆମେରିକା
୧୦– ହାଣ୍ଡେ ଏର୍ସେଲ୍.............. ତୁର୍କୀ

# ବୁଦ୍ଧିମତ୍ତାର ବିକାଶ କରୁଥିବା ଖାଦ୍ୟ



**ବୁଦ୍ଧିମାନ୍ ହେବାକୁ କିଏ ବା ନ ଚାହେଁ! ବିଶେଷକରି ପାଠ ପଢ଼ିବା ବୟସରେ ସମସ୍ତେ ଏହାକୁ ନେଇ ସଜାଗ ରୁହନ୍ତି । ହେଲେ ଅଜାଣତରେ ଅନେକଙ୍କର ଅସନ୍ତୁଳିତ ଖାଦ୍ୟପେୟର ଅଭ୍ୟାସ ସେମାନଙ୍କ ମାନସିକ ଏବଂ ଶାରୀରିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଏ, ଯାହାକି ବୁଦ୍ଧିମତ୍ତାର ବିକାଶରେ ବାଧା ସୃଷ୍ଟି କରେ। ନିଜ ଖାଦ୍ୟ ତାଲିକାରେ କ'ଣ ସାମିଲ କଲେ ବୁଦ୍ଧିମତ୍ତାର ବିକାଶ ହୋଇପାରିବ, ଜାଣିରଖନ୍ତୁ ସେ ସମ୍ପର୍କରେ...**

**ବ୍ରୋକୋଲୀ:** ଏଥିରେ ଡିଏଚ୍‌ଏର ମାତ୍ରା ଅଧିକ ଥିବାରୁ ଏଥିରେ ପ୍ରସ୍ତୁତ ବିଭିନ୍ନ ଆଇଟମ୍ ଖାଇଲେ ବୁଦ୍ଧି ବଢ଼ିଥାଏ।

**ମାଛ:** ସବୁ ପ୍ରକାରର ମାଛ ବିଶେଷକରି ସାଲମନ୍ ମାଛ ବୌଦ୍ଧିକ ବିକାଶ ଲାଗି ବେଶ୍ ଉପକାରୀ। କାରଣ ଏଥିରେ ଥିବା ଓମେଗା ୩ ଫ୍ୟାଟି ଏସିଡ୍ ମସ୍ତିଷ୍କ କୋଷଗୁଡ଼ିକର ବୃଦ୍ଧି କରିବା ସହ ଏହାର କାର୍ଯ୍ୟକ୍ଷମତା ବି ବଢ଼ାଇବାରେ ସାହାଯ୍ୟ କରିଥାଏ।


**ଅଣ୍ଡା:** ଅଣ୍ଡାରେ ପ୍ରଚୁର ପରିମାଣର ପ୍ରୋଟିନ୍ ଭର୍ତ୍ତି ହୋଇ ରହିଛି। ଏହା ସହ ଭିଟାମିନ୍ ଡି, ବି୧୨, ବି୬, କପର୍, ଜିଙ୍କ୍ ଭଳି ବିଭିନ୍ନ ଉପକାରୀ ତତ୍ତ୍ୱ ଭରି ରହିଛି, ଯାହାକୁ ଖାଇବା ଦ୍ୱାରା ବୁଦ୍ଧିର ବିକାଶ ଲାଭଦାୟକ।

**ଆପ୍‌ଲ:** ଏହାକୁ ଏକ ସୁପର ଫୁଡ୍ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ। ଏଥିରେ ଥିବା ପ୍ରଚୁର ପରିମାଣର ଆଣ୍ଟିଅକ୍ସିଡାଣ୍ଟ ମସ୍ତିଷ୍କକୁ ସକ୍ରିୟ ରଖିବାରେ ସାହାଯ୍ୟ କରେ।

**ପନିପରିବା:** ଏଥିରେ ବିଭିନ୍ନ ପ୍ରକାରର ପୋଷକତତ୍ତ୍ୱ ପ୍ରଚୁର ପରିମାଣରେ ଭରି ରହିଛି। ବିଶେଷକରି ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ବ୍ରେନ୍‌ସେଲ୍‌କୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଆଳୁ, କଖାରୁ, ଗାଜର ଏବଂ ପାଳଙ୍ଗ ତଥା ଅନ୍ୟାନ୍ୟ ଶାଗ ଖାଇଲେ ମସ୍ତିଷ୍କର ଅଭିବୃଦ୍ଧି ହେବା ସହ ସ୍ମରଣଶକ୍ତି ବୃଦ୍ଧି ହୋଇଥାଏ।

**ବାଦାମ:** କାଜୁ, ଚିନାବାଦାମ ଏବଂ ଆଲ୍‌ମଣ୍ଡ ଆଦିକୁ ମଧ୍ୟ ପ୍ରତିଦିନ ଖାଇଲେ ଏଥିରେ ଥିବା ଭିଟାମିନ୍ ଇ ଏବଂ ଜିଙ୍କ୍ ପିଲାଙ୍କ ମାନସିକ ବିକାଶରେ ବେଶ୍ ଉପକାରୀ।

**ଓଟ୍:** ଏଥିରେ ଭରପୂର ମାତ୍ରାରେ ପ୍ରୋଟିନ୍ ଏବଂ ଫାଇବର ଭରି ରହିଛି, ଯାହାକି ହୃତ୍‌ପିଣ୍ଡକୁ ସଫା ରଖିବା ସହ ମସ୍ତିଷ୍କକୁ ମଧ୍ୟ ଆକ୍ଟିଭ୍ ରଖିଥାଏ।



**କ୍ଷୀର:** ଅନେକ ଯୁବପିଢ଼ି ଅଛନ୍ତି, ଯେଉଁମାନେ କ୍ଷୀର କିମ୍ବା ଦୁଗ୍ଧଜାତ କୌଣସି ଦ୍ରବ୍ୟ ଖାଇବାକୁ ଭଲ ପାଇ ନ ଥା'ନ୍ତି। ହେଲେ ଏଥିରେ ଥିବା ଭିଟାମିନ୍ ଡି, କ୍ୟାଲସିୟମ୍, ପୋଟାସିୟମ୍ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଅସ୍ଥି, ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କର ସୁସ୍ଥତା ଲାଗି ବେଶ୍ ଉପକାରୀ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର, ୧୪ ମାର୍ଚ୍ଚ, ୨୦୨୧ Dhenkanal, Sunday, March 14/2021

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଭାରତ

ଅହମଦାବାଦ,୧୩।୩(ପି.ଟି.)

ଇଂଲଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ମାମୁଲି ପ୍ରଦର୍ଶନ କରି ପରାଜୟ ବରଣ କରିବା ପରେ ଘରୋଇ ଭାରତ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟି୨୦ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ତେଣୁ ପରାଜୟର ଝଟକାକୁ ଭୁଲି ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହୋଇ

## ଆଜି ଦ୍ୱିତୀୟ ଟି୨୦

ସିରିଜକୁ ଫେରିବାକୁ ପ୍ରୟାସ କରିବ। ଖରାପ ଶଟ୍‌ମାନ ଖେଳି ଆଉଟ ହୋଇଥିବା ଭାରତର ସୁପରଷ୍ଟାର ଖେଳାଳିମାନେ ଏଥର ଉନ୍ନତ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ।

୩ ମାସ ପରେ ଭାରତ ତା'ର ପ୍ରଥମ ହ୍ୱାଇଟ୍‌ବଲ୍ ମ୍ୟାଚ୍ ଖେଳିଥିଲା। ଅଧିନାୟକ ବିରାଟ କୋହଲିଙ୍କ ସମେତ ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ ଓ ରିଷ୍ଟ ସ୍ପିନର ୟୁଜବେନ୍ଦ୍ର ଚହଲ ବିଫଳ ହୋଇଥିଲେ। ତେବେ ଗୋଟିଏ ପରାଜୟରେ ଦଳ କିମ୍ବା ସିରିଜର ମୂଲ୍ୟାଙ୍କନ କରାଯାଇପାରିବ ନାହିଁ। ତେଣୁ ଭାରତୀୟ ଦଳକୁ ଏଥିପାଇଁ ସମାଲୋଚନା କରିବା ମଧ୍ୟ ଠିକ୍ ହେବ ନାହିଁ। ସିରିଜରେ ଆହୁରି ୪ ମ୍ୟାଚ୍ ବାକି ରହିଛି। ଅଧିନାୟକ କୋହଲି କିନ୍ତୁ ପନ୍ତ ଓ ପାଣ୍ଡ୍ୟା ଦମ୍ ଦେଖାନ୍ତୁ ବୋଲି ଚାହାନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନ ପୂର୍ବପରି ବିସ୍ଫୋରକ ବ୍ୟାଟିଂ କରନ୍ତୁ ବୋଲି କୋହଲି ଆଶାପ୍ରକାଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଏହି ଦୁଇ ବ୍ୟାଟ୍ସମ୍ୟାନ ବେପରୁଆ ଶଟ୍ ଖେଳି ଆଉଟ ହୋଇଥିଲେ। ଶ୍ରେୟାସ ଆୟାରଙ୍କ ଭଳି ସ୍କୋୟାର ଶଟ୍ ଖେଳିବା ଉପରେ ବ୍ୟାଟ୍ସମ୍ୟାନମାନେ ଧ୍ୟାନ ଦେବା ଆବଶ୍ୟକ। ସବୁ ବ୍ୟାଟ୍ସମ୍ୟାନ ବିଫଳ ହୋଇଥିବା ବେଳେ ଆୟାର ୪୮ ବଲରୁ ୬୭ ରନ ସଂଗ୍ରହ କରିଥିଲେ। ପାଣ୍ଡ୍ୟା ୨୧ ବଲରୁ ୧୯ ଓ ପନ୍ତ ୨୩ ବଲରୁ ୨୧ ରନ ସଂଗ୍ରହ କରିଥିଲେ। ଅତିରିକ୍ତ ବାଉନ୍ସ କାରଣରୁ ପନ୍ତ ଓ ପାଣ୍ଡ୍ୟା ନିଜ ସ୍ୱାଭାବିକ ବ୍ୟାଟିଂ କରିପାରି ନ ଥିଲେ।


ଅଭ୍ୟାସ ଅବସରରେ ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ।

ନିଜ ଇଚ୍ଛା ମୁତାବକ ଶଟ୍ ଖେଳିବାକୁ ଏହି ଉଇକେଟରେ ସମ୍ଭବ ନ ଥିଲା ବୋଲି କୋହଲି ମ୍ୟାଚ୍ ପରେ କହିଥିଲେ। ବଲର ଅସ୍ୱାଭାବିକ ବାଉନ୍ସ ସ୍ଥିତିକୁ ଆହୁରି କଷ୍ଟକର କରିଥିଲା। ତେବେ ଆୟାର ବାଉନ୍ସକୁ ପଢିବାରେ ସଫଳ ହୋଇଥିଲେ ଓ ସ୍କୋୟାର ଅଫ୍ ଉଇକେଟରେ ଶଟ୍‌ମାନେ ଖେଳିବାରେ ସଫଳ ହୋଇଥିଲେ। ଆମର ବ୍ୟାଟିଂ ନିହାତି ଖରାପ ଥିଲା ଓ ଇଂଲଣ୍ଡ ଏହାର ସୁଯୋଗ ନେଇ ବିଜୟୀ ହୋଇଥିଲା ବୋଲି କୋହଲି କହିଛନ୍ତି। କୋହଲି ଆୟାରଙ୍କୁ ପ୍ରଶଂସା କରିବାର ଅର୍ଥ ସୂର୍ଯ୍ୟକୁମାର ଯାଦବଙ୍କୁ ପଦାର୍ପଣ କରିବାକୁ ଆହୁରି ଅପେକ୍ଷା କରିବାକୁ ହେବ। ଏବେ ମିଡିଲ ଅର୍ଡରରେ ଏକମାତ୍ର ସ୍ଥାନ ଉପଲବ୍ଧ ରହିଛି।

ଦଳର ସବୁଠାରୁ ବୟସ୍କ ସଦସ୍ୟ ତଥା ଅଭିଜ୍ଞ ଓପନର ଶିଖର ଧାୱନ ମଧ୍ୟ ବିଫଳ ହୋଇଛନ୍ତି। ୧୨ଟି ବଲ୍ ଖେଳି ସେ ମାତ୍ର ୪ ରନ ସଂଗ୍ରହ କରିଥିଲେ। କ୍ରମାଗତ ଭାବେ ସେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ତେଣୁ ତାଙ୍କ ଉପରେ କୋହଲି ଆଉ କେତେଦିନ ନିର୍ଭର କରିବେ ସେ ନେଇ ପ୍ରଶ୍ନ ଉଠିଛି। ତାରକା ଓପନର ରୋହିତ ଶର୍ମାଙ୍କୁ ବିଶ୍ରାମ ଦେବା ନେଇ କୋହଲି ମୁହଁ ଖୋଲିଛନ୍ତି। ରୋହିତ ଅଷ୍ଟ୍ରେଲିଆରେ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ସହ କ୍ରମାଗତ ୬ଟି ଟେଷ୍ଟ ଖେଳିଛନ୍ତି। ତେଣୁ ତାଙ୍କୁ ଦୁଇଟି ମ୍ୟାଚ୍‌ରେ ବିଶ୍ରାମ ଦିଆଯାଇଛି। ଟପ୍ ଅର୍ଡରରେ ରୋହିତଙ୍କ ଉପସ୍ଥିତି ନିହାତି ଜରୁରୀ। ପୁଣି ଦୀର୍ଘଦିନ ହେବ କୋହଲି ଟି୨୦ ଫର୍ମାଟ୍‌ରେ କୌଣସି ଦୃଷ୍ଟାନ୍ତମୂଳକ ଇନିଂସ ଖେଳିପାରି ନାହାନ୍ତି। ତେଣୁ କୋହଲିଙ୍କୁ ମଧ୍ୟ ନିଜ ପରାକ୍ରମ ଦେଖାଇବାକୁ ହେବ।

ବ୍ୟାଟ୍ସମ୍ୟାନ ବୋର୍ଡରେ ପର୍ଯ୍ୟାପ୍ତ ରନ୍ ସଂଗ୍ରହ କରିପାରି ନ ଥିଲେ। ଫଳରେ ବୋଲରମାନଙ୍କ ପାଇଁ ସେପରି କୌଣସି ସୁଯୋଗ ନ ଥିଲା। ଜଣେ ସ୍ପିନରଙ୍କୁ ବେଞ୍ଚରେ ବସାଇ ଦ୍ରୁତ ବୋଲର ନବଦୀପ ସଇନିଙ୍କୁ ଖେଳାଯିବାର ସମ୍ଭାବନା ରହିଛି। ଚହଲଙ୍କ ବଦଳରେ ରାହୁଲ ଟେୱାଟିଆଙ୍କୁ ଖେଳାଯାଇପାରେ। ଟେୱାଟିଆ ଭଲ ସ୍ପିନ୍ ବୋଲିଂ କରିପାରନ୍ତି। ଯଦିଓ ସେ ଚହଲଙ୍କ ଭଳି ସେତାଟା ପ୍ରଭାବୀ ନୁହନ୍ତି, କିନ୍ତୁ ସେ ଲମ୍ବା ଶଟ୍ ଖେଳିବାର କ୍ଷମତା ରଖନ୍ତି ଓ ଏହା ସେ ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପ୍ରମାଣ କରିଦେଖାଇଛନ୍ତି।

ଅପରପକ୍ଷରେ ଇଅନ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଦଳ ସବୁଦିଗରୁ ସନ୍ତୁଳିତ ମନେହେଉଛି। ସବୁ ଖେଳାଳି ଆଇପିଏଲ୍ ଖେଳିବାର ଅଭିଜ୍ଞତା ହାସଲ କରିଛନ୍ତି। ଆଗାମୀ ଅକ୍ଟୋବରରେ ଭାରତରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ଫେଭରାଇଟ୍ ବୋଲି ଅସ୍ୱୀକାର କରିହେବ ନାହିଁ। ଇଂଲଣ୍ଡ ଦଳରେ ଏକାଧିକ ଜବରଦସ୍ତ ହ୍ୱାଇଟ୍‌ବଲ୍ ଖେଳାଳି ରହିଛନ୍ତି। ତେଣୁ ଭାରତକୁ ଏହି ମ୍ୟାଚ୍‌ରେ ବିଜୟୀ ହେବାକୁ ହେଲେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ। ସୁପର ସନ୍‌ଡେରେ ଏହି ମ୍ୟାଚ୍ ନିଶ୍ଚିତ ଭାବେ ରୋମାଞ୍ଚକ ହେବ ଓ ଦର୍ଶକମାନେ ଏକ ସୁପର ଶୋ' ଦେଖିବାର ସୁଯୋଗ ହାସଲ କରିବେ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ ଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ଶ୍ରେୟାସ ଆୟାର, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ୟୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି, ଦୀପକ ଚହର, ରାହୁଲ ଟେୱାଟିଆ ଓ ଇଶାନ କିଷନ।

**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ଜୋଶ ବଟଲର, ଜାସନ ରଏ, ଲିଆମ ଲିଭିଂଷ୍ଟୋନ, ଡେଭିଡ୍ ମଲାନ, ବେନ୍ ଷ୍ଟୋକ୍ସ, ମୋଇନି ଅଲୀ, ଆଦିଲ ରସିଦ, ରିସି ଟପ୍ଲେ, କ୍ରିସ୍ ଜୋର୍ଡାନ, ମାର୍କ ଉଡ୍, ସାମ କୁରାନ, ଟମ୍ କୁରାନ, ସାମ ବିଲିଙ୍ଗ୍ସ, ଜନିବେୟାରଷ୍ଟୋ ଓ ଜୋଫ୍ରା ଆର୍ଚର।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
**ଟସ୍: ସନ୍ଧ୍ୟା ୬.୩୦**
**ସ୍ଥାନ: ନରେନ୍ଦ୍ର ମୋଦି ଷ୍ଟାଡିୟମ, ଅହମଦାବାଦ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

# ୟୁପି-ମୁମ୍ବାଇ ଫାଇନାଲ ଆଜି

## ବିଜୟ ହଜାରେ ଟ୍ରଫି




**ନୂଆଦିଲ୍ଲୀ,୧୩।୩(ପି.ଟି.):** ଦେଶର ସର୍ବବୃହତ୍ ଦିନିକିଆ ଫର୍ମାଟ ଟୁର୍ନାମେଣ୍ଟ ତଥା ଦିନିକିଆ ରଣଜୀ କୁହାଯାଉଥିବା ବିଜୟ ହଜାରେ ଟ୍ରଫିର ଚଳିତ ସେସନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ କର୍ନ ଶର୍ମାଙ୍କ ନେତୃତ୍ୱାଧୀନ ଉତ୍ତର ପ୍ରଦେଶ (ୟୁପି) ଓ ପୃଥ୍ୱୀ ଶଙ୍କ ମୁମ୍ବାଇ ମଧ୍ୟରେ ଖେଳାଯିବ। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ୨୧ ବର୍ଷୀୟ ପୃଥ୍ୱୀଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସେ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୭୫୪ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ଅପରାଜିତ ୧୦୫, ଅପରାଜିତ ୨୨୭, ଅପରାଜିତ ୧୮୫ ଓ ଅପରାଜିତ ୧୬୫ ରନ ସାମିଲ ରହିଛି। ଫଳରେ ସେ ଆଗାମୀ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଦୃଢ ଦାବି ଉପସ୍ଥାପନା କରିଛନ୍ତି। ରୋହିତ ଶର୍ମାଙ୍କୁ ବିଶ୍ରାମ ଦିଆଗଲେ ସେ ଖେଳିବା ନିଶ୍ଚିତ ମନେହେଉଛି।

ସେମିଫାଇନାଲରେ ୟୁପି ୫ ଉଇକେଟରେ ଗୁଜରାଟକୁ ଓ ମୁମ୍ବାଇ ୭୨ ରନରେ କର୍ନାଟକକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ମୁମ୍ବାଇ ଦଳରେ ଧବଳ କୁଲକର୍ଣ୍ଣୀ, ଯଶସ୍ୱୀ ଜୟସ୍ୱାଲ, ସର୍ଫରାଜ ଖାଁ, ଶିବମ ଦୁବେ, ତୁଷାର ଦେଶପାଣ୍ଡେ, ଆଦିତ୍ୟ ତାରେଙ୍କ ଭଳି ପ୍ରତିଭାସମ୍ପର୍ଣ୍ଣ ଖେଳାଳି ରହିଛନ୍ତି। ସେହିପରି ୟୁପ ଦଳରେ ଆକାଶଦୀପ ନାଥ, ପ୍ରିୟମ ଗର୍ଗ, ଶବମ ମାଭିଙ୍କ ଭଳି ଖେଳାଳି ରହିଛନ୍ତି। ଏହି ଟାଇଟଲ ମୁକାବିଲା ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।




# ଓଡ଼ିଶା-ମହାରାଷ୍ଟ୍ର କ୍ୱାର୍ଟର ଫାଇନାଲ

## ଜାତୀୟ ସିନିୟର ଟେନିସ କ୍ରିକେଟ

ଭୁବନେଶ୍ୱର,୧୩।୩(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୫ମ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ଚତୁର୍ଥ ଦିବସରେ ଖେଳାଯାଇଥିବା ପ୍ରିକ୍ୱାର୍ଟର ଫାଇନାଲରେ ଓଡ଼ିଶା ୫ ରନରେ ପଶ୍ଚିମବଙ୍ଗକୁ ହରାଇ କ୍ୱାର୍ଟରକୁ ଉଠିଛି। ରବିବାର ତୃତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ମହାରାଷ୍ଟ୍ରକୁ ଭେଟିବା ସ୍ପଷ୍ଟ ହୋଇଛି। ସେହିପରି ମହାରାଷ୍ଟ୍ର ୪୧ ରନ୍‌ରେ ହରିୟାଣାକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ସ୍ଥାନୀୟ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୭୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଡି.ଏସ୍. ରେଡ୍ଡୀ ୮ ଓ ରମାକାନ୍ତ ସିଂ ୨୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ବେଙ୍ଗଲ ତରଫରୁ ଜ୍ୟୋଥି ୩ ଓ ସିରିଫ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବେଙ୍ଗଲ ୮ ଓଭରରେ ୫୬ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳ ତରଫରୁ ଏ. ହକ୍ ୧୭ ଓ ସୌମ୍ୟ ୧୦ ରନ ସଂଗ୍ରହ କରିଥିଲେ। ଓଡ଼ିଶାର ରମାକାନ୍ତ ସିଂ


ରମାକାନ୍ତ ସିଂ

୩ ଉଇକେଟ ଅକ୍ତିଆର କରିଥିଲେ। ରମାକାନ୍ତ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ଅନ୍ୟ ପ୍ରିକ୍ୱାର୍ଟର ଫାଇନାଲ ମ୍ୟାଚ୍‌ଗୁଡ଼ିକରେ ମଧ୍ୟପ୍ରଦେଶ ୭୯ ରନରେ ବିଦର୍ଭକୁ, ଛତିଶଗଡ଼ ୭ ଉଇକେଟରେ ଗୋଆକୁ, ଝାରସୁଗୁଡା ୧୫ ରନରେ ପଣ୍ଡିଚେରୀକୁ, ଗୁଜରାଟ ୭ ଉଇକେଟରେ ତାମିଲନାଡୁକୁ, ଡାମନ ୬ ରନରେ ଲାକ୍ଷାଦୀପକୁ, କେରଳ ୮ ଉଇକେଟରେ ମୁମ୍ବାଇକୁ ହରାଇଛି।

ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ଓ ଗୁଜରାଟ ମୁହାଁମୁହିଁ ହେବେ। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ଛତିଶଗଡ଼ ଓ ଡାମନ, ଚତୁର୍ଥ କ୍ୱାର୍ଟରରେ ଝାଡ଼ଖଣ୍ଡ ଓ କେରଳ ପରସ୍ପରକୁ ଭେଟିବେ।

# ଡୋପ୍ ଟେଷ୍ଟ: ଦୁଇ ସମ୍ଭାବ୍ୟ ଅଲିମ୍ପିକ ଆଥ୍‌ଲେଟ ବିଫଳ

**ନୂଆଦିଲ୍ଲୀ, ୧୩।୩ (ପି.ଟି.):** ଅଲିମ୍ପିକ ଗେମ୍ସ ପାଇଁ ଦୌଡ଼ରେ ଥିବା ଦୁଇ ଆଥଲେଟ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ପଟିଆଲାରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରିରେ ସେମାନଙ୍କ ଡୋପ୍ ଟେଷ୍ଟ ହୋଇଥିବା ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡା)ର ମହାନିର୍ଦ୍ଦେଶକ ନବୀନ ଅଗ୍ରୱାଲ ଶନିବାର କହିଛନ୍ତି। ନାଡା କିମ୍ବା ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ତରଫରୁ ଆଥ୍‌ଲେଟ ଦ୍ୱୟଙ୍କ ନାମ ଯଦିଓ ପ୍ରକାଶ କରାଯାଇ ନାହିଁ, ତେବେ ସେମାନଙ୍କ ମଧ୍ୟରୁ ଜଣେ ହାଇପ୍ରୋଫାଇଲ ମହିଳା କ୍ୱାର୍ଟରମାଇଲର ରହିଛନ୍ତି। ଏହି ଆଥ୍‌ଲେଟ ଜଣକ ୪x୪୦୦ମିଟର ରିଲେ ଇଭେଣ୍ଟରେ ଏକାଧିକ ଥର ସ୍ୱର୍ଣ୍ଣପଦକ ଜିତିଛନ୍ତି।

# ଡାମିଏନ୍ ରାଇଟ୍ ପଞ୍ଜାବ କିଙ୍ଗ୍ସର ବୋଲିଂ କୋଚ୍

**ମୁମ୍ବାଇ, ୧୩।୩ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆସନ୍ତା ସଂସ୍କରଣ ଏପ୍ରିଲ ୯ରେ ଆରମ୍ଭ ହେବାକୁ ଥିବାବେଳେ ପଞ୍ଜାବ କିଙ୍ଗ୍ସ ଅଷ୍ଟ୍ରେଲିଆର ପୂର୍ବତନ ପ୍ରଥମଶ୍ରେଣୀ କ୍ରିକେଟର ଡାମିଏନ୍ ରାଇଟ୍‌ଙ୍କୁ ଦଳର ନୂଆ ବୋଲିଂ କୋଚ୍ ଭାବେ ନିଯୁକ୍ତି ଦେଇଛି। ୪୫ ବର୍ଷୀୟ ରାଇଟ୍ ବାଂଲାଦେଶ ୧୯ ବର୍ଷରୁ କମ୍ କ୍ରିକେଟ ଦଳର ମଧ୍ୟ କୋଚ୍ ରହିଛନ୍ତି। ପଞ୍ଜାବ କିଙ୍ଗ୍ସ ଦଳର ମୁଖ୍ୟ କୋଚ୍ ତଥା ଡାଇରେକ୍ଟର ଅଫ୍ କ୍ରିକେଟ ଅପରେଶନ୍ସ ଅନୀଲ କୁମ୍ବଲେଙ୍କ ତତ୍ତ୍ୱାବଧାନରେ ସେ କାର୍ଯ୍ୟ କରିବେ। ରାଇଟ୍ ଅଷ୍ଟ୍ରେଲିଆର ବିଗ୍ ବାଶ୍ ଲିଗ୍ ଦଳ ହୋବାର୍ଟ ହରିକେନ୍ସ ଓ ମେଲବୋର୍ନ ଷ୍ଟାର୍ସ ଏବଂ ନ୍ୟୁଜିଲାଣ୍ଡ ଟିମ୍‌ର ବୋଲିଂ କୋଚ୍ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ରାଇଟ୍ ଓ କୁମ୍ବଲେଙ୍କ ବ୍ୟତୀତ ପଞ୍ଜାବ କିଙ୍ଗ୍ସ ଦଳର ରହିଥିବା ଅନ୍ୟ ସପୋର୍ଟ ଷ୍ଟାଫମାନେ ହେଲେ ସହକାରୀ କୋଚ୍ ଆଣ୍ଡି ଫ୍ଲାୱାର, ବ୍ୟାଟିଂ କୋଚ୍ ୱାସିମ ଜାଫର ଓ ଫିଲ୍ଡିଂ କୋଚ୍ ଜଣ୍ଟି ରୋଡ୍ସ। ରାଇଟ୍‌ଙ୍କର ପ୍ରଚୁର ଅଭିଜ୍ଞତା ରହିଛି। ତାଙ୍କ ଯୋଗଦାନ ଫଳରେ ଆମ ଦଳ ଆହୁରି ଶକ୍ତିଶାଳୀ ହୋଇଛି ବୋଲି କୁମ୍ବଲେ ପ୍ରକାଶ କରିଛନ୍ତି। କେ.ଏଲ୍ ରାହୁଲଙ୍କ ନେତୃତ୍ୱରେ ପଞ୍ଜାବ କିଙ୍ଗ୍ସ ଏପ୍ରିଲ ୧୨ରେ ମୁମ୍ବାଇଠାରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଏହାର ଆଇପିଏଲ୍ ଅଭିଯାନ ଆରମ୍ଭ କରିବ।

# କେନିଆ ମହିଳା ଆଥଲେଟ ଦଣ୍ଡିତ

ନାଇରୋବି, ୧୩।୩ (ଏପି)

କେନିଆରେ ଜଣେ ମହିଳା ଆଥଲେଟ୍ ଏକ ଫୌଜଦାରୀ କୋର୍ଟ ଦ୍ୱାରା ଡୋପିଂ ଅପରାଧ ପାଇଁ ଦଣ୍ଡିତ ହେବା ପ୍ରଥମ ଘଟଣା। ଜାକର୍ତ୍ତା ମାରାଥନ ୨୦୧୯ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଫ୍ଲୋରେନ୍ସ ଜେପକୋସ୍‌ଗେଇ ଚେପ୍‌ସୋଇଙ୍କୁ ୧ବର୍ଷ ସମାଜ ସେବା କରିବା ଲାଗି ଦଣ୍ଡବିଧାନ କରାଯାଇଛି। ଏକ ଶୁଣାଣି ବେଳେ ଏହି ଆଥଲେଟ୍ ଜଣକ କେନିଆ ଆଣ୍ଟି ଡୋପିଙ୍ଗ ଏଜେନ୍ସିକୁ ମିଥ୍ୟା କହିଥିବାବେଳେ ଜାଲ୍ ତଥ୍ୟ ଉପସ୍ଥାପନ କରିଥିଲେ। ଫୌଜଦାରୀ କୋର୍ଟ ଦ୍ୱାରା ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଚେପ୍‌ସୋଇଙ୍କ ବିରୋଧରେ ପୂର୍ବରୁ ୨୦୧୭ରେ ଚାଇନାରେ ଏକ ରେସ୍‌ରେ ସେ ନିଷିଦ୍ଧ ଷ୍ଟେରଏଡ୍ ପ୍ରେଡ୍‌ନିସୋଲେନ୍ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ମାତ୍ର ଜାଲ ତଥ୍ୟ ଉପସ୍ଥାପନ କରି ସେ ଏଥିରୁ ଖସି ଯାଇଥିଲେ।

# ଆଶ୍ଚର୍ଯ୍ୟ ହେବାର ନୁହେଁ

ଭିଭିଏସ୍ ଲକ୍ଷ୍ମଣ

ପ୍ରଥମ ଅନ୍ତର୍ଜାତୀୟ ଟି୨୦ରେ ଇଂଲଣ୍ଡ ଦଳର ବିଜୟରେ ଆଶ୍ଚର୍ଯ୍ୟ ହେବା କଥା ନୁହେଁ। କ୍ରିକେଟର ଏହି ସବୁଠାରୁ ଛୋଟ ଫର୍ମାଟରେ ବର୍ତ୍ତମାନ ଏହି ଦଳ ନମ୍ବର ୱାନ୍। ଯାହା ଜଣାପଡୁଛି ଟେଷ୍ଟ ସିରିଜ ପରାଜୟଜନିତ ଗ୍ଲାନିକୁ ପଛରେ ପକାଇ ସତେଜ ମନୋଭାବ ନେଇ ଦଳ ଏହି ମ୍ୟାଚ ଖେଳିଥିଲା। ପ୍ରଥମ ଥର ସେମାନେ ସ୍ୱୀକାର କରିଛନ୍ତି ଯେ ଭାରତୀୟ ପିଚ୍ ତାଙ୍କୁ ସୁହାଇଥିଲା। ଏହା ବୁଝିବାକୁ ହେବ ଯେ ଯେତେବେଳେ ବିଶ୍ୱର ଶ୍ରେଷ୍ଠ ଦଳ ବିପକ୍ଷରେ ଖେଳିବାକୁ ଯାଉଛେ ସେତେବେଳେ ନିଜର ଶ୍ରେଷ୍ଠ ଦଳ ନେଇ ପଡ଼ିଆକୁ ଓହ୍ଲାଇବା ଉଚିତ। ଦଳରେ କେ.ଏଲ୍. ରାହୁଲ ଓ ଶିଖର ଧାୱନଙ୍କୁ ନିଆଯିବା ସ୍ୱାଗତଯୋଗ୍ୟ। ହେଲେ ଓପନିଂ ଗେମ୍‌ରେ ଫର୍ମରେ ଥିବା ରୋହିତ ଶର୍ମାଙ୍କୁ ସାମିଲ କରାଯିବାର ଥିଲା। ରୋହିତଙ୍କୁ ତୁରନ୍ତ ଦଳରେ ସାମିଲ କଲେ ଭଲ। ଭାରତର ବୋଲିଂ କମ୍ବିନେଶନ ଠିକ୍ ନ ଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଯଦିଓ ବୋଲିଂ ଆରମ୍ଭ କରିଛନ୍ତି ଭାରତ ଜଣେ ତୃତୀୟ ସ୍ପିନର ପରିବର୍ତ୍ତେ ଜଣେ ଅତିରିକ୍ତ ସିମ୍ ବୋଲରଙ୍କୁ ଦଳରେ ନେବା ଉଚିତ ଥିଲା। ମାତ୍ର ଶୁକ୍ରବାର ରାତିରେ କାକର ପଡ଼ି ନ ଥିଲା। ଫଳରେ ପିଚ୍ ଶୁଷ୍କ ରହିଥିଲା। ତେଣୁ ଅତିରିକ୍ତ ସ୍ପିନରର ଆବଶ୍ୟକତା ନ ଥିଲା। ଭାରତର ବ୍ୟାଟିଂ ରଣନୀତି ବିପକ୍ଷ ଦଳକୁ ସୁହାଇଥିଲା।

ଦଳ ପାୱାର ପ୍ଲେରେ ରକ୍ଷଣାତ୍ମକ ଖେଳିଥିଲା। ଭ୍ରମଣକାରୀ ଦଳ ଏଥିରୁ ଫାଇଦା ଉଠାଇଥିଲା। ଇଂଲଣ୍ଡର ପେସ୍ ବାହିନୀ ବେଶ୍ ଶକ୍ତିଶାଳୀ। ଜୋଫ୍ରା ଆର୍ଚର ଓ ମାର୍କ ଉଡ୍ ଘଣ୍ଟାପ୍ରତି ୧୫୦ କିଲୋମିଟର ବେଗରେ ବୋଲିଂ କରିବାର କ୍ଷମତା ରଖିଛନ୍ତି। ଭାରତ ଏହାର ରଣକୌଶଳର ପୁନଃବିଚାର କରିବ ବୋଲି ଆଶା। ପାୱାର ପ୍ଲେରେ ତିନୋଟି ଉଇକେଟ ହରାଇବା ପରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବା କହିବାକୁ ଗଲେ ଅସମ୍ଭବ ଥିଲା। ଶ୍ରେୟାସ ଆୟାରଙ୍କଠାରୁ କେବଳ ଆକର୍ଷଣୀୟ ବ୍ୟାଟିଂ ଦେଖିବାକୁ ମିଳିଥିଲା। ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କର ମଧ୍ୟ କିଛି ବ୍ୟାଟିଂ ଝଲକ ଦେଖିବାକୁ ମିଳିଥିଲା। ଅନ୍ତର୍ଜାତୀୟ ସ୍ତରରେ ଆୟାର ଯଦିଓ ସେତେଟା ଅଭିଜ୍ଞ ନୁହନ୍ତି ସେ ବହୁ ଟି୨୦ କ୍ରିକେଟ ଖେଳିଛନ୍ତି। ତାଙ୍କ ଫ୍ରାଞ୍ଚାଇଜର ଅଧିନାୟକତ୍ୱ କରିଛନ୍ତି। ନିକଟ ଅତୀତରେ ଭାରତ ଏକାଧିକ ଥର ପ୍ରତ୍ୟାବର୍ତ୍ତନ କରିପାରିଛି। ହେଲେ ଉଭୟ ବୋଲିଂ ଓ ବ୍ୟାଟିଂରେ ଶକ୍ତିଶାଳୀ ଇଂଲଣ୍ଡ ବିପକ୍ଷରେ ଭଲ ପ୍ରଦର୍ଶନ କରିବାକୁ ହେଲେ ବିରାଟ କୋହଲି ଦଳକୁ ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ଆଣିବାକୁ ହେବ। **(ଗେମ୍‌ପ୍ଲାନ୍)**









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ